OCTOBER 25, 2026
SUNDAY, BHUBANESWAR

ଅକ୍ଟୋବର ୨୫, ୨୦୨୬
ରବିବାର, ଭୁବନେଶ୍ୱର

ବିଜ୍ଞାପନ ଓ ପ୍ରସାର ପାଇଁ ଯୋଗାଯୋଗ କରନ୍ତୁ
9937085463
akhyara.advertisement@gmail.com

# ଅକ୍ଷର

AKHYARA ODISHA ଓଡ଼ିଶା

epaper.akhyaraodisha.in
www.akhyaraodisha.in
DIGITAL MEDIA PARTNER
AKHYARA LIVE
akhyaraodisha@gmail.com

VOLUME - 2 ● ISSUE- 49 ବର୍ଷ- ୨ ● ସଂଖ୍ୟା- ୪୯ RNI REGD NO. ORIORI/25/A2226 ● DAILY EDITION ପୃଷ୍ଠା-୧୨ ● ମୂଲ୍ୟ- ୭/- PAGES - 12 ● PRICE- 7/-

# ଆଜି ଆସିବେ ପ୍ରାଧାନମନ୍ତ୍ରୀ ମୋଦୀ

## ସୁରକ୍ଷା ବଳୟରେ ରାଜଧାନୀ

### ଘଣ୍ଟାଏ ଟ୍ରାଫିକ୍ କଟକଣା, ୫୭ ପ୍ଲାଟୁନ୍ ଫୋର୍ସ ମୁତୟନ



ଭୁବନେଶ୍ୱର, ୨୪/୧୦ : ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଓଡ଼ିଶା ଗସ୍ତକୁ ନେଇ ଭୁବନେଶ୍ୱର ରାଜଧାନୀରେ କମିଶନରେଟ୍ ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ଏବଂ ପ୍ରସ୍ତୁତି କରାଯାଇଛି। ପ୍ରଧାନମନ୍ତ୍ରୀ ମୁଖ୍ୟତଃ ଖୋର୍ଦ୍ଧାଠାରେ ଭାରତୀୟ ରିଜର୍ଭ ବ୍ୟାଙ୍କ (RBI)ର ଅତ୍ୟାଧୁନିକ 'ଗ୍ରୀନ୍ ଫିଲ୍ଡ ଡାଟା ସେଣ୍ଟର' ଏବଂ ପ୍ରଶିକ୍ଷଣ କେନ୍ଦ୍ରର ଲୋକାର୍ପଣ କରିବାର କାର୍ଯ୍ୟକ୍ରମ ରହିଛି। ସୁରକ୍ଷା ଦାୟିତ୍ୱରେ ୫୭ ପ୍ଲାଟୁନ୍ ପୋଲିସ ଫୋର୍ସ, ୫ କମ୍ପାନୀ କେନ୍ଦ୍ରୀୟ ସଶସ୍ତ୍ର ପୋଲିସ ବଳ (ସିଏପିଏଫ୍) ଏବଂ ୨୦୦ ଅଧିକାରୀ ନିୟୋଜିତ ହେବେ। ପୋଲିସ କମିଶନର ସୁରେଶ ଦେବଦତ୍ତ ସିଂଙ୍କ ସୂଚନା ଅନୁଯାୟୀ, ସୁରକ୍ଷା ବ୍ୟବସ୍ଥାରେ ୧୦ ଜଣ ଏସ୍ପି ପାହ୍ୟାର ଅଧିକାରୀ ରହିବେ। ଆଇନଶୃଙ୍ଖଳା ରକ୍ଷା, ଭିଡ଼ ନିୟନ୍ତ୍ରଣ, ଟ୍ରାଫିକ୍ ପରିଚାଳନା ଓ ପ୍ରଧାନମନ୍ତ୍ରୀଙ୍କ କାରକେଡ୍ ଯାତାୟାତ ପାଇଁ ସ୍ୱତନ୍ତ୍ର ଯୋଜନା କରାଯାଇଛି। ବିଭିନ୍ନ ସ୍ଥାନରେ ଆତଙ୍କବାଦ ନିରୋଧୀ ଦଳ ମଧ୍ୟ ମୁତୟନ ରହିବେ। ପ୍ରଧାନମନ୍ତ୍ରୀଙ୍କ ଯାତାୟାତକୁ ଦୃଷ୍ଟିରେ ରଖି ଭୁବନେଶ୍ୱରରେ ଅପରାହ୍ନ ୫ଟା ୪୦ରୁ ସନ୍ଧ୍ୟା ୬ଟା ୪୦ ପର୍ଯ୍ୟନ୍ତ ଏକ ଘଣ୍ଟା ଟ୍ରାଫିକ୍ କଟକଣା ଲାଗୁ ହେବ। RBI ଡାଟା ସେଣ୍ଟରରୁ ଇନ୍‌ଫୋଭ୍ୟାଲି ଛକ, ତଳଖେତ ଛକ, ବାଟ ଭୁଆସୁଣୀ ଛକ, ଜାତୀୟ ରାଜପଥ, ଜୟଦେବ ବିହାର, ବେହେରା ସାହି, ଶାସ୍ତ୍ରୀନଗର, ୧୨୦ ବାଟାଲିୟନ୍ ଛକ, ପାୱାର ହାଉସ୍ ଛକ, ଲୋକଭବନ ଛକ, ଏଜି ଛକ, ହସ୍ପିଟାଲ୍ ଛକ ଦେଇ ଏହି ସମୟରେ ଉକ୍ତ ରାସ୍ତାଗୁଡ଼ିକୁ ଏଡ଼ାଇ ବିକଳ୍ପ ମାର୍ଗ ବ୍ୟବହାର କରିବାକୁ ପୋଲିସ ପରାମର୍ଶ ଦେଇଛି। ଯାତ୍ରା ପୂର୍ବରୁ ଯୋଜନା କରି ଅତିରିକ୍ତ ସମୟ ରଖିବା ସହ ଟ୍ରାଫିକ୍ କର୍ମଚାରୀଙ୍କୁ ସହଯୋଗ କରିବାକୁ ଅନୁରୋଧ କରାଯାଇଛି। ପୋଲିସ, ଅଗ୍ନିଶମ ଓ ଆମ୍ବୁଲାନ୍ସ ଭଳି ଜରୁରୀକାଳୀନ ସେବା ପାଇଁ ଏହି କଟକଣା ଲାଗୁ ହେବ ନାହିଁ। ଗସ୍ତ ସୂଚୀ ଅନୁଯାୟୀ, ପ୍ରଧାନମନ୍ତ୍ରୀ ସ୍ୱତନ୍ତ୍ର ବାୟୁସେନା ବିମାନରେ ଭୁବନେଶ୍ୱରରେ ପହଞ୍ଚିବା ପରେ ହେଲିକପ୍ଟର ଯୋଗେ ଖୋର୍ଦ୍ଧା ଯିବେ। ସେଠାରେ RBIର ଡାଟା ସେଣ୍ଟର ଓ ପ୍ରଶିକ୍ଷଣ କେନ୍ଦ୍ର

**ଖୋର୍ଦ୍ଧାରେ RBI ଡାଟା ସେଣ୍ଟର କରିବେ ଉଦ୍‌ଘାଟନ**

ଉଦ୍‌ଘାଟନ କରିବା ସହ ପ୍ରାୟ ଏକ ଘଣ୍ଟା ରହିବାର କାର୍ଯ୍ୟକ୍ରମ ରହିଛି। ପରେ ସଡ଼କ ପଥରେ ଭୁବନେଶ୍ୱର ବିମାନବନ୍ଦରକୁ ଫେରି ସନ୍ଧ୍ୟାରେ ପ୍ରତ୍ୟାବର୍ତ୍ତନ କରିବେ। ଗସ୍ତକୁ ସୁରୁଖୁରୁରେ ସମ୍ପନ୍ନ କରିବା ପାଇଁ ସୁରକ୍ଷା, ଜରୁରୀକାଳୀନ ଚିକିତ୍ସା, ରାସ୍ତା ମରାମତି, ପରିମଳ, ବିଦ୍ୟୁତ୍ ଓ ପାନୀୟ ଜଳ ଯୋଗାଣ ସହ ମଞ୍ଚ ପ୍ରସ୍ତୁତି ଏବଂ ଗଣମାଧ୍ୟମ ପାଇଁ ବ୍ୟବସ୍ଥାର ସମୀକ୍ଷା କରାଯାଇଛି।

## ରାଜ୍ୟରେ ଉତ୍ସାହର ବାତାବରଣ

### 'ଓଡ଼ିଶା ହେବାକୁ ଯାଉଛି ପୂର୍ବ ଭାରତର ପ୍ରଗତିର ମୁଖଶାଳା : ମନମୋହନ ସାମଲ'



- ଆଜି ପ୍ରଧାନମନ୍ତ୍ରୀ ମୋଦୀଙ୍କ ୯ମ ଓଡ଼ିଶା ଗସ୍ତ
- ଡବଲ୍ ଇଞ୍ଜିନ୍ ସରକାରରେ ଓଡ଼ିଶାକୁ ବଡ଼ ପୁଞ୍ଜିନିବେଶ

ଭୁବନେଶ୍ୱର ୨୪/୧୦: ଡବଲ୍ ଇଞ୍ଜିନ୍ ସରକାର ଗଠନ ହେବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ୯ମ ଥର ପାଇଁ ଓଡ଼ିଶା ଗସ୍ତରେ ଆସୁଛନ୍ତି। ଏହି ଅବସରରେ ସେ ଖୋର୍ଦ୍ଧାଠାରେ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ)ର ଅତ୍ୟାଧୁନିକ ଡାଟା ସେଣ୍ଟର ଏବଂ ଟ୍ରେନିଂ ସେଣ୍ଟର ଉଦ୍‌ଘାଟନ କରିବେ। ଏହି ଅବସରରେ ସେ ଖୋର୍ଦ୍ଧାଠାରେ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆର୍‌ବିଆଇ) ଡାଟା ସେଣ୍ଟର ଓ ଟ୍ରେନିଂ ସେଣ୍ଟର ଉଦ୍‌ଘାଟନ କରିବେ। ସମୃଦ୍ଧ ଓଡ଼ିଶା ଗଠନ ଦିଗରେ ଏହା ଏକ ଯୁଗାନ୍ତକାରୀ ପଦକ୍ଷେପ। ଏହା ଆମ ସମସ୍ତଙ୍କ ପାଇଁ ଗର୍ବ ଓ ଗୌରବର ବିଷୟ ବୋଲି ରାଜ୍ୟ ସଭାପତି ତଥା ରାଜ୍ୟସଭା ସାଂସଦ ମନମୋହନ ସାମଲ କହିଛନ୍ତି। ଶ୍ରୀ ସାମଲ କହିଛନ୍ତି ଯେ, ☞ପୃଷ୍ଠା-୨

## ସମ୍ଭାବ୍ୟ ବାତ୍ୟା ମୁକାବିଲା ପାଇଁ ରାଜ୍ୟ ସରକାର ସମ୍ପୂର୍ଣ୍ଣ ପ୍ରସ୍ତୁତ

# ୫ ଜିଲ୍ଲାରେ ସ୍କୁଲ-କଲେଜ ବନ୍ଦ

- ସମସ୍ତ ପ୍ରଶାସନିକ ପ୍ରସ୍ତୁତି ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ
- ଦକ୍ଷିଣ ଓଡ଼ିଶାରେ ବାତ୍ୟାର ପ୍ରଭାବ ଅଧିକ ରହିପାରେ
- ୬୦ଟି ଓଡ୍ରାଫ୍, ୧୭ଟି ଏନ୍‌ଡ଼ିଆର୍‌ଏଫ୍ ଓ ୨୨୫ଟି ଅଗ୍ନିଶମ ଦଳ ପ୍ରସ୍ତୁତ
- ବାକି ଜିଲ୍ଲାରେ ଜିଲ୍ଲାପାଳ ନିଷ୍ପତ୍ତି ନେବେ
- ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦ ଅଛି, କାଜୁଆଲ୍ଟି ହାସଲ କରିବୁ : ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୨୪/୧୦ : ଆଗାମୀ ସମ୍ଭାବ୍ୟ ବାତ୍ୟାର ମୁକାବିଲା ପାଇଁ ରାଜ୍ୟ ସରକାର ସମ୍ପୂର୍ଣ୍ଣ ପ୍ରସ୍ତୁତ ଥିବା ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘୋଷଣା କରିଛନ୍ତି। ଲୋକସେବା ଭବନରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦ ଏବଂ ପୂର୍ବ ଅଭିଜ୍ଞତାକୁ ଆଧାର କରି ଏଥର ମଧ୍ୟ 'ଜିରୋ କାଜୁଆଲ୍ଟି' (ଶୂନ୍ୟ ଜୀବନହାନି) ହାସଲ କରାଯିବ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ବନ୍ୟା ଓ ବାତ୍ୟା ମୁକାବିଲାରେ ଆମର ପୂର୍ବରୁ ଅଭିଜ୍ଞତା ରହିଛି। ବାତ୍ୟା ଦାନା ଓ ମୋନ୍ଥା'ର ସଫଳ ମୁକାବିଲା କରାଯାଇଥିଲା। ଏହା ସହିତ ଅନେକ ବନ୍ୟା ପରିସ୍ଥିତିର ମୁକାବିଲା ମଧ୍ୟ କରାଯାଇଛି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ପାଣିପାଗ ବିଭାଗର ସୂଚନା ଅନୁଯାୟୀ, ଏହି ବାତ୍ୟା ଉତ୍ତର ଆନ୍ଧ୍ରପ୍ରଦେଶ ଏବଂ ଦକ୍ଷିଣ ଓଡ଼ିଶା ମଧ୍ୟରେ ୨୮ ତାରିଖରେ ସ୍ଥଳଭାଗ (ଲ୍ୟାଣ୍ଡଫଲ୍) ଛୁଇଁବ। ତେବେ ଆନ୍ଧ୍ରପ୍ରଦେଶ ଉପକୂଳରେ ସ୍ଥଳଭାଗ ଛୁଇଁବାର ଅଧିକ ସମ୍ଭାବନା ରହିଛି। ଏହାର ପ୍ରଭାବରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ପ୍ରବଳ ବର୍ଷା ହେବ ଏବଂ ପ୍ରାୟ ୮୦ ରୁ ୯୦ କିଲୋମିଟର ବେଗରେ ପବନ ହେବାର ସମ୍ଭାବନା ରହିଛି। ବିଶେଷକରି ଦକ୍ଷିଣ ଓଡ଼ିଶାର ଜିଲ୍ଲାଗୁଡ଼ିକରେ ଅଧିକ ବର୍ଷା ଓ ପବନ ବହିବାର ସମ୍ଭାବନା ରହିଛି। ଗଞ୍ଜାମ, ଗଜପତି, ☞ପୃଷ୍ଠା-୨

## ଖୋଲିଲା ଇନ୍ଦ୍ରାବତୀ ଜଳଭଣ୍ଡାରର ୨ଟି ଗେଟ୍

**ତଳିଆ ଅଞ୍ଚଳବାସୀଙ୍କୁ ସତର୍କତା**



ନବରଙ୍ଗପୁର, ୨୪/୧୦ : ସମ୍ଭାବ୍ୟ ବାତ୍ୟା ଓ ଆଗାମୀ ଦିନରେ ପ୍ରବଳ ବର୍ଷା ଆଶଙ୍କାରେ ନବରଙ୍ଗପୁର ଜିଲ୍ଲାରେ ପୁଣି ଥରେ ଇନ୍ଦ୍ରାବତୀ ଜଳଭଣ୍ଡାରର ଦୁଇଟି ଗେଟ ଖୋଲାଯାଇଛି । ପ୍ରାୟ ମାସକ ପରେ ଜଳଭଣ୍ଡାରର ୩ ନମ୍ବର ଓ ୬ ନମ୍ବର ଗେଟକୁ ୦.୫ ମିଟର ଲେଖାଏଁ ଖୋଲାଯାଇ ଜଳ ନିଷ୍କାସନ କରାଯାଉଛି । ଦୁଇଟି ଗେଟ ଦେଇ ପ୍ରତି ସେକେଣ୍ଡରେ ପ୍ରାୟ ୧୩୩ କ୍ୟୁମେକ୍ସ ଜଳ ନିଷ୍କାସିତ ☞ପୃଷ୍ଠା-୨

## ବାତ୍ୟା ଆଶଙ୍କାରେ ବଦଳିଲା ରାଷ୍ଟ୍ରପତିଙ୍କ ଓଡ଼ିଶା ଗସ୍ତ



**ନଭେମ୍ବର ୪ ଓ ୫ରେ ଆସିବେ ଦ୍ରୌପଦୀ ମୁର୍ମୁ**

ଭୁବନେଶ୍ୱର, ୨୪/୧୦ : ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଘନୀଭୂତ ହୋଇ ବାତ୍ୟାର ରୂପ ନେବା ଆଶଙ୍କା ମଧ୍ୟରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଓଡ଼ିଶା ଗସ୍ତ କାର୍ଯ୍ୟସୂଚୀରେ ପରିବର୍ତ୍ତନ ହୋଇଛି। ଅକ୍ଟୋବର ୨୮ ଓ ୨୯ ତାରିଖ ପରିବର୍ତ୍ତେ ନଭେମ୍ବର ୪ ଓ ୫ ତାରିଖରେ ସେ ରାଇରଙ୍ଗପୁର ଗସ୍ତରେ ଆସିବେ। ରାଷ୍ଟ୍ରପତି ସଚିବାଳୟର ଟୁର୍ ସେକ୍ସନ ପକ୍ଷରୁ ଜାରି ଚିଠିରେ ଏହି ସଂଶୋଧିତ କାର୍ଯ୍ୟସୂଚୀ ସମ୍ପର୍କରେ ସୂଚନା ଦିଆଯାଇଛି। ଆସନ୍ତା ୨୭ ତାରିଖରୁ ଓଡ଼ିଶାରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ୨୮ ତାରିଖ ସକାଳେ ସମ୍ଭାବ୍ୟ ବାତ୍ୟା ଆନ୍ଧ୍ରପ୍ରଦେଶ ଉପକୂଳ ନିକଟବର୍ତ୍ତୀ ପଶ୍ଚିମ-କେନ୍ଦ୍ରୀୟ ବଙ୍ଗୋପସାଗରରେ ପହଞ୍ଚିପାରେ ବୋଲି ପୂର୍ବାନୁମାନ ରହିଛି। ସଂଶୋଧିତ କାର୍ଯ୍ୟସୂଚୀ ଅନୁଯାୟୀ, ନଭେମ୍ବର ୪ ତାରିଖରେ ରାଷ୍ଟ୍ରପତି ଦାଣ୍ଡବୋଷ ବିମାନବନ୍ଦରରୁ ବାହାରି ☞ପୃଷ୍ଠା-୨

## ଅକ୍ଟୋବର ୨୬ରେ ହେବନି ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି

**ପୂର୍ବରୁ ପଞ୍ଜୀକରଣ କରିଥିବା ଲୋକଙ୍କୁ ଆଶ୍ୱସ୍ତି, ପୁନଃ ପଞ୍ଜୀକରଣ ଆବଶ୍ୟକ ନାହିଁ**

ଭୁବନେଶ୍ୱର, ୨୪/୧୦ : ସମ୍ଭାବ୍ୟ ବାତ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ଆସନ୍ତା ଅକ୍ଟୋବର ୨୬, ସୋମବାର ଦିନ ହେବାକୁ ଥିବା ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣିକୁ ସ୍ଥଗିତ ରଖାଯାଇଛି। ଏନେଇ ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଭୁବନେଶ୍ୱର ୟୁନିଟ୍-୨ ଅଶୋକ ନଗରସ୍ଥିତ ପୂର୍ବତନ ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ, କ୍ୟାପିଟାଲ ନର୍ସରୀ ନିକଟରେ ଏହି ଅଭିଯୋଗ ଶୁଣାଣି ଆୟୋଜନ ହେବାର କାର୍ଯ୍ୟକ୍ରମ ଥିଲା। ସମ୍ଭାବ୍ୟ ବାତ୍ୟା ଯୋଗୁଁ ସୃଷ୍ଟି ☞ପୃଷ୍ଠା-୨

## ସୁଲଭ ଗୃହ ଯୋଗାଣରେ ଓଡ଼ିଶାର ନୂଆ ଆଭିମୁଖ୍ୟ

# 'ବନ୍ଧୁ' ଯୋଜନାରେ ୧,୬୧୫ କୋଟି ବ୍ୟୟବରାଦ




**୧.୪ ଲକ୍ଷ ଘରେ ବସବାସ କରୁଛନ୍ତି ହିତାଧିକାରୀ**

ଭୁବନେଶ୍ୱର, ୨୪/୧୦ : ଭୁବନେଶ୍ୱରରେ ଅନୁଷ୍ଠିତ ଦ୍ୱିତୀୟ ଜାତୀୟ ସହରାଞ୍ଚଳ ସମ୍ମିଳନୀ-୨୦୨୬ରେ ସୁଲଭ ଗୃହନିର୍ମାଣ ଦିଗରେ ଓଡ଼ିଶାର ଅଭିନବ ମଡେଲ୍ ଏବଂ ନୀତିଗତ ସଂସ୍କାରକୁ ଜାତୀୟ ସ୍ତରରେ ଉପସ୍ଥାପନ କରାଯାଇଛି। ସମ୍ମିଳନୀର ଏକ ସ୍ୱତନ୍ତ୍ର ଅଧିବେଶନରେ ଗୃହ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀ ରାଜ୍ୟର ସମନ୍ୱିତ ଗୃହନିର୍ମାଣ ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଛନ୍ତି। ସମ୍ମିଳନୀରେ ଆୟୋଜିତ 'ସୁଲଭ ଗୃହନିର୍ମାଣଚାହିଦା ଓ ଯୋଗାଣର ଗତିଶୀଳତା' ଶୀର୍ଷକ ଅଧିବେଶନରେ ଗୃହ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀ ଓଡ଼ିଶାର ସମନ୍ୱିତ ଗୃହନିର୍ମାଣ ଆଭିମୁଖ୍ୟ ଉପସ୍ଥାପନ କରିଥିଲେ।

ରାଜ୍ୟରେ ସୁଲଭ ଗୃହ ଯୋଗାଣକୁ ଅଧିକ ଗତିଶୀଳ କରିବା ପାଇଁ 'ବନ୍ଧୁ' ପଦକ୍ଷେପ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି। ଏହି ଯୋଜନାରେ ପାଞ୍ଚ ବର୍ଷ ମଧ୍ୟରେ ୧,୬୧୫ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ଏହାଦ୍ୱାରା ଗୃହନିର୍ମାଣ ପ୍ରକଳ୍ପକୁ ସହାୟତା, ନିର୍ମାଣ ଶ୍ରମିକଙ୍କୁ ପ୍ରୋତ୍ସାହନ ଏବଂ ଯୋଗ୍ୟ ପରିବାରଙ୍କୁ ଗୃହ ସହାୟତା ପ୍ରଦାନ ଉପରେ ଗୁରୁତ୍ୱ ଦିଆଯାଉଛି। ବିଶେଷକରି ଜମିହୀନ ଓ ଅନ୍ୟାନ୍ୟ ବଞ୍ଚିତ ପରିବାରଙ୍କ ପାଇଁ ସୁଲଭ ଗୃହ, ☞ପୃଷ୍ଠା-୨




**ଡ.ଗିରୀଶ ରଂଜନ**

ଓଡ଼ିଶା ଆଡ଼କୁ ବାତ୍ୟା ଆସୁଥିଲା
ଏବେ ଆନ୍ଧ୍ରକୁ କଲା ମୁହଁ
ଆନ୍ଧ୍ରକୁ ଏବେ ରିଲିଫ ମାଲ
ଖାଲିତ ଛୁଟିବ ସୁଅ
ଏଠି ଅଫିସର ଢାଳେ ଲୁହ
ରିଲିଫ ଜିନିଷ ଆନ୍ଧ୍ରା ଚାଲିଗଲେ
କେମିତି ସହିବ ଦେହ

## ନ୍ୟାସନାଲ୍ ଅର୍ବାନ୍ କନ୍‌କ୍ଲେଭ୍-୨୦୨୬ ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

# ୯ଟି ସହରକୁ ସମ୍ପ୍ରସାରିତ ହେବ 'ଆମ ବସ୍'

- ୨୬ଟି ଇ-ବସ୍ ସେବାର ଶୁଭାରମ୍ଭ
- ସମୁଦାୟ ୪୦୦ ଇ-ବସ୍ ଆସିବ
- ବର୍ତ୍ତମାନ ୭ଟି ସହରରେ ଆମ ବସ୍ ଚାଲିଛି



ଭୁବନେଶ୍ୱର, ୨୪/୧୦ : ଭୁବନେଶ୍ୱରଠାରେ ନ୍ୟାସନାଲ୍ ଅର୍ବାନ୍ କନ୍‌କ୍ଲେଭ୍-୨୦୨୬' ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହାକୁ ଉଦ୍‌ଘାଟନ କରିବା ଅବସରରେ ରାଜ୍ୟର ସହରୀ ବିକାଶ ଏବଂ ପରିବହନ ବ୍ୟବସ୍ଥା ପାଇଁ ବଡ଼ ଆନୁଷଙ୍ଗିକ ଘୋଷଣା କରିଛନ୍ତି। ୨୦୩୬ ମସିହାରେ ଓଡ଼ିଶା ଏକ ସ୍ୱତନ୍ତ୍ର ରାଜ୍ୟ ଭାବେ ୧୦୦ ବର୍ଷ ପୂରଣ କରିବାକୁ ଯାଉଥିବା ବେଳେ, ୫୦୦ ବିଲିଅନ୍ ଡଲାର୍ ଅର୍ଥନୀତି ସହ ଏକ ସମୃଦ୍ଧ ଓଡ଼ିଶା ଗଠନ କରିବା ଆମର ମୁଖ୍ୟ ଲକ୍ଷ୍ୟ ।

ବର୍ତ୍ତମାନ ଓଡ଼ିଶାର ସହରୀକରଣ ୧୭ ପ୍ରତିଶତ ଥିବା ବେଳେ ୨୦୩୬ ସୁଦ୍ଧା ଏହାକୁ ୪୦ ପ୍ରତିଶତକୁ ବୃଦ୍ଧି ହେବ । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ବିକଶିତ ଭାରତ ୨୦୪୭' ଭିଜନ୍ ଓ 'ପୂର୍ବୋଦୟ' ନୀତି ପ୍ରେରଣାରେ ଓଡ଼ିଶା ଆଜି ଦେଶର ଏକ ପ୍ରମୁଖ ଗ୍ରୋଥ୍ ଇଞ୍ଜିନ୍ ଭାବେ ଗଢ଼ିଉଠିଛି। ୨୦୪୭ ସୁଦ୍ଧା ଦେଶର ସହରୀ ଜନସଂଖ୍ୟା ଗ୍ରାମୀଣ ଜନସଂଖ୍ୟାକୁ ଅତିକ୍ରମ କରୁଥିବାରୁ ସହରଗୁଡ଼ିକୁ ସମାବେଶୀ, ପ୍ରଯୁକ୍ତିବିଦ୍ୟାସମ୍ପନ୍ନ ଓ ଆଧୁନିକ ସୁବିଧାସୁଯୋଗରେ ସମୃଦ୍ଧ କରିବା ସେ ଆହୁରି କହିଛନ୍ତି ଯେ, ସହରୀ ବିକାଶ ଓ ଅର୍ଥନୈତିକ ପ୍ରଗତିକୁ ଗତିଶୀଳ କରିବା ପାଇଁ ରାଜ୍ୟରେ ଶିଳ୍ପାୟନ, ବନ୍ଦରର ବିକାଶ, ପର୍ଯ୍ୟଟନ ଓ ସେବା କ୍ଷେତ୍ରରେ ବ୍ୟାପକ ସୁଯୋଗ ସୃଷ୍ଟି ହୋଇଛି। ଓଡ଼ିଶାକୁ ଏପର୍ଯ୍ୟନ୍ତ ୨୩ ଲକ୍ଷ କୋଟି ଟଙ୍କାର ନିବେଶ ପ୍ରସ୍ତାବ ମିଳିସାରିଥିବା ବେଳେ ୩.୫ ☞ପୃଷ୍ଠା-୨





ରବିବାର ୨୫|୧୦|୨୦୨୬
ଅକ୍ଷର
AKHYARA ODISHA ଓଡ଼ିଶା

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

## 'ଓଡ଼ିଶା ହେବାକୁ ଯାଉଛି...

ପ୍ରଧାନମନ୍ତ୍ରୀଙ୍କ ପ୍ରତ୍ୟେକଟି ଓଡ଼ିଶା ଗସ୍ତ ରାଜ୍ୟର ବିକାଶ ପାଇଁ ନୂଆ ଉପହାର ନେଇ ଆସିଥାଏ। ନିର୍ବାଚନ ପୂର୍ବରୁ ସମ୍ବଲପୁର ଓ ଚଣ୍ଡିଖୋଲରେ ଯେଉଁସବୁ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍ଘାଟନ ହୋଇଥିଲା, ସେଗୁଡ଼ିକ କ୍ରିୟାନ୍ୱୟନ ହୋଇଛି। ପ୍ରଧାନମନ୍ତ୍ରୀ କେବଳ ଘୋଷଣା କରନ୍ତି ନାହିଁ, ବରଂ ତାହାକୁ ବାସ୍ତବତାରେ ପରିଣତ କରି ଲୋକଙ୍କ ସେବାରେ ଉତ୍ସର୍ଗ କରନ୍ତି। ଯଶସ୍ୱୀ ପ୍ରଧାନମନ୍ତ୍ରୀ ମୋଦିଜୀଙ୍କ ଦୂରଦୃଷ୍ଟି ସମ୍ପନ୍ନ ନେତୃତ୍ୱରେ ଓଡ଼ିଶାକୁ ବିଶାଳ ପୁଞ୍ଜିନିବେଶ ଆଣିଛି ଡବଲଇଞ୍ଜିନ ସରକାର। ସେମିକଣ୍ଡକ୍ଟର, ଡାଟା ସେଣ୍ଟର, ଆଇଟି, ଖଣିଜଭିତିକ ଶିଳ୍ପ, ପେଟ୍ରୋକେମିକାଲ୍ସ, ଶକ୍ତି, କୃଷି ତଥା ପର୍ଯ୍ୟଟନ କ୍ଷେତ୍ରରେ ବିଜେପି ସରକାର ଦୃଢ଼ ପଦକ୍ଷେପ ନେଇ ରାଜ୍ୟର ଅର୍ଥନୀତିକୁ ନୂତନ ଗତି ଦେଇଛି। ଆଗାମୀ ଦିନରେ ଓଡ଼ିଶା ପୂର୍ବ ଭାରତର ପ୍ରଗତିର ମୁଖଶାଳା ହେବାକୁ ଯାଉଛି। ପ୍ରଧାନମନ୍ତ୍ରୀଭାବେ ଦାୟିତ୍ୱ ନେବା ପରେ ମୋଦିଜୀ ଓଡ଼ିଶାର ସର୍ବାଙ୍ଗୀନ ଓ ସାମୂହିକ ବିକାଶକୁ ଗୁରୁତ୍ୱ ଦେଇଆସୁଛନ୍ତି। ଓଡ଼ିଶାକୁ ଦେଶର ୧ ନମ୍ବର ରାଜ୍ୟ ତଥା 'ସମୃଦ୍ଧ ଓଡ଼ିଶା' ଭାବେ ଗଢ଼ିତୋଳିବା ପାଇଁ ଯାହାସବୁ ଆବଶ୍ୟକ ସେନେଇ ସେ ପଦକ୍ଷେପ ନେବେ ବୋଲି ନିର୍ଭର ପ୍ରତିଶ୍ରୁତି ଦେଇଥିଲେ। ରାଜ୍ୟରେ ପ୍ରଚୁର ପରିମାଣର ପ୍ରାକୃତିକ ସମ୍ପଦ, ଖଣିଖାଦାନ, ଜଳ ସମ୍ପଦ, ଜଙ୍ଗଲ ସମ୍ପଦ, ଚିଲିକା ଏବଂ ବିସ୍ତୀର୍ଣ୍ଣ ବେଳାଭୂମି ରହିଛି। ଏହି ପ୍ରାଚୁର୍ଯ୍ୟକୁ ଠିକ୍ ଭାବେ ବିନିଯୋଗ କରି ଓଡ଼ିଶାକୁ ବିକାଶର ଶୀର୍ଷରେ ପହଁଚାଇବା ପାଇଁ ମୋଦି ସରକାର ନିରନ୍ତର କାର୍ଯ୍ୟ କରୁଛନ୍ତି। ଆସନ୍ତା କାଲି ଯଶସ୍ୱୀ ପ୍ରଧାନମନ୍ତ୍ରୀ ମୋଦିଜୀଙ୍କୁ ବ୍ୟାପକ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇବା ପାଇଁ କାର୍ଯ୍ୟକର୍ତା ଏବଂ ଓଡ଼ିଶାବାସୀ ଉତ୍ସାହିତ ଅଛନ୍ତି ବୋଲି ରାଜ୍ୟ ସଭାପତି ଶ୍ରୀ ସାମଲ କହିଛନ୍ତି।

## 'ବନ୍ଧୁ' ଯୋଜନାରେ ୧,୬୧୫...

ଭଡ଼ା ଘର ଏବଂ ଅସ୍ଥାୟୀ ଆଶ୍ରୟ ବ୍ୟବସ୍ଥାକୁ ଏହି ପଦକ୍ଷେପରେ ସାମିଲ କରାଯାଇଛି। ଓଡ଼ିଶାର ଗୃହନିର୍ମାଣ ମଡେଲ୍‌ରେ ହିତାଧିକାରୀଙ୍କ ନିଜସ୍ୱ ଉଦ୍ୟମରେ ଘର ନିର୍ମାଣ, ସୁଲଭ ଗୃହ ପ୍ରକଳ୍ପ, ବସ୍ତିର ସ୍ଥାନୀୟ ପୁନର୍ବିକାଶ, ପୁନର୍ବାସ ଏବଂ ଭଡ଼ା ଗୃହ ବ୍ୟବସ୍ଥାକୁ ସାମିଲ କରାଯାଇଛି। ସହରାଞ୍ଚଳରେ ହିତାଧିକାରୀଙ୍କ ନିଜସ୍ୱ ଉଦ୍ୟମରେ ପ୍ରାୟ ୧.୪ ଲକ୍ଷ ଘର ନିର୍ମାଣ ଶେଷ ହୋଇଛି ଏବଂ ସେଠାରେ ଲୋକମାନେ ବସବାସ କରୁଛନ୍ତି। ଅନ୍ୟପକ୍ଷରେ, 'ବନ୍ଧୁ' ଯୋଜନା ଅଧୀନରେ ରାଉରକେଲା, ଢେଙ୍କାନାଳ, ପାରାଦୀପ ଓ ଝାରସୁଗୁଡ଼ାରେ ଭଡ଼ା ଗୃହର ପୁନରୁଦ୍ଧାର ପ୍ରକଳ୍ପକୁ ସହାୟତା ଦିଆଯାଉଛି।ସୁଲଭ ଗୃହନିର୍ମାଣକୁ ପ୍ରୋତ୍ସାହନ ଦେବା ଲାଗି ଷ୍ଟାମ୍ପ ଡ୍ୟୁଟି ଓ ପଞ୍ଜୀକରଣ ଶୁଳ୍କ ହ୍ରାସ ଭଳି ପଦକ୍ଷେପ ଉପରେ ଆଲୋଚନା ହୋଇଛି। ଏଥିସହ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ବର୍ଗ ଏବଂ ନିମ୍ନ ଆୟ ବର୍ଗଙ୍କ ପାଇଁ ଗୃହ ବ୍ୟବସ୍ଥା, ଅତିରିକ୍ତ ଫ୍ଲୋର୍ ଏରିଆ ରେସିଓ ଏବଂ ଟ୍ରାନ୍ସଫରେବଲ୍ ଡେଭଲପମେଣ୍ଟ ରାଇଟ୍ସ ଭଳି ନୀତିଗତ ବ୍ୟବସ୍ଥାକୁ ଗୁରୁତ୍ୱ ଦିଆଯାଇଛି।

ଏହି ସଂସ୍କାରଗୁଡ଼ିକ ଗୃହନିର୍ମାଣ ପ୍ରକଳ୍ପକୁ ଉତ୍ସାହିତ କରିବା ସହ ସହରାଞ୍ଚଳରେ ଘରର ଚାହିଦା ଓ ଯୋଗାଣ ମଧ୍ୟରେ ଥିବା ବ୍ୟବଧାନ ଦୂର କରିବାରେ ସହାୟକ ହେବ ବୋଲି ଆଶା କରାଯାଉଛି। ସହରାଞ୍ଚଳ ଗୃହନିର୍ମାଣ ଓ ଭିତ୍ତିଭୂମି ବିକାଶ ପାଇଁ ଜମିର ସୁବ୍ୟବସ୍ଥିତ ଉପଲବ୍ଧତା ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ପ୍ରସ୍ତାବିତ 'ଭୂମି' (BHUMIBank of Land for Housing & Urban Masterplan and Infrastructure) ଢାଞ୍ଚା ସମ୍ପର୍କରେ ମଧ୍ୟ ତଥ୍ୟ ଦିଆଯାଇଛି।ଏହି ଢାଞ୍ଚାରେ ଜମି ବ୍ୟାଙ୍କ ଗଠନ, ଜିଆଇଏସ୍ ଆଧାରିତ ଜମି ତଥ୍ୟଭଣ୍ଡାର ପ୍ରସ୍ତୁତି ଏବଂ ଜମି ଆବଣ୍ଟନ ବ୍ୟବସ୍ଥାର ପରିକଳ୍ପନା ରହିଛି। ଏହାର ଚିଠା ନୀତି ପ୍ରସ୍ତୁତି ପ୍ରକ୍ରିୟାରେ ଥିବାବେଳେ ଅନୁମୋଦନ ପାଇଁ ଏହାକୁ ରାଜ୍ୟ କ୍ୟାବିନେଟ୍‌ରେ ଉପସ୍ଥାପନ କରିବାକୁ ପ୍ରସ୍ତାବ ରହିଛି। ଏହି ଅଧିବେଶନକୁ ଭାରତ ସରକାରଙ୍କ ଗୃହ ଓ ନଗର ବ୍ୟାପାର ମନ୍ତ୍ରଣାଳୟର ଯୁଗ୍ମ ସଚିବ କୁମାର ରବିକାନ୍ତ ସିଂହ ସଂଚାଳନ କରିଥିଲେ।

## ବାତ୍ୟା ଆଶଙ୍କାରେ ବଦଳିଲା...

ବହଳଦାସ୍ଥିତ ମା' କିଚକେଶ୍ୱରୀ ମନ୍ଦିର, ମାହୁଲଡିହାର ଲକ୍ଷ୍ମୀମଣ୍ଡପ ଓ ରାଇରଙ୍ଗପୁରସ୍ଥିତ ନିଜ ଗୃହ ପରିଦର୍ଶନ କରିବେ। ଏହାପରେ ଉପଖଣ୍ଡ ଚିକିତ୍ସାଳୟ, କଚେରି ପଡ଼ିଆ ଓ ହଲିଡେ ହୋମ୍ ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି। ନଭେମ୍ବର ୫ ତାରିଖରେ ରାଇରଙ୍ଗପୁର ସ୍ପୋର୍ଟସ୍ କମ୍ପ୍ଲେକ୍ସ, ବିକାଶ ନଗର, ଗୋରୁମହିଷାଣୀ ଆଇରନ୍ କଲେଜସ୍ଥିତ ମଲ୍ଟି ସ୍କିଲ୍ ଡେଭଲପମେଣ୍ଟ ସେଣ୍ଟର ଓ ଟାଉନ୍ ହଲ୍ ପରିଦର୍ଶନ କରିବେ। ପରେ ଦାଣ୍ଡବୋଷ ବିମାନବନ୍ଦରରୁ ଦିଲ୍ଲୀ ଫେରିବେ।ରାଷ୍ଟ୍ରପତିଙ୍କ କାରକେଡ଼୍‌ର ସୁରକ୍ଷିତ ଯାତାୟାତ ପାଇଁ ରାସ୍ତାର ଦୂରତା, ଯାତ୍ରା ସମୟ ଓ ରାସ୍ତାର ବାସ୍ତବ ସ୍ଥିତି ଯାଞ୍ଚ କରିବାକୁ ସମ୍ପୃକ୍ତ ଅଧିକାରୀଙ୍କୁ କୁହାଯାଇଛି। ଜିଲ୍ଲା ପ୍ରଶାସନ, ପୋଲିସ ଓ ବିଭିନ୍ନ ବିଭାଗ ପକ୍ଷରୁ ସୁରକ୍ଷା ଓ ଯାତାୟାତ ବ୍ୟବସ୍ଥାର ସମନ୍ୱୟ ଉପରେ ଗୁରୁତ୍ୱ ଦିଆଯାଉଛି। ପାଣିପାଗ ବିଭାଗର ସୂଚନା ଅନୁଯାୟୀ, ଦକ୍ଷିଣ-ପୂର୍ବ ଓ ସଂଲଗ୍ନ ପୂର୍ବ-କେନ୍ଦ୍ରୀୟ ବଙ୍ଗୋପସାଗର ତଥା ଆଣ୍ଡାମାନ ଦ୍ୱୀପ ଅଞ୍ଚଳରେ ସୃଷ୍ଟ ଲଘୁଚାପ ସୁସ୍ପଷ୍ଟ ଲଘୁଚାପରେ ପରିଣତ ହୋଇଛି। ଏହା ଅଧିକ ଘନୀଭୂତ ହୋଇ ଅବପାତ ଓ ପରେ ଗଭୀର ଅବପାତରେ ପରିଣତ ହେବା ସମ୍ଭାବନା ରହିଛି। ଅକ୍ଟୋବର ୨୬ ସକାଳ ସୁଦ୍ଧା ଏହା ଘୂର୍ଣ୍ଣିବାତ୍ୟାର ରୂପ ନେଇପାରେ ବୋଲି ଆକଳନ କରାଯାଇଛି। ସମ୍ଭାବ୍ୟ ବାତ୍ୟା ଓ ବର୍ଷାକୁ ଦୃଷ୍ଟିରେ ରଖି ଆଗାମୀ ଦିନରେ ପାଣିପାଗ ବିଭାଗର ସତର୍କ ସୂଚନା ଓ ପ୍ରଶାସନର ପରାମର୍ଶ ପ୍ରତି ଧ୍ୟାନ ଦେବାକୁ କୁହାଯାଇଛି।

## ଅକ୍ଟୋବର ୨୬ରେ ହେବନି...

ହେବାକୁ ଥିବା ପରିସ୍ଥିତି ଏବଂ ଜନସାଧାରଣଙ୍କ ସୁରକ୍ଷାକୁ ବିଚାରକୁ ନେଇ ଏହି ନିଷ୍ପତ୍ତି ନିଆଯାଇଛି।ଅକ୍ଟୋବର ୨୬ ତାରିଖରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ନିଜ ଅଭିଯୋଗ ଜଣାଇବା ପାଇଁ ଯେଉଁମାନେ ଅନଲାଇନ୍‌ରେ ପଞ୍ଜୀକରଣ କରିଥିଲେ, ସେମାନଙ୍କୁ ପୁନର୍ବାର ପଞ୍ଜୀକରଣ କରିବାକୁ ପଡ଼ିବ ନାହିଁ। ମୁଖ୍ୟମନ୍ତ୍ରୀଙ୍କ ପରବର୍ତ୍ତୀ ଜନ ଅଭିଯୋଗ ଶୁଣାଣି ପାଇଁ ସେମାନଙ୍କୁ ନୂଆ କରି ଆବେଦନ କରିବାର ଆବଶ୍ୟକତା ନଥିବା ସ୍ପଷ୍ଟ କରାଯାଇଛି।ପରବର୍ତ୍ତୀ ଅଭିଯୋଗ ଶୁଣାଣି ସମ୍ପର୍କରେ ସରକାରଙ୍କ ପକ୍ଷରୁ ଦିଆଯିବାକୁ ଥିବା ସୂଚନାକୁ ଅପେକ୍ଷା କରାଯାଇଛି।

## ୫ ଜିଲ୍ଲାରେ ସ୍କୁଲ...

ରାୟଗଡ଼ା, କୋରାପୁଟ, ମାଲକାନଗିରି ଆଦି ଜିଲ୍ଲା ସର୍ବାଧିକ ପ୍ରଭାବିତ ହେବାର ସମ୍ଭାବନା ଅଛି। ଅନ୍ୟାନ୍ୟ ଉପକୂଳବର୍ତୀ ଜିଲ୍ଲାଗୁଡ଼ିକରେ ମଧ୍ୟ ବର୍ଷାର ସମ୍ଭାବନା ରହିଛି। ଏହି ୫ଟି ଜିଲ୍ଲାରେ ସ୍କୁଲ, କଲେଜ ଏବଂ ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକୁ ୨୮ ଓ ୨୯ ତାରିଖ ଦିନ ବନ୍ଦ ରଖିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଅନ୍ୟ ଜିଲ୍ଲା ଗୁଡ଼ିକରେ ସ୍କୁଲ କଲେଜ ଛୁଟି କରିବା ନେଇ ଜିଲ୍ଲାପାଳମାନେ ପରିସ୍ଥିତି ଦେଖି ନିଷ୍ପତ୍ତି ନେବେ। ସେ କହିଥିଲେ ଯେ, ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ପହଞ୍ଚାଇବା ପାଇଁ ବାତ୍ୟା ଓ ବନ୍ୟା ଆଶ୍ରୟସ୍ଥଳୀଗୁଡ଼ିକ ପ୍ରସ୍ତୁତ କରାଯାଇଛି। ବିଶେଷକରି ରୋଗୀ ଓ ଗର୍ଭବତୀ ମହିଳାମାନଙ୍କୁ ସ୍ୱାସ୍ଥ୍ୟ କେନ୍ଦ୍ରକୁ ସ୍ଥାନାନ୍ତରିତ କରିବା ପାଇଁ ଗୁରୁତ୍ୱ ଦିଆଯାଇଛି। ଓଡ୍ରାଫ୍, ଅଗ୍ନିଶମ ଏବଂ ଏନ୍.ଡି.ଆର୍.ଏଫ୍ ଟିମ୍ ନିୟୋଜିତ କରାଯାଇଛି। ପ୍ରାୟ ୬୦ଟି ଓଡ୍ରାଫ୍ ଟିମ୍ ଓ ୧୭ଟି NDRF ଟିମ୍‌କୁ ନିୟୋଜିତ କରାଯାଇଛି। ୨୨୫ ଟି ଅଗ୍ନିଶମ ଦଳ ସଜାଗ ଅଛନ୍ତି ବୋଲି ଜଣାଯାଇଛି।ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ମଧ୍ୟକୁ ନ ଯିବା ପାଇଁ ସତର୍କ କରାଯାଇଛି। ପ୍ରଭାବିତ ଅଞ୍ଚଳର ସମସ୍ତ ସ୍ୱାସ୍ଥ୍ୟ କେନ୍ଦ୍ରରେ ସାପ କାମୁଡ଼ା ଇଞ୍ଜେକ୍ସନ୍, ଔଷଧ ଏବଂ ଚିକିତ୍ସା କିଟ୍ ଉପଲବ୍ଧ ରଖିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ବାତ୍ୟା ପରିସ୍ଥିତିରେ ତତକ୍ଷଣାତ୍ ରିଷ୍ଟୋରେସନ୍ ପାଇଁ ସମସ୍ତ ଇଞ୍ଜିନିୟରିଂ ବିଭାଗ ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛନ୍ତି। ବିଶେଷକରି ରାସ୍ତାଘାଟରେ ପଡ଼ି ଅବରୋଧ ସୃଷ୍ଟି କରୁଥିବା ଗଛଗୁଡ଼ିକୁ ତୁରନ୍ତ ହଟାଇବା ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତି କରାଯାଇଛି ବୋଲି ଜଣାଯାଇଛି।ଅମଳ ସମୟ ପାଖେଇ ଆସୁଥିବାରୁ, ଚାଷୀ ଭାଇମାନଙ୍କୁ ଆଗୁଆ ସତର୍କ କରି ଫସଲ କାଟି ସୁରକ୍ଷିତ କରି ରଖିବା ପାଇଁ ସଚେତନ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି।ରାଜ୍ୟ ସରକାରଙ୍କ ସମସ୍ତ ସମ୍ପୃକ୍ତ ବିଭାଗ ସମନ୍ୱୟ ରକ୍ଷା କରି Whole of Government Approach ରେ ବାତ୍ୟା ମୁକାବିଲା କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଏହି ସମୀକ୍ଷା ବୈଠକରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ମୁଖ୍ୟ ଶାସନ ସଚିବ, ଉନ୍ନୟନ କମିଶନର, ଅଗ୍ନିସେବା ଡିଜି, ରାଜସ୍ୱ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଶକ୍ତି ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଜଳସମ୍ପଦ ବିଭାଗ ପ୍ରମୁଖ ଶାସନ ସଚିବ, ସ୍ୱାସ୍ଥ୍ୟ ସଚିବ, ଏସ.ଆର୍.ସି. ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଖୋଲିଲା ଇନ୍ଦ୍ରାବତୀ ଜଳଭଣ୍ଡାରର...

ହେଉଛି। ଗେଟ ଖୋଲାଯିବା ସମୟରେ ଜଳଭଣ୍ଡାରର ଜଳସ୍ତର ୬୪୦ ମିଟର ରହିଥିଲା। ସମ୍ଭାବ୍ୟ ଘୂର୍ଣ୍ଣିବାତ୍ୟା ଓ ବର୍ଷାକୁ ଦୃଷ୍ଟିରେ ରଖି ସତର୍କତାମୂଳକ ଭାବେ ଗେଟ ଖୋଲାଯାଇଥିବା ବେଳେ ତଳିଆ ଅଞ୍ଚଳବାସୀଙ୍କୁ ସତର୍କ ରହିବାକୁ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଇନ୍ଦ୍ରାବତୀ-କୋଲାବ ବେସିନ କାର୍ଯ୍ୟାଳୟ, ବାରିଣୀପୁଟର ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ଭାଗିରଥି ପାତ୍ରଙ୍କ ଉପସ୍ଥିତିରେ ବିଭାଗୀୟ ଅଧିକାରୀ ଡ୍ୟାମର ସ୍ଥିତି ଅନୁଧ୍ୟାନ ପରେ ଗେଟ ଖୋଲିବା ନିଷ୍ପତ୍ତି ନେଇଥିଲେ। ଜଳସ୍ତର ୬୩୯ ମିଟରକୁ ହ୍ରାସ ପାଇଲେ ଗେଟ ବନ୍ଦ କରାଯିବ। ଆଗାମୀ ଦିନରେ ବର୍ଷା ଓ ଜଳ ପ୍ରବାହକୁ ଦେଖି ପରବର୍ତ୍ତୀ ନିଷ୍ପତ୍ତି ନିଆଯିବ। ଆବଶ୍ୟକ ପଡ଼ିଲେ ଅଧିକ ଗେଟ ଖୋଲାଯାଇପାରେ। ଜଳ ନିଷ୍କାସନ ଯୋଗୁଁ ତଳିଆ ଅଞ୍ଚଳରେ ଜଳସ୍ତର ବଢ଼ିପାରେ ଥିବାରୁ ଲୋକଙ୍କୁ ନଦୀ ଓ ଜଳାଶୟ ନିକଟକୁ ନଯିବାକୁ ପରାମର୍ଶ ଦିଆଯାଇଛି।

## ୯ଟି ସହରକୁ ସମ୍ପ୍ରସାରିତ...

ଲକ୍ଷ କୋଟି ଟଙ୍କାର ନିବେଶ ସହ ୨୦୦ରୁ ଊର୍ଦ୍ଧ୍ୱ ଉଦ୍ୟୋଗର ଗ୍ରାଉଣ୍ଡି ସମ୍ପନ୍ନ ହୋଇଛି। କେନ୍ଦ୍ର ସରକାର ଓ ନୀତି ଆୟୋଗଙ୍କ ମାର୍ଗଦର୍ଶନରେ 'ଭୁବନେଶ୍ୱର-କଟକ-ପୁରୀ-ପାରାଦୀପ ଇକୋନୋମିକ୍ ରିଜିଅନ୍' ପ୍ରତିଷ୍ଠା କରାଯାଉଛି। ଏହାସହ ଭୁବନେଶ୍ୱର ଓ କଟକର ସମ୍ପ୍ରସାରଣ କରି ନୂଆ ସାଟେଲାଇଟ୍ ଟାଉନ୍‌ସିପ୍ ଗଠନ କରାଯାଉଛି ଏବଂ ନୂତନ ଭାବେ ୨୮ଟି ଏନ୍.ଏ.ସି, ୭ଟି ମ୍ୟୁନିସିପାଲିଟି ଓ ଗୋଟିଏ ମ୍ୟୁନିସିପାଲ୍ କର୍ପୋରେସନ୍ ସୃଷ୍ଟି କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ମୁଖ୍ୟମନ୍ତ୍ରୀ ରାଜ୍ୟର ଜନକଲ୍ୟାଣକାରୀ ସହରୀ ଯୋଜନାଗୁଡ଼ିକର ସଫଳତା ସମ୍ପର୍କରେ ଆଲୋକପାତ କରି କହିଥିଲେ ଯେ PMAY-Urban ଅଧୀନରେ ୧.୫୩ ଲକ୍ଷ ଆବାସ ନିର୍ମାଣ ହୋଇଥିବା ବେଳେ PMAY ୨.୦ ଅନ୍ତର୍ଗତ 'PMAY URBAN BANDHU' କାର୍ଯ୍ୟକ୍ରମ ପାଇଁ ଆଗାମୀ ୫ ବର୍ଷରେ ୧୬୧୫ କୋଟି ଟଙ୍କାର ମଞ୍ଜୁରୀ ଦିଆଯାଇଛି, ଯେଉଁଥିରେ EWS ହିତାଧିକାରୀଙ୍କୁ ଷ୍ଟାମ୍ପ ଡ୍ୟୁଟି ଓ ରେଜିଷ୍ଟ୍ରେସନ୍ ଫି'ରେ ୯୦ ପ୍ରତିଶତ ଛାଡ଼ ପ୍ରଦାନ କରାଯାଉଛି। ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନାରେ ଭିତ୍ତିଭୂମି ପାଇଁ ୬୦୦୦ କୋଟି ଟଙ୍କା, ୧୧ଟି ସହରରେ ୨୪ ଘଣ୍ଟିଆ 'ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍' ଜଳଯୋଗାଣ ଏବଂ ୧୬୦୦ କୋଟି ଟଙ୍କାର 'ସ୍ୱଚ୍ଛ ଓଡ଼ିଶା ଯୋଜନା' କାର୍ଯ୍ୟକାରୀ ହେଉଛି। ସଫେଇ କର୍ମଚାରୀଙ୍କ ସୁରକ୍ଷା ଓ ସମ୍ମାନ ପାଇଁ 'ଗରିମା' ଯୋଜନା ଜରିଆରେ ସ୍ୱଚ୍ଛ ସାଥୀମାନଙ୍କୁ ଆଧୁନିକ ମେସିନ୍, ସୁରକ୍ଷା ସରଞ୍ଜାମ, ଜୀବନ ବୀମା ଓ ସାମାଜିକ ସୁରକ୍ଷା ଯୋଗାଇ ଦିଆଯାଉଛି।ଏହି ସମ୍ମିଳନୀର ମୁଖ୍ୟ ବିଷୟବସ୍ତୁ 'ଚାଲିବାର ଅଧିକାର' ଉପରେ ଗୁରୁତ୍ୱ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସହରୀ ପରିବହନରେ ସୁରକ୍ଷିତ ଫୁଟପାଥ୍, କ୍ରସିଂ ଓ ପବ୍ଲିକ ସ୍ପେସ୍ ପ୍ଲାନିଂର ମୁଖ୍ୟ ଅଂଶ ଅଟେ। ରାଜ୍ୟର CRUT ନେଟୱାର୍କ ୨୦୧୮ରେ ୨୦୦ଟି ବସରୁ ଆରମ୍ଭ ହୋଇ ଆଜି ୭୭୦ଟି ବସ୍ ସହ ୧୩୮ଟି ରୁଟ୍‌ରେ ୭ଟି ସହରକୁ ସଂଯୋଗ କରୁଛି, ଯେଉଁଥିରେ ଦୈନିକ ୩.୫ ଲକ୍ଷ ଯାତ୍ରୀ ଯାତାୟାତ କରୁଛନ୍ତି। ଆଜି PM E-BUS ସେବା ଅଧୀନରେ ୨୬ଟି ଇ-ବସ୍ ସେବାର ଶୁଭାରମ୍ଭ କରାଯାଇଥିବା ବେଳେ ଏହା ଅଧୀନରେ ଆହୁରି ୪୦୦ଟି ଇ-ବସ୍, ୧୦୦ଟି ମିଡି ଓ ୫୦ଟି ମିନି ଇ-ବସ୍ ଯୋଡ଼ିହେବ। ବର୍ତ୍ତମାନ CRUT ଜରିଆରେ ୭ଟି ସହରରେ ଆମ ବସ୍ ସେବା ଯୋଗାଇ ଦିଆଯାଉଛି। ନୂଆ ଇ-ବସ୍ ଆସିବା ପରେ ଆଉ ୯ଟି ସହରରେ ଇ-ବସ୍ ସେବା ପ୍ରଦାନ କରାଯିବ। ଏହି ସହର ଗୁଡ଼ିକ ହେଲା ବାରିପଦା, ଅନୁଗୋଳ, ଝାରସୁଗୁଡ଼ା, ବାଲେଶ୍ୱର, ଯାଜପୁର, ରାୟଗଡ଼ା, ଜୟପୁର, ଭଦ୍ରକ ଓ ବଲାଙ୍ଗୀର ସହରରେ ଇ-ବସ୍ ସେବା କାର୍ଯ୍ୟକାରୀ ହେବ। ଏହା ସହିତ 'ଓଡ଼ିଶା ଯାତ୍ରୀ ଆପ୍' ଜରିଆରେ ଡିଜିଟାଲ ଟିକେଟିଂ ସୁବିଧା ସହିତ ୯ ଲକ୍ଷରୁ ଊର୍ଦ୍ଧ୍ୱ ବସ୍ ଯାତ୍ରା ହୋଇଛି, ଯେଉଁଥିରେ ଚାଳକମାନେ ବିନା କମିଶନ୍‌ରେ ୧୦୦% ଭାଡ଼ା ପାଇ ୧୨ କୋଟି ଟଙ୍କାର ରୋଜଗାରକ୍ଷମ ହୋଇପାରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ 'ଅଙ୍କୁର ହ୍ୟାଣ୍ଡବୁକ୍' ଏବଂ 'ଟାଉନ୍ ପ୍ଲାନିଂ ହ୍ୟାଣ୍ଡବୁକ୍'ର ଉନ୍ମୋଚନ କରିବା ସହ ନୂତନ ନଗର ଉନ୍ନୟନ ନୀତିର ଶୁଭାରମ୍ଭ କରିଥିଲେ।ଏହି ଅବସରରେ ମୁଖ୍ୟଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ ନାଗରିକଙ୍କ ମୌଳିକ ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇ କହିଛନ୍ତି ଯେ, ପବିତ୍ର ଧାମ ପୁରୀରୁ ଆରମ୍ଭ ହୋଇଥିବା 'ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍' ପ୍ରକଳ୍ପ ଆଜି ସଫଳତାର ସହ ୧୧ଟି ସହରକୁ ସମ୍ପ୍ରସାରିତ ହୋଇଛି। ଏଥିସହିତ ରାଜ୍ୟର ୧୧୪ଟି ସହରାଞ୍ଚଳରେ ଘରେ ଘରେ ପାଇପ୍ ଯୋଗେ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦିଆଯାଉଛି।

# ଶକ୍ତି ହରାଉଛି ମିଶନ ଶକ୍ତି ଗୃହ





## ରାସ୍ତା ନାହିଁ, ବର୍ଷା ପାଣିରେ ବୁଡୁଛି
## ନିର୍ମାଣର ମାନକୁ ନେଇ ଉଠିଲା ପ୍ରଶ୍ନ

ନୂଆପଡା , ୨୪/୧୦ ( ଅକ୍ଷର ଓଡିଶା ): ମହିଳା ସଶକ୍ତିକରଣ ଓ ସ୍ୱୟଂସହାୟକ ଗୋଷ୍ଠୀଗୁଡ଼ିକର ବୈଠକ ସହ ବିଭିନ୍ନ କାର୍ଯ୍ୟକଳାପ ପାଇଁ ନିର୍ମାଣ ହୋଇଥିବା ମିଶନ ଶକ୍ତି ଗୃହ ଏବେ ନିଜ ଉଦ୍ଦେଶ୍ୟ ପୂରଣ କରିବାରେ ବିଫଳ ହୋଇଛି। ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକ ଅନ୍ତର୍ଗତ ଖୁଦପେଜ ଗ୍ରାମ ପଞ୍ଚାୟତରେ ଲକ୍ଷାଧିକ ଟଙ୍କା ବ୍ୟୟରେ ନିର୍ମିତ ଏହି ଗୃହ ଅବ୍ୟବହୃତ ହୋଇ ପଡ଼ିଥିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏଥିସହ ଗୃହର ନିର୍ମାଣ ମାନକୁ ନେଇ ମଧ୍ୟ ବିଭିନ୍ନ ପ୍ରଶ୍ନ ଉଠିଛି।ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, ଗ୍ରାମଠାରୁ ପ୍ରାୟ ଏକ କିଲୋମିଟର ଦୂରରେ ମିଶନ ଶକ୍ତି ଗୃହ ନିର୍ମାଣ କରାଯାଇଛି। ଗୃହକୁ ଯିବା ପାଇଁ ଉପଯୁକ୍ତ ରାସ୍ତା ନଥିବାବେଳେ ବର୍ଷା ଦିନେ ଏହା ପାଣି ଘେରରେ ରହୁଛି। ଫଳରେ ମହିଳା ସ୍ୱୟଂସହାୟକ ଗୋଷ୍ଠୀର ସଦସ୍ୟାମାନେ ଗୃହକୁ ଯାଇ ବୈଠକ କରିବାରେ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଗୃହ ନିର୍ମାଣ ହେବା ପରଠାରୁ ଏଠାରେ ଗୋଟିଏ ଦିନ ମଧ୍ୟ କୌଣସି ମହିଳା ଗୋଷ୍ଠୀର ବୈଠକ ହୋଇନଥିବା ଅଭିଯୋଗ ହୋଇଛି।

ଅନ୍ୟପକ୍ଷରେ, ଗୃହର ପାଚେରିରେ ଫାଟ ସୃଷ୍ଟି ହୋଇଥିବାବେଳେ ଲୁହା ଗେଟ୍ ମଧ୍ୟ ଭାଙ୍ଗିଯାଇଛି। ନିର୍ମାଣ ପରେ ଅଳ୍ପ ସମୟ ମଧ୍ୟରେ ଏଭଳି ସ୍ଥିତି ସୃଷ୍ଟି ହେବା ଯୋଗୁଁ କାର୍ଯ୍ୟର ଗୁଣବତ୍ତାକୁ ନେଇ ସନ୍ଦେହ ପ୍ରକାଶ ପାଇଛି।ମହିଳା ଗୋଷ୍ଠୀଙ୍କ ସୁବିଧା ପାଇଁ ନିର୍ମିତ ଗୃହ ଯଦି ବ୍ୟବହାରରେ ଆସିପାରୁନାହିଁ, ତେବେ ଏଥିରେ ଖର୍ଚ୍ଚ ହୋଇଥିବା ସରକାରୀ ଅର୍ଥର ସୁଫଳ କାହାକୁ ମିଳୁଛି ବୋଲି ସାଧାରଣରେ ପ୍ରଶ୍ନ ଉଠିଛି। ଗୃହ ନିର୍ମାଣରେ କେତେ ଅର୍ଥ ବ୍ୟୟ ହୋଇଛି, କେଉଁ ସଂସ୍ଥା ନିର୍ମାଣ କାର୍ଯ୍ୟ କରିଛି ଏବଂ ନିର୍ମାଣ କାର୍ଯ୍ୟର ମାନ ଯାଞ୍ଚ ହୋଇଛି କି ନାହିଁ, ତାହାର ତଦନ୍ତ କରିବାକୁ ଦାବି ହେଉଛି।

ସୂଚନା ଅନୁଯାୟୀ, କିଛିଦିନ ତଳେ ନୂଆପଡ଼ାର ନୂତନ ଜିଲ୍ଲାପାଳ ଅନ୍ୟା ଦାସ ଖୁଦପେଜ ଗ୍ରାମ ପଞ୍ଚାୟତ ପରିଦର୍ଶନରେ ଆସିଥିଲେ। ତେବେ ତାଙ୍କୁ କେବଳ ଠିକ୍‌ଠାକ୍ ଥିବା କାର୍ଯ୍ୟଗୁଡ଼ିକ ଦେଖାଯାଇଥିବାବେଳେ ନିମ୍ନମାନର ମିଶନ ଶକ୍ତି ଗୃହ ଦେଖାଯାଇନଥିବା ପଞ୍ଚାୟତବାସୀ ଅଭିଯୋଗ କରିଛନ୍ତି। ଏହି ଗୃହର ବାସ୍ତବ ସ୍ଥିତି ଜିଲ୍ଲାପାଳଙ୍କ ଦୃଷ୍ଟିକୁ ଆଣିବା ସହ ଏହାର ଉପଯୁକ୍ତ ଯାଞ୍ଚ କରିବାକୁ ଦାବି ହୋଇଛି।ଏ ନେଇ ଖଡ଼ିଆଳ ବିଡିଓ ମିଳନ କୁମାର ଝାଙ୍କରଙ୍କୁ ଯୋଗାଯୋଗ କରିବାରୁ ମାଟି ପକାଇବା ବ୍ୟବସ୍ଥା ସମ୍ପର୍କରେ ସେ କହିଥିବା ଜଣାପଡ଼ିଛି। ତେବେ ଗୃହର ସମସ୍ୟାର ସ୍ଥାୟୀ ସମାଧାନ, ଯାତାୟାତ ପାଇଁ ଉପଯୁକ୍ତ ରାସ୍ତା ନିର୍ମାଣ ଏବଂ ନିର୍ମାଣ କାର୍ଯ୍ୟର ଗୁଣବତ୍ତା ଯାଞ୍ଚ କରି ଆବଶ୍ୟକ ପଦକ୍ଷେପ ନେବାକୁ ପଞ୍ଚାୟତବାସୀ ଦାବି କରିଛନ୍ତି।

# ସ୍ୱାମୀଙ୍କ ପଥର ଆଘାତରେ ସ୍ତ୍ରୀ ମୃତ

ଲକ୍ଷ୍ମୀପୁର, ୨୪/୧୦(ଅକ୍ଷର ଓଡିଶା )ନୂଆଖାଇ ପର୍ବ ପାଳନର ଗୋଟିଏ ଦିନ ପରେ ଘଟିଛି ଏକ ଦୁଃଖଦ ଘଟଣା। ସ୍ୱାମୀଙ୍କ ପଥର ଆଘାତରେ ସ୍ତ୍ରୀଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ଆସିଛି କୋରାପୁଟ ଜିଲ୍ଲା ବନ୍ଧୁଗାଁ ବ୍ଲକ୍‌ର ଏଲେଙ୍ଗାବାଲସା ଗ୍ରାମରୁ। ମୃତ ମହିଳା ହେଲେ ଏର୍କୀ କାଦ୍ରାକା (୪୨)। ତାଙ୍କ ମୃତ୍ୟୁରେ ପରିବାର ଓ ଆତ୍ମୀୟସ୍ୱଜନଙ୍କ ମଧ୍ୟରେ ଶୋକର ବାତାବରଣ ସୃଷ୍ଟି ହୋଇଛି।ପ୍ରାପ୍ତ ସୂଚନା ଅନୁସାରେ, ବଡ଼ସରପଲ୍ଲୀ ପଞ୍ଚାୟତ ଅନ୍ତର୍ଗତ ଏହି ଗ୍ରାମରେ ଗତକାଲି ନୂଆଖାଇ ପର୍ବ ପାଳନ କରାଯାଇଥିଲା। ଏହି ସମୟରେ ଏର୍କୀ ଓ ତାଙ୍କ ସ୍ୱାମୀ ବିସପା କାଦ୍ରାକା ମଦ୍ୟପାନ କରିଥିବା ଜଣାପଡ଼ିଛି। ଆଜି ଅପରାହ୍ନ ପ୍ରାୟ ୨ଟାରେ ଗ୍ରାମଠାରୁ ପ୍ରାୟ ୩୦୦ ମିଟର ଦୂରରେ ଥିବା ସେମାନଙ୍କ କୁଡ଼ିଆ ଘରେ ବିସପା ପଥରରେ ଏର୍କୀଙ୍କ ମୁଣ୍ଡକୁ ଆଘାତ କରିଥିବା ଅଭିଯୋଗ ହୋଇଛି।ଘଟଣା ପରେ ଗୁରୁତର ଏର୍କୀଙ୍କୁ କିଛି ସମ୍ପର୍କୀୟ ବନ୍ଧୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ତାଙ୍କ ଅବସ୍ଥା ଗୁରୁତର ଥିବାରୁ ଉନ୍ନତ ଚିକିତ୍ସା ନିମନ୍ତେ ରାୟଗଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ହେଲେ ସେଠାରେ ଚିକିତ୍ସା ଚାଲିଥିବା ସମୟରେ ତାଙ୍କର ମୃତ୍ୟୁ ହୋଇଥିଲା।ଏର୍କୀଙ୍କର ତିନି ଝିଅ ଓ ଜଣେ ପୁଅ ଥିବା ଜଣାପଡ଼ିଛି। ମାଆଙ୍କ ମୃତ୍ୟୁ ପରେ ଚାରି ସନ୍ତାନଙ୍କ ଭବିଷ୍ୟତକୁ ନେଇ ଚିନ୍ତା ବଢ଼ିଛି। ଅନ୍ୟପକ୍ଷରେ, ଘଟଣାର ପ୍ରକୃତ କାରଣ ସମ୍ପର୍କରେ ସ୍ପଷ୍ଟ ସୂଚନା ମିଳିନାହିଁ। ଖବର ଲେଖା ହେବା ସୁଦ୍ଧା ବନ୍ଧୁଗାଁ ଥାନାରେ ଏହି ଘଟଣାକୁ ନେଇ କୌଣସି ମାମଲା ରୁଜୁ ହୋଇନଥିବା ଜଣାପଡ଼ିଛି।

# ଘରୋଇ ବସ୍‌ରୁ ଲାପଟପ୍ ଓ ବ୍ୟାଗ୍ ଲୁଟ୍, ଦୁଇ ଦୁର୍ବୃତ୍ତଙ୍କୁ ଖୋଜୁଛି ପୋଲିସ

ଲକ୍ଷ୍ମୀପୁର, ୨୪/୧୦ (ଅକ୍ଷର ଓଡିଶା) ଜଗନ୍ନାଥ ମନ୍ଦିରରୁ ଚୋରି ଘଟଣାର ସମାଧାନ ହୋଇନଥିବା ବେଳେ ପୁଣି ଏକ ଘରୋଇ ବସ୍‌ରୁ ଲାପଟପ୍ ଓ ବ୍ୟାଗ୍ ଚୋରି ହେବା ଘଟଣା ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିଛି।ସୂଚନା ଅନୁଯାୟୀ, ଶୁକ୍ରବାର ରାତି ପ୍ରାୟ ସାଢ଼େ ୯ଟାରେ ଲକ୍ଷ୍ମୀପୁର ବଜାର ନିକଟସ୍ଥ ଏକ ଢାବାରେ 'କାମଧେନୁ' ନାମକ ଘରୋଇ ବସ୍‌ଟି ଅଟକିଥିଲା। ଯାତ୍ରୀମାନେ ଖାଇବାକୁ ଯାଇଥିବା ସୁଯୋଗରେ ଦୁଇଜଣ ଦୁର୍ବୃତ୍ତ ବସ୍ ଭିତରେ ପଶି ଜଣେ ଯୁବତୀଙ୍କ ଲାପଟପ୍ ଓ ଅନ୍ୟ ଜଣେ ମହିଳାଙ୍କ ବ୍ୟାଗ୍ ନେଇ ଚମ୍ପଟ ମାରିଥିଲେ।ଘଟଣାଟି ତୁରନ୍ତ ଜଣାପଡ଼ିନଥିଲା। ପରେ କିଛି ଯାତ୍ରୀ ଦୁଇଜଣ ଯୁବକ ବ୍ୟାଗ୍ ଧରି ବସ୍‌ରୁ ଦୌଡ଼ି ପଳାଉଥିବା ଦେଖିଥିବା କହିବା ପରେ ଚୋରି ହୋଇଥିବା ଜଣାପଡ଼ିଥିଲା। ଖବର ପାଇ ଲକ୍ଷ୍ମୀପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଖୋଜାଖୋଜି କରିଥିଲେ ମଧ୍ୟ ଦୁର୍ବୃତ୍ତଙ୍କ ପତ୍ତା ମିଳିନାହିଁ।ଲାପଟପ୍ ଚୋରିର ଶିକାର ହୋଇଥିବା ଯୁବତୀ କୋରାପୁଟରୁ ରାୟଗଡ଼ା ଯାଉଥିବା ବେଳେ ଅନ୍ୟ ମହିଳା ଜଣକ ଜୟପୁରରୁ ବ୍ରହ୍ମପୁର ଯାତ୍ରା କରୁଥିଲେ। ଲାପଟପ୍ ବ୍ୟାଗ୍‌ରେ ଅନ୍ୟାନ୍ୟ ଜିନିଷପତ୍ର ସହ କିଛି ଟଙ୍କା ମଧ୍ୟ ଥିବା ଯୁବତୀ ଜଣକ କହିଛନ୍ତି।ଏନେଇ ଲକ୍ଷ୍ମୀପୁର ଥାନାରେ ମାମଲା ରୁଜୁ ହୋଇଛି। ପୋଲିସ ତଦନ୍ତ ଜାରି ରଖିଛି। ଅନ୍ୟପକ୍ଷରେ, ଦୁଇ ଦୁର୍ବୃତ୍ତ ସେହି ବସ୍‌ରେ ଯାତ୍ରା କରି ଲକ୍ଷ୍ମୀପୁରରେ ଓହ୍ଲାଇଥିବା ସନ୍ଦେହ କରାଯାଉଛି। ଲଗାତାର ଚୋରି ଘଟଣାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢୁଥିବା ବେଳେ ଦୁର୍ବୃତ୍ତଙ୍କୁ ଚିହ୍ନଟ କରି ଗିରଫ କରିବା ପୋଲିସ ପାଇଁ ଏବେ ଚ୍ୟାଲେଞ୍ଜ ହୋଇଛି।

# ବୁଗୁଡ଼ାରେ ଏବିଭିପି ପକ୍ଷରୁ ଛାତ୍ର ନେତା ସମ୍ମିଳନୀ



## ବିଜୟୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା

ବୁଗୁଡ଼ା, ୨୪/୧୦/(ଅକ୍ଷର ଓଡିଶା ) : ସ୍ଥାନୀୟ ବିରଞ୍ଚି ନାରାୟଣ କଲ୍ୟାଣୀ ମଣ୍ଡପ ପରିସରରେ ଘୁମୁସର ସାଂଗଠନିକ ଜିଲ୍ଲା ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ପକ୍ଷରୁ ଛାତ୍ରନେତା ସମ୍ମିଳନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ବିଭିନ୍ନ ମହାବିଦ୍ୟାଳୟର ଛାତ୍ରନେତା ଓ ସଂଗଠନର କାର୍ଯ୍ୟକର୍ତ୍ତାଗଣ ଯୋଗ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଏବିଭିପିର ରାଷ୍ଟ୍ରୀୟ ସହ-ସଂଗଠନ ସମ୍ପାଦକ ଗୋବିନ୍ଦ ନାୟକ, ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ବରିଷ୍ଠ କାର୍ଯ୍ୟକର୍ତ୍ତା ଗୋପାଳ ନାୟକ, ଓଡ଼ିଶା ପୂର୍ବ ପ୍ରାନ୍ତର ସଂଗଠନ ସମ୍ପାଦକ ବୁଦ୍ଧଦେବ ବାଘ, ଏବିଭିପିର ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ରୁଦ୍ର ପ୍ରସାଦ ସେଠୀ, ବିଜେପି ଯୁବମୋର୍ଚ୍ଚାର ଘୁମୁସର ଜିଲ୍ଲା ସଭାପତି କୃଷ୍ଣଚନ୍ଦ୍ର ମହାପାତ୍ର, ବିଜେପି ବୁଗୁଡ଼ା ନଗର ସଭାପତି କେଦାରନାଥ ମହାରଣା ଏବଂ ଶେଷଦେବ ପାତ୍ର ପ୍ରମୁଖ ମଞ୍ଚାସୀନ ରହିଥିଲେ। ଏହି ଛାତ୍ରନେତା ସମ୍ମିଳନୀ ଅବସରରେ ବୁଗୁଡ଼ା ପିପୁଲ୍ସ କଲେଜ, ବାଲିପଦର ଆଞ୍ଚଳିକ ବିଜ୍ଞାନ ମହାବିଦ୍ୟାଳୟ ଏବଂ ଭଞ୍ଜନଗର ସାବିତ୍ରୀ ମହିଳା ମହାବିଦ୍ୟାଳୟର ଛାତ୍ର ସଂସଦ ନିର୍ବାଚନରେ ବିଜୟୀ ହୋଇଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ଅତିଥିମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ଏହା ସହିତ ଛାତ୍ର ନେତୃତ୍ୱ, ସାଂଗଠନିକ କାର୍ଯ୍ୟକଳାପ ଏବଂ ଛାତ୍ରଛାତ୍ରୀଙ୍କ ଭୂମିକାକୁ ନେଇ ଏହି ସମ୍ମିଳନୀରେ ଆଲୋଚନା କରାଯାଇଥିଲା । ଏହି କାର୍ଯ୍ୟକ୍ରମର ଶେଷରେ ଏବିଭିପି ଘୁମୁସର ଜିଲ୍ଲା ସଂଯୋଜକ ତଥା ବୁଗୁଡ଼ା ପିପୁଲ୍ସ କଲେଜ ଛାତ୍ର ସଂସଦର ନବ ନିର୍ବାଚିତ ସଭାପତି ସଂଗ୍ରାମ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# କେନ୍ଦୁଝରରେ ଆୟୁଷ୍ମାନ କାର୍ଡକୁ ନେଇ ସାଂଘାତିକ ଅଭିଯୋଗ

## ପରିବାରକୁ ନଜଣାଇ ଲୋକଙ୍କ ମୋତିଆବିନ୍ଦୁ ଅପରେସନ





କେନ୍ଦୁଝର, ୨୪/୧୦ (ଦିଲ୍ଲୀପ କୁମାର ସାହୁ): ଗରିବ ଓ ଅସହାୟ ଲୋକଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇଦେବା ପାଇଁ ସରକାର ଆରମ୍ଭ କରିଥିବା ଆୟୁଷ୍ମାନ ଭାରତ ଯୋଜନାକୁ ନେଇ କେନ୍ଦୁଝରରେ ଉଠିଛି ସାଂଘାତିକ ପ୍ରଶ୍ନ। ସ୍ୱାସ୍ଥ୍ୟ ପରୀକ୍ଷା ଓ ଉତ୍ତମ ଚିକିତ୍ସାର ପ୍ରଲୋଭନ ଦେଖାଇ ଅସହାୟ ବୃଦ୍ଧବୃଦ୍ଧାଙ୍କୁ ଘରୁ ଆଣି ପରିବାରର ସହମତି ବିନା ମୋତିଆବିନ୍ଦୁ ଅପରେସନ କରାଯାଉଥିବା ଅଭିଯୋଗ ସ୍ୱାସ୍ଥ୍ୟ ବିଭାଗର କାର୍ଯ୍ୟପ୍ରଣାଳୀ ଉପରେ ଗୁରୁତର ପ୍ରଶ୍ନଚିହ୍ନ ଲଗାଇଛି। ଏହି ଘଟଣାରେ କେନ୍ଦୁଝର ଲାବଣ୍ୟଛକସ୍ଥିତ ସଞ୍ଜିବନୀ ହସ୍ପିଟାଲକୁ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଓ ଜନସ୍ୱାସ୍ଥ୍ୟ ଅଧିକାରୀ (ସିଡିଏମ୍‌ଓ) କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। ସାତ ଦିନ ମଧ୍ୟରେ ଏହାର ଉତ୍ତର ଦେବାକୁ ହସ୍ପିଟାଲ କର୍ତ୍ତୃପକ୍ଷଙ୍କୁ କୁହାଯାଇଛି।

ଅଭିଯୋଗ ଅନୁଯାୟୀ, ଝୁମ୍ପୁରା ଥାନା ଅନ୍ତର୍ଗତ ନହବେଡ଼ା ଗ୍ରାମର ରାଧା କାଳନ୍ଦୀ (୬୨)ଙ୍କୁ ଗତ ୭ ତାରିଖ ଅପରାହ୍ନରେ ସ୍ୱାସ୍ଥ୍ୟ ପରୀକ୍ଷା କରାଇଦେବା ଆଳରେ କିଛି ଲୋକ ଏକ ବୋଲେରୋ ଗାଡ଼ିରେ ନେଇ ଆସିଥିଲେ। ରାଧାଙ୍କୁ ଗ୍ରାମ ଓ ଆଖପାଖ ଅଞ୍ଚଳରେ ଖୋଜି ନପାଇ ତାଙ୍କ ପୁତୁରା ଗଜେନ୍ଦ୍ର କାଳନ୍ଦୀ ସେହି ରାତିରେ ଝୁମ୍ପୁରା ଥାନାକୁ ମୌଖିକ ଭାବେ ଜଣାଇଥିଲେ। ପରେ କେନ୍ଦୁଝର ସହରରେ ଖୋଜାଖୋଜି କରିବା ସମୟରେ ଲାବଣ୍ୟଛକସ୍ଥିତ ସଞ୍ଜିବନୀ ହସ୍ପିଟାଲରେ ତାଙ୍କ କକାଙ୍କର ମୋତିଆବିନ୍ଦୁ ଅପରେସନ ହୋଇଥିବା ଜାଣିବାକୁ ପାଇଥିଲେ। ପରିବାର ଲୋକଙ୍କୁ ନଜଣାଇ ଏବଂ ସେମାନଙ୍କ ସହମତି ବିନା ଅପରେସନ କରାଯାଇଥିବା ଅଭିଯୋଗ କରି ଗଜେନ୍ଦ୍ର ଗତ ୮ ତାରିଖରେ ଝୁମ୍ପୁରା ଥାନାରେ ଏତଲା ଦେଇଥିଲେ। ଏହାପରେ ପୋଲିସ ମାମଲା ରୁଜୁ କରିଥିବା ଜଣାପଡ଼ିଛି। ସେହିଭଳି ସେହି ସପ୍ତାହରେ ସଂପୃକ୍ତ ହସପିଟାଲ ଦ୍ୱାରା କେନ୍ଦୁଝର ଓ ସୁନ୍ଦରଗଡ଼ ଜିଲ୍ଲାର ଅନ୍ୟ ୬ ଜଣଙ୍କୁ ମଧ୍ୟ ଜୋର ଜବରଦସ୍ତ ଗାଡ଼ିରେ ଉଠାଇ ଆଣି ମୋତିଆବିନ୍ଦୁ ଅସ୍ତ୍ରୋପଚାର କରାଯିବାର ଅଭିଯୋଗ ହୋଇଥିଲା।କେବଳ ରାଧା କାଳନ୍ଦୀଙ୍କ ଘଟଣା ନୁହେଁ, ଅନ୍ୟ ଅସହାୟ ବୃଦ୍ଧବୃଦ୍ଧାଙ୍କୁ ମଧ୍ୟ ଚିକିତ୍ସାର ପ୍ରଲୋଭନ ଦେଖାଇ ହସ୍ପିଟାଲକୁ ଅଣାଯାଉଥିବା ଏବଂ ଆୟୁଷ୍ମାନ ଭାରତ ଯୋଜନାରେ ଚିକିତ୍ସା ବାବଦ ଅର୍ଥ ଦାବି କିମ୍ବା ଉଠାଯାଉଥିବା ଅଭିଯୋଗ ହୋଇଛି। ଏପରିକି ମୋତିଆବିନ୍ଦୁ ନଥିବା ଲୋକଙ୍କର ମଧ୍ୟ ଅପରେସନ କରାଯାଉଥିବା ନେଇ କେତେକ ପୀଡ଼ିତ ଅଭିଯୋଗ କରିଥିବା କୁହାଯାଉଛି। ତେବେ ଏହି ଅଭିଯୋଗଗୁଡ଼ିକର ସତ୍ୟତା ତଦନ୍ତ ପରେ ହିଁ ସ୍ପଷ୍ଟ ହେବ। ପୂର୍ବରୁ ଏହି ଘଟଣା ସମ୍ପର୍କରେ ଖବର ପ୍ରକାଶ ପାଇବା ପରେ ଏବେ ସ୍ୱାସ୍ଥ୍ୟ ବିଭାଗର ନୋଟିସ ଘଟଣାକୁ ନୂଆ ମୋଡ଼ ଦେଇଛି। ଯଦି ରୋଗୀଙ୍କୁ ପ୍ରକୃତରେ ବିନା ସମ୍ମତିରେ ଅପରେସନ କରାଯାଇଥାଏ, ତେବେ ଏହା ରୋଗୀଙ୍କ ଅଧିକାର ଓ ଚିକିତ୍ସା ନୈତିକତାକୁ ନେଇ ଗୁରୁତର ପ୍ରଶ୍ନ ଉଠାଉଛି।ଏବେ ପ୍ରଶ୍ନ ଉଠୁଛି, ସଞ୍ଜିବନୀ ହସ୍ପିଟାଲକୁ କାରଣ ଦର୍ଶାଅ ନୋଟିସ ଜାରି କରି ସ୍ୱାସ୍ଥ୍ୟ ବିଭାଗ ନିଜ ଦାୟିତ୍ୱ ସାରିଦେବ କି? ନା ଏହି ଅଭିଯୋଗର ମୂଳ ପର୍ଯ୍ୟନ୍ତ ପହଞ୍ଚିବା ପାଇଁ ନିରପେକ୍ଷ ତଦନ୍ତ କରାଯିବ? ହସ୍ପିଟାଲର ସ୍ୱୀକୃତି, ଅପରେସନ ସମ୍ପର୍କିତ ରେକର୍ଡ, ରୋଗୀଙ୍କ ରୋଗ ନିର୍ଣ୍ଣୟ, ଅପରେସନ ପୂର୍ବରୁ ନିଆଯାଇଥିବା ସମ୍ମତିପତ୍ର ଏବଂ ଆୟୁଷ୍ମାନ ଯୋଜନାରେ ଦାବି କରାଯାଇଥିବା ଅର୍ଥର ଯାଞ୍ଚ ଜରୁରୀ ହୋଇପଡ଼ିଛି। ଏଥିସହ ପୋଲିସ ତଦନ୍ତରେ ରୋଗୀଙ୍କୁ କିଏ ଓ କେଉଁ ଉଦ୍ଦେଶ୍ୟରେ ହସ୍ପିଟାଲକୁ ଆଣିଥିଲା, ପରିବାରର ସମ୍ମତି ନିଆଯାଇଥିଲା କି ନାହିଁ ଏବଂ ଚିକିତ୍ସା ବାବଦରେ କୌଣସି ଅନିୟମିତତା ହୋଇଛି କି ନାହିଁ, ତାହାର ତଦନ୍ତ ହେବା ଆବଶ୍ୟକ। ସରକାରୀ ଯୋଜନାର ଲକ୍ଷ୍ୟ ଗରିବଙ୍କୁ ଚିକିତ୍ସା ସୁରକ୍ଷା ଦେବା, ସେମାନଙ୍କ ଅସହାୟତାର ସୁଯୋଗ ନେବା ନୁହେଁ। ତେଣୁ ଏହି ଅଭିଯୋଗରେ ନିରପେକ୍ଷ ତଦନ୍ତ କରି ସତ୍ୟାସତ୍ୟ ସାମ୍ନାକୁ ଆଣିବା ସହ ଦୋଷ ପ୍ରମାଣିତ ହେଲେ ଦାୟୀ ବ୍ୟକ୍ତି ଓ ସଂସ୍ଥା ବିରୋଧରେ ଆଇନ ଅନୁଯାୟୀ କଠୋର ପଦକ୍ଷେପ ନେବାକୁ ସଚେତନ ମହଲରେ ଦାବି ହେଉଛି।




**ଚୌଧୁରୀ ରମାକାନ୍ତ ଦାସ**
ମୁଖ୍ୟ ସମ୍ପାଦକ, ଅକ୍ଷର ଓଡ଼ିଶା
ଅବସରପ୍ରାପ୍ତ ଯୁଗ୍ମ ସଚିବ
ରାଜ୍ୟସଭା, ସଂସଦ ଭବନ
ନୂଆଦିଲ୍ଲୀ - ୧୧୦୦୦୧


## ମୁଖ୍ୟ ସମ୍ପାଦକଙ୍କ କଲମରୁ

# ପରିଯୋଜନା

ବିଗତ ଏକ ଦଶନ୍ଧି ମଧ୍ୟରେ, ଭାରତର ନିର୍ମାଣ ପରିଦୃଶ୍ୟରେ ଏକ ବିରାଟ ଗଠନମୂଳକ ପରିବର୍ତ୍ତନ ଘଟିଛି- ଏଭଳି ପରିବର୍ତ୍ତନ, ଯାହା କେବଳ ଭିତ୍ତିଭୂମି କ୍ଷେତ୍ରର ନିର୍ମାଣ ମଧ୍ୟରେ ସୀମିତ ହୋଇ ରହିନାହିଁ, ବରଂ ପ୍ରଶାସନ ଏବଂ ସେବା ଭଳି କ୍ଷେତ୍ରର ସଂରଚନା ପର୍ଯ୍ୟନ୍ତ ମଧ୍ୟ ବିସ୍ତାରିତ ହୋଇଛି । ବିଗତ ପର୍ଯ୍ୟାୟ ତୁଳନାରେ ଚଳିତ ପର୍ଯ୍ୟାୟର ବିଶେଷତା କେବଳ ନିବେଶ ମାତ୍ରାର କିମ୍ବା କାର୍ଯ୍ୟାନ୍ୱୟନର ଗତି ସହିତ ସମ୍ବନ୍ଧିତ ନୁହେଁ, ବରଂ ଏହି ଘଟଣା ମଧ୍ୟ ଦର୍ଶାଉଛି ଯେ ଏକ ସୁସଙ୍ଗତ, ପରିଣାମ ଉନ୍ମୁକ୍ତ ପଦ୍ଧତି ସେଥିରୁ ମୁଣ୍ଡ ଟେକିଛି, ଯାହା ନୀତିଗତ ଉଦ୍ଦେଶ୍ୟ, ସଂଘୀୟ ସହଯୋଗ ଏବଂ ବାସ୍ତବ କ୍ଷେତ୍ରରେ ତାହା କାର୍ଯ୍ୟାନ୍ୱୟନ ଅନୁରୂପ ଭାବେ ସାବ୍ୟସ୍ତ ହୋଇଛି । ଆଜି, ଭାରତ ନିର୍ଣ୍ଣାୟକ ଭାବେ ଏକ ଡାଞ୍ଚା ଆଧାରିତ ପ୍ରଶାସନ ମଡେଲ ଦିଗରେ ଆଗକୁ ଅଗ୍ରସର ହେଉଛି । ଏହା ଏଭଳି ଏକ ମଡେଲ, ଯାହା ନିର୍ମାଣକୁ ଭିନ୍ନ ଭିନ୍ନ ପରିଯୋଜନା ସମୂହ ପରିବର୍ତ୍ତେ ଏକୀକୃତ ରାଷ୍ଟ୍ରୀୟ ପଦ୍ଧତି ଭାବରେ ହିଁ ଦେଖୁଛି ।

ଭିନ୍ନ ଭିନ୍ନ ପରିଯୋଜନା ପରିବର୍ତ୍ତେ, ପଦ୍ଧତିର ସହାୟତା ଦ୍ୱାରା ପରିଣାମର ବିସ୍ତାର ଏଭଳି ପରିବର୍ତ୍ତନର ସ୍ପଷ୍ଟ ପ୍ରମାଣ ହେଉଛି ରାଷ୍ଟ୍ରୀୟ ରାଜମାର୍ଗ ନେଟୱାର୍କର ବିସ୍ତାରଣ ଯାହା ୨୦୧୪ ମସିହାରେ ହାରାହାରି ୯୧,୦୦୦ କିଲୋମିଟର ଥିଲା ଏବଂ ତାହା ୨୦୨୪ ମସିହାରେ ବୃଦ୍ଧି ପାଇ ୧.୪୬ ଲକ୍ଷ କିଲୋମିଟରରୁ ଅଧିକ ହୋଇପାରିଛି । ନିର୍ମାଣର ଗତିରେ ହୋଇଥିବା ଏହି ଅଭିବୃଦ୍ଧି ମଧ୍ୟ ସମାନ ମହତ୍ତ୍ୱ ବହନ କରେ, ଯାହା ପ୍ରତିଦିନ ହାରାହାରି ୧୨ କିଲୋମିଟରରୁ ବୃଦ୍ଧି ପାଇ ବର୍ତ୍ତମାନ ୩୪ କିଲୋମିଟରରୁ ଅଧିକ ହୋଇପାରିଛି। ଏଭଳି ଗତିକୁ ସାଧାରଣତଃ ପ୍ରଯୁକ୍ତିର ଉପଲବ୍ଧି ବୋଲି ବିବେଚନା କରାଯାଇଥାଏ । ବାସ୍ତବ ପକ୍ଷେ, ଏହିସବୁ ପରିଯୋଜନାଗୁଡ଼ିକ ଭିନ୍ନ ଭିନ୍ନ ପ୍ରସଙ୍ଗଙ୍କୁ ସହଜ ଭାବରେ ସମନ୍ୱିତ କରିବା ସହ ଜଡ଼ିତ । ଏହା ଏଭଳି ଏକ ପଦ୍ଧତିକୁ ପ୍ରତିବିମ୍ବିତ କରେ, ଯେଉଁଠାରେ ସକଳ ପ୍ରକାର ବାଧାବିଘ୍ନର ପୂର୍ବାନୁମାନ କରାଯାଇ ପାରିବ ଏବଂ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ସେସବୁର ସମାଧାନ ମଧ୍ୟ କରାଯାଇହେବ ।

ସାର୍ବଜନୀନ ନୀତି ଦୃଷ୍ଟିକୋଣରୁ, ଏହି ସବୁ ପରିଯୋଜନାଗୁଡ଼ିକ କ୍ଷିପ୍ରତାର ସହିତ ସମ୍ପୂର୍ଣ୍ଣ ହେବାର ସିଧାସଳଖ ଉଦ୍ଦେଶ୍ୟ ହେଲା ଏହା ସାମାଜିକ ଏବଂ ଆର୍ଥିକ ଫାଇଦା ଯଥା ଶୀଘ୍ର ପ୍ରାପ୍ତ ହେବା ଗାଁ, ବଜାରଘାଟ ସହିତ ଜ?ିତ ଏହିସବୁ ପ୍ରକଳ୍ପ, ସ୍ୱାସ୍ଥ୍ୟ ଏବଂ ଶିକ୍ଷା ପର୍ଯ୍ୟନ୍ତ ସହଜରେ ପହଞ୍ଚି ପାରିବାର ସୁବିଧା ପ୍ରାପ୍ତି ଏବଂ ଆପଦ ବିପଦରୁ ସୁରକ୍ଷା ପାଇବାର ଗତିବିଧି ତଥା ରାଷ୍ଟ୍ରୀୟ ସହନୀୟତା ବ୍ୟବସ୍ଥାକୁ ଅଧିକ ମଜଭୁତ କରିବା । ଏଭଳି ଲଜିଷ୍ଟିକ୍ସ ନିମନ୍ତେ ଖର୍ଚ୍ଚକୁ କମ୍ କରିବା ପାଇଁ ଔଦ୍ୟୋଗିକ ବିକାଶ ମଧ୍ୟ ମହତ୍ତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି ।

ଉତ୍ତରଦାୟିତ୍ୱକୁ ସଂସ୍ଥାଗତ ରୂପ ପ୍ରଦାନ: ସମୀକ୍ଷା ଠାରୁ ସମାଧାନ ପର୍ଯ୍ୟନ୍ତ ଚଳିତ ଦଶକର ଏକ ପ୍ରମୁଖ ବିଶେଷତା ହେଉଛି- ସମୟବଦ୍ଧ ଭାବେ ଉତ୍ତର ଦାୟିତ୍ୱକୁ ସଂସ୍ଥାଗତ ରୂପ ପ୍ରଦାନ କରିବା । ପ୍ରଗତି (ସକ୍ରିୟ ଶାସନ ଏବଂ ସମୟବଦ୍ଧ ଭାବରେ କାର୍ଯ୍ୟାନନ୍ୱୟନ)ର ଆରମ୍ଭ ଠାରୁ ନେଇ ଜଟିଳ, ଆନ୍ତଃ ମନ୍ତ୍ରାଳୟସ୍ତରୀୟ ପରିଯୋଜନାଗୁଡ଼ିକର ପ୍ରବନ୍ଧନକୁ ଏକ ନୂତନ ଦିଗ ପ୍ରାପ୍ତ ହୋଇପାରିଛି ।

# କୁମାର ପୂର୍ଣ୍ଣିମାର ମଧୁର ପରମ୍ପରା, ନାରୀତ୍ୱର ଗୌରବ ଓ କୁମାରୀ ଜୀବନର ସୁନେଲି ସ୍ୱପ୍ନ

''କୁଆଁର ପୁନେଇଁ ଜହ୍ନ ଗୋ,
ଫୁଲ ବଉଳ ବେଣୀ...''

ଏହି ମଧୁର ଲୋକଗୀତର ସ୍ୱରରେ ଯେତେବେଳେ ଗାଁଠୁ ସହର ପର୍ଯ୍ୟନ୍ତ ପ୍ରକୃତି ଓ ପରମ୍ପରାର ଏକ ଅପୂର୍ବ ମିଳନ ଘଟେ, ସେତେବେଳେ ମନେହୁଏ ଓଡ଼ିଶାର ମାଟିରେ ଶରତର ଜହ୍ନ ନୁହେଁ, ସତେ ଯେପରି ଖୁସିର ଏକ ରୁପା ଥାଳି ଓହ୍ଲାଇ ଆସିଛି। ନୀଳ ଆକାଶରେ ଝଲମଲ କରୁଥିବା ପୂର୍ଣ୍ଣଚନ୍ଦ୍ର, ଶିଶିରଭିଜା ରାତି, ଫୁଲର ସୁଗନ୍ଧ, ନୂଆ ପୋଷାକରେ ସଜେଇ ହୋଇଥିବା କୁମାରୀମାନଙ୍କ ମୁହଁରେ ହସ ଏବଂ ଘରେ ଘରେ ଆନନ୍ଦର ଆସରଏସବୁ ମିଶି କୁମାର ପୂର୍ଣ୍ଣିମାକୁ ଓଡ଼ିଆ ଜୀବନର ଏକ ଅବିସ୍ମରଣୀୟ ପର୍ବରେ ପରିଣତ କରିଛି ।କୁମାର ପୂର୍ଣ୍ଣିମା କେବଳ ଏକ ଧାର୍ମିକ ଉତ୍ସବ ନୁହେଁ ଏହା ଆମ ମାଟିର ସଂସ୍କୃତି, ଲୋକବିଶ୍ୱାସ, ପାରିବାରିକ ସ୍ନେହ, ଯୌବନର ଉତ୍ସାହ ଓ ସୁନ୍ଦର ଭବିଷ୍ୟତର ସ୍ୱପ୍ନକୁ ଏକ ସୂତ୍ରରେ ବାନ୍ଧି ରଖିଥିବା ଏକ ଅନନ୍ୟ ପର୍ବ। ଏହି ପର୍ବର ପ୍ରତ୍ୟେକ ରୀତିନୀତି ଭିତରେ ଲୁଚି ରହିଛି ଜୀବନକୁ ଭଲ ପାଇବା, ଆଶାକୁ ଜୀବନ୍ତ ରଖିବା ଓ ନିଜ ସଂସ୍କୃତିକୁ ଆଦର କରିବାର ଏକ ମହାନ ବାର୍ତ୍ତା।

ବର୍ଷାର ବିଦାୟ ପରେ ଶରତ ଋତୁ ପ୍ରକୃତିର କୋଳରେ ଭରିଦିଏ ନୂତନ ସୌନ୍ଦର୍ଯ୍ୟ। ଆକାଶ ହୁଏ ନିର୍ମଳ, ମେଘର ଖଣ୍ଡଖଣ୍ଡ ଭେଳା ମଧ୍ୟରେ ଚନ୍ଦ୍ରମା ହସି ଉଠେ। ଏହି ଋତୁର ପୂର୍ଣ୍ଣିମା ରାତି ଓଡ଼ିଆ ମନରେ ଏକ ସ୍ୱତନ୍ତ୍ର ଅନୁଭବ ଜାଗ୍ରତ କରେ। ଚନ୍ଦ୍ରର ଶୀତଳ ଜ୍ୟୋସ୍ନା ଯେପରି ଧରଣୀର କ୍ଲାନ୍ତିକୁ ଦୂର କରି ନୂଆ ଜୀବନର ସନ୍ଦେଶ ଦିଏ। ଏହି ମନୋରମ ପରିବେଶରେ ପାଳିତ ହୁଏ କୁମାର ପୂର୍ଣ୍ଣିମା। ଓଡ଼ିଆ ଘରର ଝିଅମାନେ ପ୍ରଭାତରୁ ସ୍ନାନ କରି ନୂଆ ପୋଷାକ ପିନ୍ଧନ୍ତି, ଚନ୍ଦ୍ରପୂଜା ପାଇଁ ପ୍ରସ୍ତୁତ ହୁଅନ୍ତି ଏବଂ ପାରମ୍ପରିକ ରୀତିରେ ଚାନ୍ଦକୁ ଆଞ୍ଜୁଳି ଟେକି ନିଜର ମନୋକାମନା ଜଣାନ୍ତି ।କେତେକ ଅଞ୍ଚଳରେ ସକାଳୁ ସୂର୍ଯ୍ୟପୂଜା ଓ ସନ୍ଧ୍ୟାରେ ଚନ୍ଦ୍ରପୂଜାର ପରମ୍ପରା ମଧ୍ୟ ପ୍ରଚଳିତ। ଏହି ପୂଜାର ମୂଳରେ ରହିଛି ପ୍ରକୃତି ପ୍ରତି ଶ୍ରଦ୍ଧା, ମନର ପବିତ୍ରତା ଓ ଜୀବନର ମଙ୍ଗଳ କାମନା।

ପରମ୍ପରା ଅନୁସାରେ କୁମାର ପୂର୍ଣ୍ଣିମାର ନାମ ଭଗବାନ କାର୍ତ୍ତିକେୟଙ୍କ ସହ ଜଡ଼ିତ। ସେ ଦେବସେନାପତି, ସାହସ, ଶକ୍ତି, ବୀରତ୍ୱ ଓ ବିଜୟର ପ୍ରତୀକ ଭାବରେ ପୂଜିତ। ଲୋକବିଶ୍ୱାସରେ ଏହି ଦିନ କୁମାରୀମାନେ ସୁନ୍ଦର, ଗୁଣବାନ ଓ ଯୋଗ୍ୟ ଜୀବନସାଥୀ ପାଇବାର କାମନା କରିଥାନ୍ତି। କିନ୍ତୁ ଆଜିର ସମୟରେ ଏହି ପର୍ବର ତାତ୍ପର୍ଯ୍ୟକୁ ଆହୁରି ବ୍ୟାପକ ଭାବେ ବୁଝିବା ଆବଶ୍ୟକ। ଜୀବନରେ ଜଣେ ମଣିଷର ପ୍ରକୃତ ସୌନ୍ଦର୍ଯ୍ୟ କେବଳ ରୂପରେ ନୁହେଁ ତାହାର ଚରିତ୍ର, ଜ୍ଞାନ, ଆତ୍ମବିଶ୍ୱାସ, ସହାନୁଭୂତି ଓ କର୍ମନିଷ୍ଠାରେ ରହିଛି। ତେଣୁ କୁମାର ପୂର୍ଣ୍ଣିମାର ପୂଜା ଆମକୁ ନିଜ ଜୀବନକୁ ମୂଲ୍ୟବାନ କରିବା, ଉତ୍ତମ ଗୁଣ ଆହରଣ କରିବା ଓ ଭଲ ମଣିଷ ହେବାର ସଂକଳ୍ପ ନେବାକୁ ପ୍ରେରଣା ଦେଉ।

କୁମାର ପୂର୍ଣ୍ଣିମାର ସବୁଠାରୁ ଆକର୍ଷଣୀୟ ଦୃଶ୍ୟ ହେଉଛି କୁମାରୀମାନଙ୍କ ଉତ୍ସାହ ଓ ଉଲ୍ଲାସ। ସୁନ୍ଦର ପୋଷାକ, ଫୁଲରେ ସଜ୍ଜିତ କେଶ, ହାତରେ ପୂଜାଥାଳି ଏବଂ ଓଠରେ ଲୋକଗୀତର ମଧୁର ସ୍ୱରସବୁକିଛି ମିଶି ପର୍ବକୁ ଜୀବନ୍ତ କରିଦିଏ। ସାଙ୍ଗସାଥୀଙ୍କ ସହ ମିଳାମିଶା, ହସଖୁସି, ଚାନ୍ଦକୁ ଦେଖି ଆଞ୍ଜୁଳି ଟେକିବା ଏବଂ ମନର ଇଚ୍ଛା ପ୍ରକାଶ କରିବା ଭିତରେ ରହିଥାଏ ଅନେକ ମଧୁର ସ୍ମୃତି। କିନ୍ତୁ ଏହି ଜହ୍ନରାତି କେବଳ ସଜବାଜ ଓ ଉତ୍ସବରେ ସୀମିତ ନ ରହୁ। ଏହା ହେଉ ନିଜକୁ ଚିହ୍ନିବାର ରାତି, ନିଜ ସ୍ୱପ୍ନକୁ ଚିହ୍ନିବାର ରାତି ଏବଂ ଭବିଷ୍ୟତ ପାଇଁ ନୂଆ ସଂକଳ୍ପ ନେବାର ରାତି। ହେ ଓଡ଼ିଶାର କୁମାରୀମାନେ ! ତୁମେ ଏହି ଦେଶର ଭବିଷ୍ୟତ, ପରିବାରର ଆଶା ଏବଂ ସମାଜର ଶକ୍ତି। ତୁମ ଆଖିରେ ଥିବା ସ୍ୱପ୍ନଗୁଡ଼ିକୁ ଛୋଟ ଭାବନାହିଁ। ତୁମ ମନରେ ଯଦି ଡାକ୍ତର, ଶିକ୍ଷୟିତ୍ରୀ, ବୈଜ୍ଞାନିକ, ପ୍ରଶାସନିକ ଅଧିକାରୀ, ଲେଖିକା, କଳାକାର, କ୍ରୀଡ଼ାବିତ୍ କିମ୍ବା ଉଦ୍ୟୋଗୀ ହେବାର ସ୍ୱପ୍ନ ଅଛି, ତେବେ ସେହି ସ୍ୱପ୍ନକୁ ସାକାର କରିବା ପାଇଁ ଆଜିଠାରୁ ନିଷ୍ଠାର ସହିତ ପରିଶ୍ରମ କର। ଚନ୍ଦ୍ରମା ଯେପରି ଅନ୍ଧକାର ଆକାଶରେ ନିଜ ଆଲୋକ ବିଛାଇ ଦିଏ, ତୁମେ ମଧ୍ୟ ନିଜ ଜ୍ଞାନ, ଦକ୍ଷତା ଓ ସତ୍କର୍ମରେ ନିଜ ପରିବାର, ଗାଁ, ସହର ଓ ସମଗ୍ର ସମାଜକୁ ଆଲୋକିତ କର। ନିଜ ଉପରେ ବିଶ୍ୱାସ ରଖ। ବିଫଳତାକୁ ଭୟ ନ କରି ତାହାରୁ ଶିକ୍ଷା ଗ୍ରହଣ କର। ଅନ୍ୟ କାହାର ସଫଳତାକୁ ଦେଖି ନିଜକୁ ଛୋଟ ମନେ କରନାହିଁ ପ୍ରତ୍ୟେକଙ୍କ ଯାତ୍ରା ଭିନ୍ନ, ପ୍ରତ୍ୟେକଙ୍କ ପ୍ରତିଭା ସ୍ୱତନ୍ତ୍ର।

ଆଜିର ଯୁଗରେ କୁମାର ପୂର୍ଣ୍ଣିମାର ଏକ ମୁଖ୍ୟ ସନ୍ଦେଶ ହେଉଛି ନାରୀର ସମ୍ମାନ ଓ ସ୍ୱାଧୀନତା। ଝିଅଟିଏ କେବଳ କାହାର ଝିଅ, ଭଉଣୀ, ପତ୍ନୀ କିମ୍ବା ମାଆ ହେବାରେ ସୀମିତ ନୁହେଁ। ସେ ନିଜେ ଏକ ସ୍ୱତନ୍ତ୍ର ପରିଚୟ, ଏକ ସମ୍ଭାବନା ଓ ଏକ ସମ୍ପୂର୍ଣ୍ଣ ମଣିଷ ।ତାକୁ ଶିକ୍ଷାର ସୁଯୋଗ ମିଳୁ, ନିଜ ମତ ପ୍ରକାଶ କରିବାର




**ଦିଲ୍ଲୀପ କୁମାର ସାହୁ**
ବରିଷ୍ଠ ସାମ୍ବାଦିକ, 'ପ୍ରଫୁଲ୍ଲ ଭବନ',
ଡିମ୍ବୋ, କେନ୍ଦୁଝର-୭୫୮୦୧୪


ଅଧିକାର ମିଳୁ, ନିଜ ଦକ୍ଷତା ପ୍ରମାଣ କରିବାର ପରିବେଶ ମିଳୁ। ତାର ସ୍ୱପ୍ନକୁ ପରିବାର ସମ୍ମାନ ଦେଉ ଏବଂ ସମାଜ ତାକୁ ଆଗକୁ ବଢ଼ିବାର ପଥ ଦେଖାଉ। ଝିଅମାନଙ୍କୁ ଅନ୍ୟଙ୍କ ସହ ତୁଳନା କରିବା ପରିବର୍ତ୍ତେ ସେମାନଙ୍କ ନିଜସ୍ୱ ପ୍ରତିଭାକୁ ଚିହ୍ନିବା ଦରକାର ।କୁମାରୀମାନଙ୍କ ଭବିଷ୍ୟତ କେବଳ ବିବାହ କିମ୍ବା ପାରମ୍ପରିକ ଭୂମିକା ଦ୍ୱାରା ନିର୍ଦ୍ଧାରିତ ହେବା ଉଚିତ ନୁହେଁ। ସେମାନେ କେବେ ବିବାହ କରିବେ, କେଉଁ କ୍ଷେତ୍ରରେ କାର୍ଯ୍ୟ କରିବେ, କେଉଁ ସ୍ୱପ୍ନକୁ ଅନୁସରଣ କରିବେଏସବୁ ନିଷ୍ପତ୍ତିରେ ସେମାନଙ୍କ ଇଚ୍ଛା, ପ୍ରସ୍ତୁତି ଓ ସମ୍ମତିକୁ ଗୁରୁତ୍ୱ ଦିଆଯିବା ଆବଶ୍ୟକ। ପ୍ରକୃତ ସମ୍ମାନ ସେତେବେଳେ ମିଳିବ, ଯେତେବେଳେ ଝିଅଟିଏ ନିଜ ଜୀବନର ଦିଗ ନିଜେ ବାଛିବାର ସୁଯୋଗ ପାଇବ।

ଆଧୁନିକତାର ଦ୍ରୁତ ଗତିରେ ଆମ ଲୋକପରମ୍ପରା ଓ ଲୋକଗୀତ କ୍ରମେ ଆଢୁଆଳରେ ରହିଯାଉଛି। ମୋବାଇଲ୍‌ର ପରଦାରେ ଆଜିର ଯୁବପିଢ଼ି ଅନେକ ନୂଆ ଜଗତ ଦେଖୁଛନ୍ତି କିନ୍ତୁ ନିଜ ମାଟିର ଗୀତ, ନିଜ ଗାଁର ପରମ୍ପରା ଓ ନିଜ ସଂସ୍କୃତିର ମହକକୁ ଭୁଲିଯିବା ଉଚିତ ନୁହେଁ। କୁମାର ପୂର୍ଣ୍ଣିମା ଅବସରରେ କୁମାରୀମାନେ ଓଡ଼ିଆ ଲୋକଗୀତ ଶିଖନ୍ତୁ, ଘରର ବୟୋଜ୍ୟେଷ୍ଠଙ୍କଠାରୁ ପୁରୁଣା ପରମ୍ପରା ବିଷୟରେ ଜାଣନ୍ତୁ, ନିଜ ଅଞ୍ଚଳର ଲୋକକଳା ଓ ଲୋକସାହିତ୍ୟକୁ ଆଦର କରନ୍ତୁ। ବିଦ୍ୟାଳୟ, ମହାବିଦ୍ୟାଳୟ ଓ ସାଂସ୍କୃତିକ ଅନୁଷ୍ଠାନଗୁଡ଼ିକରେ ଏହି ପର୍ବକୁ ନେଇ ଗୀତ, ନୃତ୍ୟ, କବିତା ଆବୃତ୍ତି ଓ ପାରମ୍ପରିକ କ୍ରୀଡ଼ାର ଆୟୋଜନ କରାଯାଉ। ଏହାଦ୍ୱାରା ନୂଆ ପିଢ଼ି ନିଜ ସଂସ୍କୃତି ସହ ଯୋଡ଼ି ହୋଇ ରହିପାରିବ। ପରମ୍ପରାର ସୁରକ୍ଷା ଅର୍ଥ ଅତୀତକୁ ଅନ୍ଧଭାବେ ଅନୁସରଣ କରିବା ନୁହେଁ ବରଂ ତାହାର ଭଲ ଦିଗଗୁଡ଼ିକୁ ଗ୍ରହଣ କରି ସମୟୋପଯୋଗୀ ମୂଲ୍ୟବୋଧ ସହ ଆଗକୁ ବଢ଼ିବା। ଏହା ହିଁ ଆମ ସଂସ୍କୃତିର ଜୀବନ୍ତତା।

କୁମାର ପୂର୍ଣ୍ଣିମାର ଜହ୍ନ ଆମକୁ ଶିଖାଏ ଯେ ଅନ୍ଧକାର ମଧ୍ୟରେ ମଧ୍ୟ ଆଲୋକର ସମ୍ଭାବନା ରହିଛି। ଜୀବନର ପଥ ସବୁବେଳେ ସମତଳ ନୁହେଁ। କେବେ ବାଧା ଆସିବ, କେବେ ନିରାଶା ଘେରିବ, କେବେ ନିଜ ଦକ୍ଷତା ଉପରେ ସନ୍ଦେହ ହେବ। କିନ୍ତୁ ସେହି ସମୟରେ ନିଜ ମନର ଆଲୋକକୁ ଲିଭିବାକୁ ଦେବା ନାହିଁ।ହେ ଓଡ଼ିଶାର କୁମାରୀମାନେ, ତୁମେ ନିଜକୁ ଭଲ ପାଅ, ନିଜ ଶରୀର ଓ ମନର ଯତ୍ନ ନିଅ, ଶିକ୍ଷାକୁ ଜୀବନର ଶ୍ରେଷ୍ଠ ସମ୍ପଦ ଭାବେ ଗ୍ରହଣ କର। ଭଲ ସାଙ୍ଗ ବାଛ, ନିଜ ସୁରକ୍ଷା ସମ୍ପର୍କରେ ସଚେତନ ରୁହ ଏବଂ ଆବଶ୍ୟକ ସମୟରେ ପରିବାର, ଶିକ୍ଷକ କିମ୍ବା ବିଶ୍ୱସ୍ତ ବ୍ୟକ୍ତିଙ୍କ ସହାୟତା ନିଅ। ଅନ୍ୟର ସଫଳତାରେ ଖୁସି ହୁଅ, ଦୁର୍ବଳଙ୍କୁ ସାହାଯ୍ୟ କର ଏବଂ ନିଜ ସଫଳତାରେ ଅହଂକାରୀ ନ ହୋଇ କୃତଜ୍ଞ ରୁହ। ତୁମ ହସରେ ରହୁ ପରିବାରର ଆନନ୍ଦ, ତୁମ ଜ୍ଞାନରେ ରହୁ ସମାଜର ଉନ୍ନତି ଏବଂ ତୁମ ସଫଳତାରେ ଗୌରବାନ୍ୱିତ ହେଉ ଆମ ଓଡ଼ିଶା ମାଟି।

କୁମାର ପୂର୍ଣ୍ଣିମା କେବଳ ଗୋଟିଏ ପୂର୍ଣ୍ଣଚନ୍ଦ୍ରର ରାତି ନୁହେଁ। ଏହା ହେଉଛି ମନରେ ନୂଆ ଆଶା ଜାଗ୍ରତ କରିବାର ଏକ ପବିତ୍ର ଅବସର। ଏହା ଆମକୁ ଆମ ପରମ୍ପରାର ମହତ୍ତ୍ୱ ବୁଝାଏ, ପରିବାରର ସ୍ନେହକୁ ଅନୁଭବ କରାଏ ଏବଂ ନୂଆ ପିଢ଼ିକୁ ନିଜ ଭବିଷ୍ୟତ ଗଢ଼ିବାର ପ୍ରେରଣା ଦିଏ। ଆସନ୍ତୁ, ଏହି ପବିତ୍ର ଅବସରରେ ଆମେ ସଂକଳ୍ପ ନେବାଆମ ଝିଅମାନଙ୍କୁ ସ୍ୱପ୍ନ ଦେଖିବାର ସ୍ୱାଧୀନତା ଦେବା, ସେମାନଙ୍କ ପ୍ରତିଭାକୁ ସମ୍ମାନ କରିବା, ଶିକ୍ଷା ଓ ସମାନ ସୁଯୋଗରେ ସେମାନଙ୍କୁ ଆଗକୁ ବଢ଼ାଇବା ଏବଂ ଓଡ଼ିଆ ସଂସ୍କୃତିର ମଧୁର ପରମ୍ପରାକୁ ଆଗାମୀ ପିଢ଼ି ପାଇଁ ସାଇତି ରଖିବା। ଜହ୍ନର ଶୀତଳ ଜ୍ୟୋସ୍ନାରେ ଭିଜିଯାଉ ପ୍ରତ୍ୟେକ ହୃଦୟ, ଲୋକଗୀତର ମଧୁର ସ୍ୱରରେ ମୁଖରିତ ହେଉ ପ୍ରତ୍ୟେକ ଗାଁ ଓ ସହର, ଆଉ ପ୍ରତ୍ୟେକ କୁମାରୀଙ୍କ ଜୀବନରେ ଫୁଟିଉଠୁ ସଫଳତାର ଶତଦଳ।

କୁଆଁର ପୁନେଇଁ ଜହ୍ନ ଗୋ, ଫୁଲ ବଉଳ ବେଣୀ...

# ଜିନ୍ନା, ବାଂଲାଦେଶ ଓ ଭାଷା ଅସ୍ମିତା

ମହମ୍ମଦ ଅଲ୍ଲୀ ଜିନ୍ନା ୧୯୪୮ ରେ ମୃତ୍ୟୁବରଣ କଲେ। ଏହାର ତେଇଶି ବର୍ଷ ପରେ ବାଂଲାଦେଶ ସୃଷ୍ଟି ହେଲା ଗୋଟିଏ ରକ୍ତାକ୍ତ ସଂଗ୍ରାମରେ। ଏହି ଯୁଦ୍ଧଟି ହୋଇଥିଲା ପାକିସ୍ତାନ ବିରୁଦ୍ଧରେ ଯାହାକୁ ଜିନ୍ନା ଗଠନ କରିଥିଲେ। ତେଣୁ ଆମେ କହିପାରିବା ବାଂଲାଦେଶର ସୃଷ୍ଟି ପରଠାରୁ ଏହାର ଆଧୁନିକ ଇତିହାସରେ ଜିନ୍ନା ହେଉଛନ୍ତି ଜଣେ ପ୍ରାକ୍ ଐତିହାସିକ ବ୍ୟକ୍ତିତ୍ୱ। କିନ୍ତୁ ଏହା ମଧ୍ୟରେ ତାଙ୍କୁ ନେଇ ବାଂଲାଦେଶରେ ଏକ ବିବାଦର ସୂତ୍ରପାତ ହୋଇଛି। ଘଟଣାଟି ହୋଇଛି ଢାକା ୟୁନିଭରସିଟି ସେଣ୍ଟ୍ରାଲ ଷ୍ଟୁଡେଣ୍ଟସ୍ ୟୁନିୟନର ମ୍ୟୁଜିୟମରେ। ସଂଗ୍ରହାଳୟଟିର ନବୀକରଣ ପରେ ଦେଖିବାକୁ ମିଳିଲା ଯେ ଏଥିରେ ଜିନ୍ନାଙ୍କର ସମ୍ପୃକ୍ତି ଥିବା ତିନୋଟି ଫଟୋ ରଖାଯାଇଛି। ଏହି ତିନୋଟି ଫଟୋଚିତ୍ର ମଧ୍ୟରୁ ପ୍ରଥମଟି ହେଉଛି ୧୯୭୦ ମସିହାର ଗୋଟିଏ ସମ୍ବାଦପତ୍ର କ୍ଲିପିଙ୍ଗ୍, ଦ୍ୱିତୀୟ ଫଟୋଟି ୧୯୪୦ ମସିହାରେ ଲାହୋରଠାରେ ଅନୁଷ୍ଠିତ ହୋଇଥିବା ଅଲ୍ ଇଣ୍ଡିଆ ମୁସଲିମ୍ ଲିଗ୍ ଅଧିବେଶନ ସମୟର ଓ ତୃତୀୟଟି ହେଉଛି ଜିନ୍ନାଙ୍କର ଅନ୍ୟ ଏକ ଫଟୋ ଯାହାକୁ ନିଆଯାଇଥିଲା ଢାକାର ରେସକୋର୍ସ ମଇଦାନରେ ଏକୋଇଶି ମାର୍ଚ୍ଚ ୧୯୪୮ ରେ, ଯେଉଥିରେ ସେ ଦୃଢ଼ୋକ୍ତି ପ୍ରକାଶ କରିଥିଲେ କି, ଉର୍ଦ୍ଦୁ ହିଁ ପାକିସ୍ତାନର ରାଜଭାଷା ହେବା ଉଚିତ। ଉପରେ ବର୍ଣ୍ଣିତ ରେସକୋର୍ସ ମଇଦାନକୁ ଆଜି ନାମିତ କରାଯାଇଛି ସୁରାଓ୍ୱର୍ଦ୍ଦି ମଇଦାନ ଭାବରେ।

ଜିନ୍ନାଙ୍କର ଫଟୋ ମ୍ୟୁଜିୟମରେ ଲାଗିବାକୁ ନେଇ ସମ୍ପ୍ରତି ବାଂଲାଦେଶର ଯୁବପୀଢ଼ି ଉତ୍ତ୍ୟକ୍ତ ହୋଇଉଠିଛନ୍ତି। ଉର୍ଦ୍ଦୁ ବିଭାଗର ଛାତ୍ର ''ଅବୁ ତୈୟାବ ହାବିଲଦାର୍'' ମ୍ୟୁଜିୟମକୁ ଯାଇ ଜିନ୍ନାଙ୍କର ଉକ୍ତ ଫଟୋଗୁଡ଼ିକୁ ଚିରି ଦେଲେ ଓ ମନ୍ତବ୍ୟ ଦେଲେ କି, ଯେଉ ବ୍ୟକ୍ତି ବଙ୍ଗଳା ଭାଷା (ବାଂଲାଦେଶର ମାତୃଭାଷା) ବିରୋଧରେ ନିଷ୍ପତ୍ତି ନେଇଥିଲେ ତଥା ୧୯୪୮ ରେ କର୍ଜନ ହଲ୍ ପରିସର ମଧ୍ୟରେ ଛାତ୍ରମାନଙ୍କର ଦମନ ସହ ସଂଶ୍ଲିଷ୍ଟ ଥିଲେ, ତାଙ୍କ ଫଟୋ କଦାପି ଏହି ସଂଗ୍ରହାଳୟରେ ରହିପାରିବ ନାହିଁ। ଏହାପରେ ବିଭିନ୍ନ ଛାତ୍ର ଦଳ ଓ ଛାତ୍ର ସଂଘ ତରଫରୁ ମଧ୍ୟ ବିରୋଧ ପ୍ରଦର୍ଶନ ଆରମ୍ଭ ହେଲା। ଦେଶର ବିଭିନ୍ନ ସ୍ଥାନରେ ଲୋକମାନେ ଜିନ୍ନାଙ୍କର ଫଟୋକୁ ଚିରି, ତା' ଉପରେ ଛେପ ପକାଇଲେ ଓ ତଳେ ପକାଇ କୁଦିଲେ ମଧ୍ୟ।

ଏହି ବିରୋଧର ଜବାବ ଦେବାକୁ ଯାଇ ''ଫାତିମା ତସନିମ୍ ଜୁମା'' ଯିଏ କି ମ୍ୟୁଜିୟମ ନବୀକରଣ ଦାୟିତ୍ୱରେ ଥିଲେ କହିଛନ୍ତି କି, ''ଜିନ୍ନାଙ୍କର ଫଟୋ ଚିତ୍ରଗୁଡ଼ିକ ଗୋଟିଏ ଗୋଟିଏ ମହତ୍ୱପୂର୍ଣ୍ଣ ଐତିହାସିକ ଦସ୍ତାବିଜ୍।'' ୧୯୪୮ ମସିହାର ଫଟୋ ସମ୍ପର୍କରେ ମତ ଦେଇ ଫାତିମା କହିଛନ୍ତି ଯେ, ଏହି ଚିତ୍ରଟି ଉର୍ଦ୍ଦୁକୁ ନେଇ ଜିନ୍ନାଙ୍କର ନୀତିକୁ ଦର୍ଶାଉଛି। ସେହିପରି ଲାହୋର ଫଟୋ ବିଷୟରେ ସେ କହିଛନ୍ତି ଯେ ଏଥିରେ ଜିନ୍ନା ''ଏକେ ଫଜଲୁଲ ହକ୍''ଙ୍କ ପାଖରେ ବସିଛନ୍ତି। ଏହି ''ଫଜଲୁଲ ହକ୍'' ଯିଏ କି ଜଣେ ବଙ୍ଗାଳୀ, ସର୍ବପ୍ରଥମେ ସ୍ୱତନ୍ତ୍ର ମୁସଲିମ୍ ରାଷ୍ଟ୍ର କରିବା ସପକ୍ଷରେ ପ୍ରସ୍ତାବ ପାରିତ କରିଥିଲେ।

ମ୍ୟୁଜିୟମରେ କେବଳ ବର୍ତ୍ତମାନର ପୀଢ଼ିକୁ ସନ୍ତୁଷ୍ଟ ବା ସମର୍ଥନ କରିବା ଭଳି ସାମଗ୍ରୀ ମାନ ରଖାଯାଇପାରିବ ନାହିଁ ଓ ଜିନ୍ନାଙ୍କ ଫଟୋକୁ ସଂଗ୍ରହାଳୟରେ ସ୍ଥାନୀତ କରିବାଦ୍ୱାରା ତାଙ୍କର କାର୍ଯ୍ୟକଳାପକୁ କୌଣସି ପ୍ରକାରର ସମର୍ଥନ କରାଯାଉନାହିଁ ବୋଲି ଫାତିମା ମନ୍ତବ୍ୟ ଦେଇଛନ୍ତି।

ଏବେ ପ୍ରଶ୍ନ ଉଠୁଛି କି ଜିନ୍ନାଙ୍କର ଏହି ସାର୍ବଜନୀନ ଅପମାନ ଦ୍ୱାରା ବାଂଲାଦେଶର ପାକିସ୍ତାନ ସହିତ ସମ୍ବନ୍ଧ ପ୍ରଭାବିତ ହେବ ନା ନାହିଁ। ଯଦିଓ ଏହି ଘଟଣାଟି କୂଟନୀତି ଅପେକ୍ଷା ସ୍ମୃତି ଓ ଘରୋଇ ରାଜନୀତିର ଲଢ଼େଇ ବୋଲି ଅଧିକ ମାତ୍ରାରେ ମନେ ହେଉଛି, ଏହା ସତ୍ତ୍ୱେ ମଧ୍ୟ ଇତିହାସରେ ଏହି ଭଳି ପ୍ରତୀକାତ୍ମକ ଘଟଣା ଅଧିକାଂଶ ସମୟରେ ଦୁଇଦେଶ ମଧ୍ୟରେ ଥିବା ବିବାଦକୁ ଆହୁରି ବଢ଼ାଇ ଦେଇଥାଏ।

ଜିନ୍ନାଙ୍କ ବିରୋଧରେ ବାଂଲାଦେଶ ଜନତାଙ୍କର କ୍ରୋଧ ବର୍ତ୍ତମାନର ନୁହେଁ। ଏହାର ସୃଷ୍ଟି ହୋଇଛି ୧୯୪୮ ମସିହାର ସେହି ନିଷ୍ପତ୍ତିରୁ ଯେତବଳେ ଜିନ୍ନା କହିଥିଲେ, ''ପାକିସ୍ତାନର ରାଷ୍ଟ୍ର ଭାଷା କେବଳ ଉର୍ଦ୍ଦୁ ହିଁ ହୋଇ ପାରିବ।'' ପୂର୍ବ ପାକିସ୍ତାନରେ ବହୁଂଖ୍ୟକ ଜନତାଙ୍କର ମାତୃଭାଷା ବଙ୍ଗାଳୀ ଥିଲା। ଜିନ୍ନାଙ୍କ ଘୋଷଣାରୁ ଆରମ୍ଭ ହେଲା ଭାଷା ଆନ୍ଦୋଳନ ଓ ପରେ ଏହି ଆନ୍ଦୋଳନ ସ୍ୱତନ୍ତ୍ର ବାଙ୍ଗଲାଦେଶ ସୃଷ୍ଟିର କାରଣ ହେଲା।

ପାକିସ୍ତାନ ସୃଷ୍ଟି ହେବାର କିଛି ମାସ ହୋଇଥିଲା ଯେତବଳେ ମାର୍ଚ୍ଚ ୧୯୪୮ ରେ ଜିନ୍ନା ପୂର୍ବ ବଙ୍ଗ ଗସ୍ତରେ ଆସିଥିଲେ। ଏକୋଇଶି ମାର୍ଚ୍ଚରେ ସାଧାରଣ ସଭା ଓ ଚବିଶ ମାର୍ଚ୍ଚରେ ଢାକା ବିଶ୍ୱବିଦ୍ୟାଳୟର ଦୀକ୍ଷାନ୍ତ ସମାରୋହରେ ସେ ସ୍ପଷ୍ଟ ଭାବରେ କହିଲେ କି ଦେଶର (ପାକିସ୍ତାନ) ଭାଷା ଉର୍ଦ୍ଦୁ ହିଁ ହେବ। ତାଙ୍କର ଯୁକ୍ତି ଥିଲା କି, ପ୍ରାନ୍ତ ନିଜର କାର୍ଯ୍ୟ ପାଇଁ ବଙ୍ଗଳା ବାଛି ପାରିବ କିନ୍ତୁ ସମ୍ପୂର୍ଣ୍ଣ ଦେଶକୁ ଯୋଡ଼ିବା ଭଳି ଭାଷା ଗୋଟିଏ ହେବା ଦରକାର ଓ ତାହା ହେଉଛି




**ଡା. ରାଜ କିଶୋର ପଣ୍ଡା**
ଓଡ଼ିଶା ସ୍ୱାସ୍ଥ୍ୟ ସେବା
ଭୁବନେଶ୍ୱର, ୮୧୪୪୦୪୨୯୯୭


ଉର୍ଦ୍ଦୁ। ସେ ଉର୍ଦ୍ଦୁକୁ ଇସଲାମ୍ ସଂସ୍କୃତି ଓ ମୁସଲିମ୍ ପରମ୍ପରା ସହ ଯୋଡ଼ିଲେ ଓ ଏହାର ବିରୋଧ କରୁଥିବା ବ୍ୟକ୍ତିବିଶେଷଙ୍କୁ ପାକିସ୍ତାନର ଶତ୍ରୁ ତଥା ଦେଶର ଏକତା ପ୍ରତି ବିପଦ ବୋଲି ଦର୍ଶାଇଲେ। ଛାତ୍ରମାନେ ଜିନ୍ନାଙ୍କର ଏହି ବୟାନର ତତ୍‌କ୍ଷଣାତ୍ ଦୃଢ଼ ବିରୋଧ କରି ନାରାବାଜି କଲେ, ''ମାନି ନା'', ''ମାନି ନା'' ଅର୍ଥାତ୍ ଆମେ ମାନିବୁ ନାହିଁ।

ସେହି ସମୟରେ ଛାତ୍ରଙ୍କର ପ୍ରତିନିଧି ମଣ୍ଡଳ ସହ ଆଲୋଚନାରେ ମଧ୍ୟ ଜିନ୍ନା ନିଜ ଜିଦ୍ରେ ଅଡ଼ି ବସିଥିଲେ। ପଶ୍ଚିମ ପାକିସ୍ତାନରେ ଉର୍ଦ୍ଦୁ ମୁଖ୍ୟ ଭାଷା ଥିବା ବେଳେ ପୂର୍ବ ପାକିସ୍ତାନରେ ବଙ୍ଗଳା ହେଉଛି ମୁଖ୍ୟ ଭାଷା।

ଭାଷାର ଆବଶ୍ୟକତା କେବଳ କଥାବାର୍ତ୍ତାରେ ନିହିତ ନାହିଁ ବରଂ ଏହା ଶିକ୍ଷା, ନିଯୁକ୍ତି, ସାହିତ୍ୟ ଓ ଶାସନ ସହ ମଧ୍ୟ ଗଭୀର ଭାବରେ ସଂଶ୍ଳିଷ୍ଟ। ଉର୍ଦ୍ଦୁକୁ ସମଗ୍ର ପାକିସ୍ତାନ (ପୂର୍ବ ଓ ପଶ୍ଚିମ)ର ରାଜଭାଷା ରୂପେ ମାନ୍ୟତା ଦେବା ଫଳରେ ପୂର୍ବଭାଗ ସାଂସ୍କୃତିକ ଓ ପ୍ରଶାସନିକ କ୍ଷେତ୍ରରେ ପଛେଇଯିବ ବୋଲି ଏଠାକାର ଲୋକମାନେ ମନେକରିଥିଲେ। ଏହା ହିଁ ବାଟ କଢ଼ାଇ ନେଇଥିଲା ୧୯୫୨ ମସିହାର ଭାଷା ଆନ୍ଦୋଳନକୁ। ଏକୋଇଶି ଫେବୃୟାରୀ ୧୯୫୨ ରେ ଢାକାରେ ପୋଲିସର ଗୁଳି ଚାଳନା ଫଳରେ ଅନେକ ଆନ୍ଦୋଳନରତ ଯୁବକ ମୃତ୍ୟୁବରଣ କରିଥିଲେ। ମୃତକଙ୍କ ମଧ୍ୟରେ ପ୍ରମୁଖ ଥିଲେ ଅବଦୁସ ସଲାମ୍, ରଫିକଉଦ୍ଦିନ୍ ଅହମ୍ମଦ୍, ଅବୁଲ ବରକତ୍ ଏବଂ ଅବଦୁଲ ଜବାର। ଏମାନଙ୍କର ବଳିଦାନକୁ ସ୍ମରଣୀୟ କରିବା ପାଇଁ ଏକୋଇଶି ଫେବୃୟାରୀକୁ ଆନ୍ତର୍ଜାତୀୟ ମାତୃଭାଷା ଦିବସ ଭାବେ ୟୁନେସ୍କୋ ତରଫରୁ ଘୋଷଣା କରାଗଲା ୧୯୯୯ ମସିହାରେ।

ପରିଶେଷରେ ୧୯୫୬ ମସିହାରେ ବଙ୍ଗଳା ଭାଷାକୁ ପାକିସ୍ତାନର ସମ୍ବିଧାନରେ ରାଜ୍ୟ ଭାଷାର ମାନ୍ୟତା ମିଳିଲା। କିନ୍ତୁ ସେତବେଳକୁ ଏହି ଭାଷାଗତ ବିବାଦ ଅତ୍ୟନ୍ତ ଜଟିଳ ଆକାର ଧାରଣ କରିସାରିଥିଲା। ଭାଷାର ଏହି ଅସନ୍ତୋଷ ଧୀରେ ଧୀରେ ଏକ ରାଜନୈତିକ ବିଚ୍ଛିନ୍ନତା ସୃଷ୍ଟି କଲା ଓ ଶେଷରେ ଏହା ଯାଇ ପହଞ୍ଚଥିଲା ୧୯୭୧ ର ମୁକ୍ତି ସଂଗ୍ରାମରେ। ବାଂଲାଦେଶର ସରକାରୀ ତଥ୍ୟ ଅନୁଯାୟୀ ଏହି ଯୁଦ୍ଧରେ ତିରିଶ ଲକ୍ଷ ଲୋକ ମୃତ୍ୟୁବରଣ କରିଥିଲେ।

ଆଜିର ଏହି ବିରୋଧ ମୁକ୍ତି ସଂଗ୍ରାମର ସ୍ମୃତି ସହ ଜଡ଼ିତ ଅଛି। ବିରୋଧୀ ପକ୍ଷ କହୁଛନ୍ତି କି ବାଂଲାଦେଶ ସେହି ମାଟି ଉପରେ ନିର୍ମିତ ହୋଇଛି ଯେଉଠି ଅଗଣିତ ଯୁବପୀଢ଼ି ବଙ୍ଗଳା ଭାଷା ପାଇଁ ଜୀବନ ଦେଇଛନ୍ତି। ସେମାନଙ୍କୁ ସଂଗ୍ରହାଳୟରେ ଜିନ୍ନାଙ୍କୁ ଏକ ସମ୍ମାନଜନକ ସ୍ଥାନ ଦେବା, ଅତୀତ ଇତିହାସର ଅପମାନ କରିବା ଭଳି ମନେ ହେଉଛି।

ତେବେ କ'ଣ ଆଜି ପର୍ଯ୍ୟନ୍ତ ବାଂଲାଦେଶ ଜିନ୍ନାଙ୍କୁ କ୍ଷମା କରିପାରିନାହିଁ? ଏହି ପ୍ରଶ୍ନର ସରଳ ଉତ୍ତର ହେଉଛି କି ବାଂଲାଦେଶର ରାଜନୈତିକ ଓ ସାମାଜିକ ପରିବେଶ ଜିନ୍ନାଙ୍କର ଉର୍ଦ୍ଦୁକୈନ୍ଦ୍ରିକ ନୀତିକୁ ଆଜି ପର୍ଯ୍ୟନ୍ତ ସ୍ୱୀକାର କରିନାହିଁ। ଯୁବପୀଢ଼ି ତାଙ୍କୁ ପ୍ରାୟତଃ ଏକ ବଙ୍ଗାଳୀ ବିରୋଧୀ ଶାସକ ରୂପରେ ଦେଖିଆସିଛି। କିଛି ଲୋକ ତାଙ୍କୁ ଉପମହାଦ୍ୱୀପର ମୁସଲିମ୍ ରାଜନୈତିକ ଇତିହାସର ଏକ ପ୍ରମୁଖ ବ୍ୟକ୍ତିତ୍ୱ ବୋଲି ମଧ୍ୟ ବିଚାର କରନ୍ତି। ଇତିହାସରେ କ୍ଷମା ଦେବା ବ୍ୟକ୍ତିଗତ ଭାବନା ଅପେକ୍ଷା ସାମୂହିକ ସ୍ମୃତିର ବିଷୟ ଅଧିକ ହୋଇଥାଏ। କର୍ଜନ ହଲ ଓ ସୁରାଓ୍ୱର୍ଦ୍ଦି ଉଦ୍ୟାନ ଆଜି ମଧ୍ୟ ୧୯୪୮ ର ବିରୋଧକୁ ମନେପକାଇ ଦିଅନ୍ତି। ତେଣୁ ଏହି ଐତିହ୍ୟ ପରିସର ମଧ୍ୟରେ ଜିନ୍ନାଙ୍କର ୧୯୪୮ ମସିହାର ଭାଷଣର ଫଟୋ ଲଗାଇବା ନିଶ୍ଚିତ ପକ୍ଷେ ବାଂଲାଦେଶର ଜନତାଙ୍କୁ ଅପମାନିତ ବୋଧ କରାଇବ। ପାକିସ୍ତାନ ପାଇଁ ଜିନ୍ନା ହେଉଛନ୍ତି ରାଷ୍ଟ୍ରପିତା। ତାଙ୍କର ଫଟୋ ଉପରେ ଛେପ ପକାଇବା ଓ ପାଦ ରଖିବା ଇସଲାମାବାଦର ସ୍ମୃତି ନିମନ୍ତେ ଗଭୀର ଆଘାତ ବୋଲି ମାନିବାକୁ ପଡ଼ିବ। ସେଠାକାର ସରକାର, ମିଡ଼ିଆ ଓ ରାଜନୈତିକ ଦଳ ଏହାକୁ ବାଂଲାଦେଶର ''ଐତିହାସିକ ଶତ୍ରୁତା''ର ନୂଆ ଅଧ୍ୟାୟ ବୋଲି କହିପାରନ୍ତି। ଏହାଦ୍ୱାରା ଦୁଇ ଦେଶ ମଧ୍ୟରେ ଆଗରୁ ଥିବା ଦୁର୍ବଳ ସାଂସ୍କୃତିକ ଓ ଦ୍ୱିପାକ୍ଷିକ ସମ୍ପର୍କ ଆହୁରି ନରମ ହୋଇପାରେ। କୌଣସି ରାଷ୍ଟ୍ର ନିଜର ଜଟିଳ ଇତିହାସକୁ କେବେ ସମ୍ପୂର୍ଣ୍ଣ ଭାବରେ ଲୋପ କରିପାରିବ ନାହିଁ।

# ଶିକ୍ଷା ଓ ସ୍ୱାଧୀନତା

ମଣିଷ ଜୀବନରେ ଶିକ୍ଷାର ଗୁରୁତ୍ୱ ଅପରିସୀମ। ଶିକ୍ଷା ମଣିଷକୁ କେବଳ ପଢ଼ିବା, ଲେଖିବା ଓ ଜ୍ଞାନ ଅର୍ଜନ କରିବା ଶିଖାଏ ନାହିଁଁ ଏହା ତାକୁ ନିଜ ଅଧିକାର, କର୍ତ୍ତବ୍ୟ, ଦାୟିତ୍ୱ ଓ ସ୍ୱାଭିମାନ ବିଷୟରେ ସଚେତନ କରେ। ଅଜ୍ଞାନତା ମଣିଷକୁ ବିଭିନ୍ନ ପ୍ରକାରର ବନ୍ଧନରେ ରଖେ, କିନ୍ତୁ ଶିକ୍ଷା ସେହି ବନ୍ଧନରୁ ମୁକ୍ତିର ପଥ ଦେଖାଏ। ତେଣୁ କୁହାଯାଏ ''ଶିକ୍ଷା ହିଁ ସ୍ୱାଧୀନତା।'' ଶିକ୍ଷା କେବଳ ବହି ପଢ଼ି ପରୀକ୍ଷାରେ ଭଲ ନମ୍ବର ପାଇବାର ନାମ ନୁହେଁ। ଶିକ୍ଷା ହେଉଛି ଜ୍ଞାନ, ବିବେକ, ନୈତିକତା ଓ ମାନବିକତାର ବିକାଶ। ଏହା ମଣିଷକୁ ଭଲ-ମନ୍ଦ, ଠିକ୍-ଭୁଲ ଓ ନ୍ୟାୟ-ଅନ୍ୟାୟ ମଧ୍ୟରେ ପାର୍ଥକ୍ୟ କରିବାର କ୍ଷମତା ଦିଏ। ଶିକ୍ଷିତ ବ୍ୟକ୍ତି ନିଜ ଜୀବନର ନିଷ୍ପତ୍ତି ନିଜେ ନେଇପାରେ ଏବଂ ଅନ୍ୟାୟ କିମ୍ବା ଅନ୍ଧବିଶ୍ୱାସର ଶିକାର ହେବାରୁ ନିଜକୁ ରକ୍ଷା କରିପାରେ।

ଅଜ୍ଞାନତା ମଣିଷର ସବୁଠାରୁ ବଡ଼ ବନ୍ଧନ। ଅଶିକ୍ଷିତ ବ୍ୟକ୍ତି ଅନେକ ସମୟରେ ନିଜ ଅଧିକାର ଓ କର୍ତ୍ତବ୍ୟ ବିଷୟରେ ଜାଣିପାରେ ନାହିଁ। ଫଳରେ ସେ ଅନ୍ୟମାନଙ୍କ ଉପରେ ନିର୍ଭରଶୀଳ ହୋଇପଡ଼େ। କୁସଂସ୍କାର, ଅନ୍ଧବିଶ୍ୱାସ, ଶୋଷଣ ଓ ଅନ୍ୟାୟ ଅନେକ ସମୟରେ ଅଜ୍ଞାନତାରୁ ଜନ୍ମ ନିଏ। ଶିକ୍ଷା ଏହି ଅନ୍ଧକାରକୁ ଦୂର କରି ଜ୍ଞାନର ଆଲୋକ ପ୍ରଦାନ କରେ।

ସ୍ୱାଧୀନତାର ଏକ ମୁଖ୍ୟ ଦିଗ ହେଉଛି ନିଜେ ଚିନ୍ତା କରିବାର ଅଧିକାର। ଶିକ୍ଷା ମଣିଷକୁ ପ୍ରଶ୍ନ କରିବା, ତଥ୍ୟ ଯାଞ୍ଚ କରିବା ଓ ଯୁକ୍ତିସଙ୍ଗତ ମତ ଗଠନ କରିବାର କ୍ଷମତା ଦିଏ। ଏହା ମଣିଷକୁ ଅନ୍ଧଭାବେ କାହାର କଥା ଅନୁସରଣ ନକରି ନିଜ ବୁଦ୍ଧି ଓ ବିବେକ ଅନୁସାରେ ନିଷ୍ପତ୍ତି ନେବାକୁ ଶିଖାଏ। ଏହି ଚିନ୍ତାର ସ୍ୱାଧୀନତା ହେଉଛି ପ୍ରକୃତ ସ୍ୱାଧୀନତାର ଆଧାର।

ଆଜିର ଯୁଗରେ ଶିକ୍ଷା ଜୀବିକା ଅର୍ଜନର ଏକ ମୁଖ୍ୟ ମାଧ୍ୟମ। ଶିକ୍ଷା ମଣିଷକୁ ବିଭିନ୍ନ କୌଶଳ ଓ ଜ୍ଞାନ ଦେଇ ନିଜ ପାଇଁ ଉପଯୁକ୍ତ କର୍ମକ୍ଷେତ୍ର ବାଛିବାର ସୁଯୋଗ ଦିଏ। ନିଜ ଦକ୍ଷତା ଓ ପରିଶ୍ରମ ଦ୍ୱାରା ରୋଜଗାର କରିପାରିଲେ ମଣିଷ ଅନ୍ୟଙ୍କ ଉପରେ ଆର୍ଥିକ ଭାବେ ନିର୍ଭରଶୀଳ ହୁଏ ନାହିଁ। ତେଣୁ ଶିକ୍ଷା ଆର୍ଥିକ ସ୍ୱାବଲମ୍ବନର ମାର୍ଗ ମଧ୍ୟ ପ୍ରଶସ୍ତ କରେ।

ଶିକ୍ଷା ସମାଜରେ ସମାନତା, ଭାଇଚାରା ଓ ନ୍ୟାୟର ଭାବନା ସୃଷ୍ଟି କରେ। ଜାତି, ଧର୍ମ, ଲିଙ୍ଗ, ଭାଷା ଓ ଆର୍ଥିକ ସ୍ଥିତି ଆଧାରରେ ହେଉଥିବା ଭେଦଭାବକୁ ଦୂର କରିବାରେ ଶିକ୍ଷାର ଭୂମିକା ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ। ଶିକ୍ଷିତ ସମାଜ ନିଜ ଅଧିକାର ସହିତ ଅନ୍ୟମାନଙ୍କ ଅଧିକାରକୁ ମଧ୍ୟ ସମ୍ମାନ କରେ। ନାରୀଙ୍କ ପାଇଁ ଶିକ୍ଷା ସ୍ୱାଧୀନତାର ଏକ ଶକ୍ତିଶାଳୀ ମାଧ୍ୟମ। ଶିକ୍ଷିତ ନାରୀ ନିଜ ଅଧିକାର ବିଷୟରେ ସଚେତନ ହେବା ସହିତ ନିଜ ଜୀବନ ସମ୍ପର୍କରେ ଯଥାଯଥ ନିଷ୍ପତ୍ତି ନେଇପାରନ୍ତି। ଶିକ୍ଷା ତାଙ୍କୁ ଆର୍ଥିକ ଓ ସାମାଜିକ ଭାବେ ସଶକ୍ତ କରେ। ଜଣେ ଶିକ୍ଷିତ ନାରୀ ନିଜ ପରିବାର ଓ ସମାଜର ଉନ୍ନତିରେ ମଧ୍ୟ ମହତ୍ତ୍ୱପୂର୍ଣ୍ଣ ଯୋଗଦାନ କରନ୍ତି।

ଏକ ଦେଶର ପ୍ରକୃତ ସ୍ୱାଧୀନତା କେବଳ ରାଜନୈତିକ ସ୍ୱାଧୀନତାରେ ସୀମିତ ନୁହେଁ। ଦେଶର ଲୋକମାନେ ଯେତେବେଳେ ଶିକ୍ଷିତ, ସଚେତନ ଓ ଦାୟିତ୍ୱବାନ ହୁଅନ୍ତି, ସେତେବେଳେ ଗଣତନ୍ତ୍ର ଶକ୍ତିଶାଳୀ ହୁଏ। ଶିକ୍ଷା ନାଗରିକମାନଙ୍କୁ ନିଜ ଅଧିକାର ଓ ଦାୟିତ୍ୱ ବିଷୟରେ ସଚେତନ କରି ଦେଶର ଉନ୍ନତିରେ ଭାଗ ନେବାକୁ ପ୍ରେରିତ କରେ। ଶିକ୍ଷା ହେଉଛି ମଣିଷର ଜୀବନକୁ ଅଜ୍ଞାନତାର ଅନ୍ଧକାରରୁ ଜ୍ଞାନର ଆଲୋକକୁ ନେଇଯିବାର ଶକ୍ତି। ଏହା ମଣିଷକୁ ଚିନ୍ତାରେ ସ୍ୱାଧୀନ, କର୍ମରେ ସ୍ୱାବଲମ୍ବୀ ଓ ସମାଜରେ ସଚେତନ କରେ। ଯେଉଁଠାରେ ଶିକ୍ଷା ଅଛି, ସେଠାରେ ଅଧିକାର ସଚେତନତା, ଆତ୍ମବିଶ୍ୱାସ ଓ ପ୍ରଗତିର ସମ୍ଭାବନା ରହେ। ତେଣୁ ଶିକ୍ଷାକୁ କେବଳ ଚାକିରି ପାଇବାର ମାଧ୍ୟମ ନଭାବି ଜୀବନକୁ ସ୍ୱାଧୀନ, ସମ୍ମାନଜନକ ଓ ସାର୍ଥକ କରିବାର ମାଧ୍ୟମ ଭାବେ ଗ୍ରହଣ କରିବା ଉଚିତ।




**ବୈଷ୍ଣବ ଚରଣ ଦାଶ**
ବୀରଧନଞ୍ଜୟ ପୁର , ଶାସନ ବୁଗୁଡ଼ା
ଗଞ୍ଜାମ-୯୭୭୬୫୩୪୯୩୦

## ପୂର୍ଣ୍ଣଚ୍ଛେଦର ସ୍ପନ୍ଦନ



**ଜ୍ୟୋତିର୍ମୟୀ ମହାଳିକ**
**ଢେଙ୍କାନାଳ**

ତୁମେ ନୁହଁ କେବଳ ଏକ ବିନ୍ଦୁ ନିଶ୍ଚଳ,
ତୁମେ ତ ଅଶ୍ରୁଳ ଜୀବନର ଶାନ୍ତ ଉପଳ।
ଶବ୍ଦର ବିସ୍ତୃତ ଅରଣ୍ୟେ ତୁମେ ବିଶ୍ରାମ,
ପଥିକର କ୍ଳାନ୍ତ ଯାତ୍ରାର ଶେଷ ପ୍ରଣାମ।
ଭାବନାର ଉଦ୍ଦେଶ୍ୟ ଯେବେ ହୁଏ ସମାପ୍ତ,
ତୁମରି ସ୍ପର୍ଶରେ ସେ ହୁଏ ପ୍ରତିଷ୍ଠିତ।
ବ୍ୟାକୁଳ ହୃଦୟର ଅସରନ୍ତି ଯେତେ କଥା,
ତୁମେ ହିଁ ଆବୋରି ନିଅ ସବୁ କ୍ଷୁବ୍ଧ ବ୍ୟଥା।
ସୃଷ୍ଟିର ନିୟମ ଏହି ବିରାମର ଛନ୍ଦ,
ଭାଙ୍ଗିଦିଏ ଅହଙ୍କାରର ସବୁ ଦ୍ ?ନ୍ଦ୍ ?।
ବାକ୍ୟର ଶେଷେ ତୁମେ ନବ ପ୍ରାଣର ସ୍ପନ୍ଦନ,
ଶାନ୍ତିର ଶୀତଳ ଅଫୁରନ୍ତ ବନ୍ଦନ।
ଯେଉଁଠି ସରେ ସବୁ ଗଳ୍ପ ଓ କବିତା,
ସେଇଠି ତୁମେ ହିଁ ଧ୍ରୁବସତ୍ୟ, ସ୍ଥିର ସୁସ୍ମିତା।
ସମାପ୍ତି ନୁହେଁ ତୁମେ ନୂତନ ଆରମ୍ଭର ଦୀପ୍ତି,
ହୃଦୟର ତୃପ୍ତି ତୁମେ, ଅସୀମର ଅଭିବ୍ୟକ୍ତି।
ଜୀବନର ପୃଷ୍ଠାରେ ଚାଲେ ଶବ୍ଦର ଅଭିସାର,
ଭାବନାର ତରଙ୍ଗରେ ଖୋଜେ ନିଜର ଅଧିକାର।
ଶବ୍ଦେ ଶବ୍ଦେ ଛନ୍ଦିହୁଏ ସଙ୍ଗୀତର ମୂର୍ଚ୍ଛନା,
କଳ୍ପନାର ଡେଣା ମେଲି ଉଡ଼େ ଯେତେ ଭାବନା।
ପ୍ରଗତିର ପଥେ ଯେବେ କ୍ଲାନ୍ତ ହୁଏ ନିଶ୍ୱାସ,
ତୃପ୍ତିର ଆଲୋକ ଖୋଜେ ଆତ୍ମବିଶ୍ୱାସ।
ସେତିକିବେଳେ ଲୋଡ଼ାହୁଏ ଟିକେ ମାତ୍ର ବିଶ୍ରାମ,
ପୂର୍ଣ୍ଣଚ୍ଛେଦ ଦିଏ ସେହି ଚଞ୍ଚଳତାକୁ ବିରାମ।
ଏହା ନୁହେଁ ସମାପ୍ତିର କୌଣସି କଠୋର ଶାସନ,
ଏ ତ ଏକ ଅନ୍ ?କ୍ଷେଣ, ନୂଆ ଚିନ୍ତାର ଆଗମନ।
ସ୍ୱଚ୍ଛତାର ସୂର୍ଯ୍ୟ ଉଇଁ ହସେ ତା'ରି ସାନ୍ନିଧ୍ୟେ,
ଶାନ୍ତିର ଅମୃତ ଢାଳି ବସେ ମନ ମଧ୍ୟେ।

## ମୁଁ ନାରୀ

**ଗୀତାଞ୍ଜଳି ଦଳେଇ**



ମୁଁ ନାରୀ
ମୁଁ ଆଦ୍ୟା ଅନନ୍ୟା
କାମ୍ୟ ମୋ ସର୍ଜନା
ଏନ୍ତୁଡ଼ି ଶାଳରୁ ଶମଶାନ ଯାଏଁ
ଅନେକ ଆକାଂକ୍ଷିତ ଇତିହାସ ମୋର।
ପତିତ ସ୍ଖଳିତ ଗଙ୍ଗଶିଉଳିର ରଙ୍ଗମାଖି
ବିତି ଯାଇଛି ବିନିଦ୍ର ପ୍ରହର।
ତଥାପି ଚତୁର୍ବେଦରୁ ଚତୁର୍ଦ୍ଦିଗ ଯାଏ
କାହାଣୀ ମୋ ଅସୁମାରୀ।ମୁଁ ନାରୀ।

ମୁଁ ନାରୀ
ଅମୃତର ଭାଣ୍ଡ ଧରି
ମୁଁ ହୋଇଛି ଶୂନ୍ୟ ନିସ୍ ?।
ଲୁହ ଲହୁକୁ ଏକାକାର କରି
ମୁଁ ପିଇଛି ହଳାହଳ ବିଷ। ସବୁଜିମାର
ଆବାହନ ନେଇ
ମୁଁ ହରେଇଛି ରଙ୍ଗ ରୂପ ବାସ।
ତଥାପି ଜ୍ଞାନୀ ମାନୀ ଆଭିମାନୀଙ୍କ ତୁଚ୍ଛା
ଅହଂରେ
ସ୍ଥାଣୁ ପାଲଟିଛି ମୋ ଶିରୀ।ମୁଁ ନାରୀ।

ମୁଁ ନାରୀ
ମୁଁ ଜାଣେନା
ମୋ ସୃଷ୍ଟିରେ ମୋ ସ୍ରଷ୍ଟା
ଉଲ୍ଲସିତ କି ବିବଶିତ ? ?
ତଥାପି ମୋ ସ୍ମୃତି ପଟଳରେ
ମୋ ଗାଁ ଦାଣ୍ଡ ଉଜ୍ଜୀବିତ।
ସେଠି କଟିଛି ବାଲ୍ୟ ଶୈଶବ
ଆଉ ଆଦ୍ୟ କିଶୋରୀ। ମୁଁ ନାରୀ।

ମୁଁ ନାରୀ
ଅନେକ ସନ୍ତର୍ପଣରେ
ମୋ ଦେହରେ ଫୁଟେ ବଉଳର କୁହୁ।
ଆତ୍ମତୃପ୍ତିରେ କଡ଼ ଲେଉଟେଇଲେ
ଅନେକ ଖେଳନ୍ତି ରକ୍ତର ମହୁ।
କେବେ ବିବସନାର ଅସମ୍ମାନ
ତ କେବେ ଅଗ୍ନିପରୀକ୍ଷାର ଲେଲିହାନ।
ପୂଜିତର ପ୍ରହସନରୁ ଉତକ୍ଷେପଣ କରି
ମୁଁ ହୋଇଛି ଅଭ୍ରାନ୍ତ ଶବରୀ।ମୁଁ ନାରୀ।

ମୁଁ ନାରୀ ,
ମୋ ଯୌବନର ପିଚ୍ଛିଳ ପାହାଚ
କେବେ ଉଆଁସ ରାତିର
କଳା ଅନ୍ଧାର ତ
କେବେ ଫଗୁଣ ଫୁଲର ହସ ମଧୁର
ଆଶୀର୍ବାଦ କି ଅଭିଶପ୍ତ
ନିସ୍ପୃହ କି ନିକ୍ଷେପିତ
ତଥାପି ମୁଁ ହସିଛି କାନ୍ଦିଛି
ଯନ୍ତ୍ରଣାର ଜତୁଗୃହରେ
ଚିତ୍କାର କରିଛି ବକ୍ଷ ବିଦାରି। ମୁଁ ନାରୀ।

ମୁଁ ନାରୀ
ଆଦ୍ୟ ମୂଖଶାଳାର ଭଗ୍ନାବଚିତ।
ନିଦାଘ ଦହନର ତୃଷାତୁର ପାନ୍ଥ।
ଉଚ୍ଛୁଳା ନଈର ସମ୍ମୋହନ କ୍ଳାନ୍ତ।
ଧିରେ ଧିରେ ପାଣି କାଚ ପରି
ଧୌତ ମୋ ଅବୟବ
ହୋଇଯାଏ ଶୀର୍ଣ୍ଣ କଙ୍କାଳ।
ନିଃଶେଷ ସ୍ୱପ୍ନ ସବୁ ପାଲଟି ଯାଏ ଝାଟି ମାଟି
କାନ୍ଥ ପରି ବିକ୍ଷିପ୍ତ ନିଶ୍ଚଳ।
ଶେଷରେ ଛ ଖଣ୍ଡ କାଠର ଅଦୈତ
କୋକେଇରେ
ଆଗେଇ ଚାଲେ ମୋ ସବାରୀ।
କେବେ ସୀମନ୍ତିନୀ
ତ କେବେ ଧବଳହାରୀ ।ମୁଁ ନାରୀ
ଦାବାଗ୍ନିରେ ଯାଏ ସରି। ମୁଁ ନାରୀ।
କାହାଣୀ ମୋ ସତରେ ଅସୁମାରୀ।

ମୁଁ ନାରୀ
ଦୋଳ ମୁକୁଟର କାମ୍ୟ ନେଇ
ଏରୁଣ୍ଡି ବନ୍ଧ ଛୁଇଁ।
ମୁଁ ଦେଇଛି ଅତୃପ୍ତ କାମନାର ଅଗ୍ନିପରୀକ୍ଷା
ଅତିକ୍ରମ କରିଛି ଜୀବନର ପଥ ଅଙ୍କାବଙ୍କା।
ଅକୁହା ଅଦେଖା ଲୁହ ଶ୍ରାବଣରେ ଭିଜିଭିଜି
ଅଭିସାରିକା ସାଜିଛି
ଆଞ୍ଜୁଳାରେ ହସ ଭରି ।ମୁଁ ନାରୀ।

## 'ମାତୃଶକ୍ତି ନମସ୍ତୁତେ'



**ଡ. ମାହେଶ୍ୱରୀ ପ୍ରସାଦ ପାଣିଗ୍ରାହୀ**
**ସମ୍ବଲପୁର**

'ମାତୃଶକ୍ତି ନମସ୍ତୁତେ'
ଚିନ୍ମୟୀ, ତ୍ରିନୟନୀ ମାଁ
ଦଶରାମାସ ଆଏଲେ ତୁଇଁ
ଇ ପୁରଥି କେ ଉତରି ଆଏସୁ
ବାଗିର ଲାଗସି ,
ଗାଁ ଗଣା ସହର ବଜାର ସବୁ ଆଡେ
ତୋର ରୂପ ଦିଶସି ।
ମନ୍ଦିରର ଆସ୍ଥାନ ନେ ତୁଇଁ ,
ପଣ୍ଡିତର ଶ୍ଲୋକନେ ତୁଇଁ,
ବଜା ର ଭରନି ପାର ସହିତ
ବରୁଆ ଦିହେଁ ବିଜେ ତୁଇଁ ।
ମଣ୍ଡପ ର ପୂଜା ଠାନ ମାନକେ
ତୁଇଁ ଜୀବନ୍ୟାସ ପାଏସୁ ଗୋ ମାଁ ।
ମହାସପ୍ତମୀ ନୁ ଦଶମୀ ଆର
ଦଶରା ପୂର୍ଣ୍ଣିମା ଭିତରେ
ତୋର ଅପରମ୍ପାର ଲିଲାଖେଲା ,
ସେ ଭିତରେ ଆଭ୍ୟନ୍ତରୀଣ
ଗ୍ରାମୀଣ ପରିବେଶନେ 'ଡାଲଖାଇ'
ଆର ପଶ୍ଚିମ ଓଡିଶା ସାରା
ଭାଏ ଜିଉଁତିଆ ' ପାଳନ
ଖାଲି ତୋର ଆଗମନୀ ଆର
ତତେ ଧୀଏଇ କରି ଗୋ ମାଁ ।
ତୁଇଁ ତ ଗୋ ମାଁ ସେ ଦୁର୍ଗା
ଯେ ମହିଷାସୁର କେ ବଧ କରି
ତିନହିଁ ପୁରକେ ଉସାସ କଲୁ ,
ବିଜୟା ଦଶମୀ ଦିନେ ରାମ ମାହାପୁରୁ
ତତେ ସୁମରଣା କରି ରାବଣ ବଧ କଲେ।
ହେ ସମିଆ ନୁ ଆଏଜ ତକ ମୁନୁଷ ସମାଜ
ତୋର ପୂଜାପାଠ କରି
ଆସୁଛେ ଗୋ ମାଁ ,
ସଂସାର ର ମଙ୍ଗଲ ଦିଗେ
ତୁଇଁ ଧ୍ୟାନ ରଖିଥିବୁ ଗୋ ମାଁ।
ଓଁ ମାତୃଶକ୍ତି ନମସ୍ତୁତେ ।।

## ସତ୍ ସାହିତ୍ୟ



ଏଥର 'ସତ୍ ସାହିତ୍ୟ' କ୍ରମରେ ସକୀୟ ସୃଜନ ଉତ୍କର୍ଷ ଓ ଆଧାତ୍ମିକତା ପାଇଁ ସୁଖ୍ୟାତ ସାରସତ ବ୍ୟକ୍ତିତ୍ୱ ଡକ୍ଟର ପ୍ରଦୀପ କୁମାର ଚୌଧୁରୀଙ୍କ **'ସିଦ୍ଧି ଲାଭ'** ବିଷୟକ ସଂକ୍ଷିପ୍ତ ଅଥଚ ସାଗଗର୍ଭକ ଉପସ୍ଥାପନା!!

### ସିଦ୍ଧି ଲାଭ

ମନ, ହୃଦୟ ଓ ଆତ୍ମା ଏହି ତିନି ରତକୁ ଏକ କରି ଯେବେ ତୁମେ ଜୀବନର ବଡ଼ଦାଣ୍ଡରେ ଗଡାଇ ଈଶ୍ୱର ଅଭିମୁଖୀ କରି ନେଡ଼, ତେବେ ତୁମେ ଜୀବନରେ ନିଶ୍ଚିତ ସିଦ୍ଧି ଲାଭ କରିବ।


● **ଡକ୍ଟର ପ୍ରଦୀପ କୁମାର ଚୌଧୁରୀ**
ଭି ଏ ୩୪/୪, ୟୁନିଟ: ୨, ଭୁବନେଶ୍ୱର: ୭୫୧୦୦୯


## ଜହ୍ନି ଓଷାର ଜହ୍ନ

ଧାଡ଼ିଏ ଗପ



ସାନ ଭଉଣୀର ଜହ୍ନିଓଷା ଉଦଯାପନ ଦିନ ମହାକାଶ ବିଜ୍ଞାନରେ ଗବେଷଣା କରୁଥିବା ବଡଭାଇ ଆସି ପହଞ୍ଚି ପାରିଥିବାରୁ ଭଉଣୀର ମୁହଁ କୁମାର ପୂର୍ଣମୀର ଜହ୍ନ ପରି ଉଜ୍ଜଳି ଉଠିଚି !


● **ସତ୍ୟନାରାୟଣ ଗନ୍ତାୟତ**
'ସୁହାସିତମ୍', କସ୍ତୁରୀ ନଗର, ରାୟଗଡ଼ା : ୭୬୫୦୦୧


## ମୁଁ ଏମିତି ଗୋଟେ ଉତ୍ତର



**ଅଭିମନ୍ୟୁ ପାତ୍ର**
**ଗୋପ, ପୁରୀ**

ମୁଁ ଏମିତି ଗୋଟେ ଉତ୍ତର,
ଯାହାକୁ ପଢ଼ିବା ପରେ
ତୁମ ମନରେ ଉଙ୍କି ମାରିବ
ହଜାର ଅଧୁରା ପ୍ରଶ୍ନ।

ମୋତେ ବୁଝିବାକୁ ଚେଷ୍ଟା କରିବ,
ମୋ ନୀରବତାକୁ ପଢ଼ିବ,
ମୋ ହସର ଆଢୁଆଳରେ
ଲୁଚିଥିବା ଲୁହକୁ ଖୋଜିବ।

ମୋତେ ବୁଝିବାକୁ ହେଲେ
ତୁମକୁ ଫେରିବାକୁ ହେବ
ସେଇସବୁ ମୁହୂର୍ତ୍ତ ପାଖକୁ,
ଯେଉଁଠି ତୁମେ ମୋ ନୀରବତାକୁ
ସମ୍ମତିର ନାମ ଦେଇଥିଲ,
ମୋ ହସକୁ ସୁଖ ବୋଲି ଭାବିଥିଲ,
ଆଉ ମୋ ଦୂରତାକୁ
ଅହଂକାରର ଆଖ୍ୟା ଦେଇଥିଲ।

ମୁଁ ତ କେବଳ ନିଜ ଭିତରେ
ଏକ ଭଗ୍ନ ସଭ୍ୟତାର ଅବଶେଷ ଧରି
ବଞ୍ଚିବାର ଅଭିନୟ କରୁଥିଲିଁ
ଯେଉଁଠି ସ୍ମୃତିମାନେ ଶିଳାଲେଖ,
ଅଭିମାନ ଧୂଳିର ଆସ୍ତରଣ
ଆଉ ଅନୁଭବ
କାଳର ଛାତିରେ ପୋତା ହୋଇଥିବା
କେତେ ଅନାମଧେୟ ସମାଧି।

ତୁମେ ମୋତେ ପଢ଼ିବ,
ପୁଣି ପଢ଼ିବଟି
ପ୍ରତିଥର ନୂଆ ଅର୍ଥ ପାଇବ,
ପ୍ରତିଥର ପୁରୁଣା ଧାରଣା ଭାଙ୍ଗିବ।
କାହିଁକି ନା ମୁଁ ଶବ୍ଦରେ ଲେଖା
କୌଣସି ସରଳ ସମୀକରଣ ନୁହେଁ,
ଯାହାର ଦୁଇ ପାର୍ଶ୍ୱକୁ ମିଶାଇଦେଲେ
ସତ୍ୟଟା ସ୍ପଷ୍ଟ ହୋଇଯିବ।

ମୋ ଭିତରେ ଏମିତି କିଛି ଅଛି,
ଯାହାର ସାକ୍ଷୀ ସମୟ,
ଯାହାର ବିଚାରକ ନିୟତି,
ଆଉ ଯାହାର ରାୟ ଶୁଣିବାକୁ
ତୁମ ବିବେକକୁ ଦିନେ ନା ଦିନେ
କାଠଗଡ଼ାରେ ଠିଆ ହେବାକୁ ପଡ଼ିବ।

ମୁଁ ଏମିତି ଗୋଟେ ଉତ୍ତର,
ଯାହାକୁ ପଢ଼ିବା ପରେ
ତୁମେ ମୋ ଅର୍ଥ ଖୋଜିବ ନାହିଁ,
ବରଂ ନିଜ ବିଶ୍ୱାସର ଶବ ବ୍ୟବଚ୍ଛେଦ
କରିବ।

ତୁମେ ଖୋଜିବ
ମୋ ପ୍ରତ୍ୟେକ ବିରାମଚିହ୍ନରେ
ଗୋଟିଏ ଅକୁହା କାହାଣୀ,
ପ୍ରତ୍ୟେକ ନୀରବତାରେ
ଗୋଟିଏ ଅସମାପ୍ତ ସ୍ୱୀକାରୋକ୍ତି।

## କୁମାରୋତ୍ସବ



କୁମାର ପୁନେଇଁ ଆସିଛି ସଜନୀ
ସରଗେ ହସୁଛି ଜହ୍ନ
ଜହ୍ନ ଦେଖିଦେଲେ କୁମାରୀମାନଙ୍କ
ମନ ହୁଏ ଛନଛନ ।

ସହଜେ ଶରତକାଳୀନ ଜହ୍ନ ଏ
ତୋଫା କିରଣ ସେ ଦିଏ
ସେହି ଜହ୍ନ ପରା କବି, ଭାବୁକଙ୍କ
ମନଟାକୁ କିଣିନିଏ
ଯେତେ ଯାହାକଲେ ଆୟତ୍ତେ ରହେନା
ଅମାନିଆ ଏହି ମନ ।

ସରସୀରେ ଫୁଟି ଚାହିଁଥାଏ କଇଁ
କିରିକିରି ଜହ୍ନ ହସେ
ଯିଏ ଯେତେ ଦୂରେ ରହିଲେ ବି ଦୁହେଁ
ଆନମନା ପ୍ରୀତି ରସେ
ଅଭେଦ ପ୍ରୀତିକୁ ଭେଦିବା କଠିନ
ତାହା ପ୍ରେମ ଗଣ୍ଠିଧନ ।

ଜହ୍ନକୁ ଦେଖାଇ ଅବୋଧ ଶିଶୁକୁ
ମାଆ ଗେଲ କରିଥାଏ
'ଆ ଜହ୍ନମାମୁଁ ସରଗର ଶଶୀ '
ଗୀତଟିକୁ ଗାଇଯାଏ
ଜହ୍ନ ଦେଖି ଶିଶୁ କଅଣ ବୁଝଇ
ମନ ହୁଏ କନକନ ।

' କୁମାର ପୁନେଇଁ ଜହ୍ନ ଗୋ ' ସଙ୍ଗୀତ
କୁମାରୀ ଗାଆନ୍ତି ଏବେ
ଜହ୍ନି ଓଷା କରି ଜହ୍ନ ଆଲୁଅରେ
ପୁଚିରେ ମାତନ୍ତି କେବେ
ଜହ୍ନ ବନ୍ଦାପନା କରି ମନାସନ୍ତି
ମିଳୁ ତାଙ୍କ ପ୍ରିୟଜନ ।

**- ନିରଞ୍ଜନ ସାହୁ**
**ଢେଙ୍କାନାଳ**

## କାଳରାତ୍ରି

ନିଶୀଥର ଘୋର ରୂପେ ଆବିର୍ଭୂତା କାଳରାତ୍ରି ନାଶିବାକୁ ପାପ,
ଚନ୍ଦ୍ରହାସ ଧାରୀ ମାଆ ହରୁଛ ଗୋ ବିଶ୍ୱବାସୀ ଜନଙ୍କ ସନ୍ତାପ ।
କରାଳ ବଦନା ଦେବୀ ଶତସୂର୍ଯ୍ୟ ସମ ପ୍ରଭା ଦେଖାଅ ଗୋ
ମାଆ,
ବିଦ୍ୟୁତର ମାଳା ପ୍ରାୟ ଚମକଇ କଣ୍ଠେ ତୁମ ଅଲୌକିକ କାୟା ।

ଭୟଙ୍କରୀ ମୂର୍ତ୍ତି ମଧ୍ୟେ ବିକଶିତ ହୁଏ ତୁମ ଶାଶ୍ୱତ ମାଧୁରୀ,
ଭକ୍ତ ମନେ ଭରିଦିଅ କରୁଣାର ଅମୃତ ଗୋ ପ୍ରେମର ଲହରୀ ।
ଅଜ୍ଞାନ ଅନ୍ଧାର ନାଶି ଜାଳିଦିଅ ଦେବୀ ତୁମ ଜ୍ଞାନର ପ୍ରଦୀପ,
ସଂସାରର କଷ୍ଟରୁ ଗୋ ରକ୍ଷାକର ଦେଇ ତୁମ ଶ୍ରୀପଦ ସମୀପ ।

ଶୁଭଙ୍କରୀ ରୂପେ ମାଆ ସର୍ବଦା ଗୋ ତୁମେ କର ମଙ୍ଗଳ ବିଧାନ,
ତୁମରି ଆଶିଷ ବଳେ ଧନ୍ୟ ହୁଏ ଜୀବନର ପ୍ରତିଟି ସ୍ପନ୍ଦନ ।
କାଳରୂପୀ ସମୟର ନିୟନ୍ତା ଗୋ ତୁମେ ମାଆ ପରମ ଈଶ୍ୱରୀ,
ସମର୍ପିତ ଚିତ୍ତେ ଆଜି ବନ୍ଦନା କରୁଛି ମାତ ବିଶ୍ୱ ଚରାଚରୀ ।

ତବ ପାଦ ପଦ୍ମେ ମାଆ ଶରଣ ଗୋ ପାପ ତାପ ନାଶ ଜଗତର ,
ଅଲୌକିକ ଦିବ୍ୟ ଜ୍ୟୋତି ଭରିଦିଅ ଦୟା କ୍ଷମା ସବୁରି ଅନ୍ତର ।।

**- ଶୁଭେନ୍ଦୁ ମେହେର**
**ସୁବର୍ଣ୍ଣପୁର**

## ଶୂନ୍ୟ ଆଶା



**ଗାୟତ୍ରୀ ନାୟକ**
**ଯାଜପୁର**

ନା କେବେ ଭେଟିଛି, ନା ସ୍ପର୍ଶ କରିଛି
ନା କେବେ ଦେଖିଛି ତୁମକୁ।
ଦୂରଭାଷ ଯୋଗେ ତୁମ ସହ ମୋର
କ୍ଷଣିକ ଆଳାପ
ଆଉ ତୁମ ମଧୁର ବଚନରେ
କାହିଁକି କେଜାଣି,
ମନ ମୋର ହୋଇଗଲା ଆନମନା
ଇଚ୍ଛା ହେଲା ନିତି ନିତି
ଗପିବାକୁ ତୁମ ସହ ଚୁପି ଚୁପି।
ସେବେଠୁ, ମୋ ମନରେ ଉନ୍ମାଦିତ ହେଲା
ତୁମ ପାଇଁ ସ୍ନେହ, ପ୍ରେମ
ପ୍ରସ୍ଫୁଟିତ ହୋଇ ଉଠିଲା ମନ ଓ ପ୍ରାଣ
ରଖି ପାରିଲିନି ମୋ ମନକୁ ନିଜ ଆୟତରେ
ଇଚ୍ଛା ହେଲା ଉଡିବାକୁ
ତୁମ ମନର ଦେଶରେ।
ଜାଣିନି ମୁଁ ଯେ ,
ତୁମେ ଆଦରରେ ଗ୍ରହଣ କରିବ
ଅବା ଫିଙ୍ଗି ଦେବ
ମୋ ମନର ଭାଷାକୁ।
କିନ୍ତୁ, ଆଜି ମୁଁ ଲେଖୁଛି
ମୋ ମନର ଅକୁହା କଥା ତୁମକୁ
ପ୍ରିୟାଟିଏ ବୋଲି।

## ସୂତ୍ରଧର



ବିନା ଅସ୍ତ୍ରେ ରଚିପାର ଯୁଦ୍ଧ
ତୁମ ମନ ଭିତରେ ଛନ୍ଦିପାର
ନାନାଦି ଫନ୍ଦି ଫିକର
ଗଢିପାର ତୁମେ
ପାରିବା ପଣିଆର ପ୍ରାଚୀର

ରୂପ ଦିଆ କଣ୍ଢେଇକୁ ଅରୂପ ସଜେଇ
ସ୍ଥିର ପବନକୁ ଅସ୍ଥିର କହି
ହୋଇପାରେ ଶାନ୍ତ, ସ୍ନିଗ୍ଧ ସୁଶିତଳ ଜଳ
ତୁମ ପାଇଁ ଗୋଳିଆ ,ତୁମେ ହିଁ ଏକା ଭଲ
ତୁମ ମତରେ,ସାରା ଦୁନିଆଟା ବାଚାଳ

ମନରେ ରହିଛି ତୁମ ସେହି ଛାପ
ଶକୁନି,ମନ୍ଥରା,ଶୂର୍ପନଖା ମାନଙ୍କର
ଯୁଦ୍ଧର ଆରମ୍ଭ ହୁଏ ଯେବେ
ଶେଷରେ ହୁଏ ଛାରଖାର

ଏ ସବୁ ପଛର ଖଳନାୟକ ସାଜି
ନିରବ ରହି
ନାନାଦି ଘଟଣା ଘଟାଇବାରେ
ତୁମେ ହିଁ ତ ସବୁ ଯୁଦ୍ଧର
ପ୍ରମୁଖ ସୂତ୍ରଧର ।

**- ନିରଞ୍ଜନ**


ଉପସ୍ଥାପନା
**ନିରଞ୍ଜନ ନାୟକ**
ମୋ: ୯୪୩୭୩୧୭୪୧୭


## ସବୁଠୁ ଭଲ ମୋ ମାଆ ଓଠ ଭାଷା



**ଅନୁପମା ବିଶ୍ୱାଳ**
**ସମ୍ବଲପୁର**

ମାଆ କୋଳେ ମୁହିଁ ମାଆ ମୁହଁ ଚାହିଁ
କ୍ଷୀର ପିଉଥିଲି ଯେବେ
ଶୁଣୁଛି ସେବେଠୁ ମୋ ମାଆର ଓଠୁ
ବୁଝୁ ନ ଥିଲେ ବି ତେବେ।

ହସିଲେ କାନ୍ଦିଲେ ଉଠିଲେ ଶୋଇଲେ
ଗେଲ କରେ ମାଆ ମତେ
ମନ୍ତ୍ର ମୁଗ୍ଧ ପରି ମନେ ଖୁସି ଭରି
ଶୁଣୁଥାଏ ମୁହିଁ ସତେ।

ହୋଇ ପରିଚିତ ସେ ଭାଷା ସହିତ
ଲାଗେ ଅତି ଆପଣାର
ମହୁଠୁ ମଧୁର ଗଠନ ସୁନ୍ଦର
ପରିଚୟ ଓଡ଼ିଶାର।

ଭାଷା ମହାରଥୀ ସାହିତ୍ୟ ସାରଥି
ଭାଷା ସୁରକ୍ଷା ସକାଶେ
ରଚି ଇତିହାସ ରଖିଛନ୍ତି ଯଶ
ଜାଣି ମନେ ଗର୍ବ ଆସେ।

କାବ୍ୟ ପୁରାଣରେ ଶାସ୍ତ୍ର ଦର୍ଶନରେ
ରହିଅଛି କେତେ ଜ୍ଞାନ
ପଢିଲେ ଲେଖିଲେ ଜାଣି ହୁଏ ସିନା
ଓଡ଼ିଆ ଭାଷାର ମାନ।

ସାହିତ୍ୟ କ୍ଷେତ୍ରରେ ରହିଛି ଆଗରେ
ମୋ ଭାଷା କେତେ ଉତ୍କୃଷ୍ଟ
ସଂସ୍କାର ସଂସ୍କୃତି ପରମ୍ପରା ନୀତି
ସବୁଥିରେ ପରିପୁଷ୍ଟ।

## ଯୁବ ଲେଖିକା ମହିମା ଗନ୍ତାୟତ

### ଇଂରାଜୀ ଗଳ୍ପ ରଚନାରେ ପ୍ରଥମ ସ୍ଥାନ ହାସଲ




ରାୟଗଡ଼ାର ଯୁବ ଲେଖିକା ମହିମା ଗନ୍ତାୟତ ଜାତୀୟସ୍ତରୀୟ ପ୍ରଫିସିଏଣ୍ଟ ଆୱାର୍ଡସ୍ ୨୦୨୫ ରେ ଇଂରାଜୀ ଗଳ୍ପ ରଚନା ବର୍ଗରେ ପ୍ରଥମ ସ୍ଥାନ ହାସଲ କରିଛନ୍ତି। ଥାଣେସ୍ଥିତ 'ପୋଏଟିକ୍ ଏସେନ୍ସ ପବ୍ଲିକେସନ୍' ପକ୍ଷରୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ମହିମାଙ୍କର ଛାତ୍ରଜୀବନରୁ ହିଁ ସାହିତ୍ୟ ପ୍ରତି ଗଭୀର ଅନୁରାଗ ଓ ପ୍ରତିଭାର ପରିଚୟ ଦେଇଆସିଥିବା ମହିମା ବର୍ତ୍ତମାନ ରାୟଗଡ଼ା ମହିଳା ମହାବିଦ୍ୟାଳୟରେ ଇଂରାଜୀ ସମ୍ମାନ ସହ କଳା ସ୍ନାତକ ପ୍ରଥମ ବର୍ଷରେ ଅଧ୍ୟୟନରତା । ଉଭୟ ଇଂରାଜୀ ଓ ହିନ୍ଦୀ ସାହିତ୍ୟରେ ସୃଜନଶୀଳ ରଚନା କ୍ଷେତ୍ରରେ ସାଫଲ୍ୟ ସହିତ ବକ୍ତୃତା, କବିତା ଆବୃତ୍ତି ଓ ମଞ୍ଚ ସଂଚାଳନ ଆଦି ବିବିଧ କ୍ଷେତ୍ରରେ ମଧ୍ୟ ସେ ନିଜର ପ୍ରତିଭା ପ୍ରଦର୍ଶନ କରି ପୁରସ୍କୃତା ଓ ପ୍ରଶଂସିତା ହୋଇ ଆସୁଛନ୍ତି। ନିକଟରେ ପ୍ରକାଶିତ ତାଙ୍କର ପ୍ରଥମ ହିନ୍ଦୀ କବିତା ସଂକଳନ ଅନକହୀ ବାତେଁ ବେଶ୍ ପାଠକାଦୃତି ହାସଲ କରି ପାରିଛି।

# ବାତ୍ୟା 'ଅର୍ଣ୍ଣବ': ମୁକାବିଲା ପାଇଁ ପ୍ରସ୍ତୁତ

ଭୁବନେଶ୍ୱର, ୨୪।୧୦ (ପ୍ରଭାତ ପଟ୍ଟନାୟକ): ବାତ୍ୟା ଚର୍ଚ୍ଚାରେ ମୋହର ମାରିଛି ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି)। ପୂର୍ବ-କେନ୍ଦ୍ରୀୟ ଏବଂ ସଂଲଗ୍ନ ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ବାତ୍ୟାର ରୂପ ନେବ ବୋଲି ଆଇଏମ୍‌ଡି ଡିଜି ଡକ୍ଟର ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି। ଆସନ୍ତା ୨୬ ତାରିଖରେ ସମୁଦ୍ର ମଧ୍ୟରେ ଏହାର ବାତ୍ୟାର ରୂପ ନେବାକୁ ଥିବା ବେଳେ ୨୮ ତାରିଖରେ ଏହା ଉତ୍ତର ଆନ୍ଧ୍ରପ୍ରଦେଶ ଏବଂ ଦକ୍ଷିଣ ଓଡ଼ିଶା ମଧ୍ୟରେ ଉପକୂଳ ଛୁଇଁବ। ଏହା ପ୍ରଭାବରେ ପ୍ରବଳ ବର୍ଷା ସାଙ୍ଗକୁ ପବନ ବହିବ। ତେବେ ଉପକୂଳ ଛୁଇଁବା ସମୟରେ ପବନର ବେଗ କେତେ ରହିବ, ସେ ସଂପର୍କରେ ଆଇଏମ୍‌ଡି ପକ୍ଷରୁ ଅଦ୍ୟାବଧି ଆକଳନ କରାଯାଇନାହିଁ। ଏହି ସମ୍ଭାବ୍ୟ ବାତ୍ୟାର ନାମ 'ଅର୍ଣ୍ଣବ' ରହିବ। ବାତ୍ୟା ପ୍ରଭାବରେ ରାଜ୍ୟରେ ୨୬ ତାରିଖରୁ ପାଗରେ ପରିବର୍ତ୍ତନ ଆସିବ। ୨୭ରୁ ୨୯ ତାରିଖ ପର୍ଯ୍ୟନ୍ତ ଦକ୍ଷିଣ ଓ ଉପକୂଳବର୍ତ୍ତୀ ଜିଲାଗୁଡ଼ିକରେ ପ୍ରବଳରୁ ଅତି ପ୍ରବଳ ବର୍ଷାର ସମ୍ଭାବନା ରହିଛି ବୋଲି ପାଣିପାଗ ବିଭାଗ କହିଛି। ଏହାକୁ ଦୃଷ୍ଟିରେ ରଖି ୨୯ ତାରିଖ ପର୍ଯ୍ୟନ୍ତ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ବାରଣ କରାଯାଇଛି। ସେହିପରି, ଜାହାଜ ଚଳାଚଳ ଉପରେ ବନ୍ଦରଗୁଡ଼ିକୁ ସତର୍କ ସୂଚନା ଜାରି କରାଯାଇଛି।

ଆଇଏମ୍‌ଡି ଡିଜି ଡକ୍ଟର ମହାପାତ୍ର କହିଛନ୍ତି, ଆଜି ସକାଳେ ସୃଷ୍ଟ ଲଘୁଚାପ କ୍ଷେତ୍ର ଧୀରେଧୀରେ ଘନୀଭୂତ ହୋଇ ଶନିବାର ଅବପାତରେ ପରିଣତ ହୋଇପାରେ। ପରବର୍ତ୍ତୀ ସମୟରେ ପଶ୍ଚିମ-ଉତ୍ତର-ପଶ୍ଚିମ ଦିଗରେ ଗତି କରିବ ଏବଂ ଅଧିକ ଘନୀଭୂତ ହୋଇ ଆସନ୍ତା ୨୫ ତାରିଖ ସୁଦ୍ଧା ଗଭୀର ଅବପାତ ରୂପ ନେବାର ସମ୍ଭାବନା ରହିଛି। ୨୬ ତାରିଖ ସକାଳେ ପଶ୍ଚିମ-କେନ୍ଦ୍ରୀୟ ବଙ୍ଗୋପସାଗର ଅଞ୍ଚଳରେ ସାମୁଦ୍ରିକ ଝଡ଼ରେ ପରିଣତ ହୋଇପାରେ। ଏହା ଆହୁରି ଅଧିକ ଘନୀଭୂତ ହୋଇ ସେହି ପଶ୍ଚିମ-ଉତ୍ତର-ପଶ୍ଚିମ ଦିଗରେ ଗତି କରି ୨୮ତାରିଖ ସକାଳୁ ଉତ୍ତର ଆନ୍ଧ୍ରପ୍ରଦେଶ ଓ ଦକ୍ଷିଣ ଓଡ଼ିଶାର ଉପକୂଳରେ ପହଞ୍ଚିବାର ସମ୍ଭାବନା ରହିଛି। ଉପକୂଳ ଆଡ଼କୁ ବାତ୍ୟା ଗତି କରିବା ସମୟରେ ଏହା ଅଧିକରୁ ଅଧିକ ବଳ ଗୋଟାଇବଙ୍କ ପବନର ବେଗ ବୃଦ୍ଧି ପାଇବ। ବର୍ତ୍ତମାନ ପରିସ୍ଥିତିରେ ପୂର୍ବ-କେନ୍ଦ୍ରୀୟ ଏବଂ ନିକଟସ୍ଥ ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ଘଣ୍ଟା ପ୍ରତି ୩୫ରୁ ୪୫ କି.ମି ବେଗରେ ପବନ ବହୁଛି। କେନ୍ଦ୍ରସ୍ଥଳରେ ଧୀରେଧୀରେ ପବନର ବେଗ ବୃଦ୍ଧି ପାଉଛି। ଆସନ୍ତାକାଲି କେନ୍ଦ୍ର ସ୍ଥଳରେ ଘଣ୍ଟା ପ୍ରତି ୪୫ରୁ ୫୫କି.ମି ଏବଂ ଝଟକା ପବନର ବେଗ ୬୫ କି.ମି ପର୍ଯ୍ୟନ୍ତ ଛୁଇଁପାରେ। ୨୫ ତାରିଖ ବେଳକୁ କେନ୍ଦ୍ରସ୍ଥଳରେ ଘଣ୍ଟା ପ୍ରତି ୫୫ରୁ ୬୫କି.ମି ଏବଂ ଝଟକା ପବନର ବେଗ ଘଣ୍ଟା ପ୍ରତି ୭୫ କି.ମି ପର୍ଯ୍ୟନ୍ତ ରହିପାରେ। ୨୬ ତାରିଖ ସକାଳେ କେନ୍ଦ୍ରସ୍ଥଳରେ ଘଣ୍ଟା ପ୍ରତି ୭୦ରୁ ୮୦କି.ମି. ଏବଂ ସ୍ଥଳବିଶେଷରେ ଝଟକା ପବନର ବେଗ ୯୦କି.ମି. ପର୍ଯ୍ୟନ୍ତ ରହିବାର ସମ୍ଭାବନା ରହିଛି। ଉପକୂଳ ଆଡ଼କୁ ଗତି କରିବା ସମୟରେ ପବନର ବେଗ ବଢ଼ିବ।

ତେବେ ସମ୍ଭାବ୍ୟ ବାତ୍ୟାର ପ୍ରଭାବ ଆସନ୍ତା ୨୬ତାରିଖରୁ ଓଡ଼ିଶା ଉପକୂଳରେ ଅନୁଭୂତ ହେବ। ପାଗ ବଦଳିବା ସହ ବର୍ଷା ଆରମ୍ଭ ହୋଇଯିବ। ୨୭ ତାରିଖରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାକୁ ଥିବା ବେଳେ ୨୮ ଓ ୨୯ରେ ଅତ୍ୟନ୍ତ ପ୍ରବଳ ବର୍ଷା ହୋଇପାରେ। ଏପରିକି, ୨୦ରୁ ୩୦ ସେ.ମି କିମ୍ବା ଅଧିକ ବେଗରେ ବର୍ଷା ସମ୍ଭାବନା ରହିଛି।



ସେହିପରି, ୨୭ତାରିଖରୁ ଓଡ଼ିଶା ଉପକୂଳରେ ଘଣ୍ଟା ପ୍ରତି ପବନର ବେଗ ୪୦ରୁ ୫୦କି.ମି ଏବଂ ଝଟକା ପବନର ବେଗ ଘଣ୍ଟାପ୍ରତି ୬୦କି.ମି ପର୍ଯ୍ୟନ୍ତ ରହିବାର ସମ୍ଭାବନା ରହିଛି। ଗଞ୍ଜାମ, ଗଜପତି ଏବଂ ପୁରୀ ଜିଲାକୁ ଅତ୍ୟନ୍ତ ପ୍ରବଳ ବର୍ଷା ନେଇ ରେଡ୍‌ଓ୍ୱାର୍ଣ୍ଣିଂ ଜାରି କରାଯାଇଛି। ଉପକୂଳବର୍ତ୍ତୀ ଏବଂ ଦକ୍ଷିଣ ଓଡ଼ିଶାର କିଛି ଜିଲାକୁ ଅରେଞ୍ଜ ଓ୍ୱାର୍ଣ୍ଣିଂ ଦିଆଯାଇଛି। ୨୮ରେ ରାୟଗଡ଼ା, କୋରାପୁଟ, ମାଲକାନଗିରି, ଗଜପତି ଏବଂ ଗଞ୍ଜାମ ଜିଲାକୁ ରେଡ୍‌ଓ୍ୱାର୍ଣ୍ଣିଂ ଦିଆଯାଇଛି। ଉପକୂଳବର୍ତ୍ତୀ ଜିଲାଗୁଡ଼ିକୁ ଅରେଞ୍ଜ ଓ୍ୱାର୍ଣ୍ଣିଂ ଦିଆଯାଇଛି। କିନ୍ତୁ ଯେତେବେଳେ ସମ୍ଭାବ୍ୟ ବାତ୍ୟା ଉପକୂଳ ଆଡ଼କୁ ଅଗ୍ରସର ହେବ, ସେତେବେଳେ ଧୀରେ ଧୀରେ ପବନର ବେଗ ଆହୁରି ବୃଦ୍ଧି ପାଇବାର ସମ୍ଭାବନା ରହିଛି। ହେଲେ ସମ୍ଭାବ୍ୟ ବାତ୍ୟା କେଉଁଠି ଉପକୂଳ ଅତିକ୍ରମ କରିବ ଏବଂ କେତେବେଳେ ଅତିକ୍ରମ କରିବ, ତା'ର କୌଣସି ସଠିକ ଆକଳନ ଅଦ୍ୟାବଧି କରାଯାଇନାହିଁ। ୨୯ରେ ଉତ୍ତର ଏବଂ ପଶ୍ଚିମ ଓଡ଼ିଶାର ଜିଲାଗୁଡ଼ିକରେ ବର୍ଷାର ପରିମାଣ ବୃଦ୍ଧି ପାଇବ।

ବଙ୍ଗୋପସାଗରରେ ସୃଷ୍ଟି ହେବାକୁ ଥିବା ସାମୁଦ୍ରିକ ଝଡ଼ର ନାମ 'ଅର୍ଣ୍ଣବ' ରହିବ। ବାଂଲାଦେଶ ଏହାର ଏପରି ନାମକରଣ କରିଛି। ବିଶ୍ୱ ପାଣିପାଗ ସଙ୍ଗଠନ(ଡବ୍ଲ୍ୟୁଏମ୍‌ଓ) ଏବଂ ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି)ର ଆଞ୍ଚଳିକ ତାଲିକାରେ ପରବର୍ତ୍ତୀ ବାତ୍ୟା ପାଇଁ ନିର୍ଦ୍ଧାରିତ ହୋଇ ରହିଛି ଏହି ନାମ। ଅର୍ଣ୍ଣବର ଅର୍ଥ ହେଉଛି 'ସମୁଦ୍ର' ବା 'ବିଶାଳ ଜଳରାଶି'। ଏହି ନାମ ବାଂଲାଦେଶ ପକ୍ଷରୁ ଉତ୍ତର ଭାରତ ମହାସାଗର ପାଇଁ ଥିବା ଘୂର୍ଣ୍ଣିବାତ୍ୟା ନାମ ତାଲିକାରେ ପ୍ରସ୍ତାବିତ ହୋଇଛି।

## ମୁଖ୍ୟାଳୟ ଛାଡ଼ିପାରିବେନି ଅଧିକାରୀ

ଭୁବନେଶ୍ୱର, ୨୪।୧୦: ବାତ୍ୟା 'ଅର୍ଣ୍ଣବ'କୁ ନେଇ ଚିନ୍ତାରେ ସରକାର। ସମସ୍ତ ପ୍ରକାର ସୁବିଧା ଯୋଗାଇ ଦେବା ସହ ମୁଖ୍ୟାଳୟ ଛାଡ଼ି ନ ଯିବାକୁ ଅଧିକାରୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ। କୌଣସି ଜୀବନହାନୀ ଯେପରି ନଘଟେ ସେଥିପାଇଁ ସଜାଗ ରହିବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିର୍ଦ୍ଦେଶ ଦେଇଛନ୍ତି। ଏପଟେ ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି)ର ପୂର୍ବାନୁମାନ ଆଧାରରେ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ସମ୍ଭାବ୍ୟ ବାତ୍ୟାର ରୂପ ନେଉଥିବାରୁ ସ୍ୱତନ୍ତ୍ର ରିଲିଫ୍ କମିଶନର (ଏସ୍‌ଆର୍‌ସି)ଙ୍କ ଚିନ୍ତା ବଢ଼ି ଯାଇଛି। ଏହି ସମ୍ଭାବ୍ୟ ବାତ୍ୟାର ମୁକାବିଲା ଲାଗି ଶୁକ୍ରବାର ପୃଥକ ଭାବେ ୨ଟି ନିର୍ଦ୍ଦେଶନାମା ଏସ୍‌ଆର୍‌ସି ରାଜେଶ ପ୍ରଭାକର ପାଟିଲ ଜାରି କରିଛନ୍ତି। ଗୋଟିଏରେ ଆସନ୍ତା ଶନିବାର ଓ ରବିବାର ରାଜ୍ୟ ମୁଖ୍ୟାଳୟ ଛାଡ଼ି କୌଣସି ଅଧିକାରୀ ନ ଯିବାକୁ ନିର୍ଦ୍ଦେଶନାମା ଜାରି କରାଯାଇଥିବାବେଳେ ଅନ୍ୟଟିରେ ଜରୁରିକାଳୀନ ପଦକ୍ଷେପ କ'ଣ ସବୁ ନେଇଛ ତାହା ଜଣାଇବାକୁ ସମ୍ପୃକ୍ତ ବିଭାଗକୁ ଅବଗତ କରାଇଛନ୍ତି।

ଆସନ୍ତାକାଲିଠାରୁ ରାଜ୍ୟ ଜରୁରିକାଳୀନ ମୁକାବିଲା କେନ୍ଦ୍ର ଏସ୍‌ଆର୍‌ସି କାର୍ଯ୍ୟାଳୟରେ



ଖୋଲିବ। ଏହି ସମୟରେ ସମ୍ପୃକ୍ତ ବିଭାଗର କୌଣସି ଅଧିକାରୀ ରାଜ୍ୟ ମୁଖ୍ୟାଳୟ ଛାଡ଼ି ଯାଇପାରିବେ ନାହିଁ, ସମସ୍ତଙ୍କୁ ଉପସ୍ଥିତ ରହିବାକୁ ପଡ଼ିବ। ସେହିପରି ରାଜ୍ୟର ବିଭିନ୍ନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ପ୍ରମୁଖ ଶାସନ ସଚିବ ଓ ଶାସନ ସଚିବମାନଙ୍କୁ ଏନେଇ ଜରୁରୀ ପଦକ୍ଷେପ ନେବାକୁ ଏସ୍‌ଆର୍‌ସି ଅବଗତ କରିଛନ୍ତି। ସେ ଦର୍ଶାଇଛନ୍ତି, ବଙ୍ଗୋପସାଗରରେ ଘନୀଭୂତ ହୋଇଥିବା ବାତ୍ୟାର ନିର୍ଦ୍ଦିଷ୍ଟ ଗତିପଥ, ତୀବ୍ରତା ଓ ସ୍ଥଳଭାଗ ଛୁଇଁବାର ସ୍ଥାନ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ମାତ୍ର ୨୬ ଅକ୍ଟୋବରରୁ ରାଜ୍ୟର ବିଭିନ୍ନ ଅଞ୍ଚଳରେ ପ୍ରବଳ ବର୍ଷା, ଜୋର୍ ପବନ ଏବଂ ଯୋଗାଯୋଗ ଓ ଜନଜୀବନରେ ବାଧା ସୃଷ୍ଟି ହେବାର ଆଶଙ୍କା ରହିଛି। ଏହାକୁ ଦୃଷ୍ଟିରେ ରଖି ଜଳଯୋଗାଣ ଓ ଜରୁରୀ ସେବା ସ୍ୱାଭାବିକ ରଖିବାକୁ ହେବ। ସେହିପରି ତଳିଆ ସହରାଞ୍ଚଳରେ ଉଚ୍ଚ କ୍ଷମତାସମ୍ପନ୍ନ ପମ୍ପ ମହଜୁଦ ରଖିବା ସହ ଜଳବନ୍ଦୀ ହେବାର ଆଶଙ୍କା ଥିବା ଅଞ୍ଚଳରୁ ଜଳ ନିଷ୍କାସନ ପାଇଁ ପ୍ରସ୍ତୁତି କରିବା, ଭୁବନେଶ୍ୱର ମହାନଗର ନିଗମ ଓ କଟକ ମହାନଗର ନିଗମ ସମେତ ସମ୍ପୃକ୍ତ ସଂସ୍ଥାଗୁଡ଼ିକୁ ଏ ଦିଗରେ ପ୍ରସ୍ତୁତ ରହିବାକୁ ଏସ୍‌ଆର୍‌ସି କହିଛନ୍ତି। ବିଦ୍ୟୁତ୍ ଓ ରାସ୍ତା ମରାମତି ବିଭାଗକୁ ଜରୁରିକାଳୀନ ମରାମତି ଦଳ, ଭାରି ଯନ୍ତ୍ରପାତି ଏବଂ ଆବଶ୍ୟକ ସାମଗ୍ରୀକୁ ପ୍ରମୁଖ ସ୍ଥାନରେ ମହଜୁଦ ରଖିବାକୁ ନିର୍ଦ୍ଦେଶ ରହିଛି। ଅତ୍ୟାବଶ୍ୟକ ଔଷଧ, ଓଆର୍‌ଏସ୍, ହାଲୋଜିନ୍ ବଟିକା, ସାପ କାମୁଡ଼ା ପ୍ରତିରୋଧକ ଔଷଧ, ବ୍ଲିଚିଂ ପାଉଡର ଓ ଶୁଖିଲା ଖାଦ୍ୟ ସାମଗ୍ରୀ ଆବଶ୍ୟକ ପରିମାଣରେ ମହଜୁଦ ରଖିବାକୁ ସ୍ୱାସ୍ଥ୍ୟ ବିଭାଗକୁ କୁହାଯାଇଛି। ଏହାସହିତ ଜଳସମ୍ପଦ,ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ, ବାଣିଜ୍ୟ ଓ ପରିବହନ, କୃଷି, ମତ୍ସ୍ୟ ଓ ପଶୁ ସମ୍ପଦ ଏବଂ ପଞ୍ଚାୟତିରାଜ ବିଭାଗକୁ ପ୍ରସ୍ତୁତ ରହିବାକୁ ଏସ୍‌ଆର୍‌ସି କହିଛନ୍ତି। ସମସ୍ତ ସମ୍ପୃକ୍ତ ବିଭାଗ ନିଜ ନିଜ ପକ୍ଷରୁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କୁ ନିୟମିତ ଭାବେ ଅବଗତ କରାଇବାକୁ ପତ୍ରରେ ଏସ୍‌ଆର୍‌ସି ଅବଗତ କରାଇଛନ୍ତି।

## ବାତ୍ୟା ମୁକାବିଲା ପାଇଁ ଚୂଡ଼ାନ୍ତ ପ୍ରସ୍ତୁତି: ମନ୍ତ୍ରୀ ସୁରେଶ ପୂଜାରୀ

ଭୁବନେଶ୍ୱର, ୨୪।୧୦:ବାତ୍ୟାର ମୁକାବିଲା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଚୂଡ଼ାନ୍ତ ପ୍ରସ୍ତୁତି ସରିଥିବା ସୂଚନା ଦେଇଛନ୍ତି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ। ବାତ୍ୟାକୁ ନେଇ ଲୋକମାନେ ଆଦୌ ଭୟଭୀତ ନ ହେବାକୁ ସେ ଅପିଲ୍ କରିଛନ୍ତି। ପାଣିପାଗର ସ୍ଥିତି ଉପରେ ସରକାର ନଜର ରଖିଥିବା ବେଳେ ଭାରତୀୟ ପାଣିପାଗ ବିଭାଗ (ଓଗଡ) ସହ ନିୟମିତ ଯୋଗାଯୋଗରେ ଥିବା ସେ କହିଛନ୍ତି। ମନ୍ତ୍ରୀଙ୍କ ସୂଚନା ଅନୁଯାୟୀ, ଅବପାତ ସୃଷ୍ଟି ହେବା ପରେ ଏହାର ଗତିପଥ ଓ ଗତିବିଧିକୁ ଅଧ୍ୟୟନ କରାଯିବ। ପାଣିପାଗ ବିଭାଗର ସୂଚନା ଆଧାରରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ। ବାତ୍ୟା ଯୋଗୁଁ ଯେପରି ଅଧିକ କ୍ଷୟକ୍ଷତି ନ ହୁଏ, ସେଥିପାଇଁ ସରକାରଙ୍କ ପକ୍ଷରୁ ଆବଶ୍ୟକ ପ୍ରସ୍ତୁତି କରାଯାଇଛି।
ଆସନ୍ତା ୨୬ ତାରିଖରୁ ବର୍ଷା ଆରମ୍ଭ ହେବାର ସମ୍ଭାବନା ଥିବାବେଳେ ୨୭ ତାରିଖ ପାଇଁ ପୁରୀ, ଗଞ୍ଜାମ ଓ ଗଜପତି ଜିଲ୍ଲାକୁ ରେଡ୍ ଆଲର୍ଟ ଜାରି ହୋଇଥିବା ରାଜସ୍ୱ ମନ୍ତ୍ରୀ ସୂଚନା ଦେଇଛନ୍ତି। ତେବେ ସମ୍ଭାବ୍ୟ ଅବପାତ କେଉଁଠି ସ୍ଥଳଭାଗ ଛୁଇଁବ, ସେନେଇ ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ଏଯାଏଁ ସ୍ପଷ୍ଟ ସୂଚନା ମିଳିନାହିଁ।
ମନ୍ତ୍ରୀଙ୍କ ସୂଚନା ଅନୁସାରେ, ପ୍ରାଥମିକ ଆକଳନ ଅନୁଯାୟୀ ଏହା କାକିନାଡ଼ାରୁ ଗୋପାଳପୁର ମଧ୍ୟବର୍ତ୍ତୀ ଉପକୂଳ ଅଞ୍ଚଳ ଦେଇ ଅତିକ୍ରମ କରିପାରେ। ଏହାପରେ ଓଡ଼ିଶା ଅତିକ୍ରମ କରି ଛତିଶଗଡ଼ ଦେଇ ଝାଡ଼ଖଣ୍ଡ ଆଡ଼କୁ ଗତି କରିବାର ଆକଳନ କରାଯାଉଛି। ତେବେ ଏହାର ଗତିପଥ ଓ ସ୍ଥଳଭାଗ ଛୁଇଁବା ସ୍ଥାନ



ସମ୍ପର୍କରେ ଅଧିକ ସ୍ୱଷ୍ଟତା ପାଇଁ ପାଣିପାଗ ବିଭାଗର ପରବର୍ତ୍ତୀ ସୂଚନାକୁ ଅପେକ୍ଷା କରାଯାଇଛି।

୨୮ ସକାଳେ ବାତ୍ୟା ଉପକୂଳ ଛୁଇଁବା ନେଇ ଆକଳନ କରାଯାଇଛି। ୯୦ ସ୍ପିଡରେ ବହିବ ପବନ, ୨୬ ତାରିଖ ସକାଳେ ସୃଷ୍ଟି ହୋଇପାରେ ବାତ୍ୟା ଏନେଇ ସ୍ପଷ୍ଟ କଲେ ଆଇଏମଡି ଡିଜି। ଆସନ୍ତା ୨୬ରୁ ଓଡ଼ିଶା ଉପକୂଳରେ ବର୍ଷା ଆରମ୍ଭ ହେବ ଏନେଇ ସୂଚନା ଦେଇଛନ୍ତି ଆଇଏମଡି ଡିଜି ମୃତ୍ୟୁଞ୍ଜୟ ମହାପାତ୍ରା ସେ କହିଛନ୍ତି, ୨୭ରେ ପ୍ରବଳରୁ ଅତିପ୍ରବଳ ବର୍ଷା ହୋଇପାରେ। ୨୮ ଓ ୨୯ ତାରିଖରେ ଅତ୍ୟନ୍ତ ପ୍ରବଳ ବର୍ଷା ସମ୍ଭାବନା ରହିଛି। କିଛି ସ୍ଥାନରେ ୨୦ ରୁ ୩୦ ସେମି ବର୍ଷା ହୋଇପାରେ। ଆଜି ପୂର୍ବକେନ୍ଦ୍ରୀୟ ବଙ୍ଗୋପସାଗରରେ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ୨୬ରେ ପଶ୍ଚିମକେନ୍ଦ୍ରୀୟ ବଙ୍ଗୋପସାଗରରେ ବାତ୍ୟା, ବଙ୍ଗୋପସାଗରରେ ଘନୀଭୂତ ହେଉଛି ଲଘୁଚାପ। ୨୫ରେ ଅବପାତ ଓ ୨୬ ତାରିଖ ସକାଳ ସୁଦ୍ଧା ବାତ୍ୟାର ରୂପ ନେବା ସମ୍ଭାବନା ରହିଛି। ୨୮ ସକାଳେ ଉତ୍ତର ଆନ୍ଧ୍ର-ଦକ୍ଷିଣ ଓଡ଼ିଶା ଉପକୂଳ ଛୁଇଁବ ବାତ୍ୟା। ପାଣିପାଗ ବିଶେଷଜ୍ଞ କହିଛନ୍ତି, ଆସନ୍ତା ୨୮ ତାରିଖରେ ବାତ୍ୟା ଉପକୂଳ ଛୁଇଁବା ସମ୍ଭାବନା ରହିଛି। ପୂର୍ବକେନ୍ଦ୍ରୀୟ ବଙ୍ଗୋପସାଗରରେ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। କାଲି ଅବପାତ, ୨୫ରେ ଗଭୀର ଅବପାତର ରୂପ ନେବା ସମ୍ଭାବନା ରହିଥିବା ବେଳେ ୨୬ରେ ପଶ୍ଚିମକେନ୍ଦ୍ରୀୟ ବଙ୍ଗୋପସାଗରରେ ବାତ୍ୟା ସମ୍ଭାବନା,ଏହାସହ ୨୮ ସକାଳେ ଉତ୍ତର ଆନ୍ଧ୍ର-ଦକ୍ଷିଣ ଓଡ଼ିଶା ଉପକୂଳ ଛୁଇଁବା ସମ୍ଭାବନା ରହିଛି। ଧୀରେ ଧୀରେ ପବନର ବେଗ ବଢ଼ିବ। କାଲି ପବନର ବେଗ ରହିବ ୬୫ କିମି, ୨୫ରେ ୭୫ କିମିରେ ବହିବ -୨୬ ତାରିଖ ସକାଳେ ୯୦ କିମି ବେଗରେ ପବନ ବହିବା ସମ୍ଭାବନା ରହିଛି। ଉପକୂଳ ଆଡ଼କୁ ଗତି କଲେ ପବନର ବେଗ ଆହୁରି ବଢ଼ିବ। ସର୍ବାଧିକ ପବନର ବେଗ କେତେ ରହିବ ପୂର୍ବାନୁମାନ କରାଯାଇନି। ଅବପାତରେ ପରିଣତ ପରେ ସର୍ବାଧିକ ପବନର ବେଗ ଆକଳନ କରାଯିବ। ସମୁଦ୍ର ଅଶାନ୍ତ ହେବାରେ ଲାଗିଛି, ୨୭ରୁ ସମୁଦ୍ର ଅଶାନ୍ତ ରହିବ, ଏହି ସମୟରେ ୨୯ ଯାଏଁ ସମୁଦ୍ରକୁ ନ ଯିବାକୁ ମତ୍ସ୍ୟଜୀବୀଙ୍କୁ ପରାମର୍ଶ ଦିଆଯାଇଛି। ଓଡ଼ିଶା ଓ ଆନ୍ଧ୍ର ନିକଟ ସମୁଦ୍ରକୁ ୨୯ ଯାଏଁ ନ ଯିବାକୁ ପରାମର୍ଶ ଦିଆଯାଇଛି। ସମ୍ଭାବ୍ୟ ବାତ୍ୟା ପ୍ରଭାବରେ ୨୬ ଓ ୨୭ ତାରିଖରେ ଓଡ଼ିଶା ଉପକୂଳରେ ବର୍ଷା ସମ୍ଭାବନା ରହିଛି। ୨୭ ତାରିଖରେ ଓଡ଼ିଶା ଉପକୂଳରେ ଅତିପ୍ରବଳ ବର୍ଷା ନେଇ ଆଇଏମଡି ଆକଳନ କରିଛି। ୨୬ରେ ହାଲୁକାରୁ ମଧ୍ୟମ ବର୍ଷା, ୨୭ରେ ଅତିପ୍ରବଳ ବର୍ଷା ସମ୍ଭାବନା ରହିଛି। ସର୍ବାଧିକ ୯୦ କିମି ବେଗରେ ପବନ ବହିବା ନେଇ ଆକଳନ କରାଯାଇଛି।

## ଗୋକର୍ଣ୍ଣେଶ୍ୱର ବିଦ୍ୟାଳୟ

ଦେବଗଡ଼ ମାଟି କୋଳରେ ଶୋଭା ପାଏ,
ଗୋକର୍ଣ୍ଣେଶ୍ୱର ବିଦ୍ୟାଳୟ ମନ ମୋହି ନିଏ।
ସବୁଜ ପରିବେଶେ ଶାନ୍ତିର ପରଶ,
ଶିଶୁଙ୍କ ମୁହଁରେ ଫୁଟେ ହସ ହସ।

ଏଇ ତ ବିଦ୍ୟାର ପବିତ୍ର ମନ୍ଦିର,
ଜ୍ଞାନର ଆଲୋକେ ହୁଏ ଆଲୋକିତ ଘର।
ଅ, ଆ ଠାରୁ ଆରମ୍ଭ ଶିକ୍ଷାର ସୋପାନ,
ଏଇଠାରୁ ଶିଶୁଙ୍କ ଗଢ଼େ ଭବିଷ୍ୟତ ମହାନ।

ଶିକ୍ଷୟିତ୍ରୀଙ୍କ ସ୍ନେହ ମମତାର ଧାରା,
ଶିଶୁଙ୍କ ଜୀବନେ ଭରେ ନୂଆ ଆଶା।
ଭୁଲ୍‌କୁ ସୁଧାରି ଠିକ୍ ପଥ ଦେଖାନ୍ତି,
ଜ୍ଞାନ ସହ ସଂସ୍କାର ହୃଦୟେ ଭରନ୍ତି।

ସକାଳ ହେଲେ ଶୁଭେ ପ୍ରାର୍ଥନାର ସ୍ୱର,
ପିଲାଙ୍କ କୋଳାହଳେ ହସେ ବିଦ୍ୟାଳୟ ପରିସର।
ପାଠ ସହ ଖେଳ, ଗୀତ ଓ ନୃତ୍ୟ,
ଶିଶୁଙ୍କ ମନରେ ଜାଗେ ନୂଆ ଆଦର୍ଶ।

କେହି ହେବ ଡାକ୍ତର, କେହି ହେବ ଅଧିକାରୀ,
କେହି ଦେଶର ସେବାରେ ହେବେ ଦାୟିତ୍ୱଧାରୀ।
କେହି ହେବ ବୈଜ୍ଞାନିକ, କେହି ସାହିତ୍ୟିକ,
ଏଇଠାରୁ ଗଢ଼ିଉଠିବେ ଦେଶର ଭବିଷ୍ୟତ ନାୟକ।

ଶିକ୍ଷା ହିଁ ଶକ୍ତି, ଶିକ୍ଷା ହିଁ ବଳ,
ଶିକ୍ଷାରେ ଦୂର ହୁଏ ଅଜ୍ଞାନର ଜାଲ।
ସତ୍ୟ, ନ୍ୟାୟ, ଶୃଙ୍ଖଳା ଓ ସଦାଚାର,
ଶିଶୁଙ୍କ ଜୀବନେ ଆଣେ ନୂଆ ସଂସ୍କାର।

ହେ ଗୋକର୍ଣ୍ଣେଶ୍ୱର ବିଦ୍ୟାଳୟ, ତୁମେ ଆମ ଗର୍ବ,
ତୁମରି ସୁନାମ ହେଉ ଦିଗନ୍ତ ବିସ୍ତାର।
ଯୁଗ ଯୁଗ ଧରି ଜଳୁଥାଉ ଜ୍ଞାନର ଦୀପ,
ତୁମ କୋଳେ ହସୁଥାଉ ଶିଶୁଙ୍କ ଭବିଷ୍ୟତ।

ଦେବଗଡ଼ ମାଟିରେ ତୁମେ ଶିକ୍ଷାର ଆଧାର,
ତୁମ ପାଇଁ ଉଜ୍ଜ୍ୱଳ ହେବ ଆମ ଦେଶର ଭାଗ୍ୟ ଭଣ୍ଡାର।
ତୁମ ପ୍ରତି ଆମର ଶ୍ରଦ୍ଧା ଓ ସମ୍ମାନ,
ଗୋକର୍ଣ୍ଣେଶ୍ୱର ବିଦ୍ୟାଳୟ ଚିରଦିନ ମହାନ!



**ଶ୍ରୀମତୀ ମଧୁସ୍ମିତା ମହାକୁଳ**
ପ୍ରଧାନ ଶିକ୍ଷୟିତ୍ରୀ
ଗୋକର୍ଣ୍ଣିକା ପ୍ରାଥମିକ ବିଦ୍ୟାଳୟ

## ଶରତ ଜହ୍ନର ସୁଆଗ

ଅଶ୍ୱିନର ଜ୍ୟୋତ୍ସ୍ନା ଧୋଇଲା ସରସୀ,
ଧରା ହେଲା ହସକୁରୀ,
ଉତ୍କଳ ଗଗନେ ଚାନ୍ଦ ଉଇଁଲା ଗୋ,
ସାଜିଲେ କୁମାରୀ ଗୋରୀ।
ଖଇ ଆଞ୍ଜୁଳିରେ ସୂରୁଜ ପୂଜିଲେ,
ସଞ୍ଜେ ପୂଜିବେ ଜହ୍ନ,
ପୁଣ୍ୟ ପୂନେଇଁର ପବିତ୍ର ତିଥିରେ,
ଆମ ଓଡ଼ିଆ ଘର ମନ ?
ଖଇ, ଉଖୁଡ଼ା ଓ କଦଳୀର ଚକଟା,
ଚଉରା ମୂଳରେ ସାଜ,
ଜହ୍ନି ଫୁଲର ସେ ନିଷ୍କପଟ କୋଠି,
ଚହଟେ ନୂଆ ଗରଜ।
ହାତେ ହାତ ଛନ୍ଦି ଝିଅମାନେ ଆଜି,
ଗାଉଛନ୍ତି ପୁଚି ଗୀତ,
ଉତ୍କଳୀୟ ନାରୀ ସଂସ୍କୃତିର ଦ୍ୟୁତି,
କରେ ପ୍ରାଣ ପୁଲକିତ ?
ଶ୍ରୀମନ୍ଦିର ଅଗଣାରେ ଜଗନ୍ନାଥ ସାଥେ,
ଲକ୍ଷ୍ମୀ ଖେଳନ୍ତି କଉଡ଼ି,
ସେହି ପରମ୍ପରା ପୁରେ ପୁରେ ଆଜି,
ଆଣେ ଆନନ୍ଦର ବାଡ଼ି।
ମା' ଗଜଲକ୍ଷ୍ମୀଙ୍କ ଅପୂର୍ବ ଆଶିଷେ,
ସମୃଦ୍ଧ ହେଉ ଏ ମାଟି,
ଉତ୍କଳର ଶ୍ରେଷ୍ଠ କୁମାର ପୂନେଇଁ,
ସାରା ବିଶ୍ୱେ ଯାଉ ରଟି ?



ତନୁଜ କୁମାର
ମଲଣା

## ଶୂନ୍ୟସ୍ଥାନ

ଶୂନ୍ୟସ୍ଥାନ ଏକ ନୀରବ ନିର୍ଯ୍ୟାସ
ଆକାଶର ଇନ୍ଦ୍ରଧନୁ
ଜ୍ୟୋସ୍ନା ଭିଜା ତୋଫା ସେ ଶରତ ଶଶୀ
ପ୍ରୀତି ମେଖଳାର ତନୁ।

ମଧୁମକ୍ଷିକା ଅବଦମିତ ତୃଷ୍ଣା
ପୀରତି ସାଳାର ଦେହ
ଉତ୍ତୁଙ୍ଗ ଆବେଗେ ସେ ତରଙ୍ଗାୟିତ
ତୁଚ୍ଛ ତମିଶ୍ରାର ମୋହ।

ସ୍ୱପ୍ନ ଭଙ୍ଗୁର ତା ନିୟତି ସମାଜେ
ନିତ୍ୟ ଅଣଚାଶ ବହେ
ନିଃସ୍ତରିଲି ବୋଲି ନିଃଶ୍ୱାସ ଚିତ୍କାରେ
ନୀଡ଼ ଭାଙ୍ଗି ବାଟେ ଯାଏ।

ପୂର୍ଣ୍ଣ ହୁଏ ନାହିଁ ଜୀବନ ସମଗ୍ରେ
କେତେ କେତେ ଶୂନ୍ୟସ୍ଥାନ ଅୟୁତ
ଯୁଗର ଆଶା ଆଶ୍ୱାସନା
ସମ୍ଭାବନା ସନ୍ଦିହାନ।

ଡ଼ାହାଳ ଶୂନ୍ୟତା ପୂର୍ଣତାକୁ ଗ୍ରାସି
ଆପାଦ ମସ୍ତକ ଘେରେ
ଲବ୍ଧପ୍ରତିଷ୍ଠିତ ପରାକାଷ୍ଠା ଘେନି
ଶୂନ୍ୟତା ଆବୋରି ମରେ।



**ଛବିରାଣୀ ପତି**
ଜଗତସିଂହପୁର

# ଧୋବୁଲୁ

ଦାସେ ମାଷ୍ଟ୍ରେଙ୍କ ଧଡ଼ା ଆଗରେ ସକାଳ ଅଟକିଯାଏ । କୁଣ୍ଡାପାଣି ଭର୍ତ୍ତି ମାଡ଼ିଆଟେ ବୋହି ଆଣି ଭୂଇଁରେ ରଖିଦେଇ ସେ ଡାକନ୍ତି, ଧୋବୁଲୁ ଆ...ଆ ରେ, ଧୋବୁଲୁ । ତିନି ପାଦରେ ପହଞ୍ଚିଯାଏ ସେ ।

ଦାସେମାଷ୍ଟ୍ରେଙ୍କୁ ଏବେ ସତସ୍ତରି ଛୁଇଁଲା । ଗାଁ ସ୍କୁଲର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ । ଆଖପାଖ ଗାଁ'ର ଘରେ ଘରେ ପରିଚିତ ସେ । କେତେ ଛାତ୍ର ଛାତ୍ରୀ ତାଙ୍କ ସ୍କୁଲରୁ ପଢ଼ି ସାରିଛନ୍ତି ତଥା ତାଙ୍କ ବ୍ୟକ୍ତିଗତ ତତ୍ତ୍ୱାବଧାନରେ ମଣିଷ ହୋଇଛନ୍ତି, ତାହାର ହିସାବ ମାଷ୍ଟ୍ରେଙ୍କ ପାଖରେ ନଥାଏ । ମାତ୍ର ଥାଏ ସେଇ ଗାଁ'ର ପିଲା ଓ ଅଭିଭାବକଙ୍କ ପାଖରେ ।

ଧୋବୁଲୁ... ? ସେଇ ଗାଁର ବୁଢ଼ା ଷଣ୍ଢ । ଧୋବୁଲୁର ଜନ୍ମ ବୃତ୍ତାନ୍ତ ଅଦ୍ଭୁତ । ସେଇ ଗାଁ'ରେ ଜନ୍ମ । ବୟସ ପାଖାପାଖି କୋଡ଼ିଏ କିମ୍ବା ପଚିଶ । ଏ ଧୋବୁଲୁର ନାମ କରଣରେ ତା' ମାଲିକର କୌଣସି ଅବଦାନ ନାହିଁ । ଷଣ୍ଢର ଅବା ମାଲିକ କିଏ ? ତ୍ରିଶୂଳ କାଟିବା ପରେ ସେ ତ ମହାଦେବଙ୍କ ବାହନ । ସର୍ବଜନ ହିତୈଷୀ । ସେ କାହାର ନୁହେଁ ତେଣୁ ସମସ୍ତଙ୍କର ।

ଏଇ ଧୋବୁଲୁ ନାମରେ ନୂଆ ଜନ୍ମ ଦେଇଥିଲେ ସେଦିନ ତାକୁ ଦାସେମାଷ୍ଟ୍ରେ । ମାଘ ମାସର ବାଘ ପରି ଶୀତକୁ ଅବଜ୍ଞା କରି ନିଜ ଦ୍ୱିତଳ ପ୍ରାସାଦର ବାରଣ୍ଡାରେ ଚେୟାର ଉପରେ ବସିଥିଲେ ମାଷ୍ଟ୍ରେ । ନିଜ ହତା ପରିସରରେ ନିଜକୁ ପ୍ରାୟ ସୀମିତ ରଖିବାକୁ ପସନ୍ଦ କରନ୍ତି । ସେମିତି କିଛି ଆବଶ୍ୟକତା ନପଡ଼ିଲେ କ୍ୱଚିତ୍ ଗାଁ ଦାଣ୍ଡରେ ତାଙ୍କୁ କିଏ ଦେଖିବାକୁ ପାଏ । ତାଙ୍କର ଉଦ୍ଦେଶ୍ୟ ଅନ୍ୟଠୁ ନିଜକୁ ନିଭୃତ ରଖିବା ନୁହେଁ । ବରଂ ନିଜ ଭିତରେ ନିଜେ ତଲ୍ଲୀନ ରହିବା । ଦିନ ଥିଲା ତାଙ୍କ ଅଗଣା କେବେ ଖାଲି ପଡ଼େନି । ଜଣେ ଉପଦେଷ୍ଟା ଭାବରେ ସେ ପରିଚିତ । ଘରୋଇ ସମସ୍ୟା ଅବା ଗାଁ'ର ଅନ୍ୟ କିଛି ଅସୁବିଧା ହେଲେ ତାଙ୍କ ପରାମର୍ଶ ବିନା କାମ ଆଗକୁ ବଢୁନଥିଲା ।

କୁହୁଡ଼ି ଘେରା ସକାଳରେ ସୂର୍ଯ୍ୟ ଡେରିରେ ଦିଶନ୍ତି । ଗାଁ ଦାଣ୍ଡରେ ନିଆଁ ଟିକେ ଜାଳିଦେଇ କିଛି ଲୋକ ଦାନ୍ତକାଠି ଖଣ୍ଡେ ଚୋବେଇ ଚୋବେଇ ତା' ଚାରିକଡ଼େ ବସି ନିଆଁପୁଇଁ ହେଉଥାନ୍ତି ସୂର୍ଯ୍ୟକିରଣ ପଡ଼ିବା ଯାଏ । ସେମାନଙ୍କ କଥାବାର୍ତ୍ତା ଚାଲିଥାଏ । ନିଜ କଥା କମ୍ ନାନା ଜାତି କଥା ବେଶି । ଧାନକଟା ମାସ । ଏତିକି ବେଳେ କାହାର ପାଚିଲା ଧାନ ଚୋରି, କାହା କ୍ଷେତକୁ ହିଂସାରେ ବିଡ଼ି ଝୁଲ ପକେଇ କିଏ ପୋଡ଼ିଲାଣି ତ କାହା କ୍ଷେତକୁ ଗାଁ ଷଣ୍ଢ ପଶି ଉଜାଡ଼ି ଦେଲାଣି, କାହା ଗୋସିଆଁ ମଦପିଇ ରାସ୍ତାରେ ଗଡୁଥିଲା ପୁଣି କାହା ଝିଅ କୋଉ ଟୋକା ସାଙ୍ଗରେ ପଳେଇଲାଣି, ଏଭଳି କେତେ କଣ ।

ଏତିକି ବେଳେ ସେଇ ବାଟ ଦେଇ ଧଳା ଷଣ୍ଢଟିଏ ଯାଉଥିଲା । କହ୍ନେଇ ସାହୁର ଗାଈପୁଅରୁ ଏଇ ଏଇ ଷଣ୍ଢ ହେଇଛି ।

ସେ ଗୋଠ ଛଡ଼ା । ଲୋକଙ୍କ ପାଚିଲା କ୍ଷେତ ଖାଇବାରେ ମାହିର । ଅନେକ ଥର ଗାଁ ଲୋକେ କହ୍ନେଇ ସାହୁକୁ ତାଗିଦ କଲେଣି । ପାଟିତୁଣ୍ଡ ମଧ ହେଲାଣି କ୍ଷତିପୂରଣ ଦାବି କଲେଣି ଅଥଚ ସେ କେବେ ଦେଇନି । ଏଇ ପ୍ରକାର ଆକ୍ରୋଶ ଥିଲା ତା ଉପରେ । ଗୋଠ ଖଣ୍ଡିଆ ଅମହଣଟି ପାଇଁ ଅଯଥା ଗଣ୍ଡଗୋଳ ନସହିପାରି ସେ ବର୍ଷ ମାର୍ଗଶୀର ମାସରେ କହ୍ନେଇ ସାହୁ ତାକୁ ଷଣ୍ଢ ଛାଡିବାର ନିଷ୍ପତ୍ତି ନେଲେ । ଗାଁ ମୁଣ୍ଡ ମହାଦେବ ମନ୍ଦିର ଆଗରେ ହରି ଗଉଡ଼ ତା' ଦେହରେ ତ୍ରିଶୂଳ କାଟିଥିଲା । ବାଛୁରୀରୁ ଷଣ୍ଢ ହେବା ଏଇ ମାତ୍ର ମାସେ ହେଲା । ହେଲେ ସେ କଣ ତା' ପୁରୁଣା ନିଶା ଛାଡ଼ି ପାରିଛି ? ଏବେ ବି ଲୋକଙ୍କ କ୍ଷେତରେ ପଶେ । ଉତ୍ପାତ କରେ । ମା ? ଖାଏ । ପୁଣି ଭୁଲିଯାଏ ନିଜର ଦୁଷ୍ଟାମି । ଫରକ ଏତିକି କହ୍ନେଇ ସାହୁ ଏବେ ଆଉ ଗାଳି ଖାଉନି ।

ନିଆଁ ପୁଇଁ ହେଉଥିବା ଲୋକ ମଧ୍ୟରୁ ଜଣେ ପାଟିକରି ଉଠିଲା,

ଏଇବେ, କହ୍ନେଇ ଷଣ୍ଢ ! କାଲି ମୋ ଅଧ କିଆରିଏ



ପାଚିଲା ଧାନ ନଷ୍ଟ କରିଦେଇଛି । ମାର ଶଳାକୁ ! ପାଖରେ ପଡ଼ିଥିବା ଟେକାଟେ ଫିଙ୍ଗିଲା ତା' ଉପରକୁ । ବାଜିଲା ତା ବାମପଟ ପଛ ଗୋଡରେ । ଲୋକଟିର ଆନ୍ଦାଜ ନଥିଲା ଟେକାଟି ତାକୁ ଏତେ ଆଘାତ ଦେବ ବୋଲି । ଦି ପାହୁଣ୍ଡ ଯାଇଛି କି ନାହିଁ ସେଇ ଦାଣ୍ଡରେ ଶୋଇଗଲା ।ଯନ୍ତ୍ରଣାରେ ଛଟପଟ ହୋଇ ହମ୍ବା ରଡ଼ି ଛାଡୁଥାଏ । ତା ପ୍ରତି ଧ୍ୟାନ ନଦେଇ ସମସ୍ତେ ନିଆଁ ପାଖରୁ ଉଠି ପଳାଇଲେ ।

ଷଣ୍ଢର ବୋବାଳି ଶୁଣି ଦାସେମାଷ୍ଟ୍ରେ ବାହାରକୁ ଆସିଥିଲେ ଘଟଣା କଣ ଜାଣିବାକୁ । ଷଣ୍ଢଟିକୁ ଯନ୍ତ୍ରଣାରେ ଛଟପଟ ହେଉଥିବାର ଦେଖି ଗଲେ ତା ପାଖକୁ । ତା କ୍ଷତକୁ ଆଉଁସି ଦେଇ ଘରୁ କିଛି ନଡ଼ିଆ ତେଲ ଓ ହଳଦୀ ଆଣି ତା କ୍ଷତରେ ଲଗାଇଥିଲେ । ହେଲେ ଗୋଡ଼ ମୋଡ଼ି ବସିବା କିମ୍ବା ଠିଆ ହେବା ସମ୍ଭବ ନଥିଲା ତା ପାଇଁ । ସେମିତି ଶୋଇ ଶୋଇ ବିଚରା ମୂତ ଗୋବରରେ ଘାଣ୍ଟି ହେଉଥାଏ । ମାଷ୍ଟ୍ରେ ତାକୁ ରୁଟି ବିସ୍କୁଟ ଖୁଆଉଥିଲେ । କେଇ ଦିନର ସେବା ଯତ୍ନରେ ସେ ଉପସମ ହେଉଥିଲା । ମାଷ୍ଟ୍ରେ ତା କ୍ଷତରେ ତେଲହଳଦୀ ଲଗାଇଲା ବେଳେ ତାଙ୍କ ମୁହଁକୁ କି କରୁଣ ଦୃଷ୍ଟିରେ ଅନାଇ ରହେ ! ଆଗ ଦିଗୋ ? ଭାଙ୍ଗି ଟିକେ ବେକ ଉଠାଇ ତାଙ୍କୁ ଅନାଏ । ହାତକୁ ଟିକେ ଚାଟିଦିଏ । ତାଙ୍କ ଗୋଡ଼ ପାଖରେ ମୁହଁଟା ଗେଞ୍ଜିଦେଇ ଯେମିତି ଅଳିକରେ, 'ମୋତେ ଛାଡ଼ି ଯାଉଛୁ କାହିଁକି ?' ସେ ତା କଥା ବୁଝିପାରନ୍ତି କି କଣ ତା' ପାଖରେ ଅଧିକ ସମୟ ରହନ୍ତି । ତା ପାଟିରେ ରୁଟି ଓ ବିସ୍କୁଟ ଦିଅନ୍ତି । ସତେ ଯେମିତି ସେ ଯଶୋଦା ଆଉ ଏ ତାଙ୍କ କୃଷ୍ଣ ।

ମାଲିକାନାସତ୍ତ୍ୱ ହିସାବରେ ଷଣ୍ଢଟି କହ୍ନେଇ ସାହୁର ଗାଈ ପୁଅ । ସେ ହୁଏତ ଯା'ର ଟିକେ ସେବା ଯତ୍ନ କରିଥାନ୍ତେ ! ହେଲେ ଦେଖିବାକୁ ଟିକେ ବି ଆସିଲେନି । -- 'ସେ ତ ଏବେ ଷଣ୍ଢ । ଶିବଙ୍କ ବାହନ ।', ଏଭଳି କିଛି ଭାବିନେଲେ କି କଣ !

କ୍ଷତ କମୁଥାଏ । ମାଷ୍ଟ୍ରେଙ୍କ ହାତରୁ ଖାଦ୍ୟ ଖାଇ ସେ ବି ଖୁସି ହେଉଥାଏ । ହେଲେ ଉଠିବାକୁ କିମ୍ବା ଚାଲିବାକୁ



**ସବିତା ସାହୁ**
ପ୍ଲାଟ ନଂ-ଏ/୪୦୨, ଗିରିଧର ପାର୍କ, ମୁମ୍ବାଇ
ମୋ-୯୯୩୦୯୭୬୫୯୭

ଚେଷ୍ଟାକରୁନି କାହିଁକି ? ମାଷ୍ଟ୍ରେଙ୍କ ବୋଲକରା ନିତିଆ ତଥା ଆଉ ଦିଜଣ ଗାଁ ଟୋକାଙ୍କ ସହାୟତାରେ ତାକୁ ଠିଆ କରାଗଲା । କଷ୍ଟେମଷ୍ଟେ ବୋବାଳି ଛାଡ଼ି, ସେମାନଙ୍କୁ ମୁଣ୍ଡିଆ ମାରି ତିନି ଗୋଡ଼ ତଳେ ଲଗାଇ ଠିଆ ହେଲା । ମାଷ୍ଟ୍ରେ ଦୁଇକାନକୁ ଧରିଥାନ୍ତି । ସେତିକି ବୋଧହୁଏ ତା' ବିଶ୍ୱାସ, 'ମୋ ଯଶୋଦା ମା ମୋ ପାଖରେ ।' ହେଲେ ବାମ ପାଖ ପଛଗୋଡ଼ ଟି ତଳେ ଲାଗିଲାନି । ଆଣ୍ଠୁ ଭାଙ୍ଗିଯାଇଥିଲା କି କଣ । ଟିକେ ଆଗକୁ ଯାଇ ପୁଣି ଶୋଇଗଲା । ଯତ୍ନରେ ମଲମ ଲଗାଇ ଆଣ୍ଠୁକୁ ଭଲରେ କପଡ଼ାରେ ବାନ୍ଧିଦେଲେ । ଏପରି ତିନି ସପ୍ତାହ ପରେ ଷଣ୍ଢଟି ଉଠିଲା । ଚାଲିଲା । ହେଲେ କେବେ ବି ଧାଇଁପାରିନଥିଲା । ଯୌବନର ଉଦ୍ଦାମତା ଛୁଇଁବା ପୂର୍ବରୁ ସେ ହୋଇଗଲା ପଙ୍ଗୁ, ଆପାରଗ । ଛୋଟା ତିନି ଗୋଡ଼ିଆ ଷଣ୍ଢ ତା' ପରିଚୟ । ଦୁଷ୍ଟ ପିଲାଙ୍କ ଖେଳ । ତା ଲାଞ୍ଜ ମୋଡ଼ିଦେଇ ଧାଇଁ ପଳେଇବା ଅବା ଗୋଡିଟେ ତା' ଉପରକୁ ଫିଙ୍ଗିବା ଏଭଳି ମଜା ନିଅନ୍ତି ପିଲାଏ ।

ଏ ଥିଲା ସେ ଦିନର ଘଟଣା । ଦାସେମାଷ୍ଟ୍ରେ ଅବସର ନେବାର ଗୁଡାଏ ବର୍ଷ ଚାଲିଗଲାଗି । ଆଜି ସେ ବ ?ଦ୍ଧ ନିଃସଙ୍ଗ । ଏଣେ ଯୌବନରେ ପଙ୍ଗୁ ହୋଇ ଷଣ୍ଢଟି ଅପାରଗ ହୋଇଗଲା । ତା' ଦେହର ଧଳା ରଙ୍ଗର ରୁମ ପାଇଁ ତା' ନାମକରଣ ହେଲା ଧୋବୁଲୁ । ଦାସେମାଷ୍ଟ୍ରେଙ୍କ ଧୋବୁଲୁ । ତାଙ୍କ ଡାକ ଶୁଣିଲେ ଯେଉଁଠି ଥିଲେ ବି ଚାଲିଆସେ । ତିନି ଗୋଡ଼ରେ ଡିପୋଇ ଡିପୋଇ, ଛୋଟେଇ ଛୋଟେଇ ।

ମାଷ୍ଟ୍ରେଙ୍କ ରାତି ପାହେ ଧୋବୁଲୁ ଦର୍ଶନରେ । ସବୁଦିନ ସକାଳ ଛଅଟାରେ ଆସି ଠିଆ ହୋଇଯାଏ ଘର ସାମ୍ନାରେ । ରାତିରୁ କୁଣ୍ଡା, ତୋରାଣି, ପେଜ, ଛତୁଆ, ପିଡ଼ିଆ, ପରିବା ଚୋପା ଓ ଲୁଣ ମାଡ଼ିଆରେ ଗୋଳାଇ ରଖନ୍ତି । ସକାଳୁ ସେ ଖାଏ । ତା' ସହିତ ବିସ୍କୁଟ ଓ ରୁଟି ବୋନସରେ ।

ଜଣେ ମଣିଷ । ଜଣେ ପଶୁ । ଉଭୟଙ୍କ ଭିତରେ ନିବିଡ଼ତା ବଢୁଥିଲା । ସେ ବୃଦ୍ଧ ମାତ୍ର ସ୍ୱାବଲମ୍ବୀ । ପଙ୍ଗୁ ପଶୁ ତାଙ୍କ ଆଶ୍ରିତ । ସମତାଳରେ, ସମାନ୍ତରରେ ଉଭୟେ ସାୟାହ୍ନମୁଖୀ । ମାଷ୍ଟ୍ରେଙ୍କ ବାମ ଗୋଡ଼ଟି ସକାଳେ ଉଠିବା ବେଳକୁ ଅକାଳୁଆ ହୋଇଯାଉଛି ଆଜିକାଲି । ମାଡ଼ିଆ ଉଠାଇବାକୁ କଷ୍ଟ ହେଉଛି । ଏ ଧୋବୁଲୁ କେଉଁଠି ଶୋଇଗଲେ ଉଠି ପାରୁନି । ବହୁତ କଷ୍ଟରେ ଉଠୁଚି । ହେଲେ ମାଷ୍ଟ୍ରେଙ୍କ ଡାକ ଅମାନ୍ୟ କରେନି । ସେମିତି କିଛି ଅସୁବିଧା ନଥିଲେ ଧୋବୁଲୁ ଧଡ଼ା ପାଖକୁ ଆସେ । ଅପେକ୍ଷା କରେ । ପନ୍ଦର କୋଡିଏ ମିନିଟ ଭିତରେ ଖାଦ୍ୟ ନ ପାଇଲେ ଫେରିଯାଏ । କେବେ ଦୂଆରେ ଠିଆହୋଇ ବୋବାଏନି । ରୋଷ ଦେଖାଏନି । କି ଶିଙ୍ଘରେ ଭୂଇଁ ଆଞ୍ଜୁଡ଼େନି । ସ୍ନେହାସିକ୍ତ ରାଜିନାମାରେ ଦୁଇଟି ଦୁନିଆ, ତାହା ପୁଣି ଅଘୋଷିତ, ଅଲିଖିତ ।

ଆଜିକାଲି ଦାସେମାଷ୍ଟ୍ରେ କୁଣ୍ଡାପାଣି ମାଡ଼ିଆ ଉଠେଇ ପାରୁ ନାହାଁନ୍ତି । ସେ କାମ ତାଙ୍କ ବୋଲକରା ନିତିଆ କରୁଛି । ସବୁଦିନ ସକାଳେ ସେ ମାଡ଼ିଆ ଧଡ଼ା ପାଖରେ ରଖେ ।ଧୋବୁଲୁ ଯନ୍ତ୍ରବତ ଆସେ । ଖୋଜେ ତା' ମାଆ ଯଶୋଦାଙ୍କୁ । ଅତ୍ୟନ୍ତ ଭୋକିଲା ଥିଲେ କୁଣ୍ଡାପାଣି ଟିକେ ଖାଏ । ନ ହେଲେ ନିତିଆ ହାତରୁ ରୁଟି ବିସ୍କୁଟ ଖାଇ ଚାଲିଯାଏ । ସେଥିପାଇଁ ଯେତେ କଷ୍ଟ ହେଲେ ବି ମାଷ୍ଟ୍ରେ ତା ମୁଣ୍ଡ ଆଉଁସି କୁଣ୍ଡାପାଣି ଗୋଳେଇ ଗୋଳେଇ ଖୁଆନ୍ତି । ଧୋବୁଲୁ ଖୁସିରେ ଖାଏ । ଶିଙ୍ଘରେ ଟିକେ କେଞ୍ଚି ଦେଇ ତାଙ୍କ ମୁହଁକୁ ଅନାଏ । ବୁଢା ଷଣ୍ଢ ଆଖିରେ ତୃପ୍ତିର ଝଲକ ଆଉ ବାତ୍ସଲ୍ୟ ମମତାରେ ଛଳଛଳ ହୋଇଉଠେ ମାଷ୍ଟ୍ରେଙ୍କ ହୃଦୟ ।

ଏମିତି ଦିନେ ଧଡ଼ା ସାମ୍ନାରେ କୁଣ୍ଡା ମାଡ଼ିଆ ରଖିଲା ନିତିଆ । ଧୋବୁଲୁ ର ଅପେକ୍ଷାରେ ଅଧଘଣ୍ଟାଏ ବିତିଲା ...ପୁଣି ଘଣ୍ଟାଟେ । ସେ ଆସିଲାନି । ଅଧୈର୍ଯ୍ୟ ହୋଇ ମାଡ଼ିଆ ସେମିତି ଥୋଇ ଦେଇ ଅନ୍ୟ କାମରେ ଚାଲିଗଲା । ମାଷ୍ଟ୍ରେ ବାହାରକୁ ଆସି ଡାକିଲେ, --' ଧୋବୁଲୁ...ରେ ଧୋବୁଲୁ' । ଅପେକ୍ଷା କଲେ । ଧୋବୁଲୁ ଆଉ ଆସିଲାନି ସେଦିନ । ତା ପରଦିନ ବି ଅପେକ୍ଷା । ତା ଦେଖା ନାହିଁ । ବାସି କୁଣ୍ଡା ତୋରାଣି ଦିଦିନ ପରେ ଫିଙ୍ଗା ହୁଏ । ରୁଟି ବିସ୍କୁଟ ଯାଏ ଚଢ଼େଇଙ୍କ ମୁହଁକୁ । ସପ୍ତାହକ ପରେ ଦାସେମାଷ୍ଟ୍ରେ ପୁଣି ମାଡ଼ିଆ ପାଖରେ ଠିଆ ହୋଇଥାନ୍ତି । ଭାରି ନିଃସଙ୍ଗ ଲାଗିଥିଲା ତାଙ୍କୁ । ଦୁର୍ବଳ ଓ ଅସହାୟ ମନେ କରୁଥିଲେ । ଭାବୁଥିଲେ, ଆଉ କଣ ଆସିବ ନି ସେ ? ଲୁହ ଦିଧାର ବୋହିଗଲା ଦାସେ ବୁଢ଼ାଙ୍କ ଆଖିରୁ । ବେକ ଦେଇ ଭିଜାଇଦେଲା ପଞ୍ଜରା ହାଡ଼ ।

ଅଗଣାରୁ ଫେରିଆସି ନଥ କି ବସିଗଲେ ଖଟ ଉପରେ । ନିର୍ଲିପ୍ତ ମାତ୍ର ରୁଦ୍ଧ ଗଳାରୁ କୋଇଟି ଶବ୍ଦ ବାହାରି ଆସିଲା,

ମୋତେ ଛାଡି ଚାଲିଗଲୁ କିରେ ଧୋବୁଲୁ ! ଭଲ ହେଲା । ଏ ନିଃସଙ୍ଗ ଭୋକିଲା ସକାଳଗୁଡ଼ିକୁ ମୋ ଅନ୍ତେ ତୁ ଜମାରୁ ସହିପାରି ନଥାନ୍ତୁରେ .... !

# ଶ୍ରୀ ବିଗ୍ରହ ମାନଙ୍କ ରାଇ ଦାମୋଦର ବେଶ



**ସନ୍ତୋଷ କୁମାର ଦାଶ**
୯୪୩୯୩୬୧୮୮୮

ପୁରୀ ଶ୍ରୀ ମନ୍ଦିର ରେ ବାର ମାସରେ ତେର ପର୍ବ ପାଳନ ହୋଇ ଆସୁଥିବା ବେଳେ ମହାପ୍ରଭୁ ଶ୍ରୀ ଜଗନ୍ନାଥ ଓ ଶ୍ରୀ ବିଗ୍ରହ ମାନେ ବର୍ଷ ସାରା ବିଭିନ୍ନ ବେଶରେ ସଜ୍ଜିତ ହୋଇ ଭକ୍ତମାନଙ୍କୁ ଦର୍ଶନ ଦେଇଥାନ୍ତି । ପବିତ୍ର କାର୍ତ୍ତିକ ମାସରେ ବିଷ୍ଣୁ ଙ୍କୁ ଦାମୋଦର ନାମ ରେ ପୂଜା କରାଯାଏ । କାର୍ତ୍ତିକ ସବୁ ଠାରୁ ପବିତ୍ର ମାସ ଓ ବିଷ୍ଣୁଙ୍କର ଅତିପ୍ରିୟ ମାସ । ଏଣୁ ପ୍ରତିବର୍ଷ ଆଶ୍ୱିନ ଶୁକ୍ଳ ଏକାଦଶୀ ଠାରୁ କାର୍ତ୍ତିକ ଶୁକ୍ଳ ଦଶମୀ ପର୍ଯ୍ୟନ୍ତ ଶ୍ରୀମନ୍ଦିରର ରତ୍ନସିଂହାସନରେ ଶ୍ରୀବିଗ୍ରହ ମାନଙ୍କ ର ରାଧା ଦାମୋଦର ବା ରାଇ ଦାମୋଦର ବେଶ ଅନୁଷ୍ଠିତ ହୋଇଥାଏ । ଶ୍ରୀ ମନ୍ଦିର ସତ୍ୱଲିପି ଅନୁଯାୟୀ ଶ୍ରୀ ମନ୍ଦିରରେ କାର୍ତ୍ତିକ ମାସରେ ରାତ୍ର ଦୁଇଘଡ଼ି ଥାଇ ମଙ୍ଗଳ ଆଳତି ଓ ଅବକାଶ ନୀତି ଶେଷ ହେବା ପରେ ଶ୍ରୀବିଗ୍ରହମାନଙ୍କର ରାଧା ଦାମୋଦର ବେଶ ଅନୁଷ୍ଠିତ ହୋଇଥାଏ । ଠାକୁରମାନେ ଏହି ବେଶରେ ବାଳ ଭୋଗ ପର୍ଯ୍ୟନ୍ତ ରହନ୍ତି । ଏହି ବେଶରେ ଥାଇ ଶ୍ରୀଜୀଉଙ୍କର ରୋଷ ହୋମ, ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା, ଗୋପାଳ ବଲ୍ଲଭ ଭୋଗ, ସକାଳ ଧୂପ ଓ ବାଳ ଭୋଗ ହୋଇଥାଏ । ବାଳଭୋଗ ଛେକ ଆସିବା ପରେ ମୁଦିରସ୍ତ ସେବକ ଶ୍ରୀ ଅଙ୍ଗ ରେ ପ୍ରସାଦ ଲାଗି କରନ୍ତି ଓ ବାଳ ଭୋଗ ସରିବା ପରେ ତିନି ବାଡ଼ରେ ବନ୍ଦାପନା ହୋଇ, ବେଶ ଓଲାଗି ହୋଇଥାଏ । ଏହି ବେଶରେ ଫୁଲ ନିର୍ମିତ ଗୁଣା, ଚିତା ଓ ଅଧରମାଳା ଓ ବିଭିନ୍ନ ପ୍ରକାର ସୁବର୍ଣ୍ଣ ଅଳଙ୍କାର ଠାକୁରମାନଙ୍କୁ ଲାଗି କରାଯାଇଥାଏ । ଏହି ବେଶରେ ଶ୍ରୀଜଗନ୍ନାଥ ଓ ଶ୍ରୀ ବଳଭଦ୍ର ତ୍ରିକଚ୍ଛ ପରିଧାନ କରିଥାନ୍ତି । ଦୁଇ ହସ୍ତରେ ସୁବର୍ଣ୍ଣ ନଳୀଭୁଜ (ନଳୀଭୁଜରେ ଆୟୁଧର ଚିତ୍ର ଥାଏ), ତ୍ରିମୁଣ୍ଡିରେ ବାଉଁଶ ପାତିଆ ଓ କନାରେ ନିର୍ମିତ ଚୂଳ, ଚୂଳର ଅଗ୍ରଭାଗ ରେ ରୂପା ଚନ୍ଦ୍ରିକା, କର୍ଣ୍ଣଦେଶରେ କୁଣ୍ଡଳ, କଟିଦେଶରେ ଓଡ଼ିଆଣୀ କମରପଟି, କଣ୍ଠରେ ସୁବର୍ଣ୍ଣ ଘାଗଡ଼ା ମାଳି, କପାଳରେ ତିଳକ, ଚନ୍ଦ୍ର, ସୂର୍ଯ୍ୟ ଏବଂ ରାମାନନ୍ଦୀ ଚିତା ଇତ୍ୟାଦି ସୁବର୍ଣ୍ଣ ଅଳଙ୍କାରରେ ଶ୍ରୀଜୀଉମାନେ ଭୂଷିତ ହୋଇଥାନ୍ତି । ମସ୍ତକରେ ଉଡ଼ଗି ସହିତ ବିଭିନ୍ନ ପ୍ରକାର ପୁଷ୍ପ ଅଳଙ୍କାର, ସୁବର୍ଣ୍ଣ ଅଳଙ୍କାର ସହ ପାଟଶାଢ଼ୀ, ଫୁଟା, ଶିରୀ କପଡ଼ା, ପହରଣ, ବଳା, ଅଧର ବଳା ଓ ଉତ୍ତରୀୟ ବସ୍ତ୍ର ଲାଗି ହୁଏ । ଏହି ବେଶରେ ବିଭିନ୍ନ ବାରରେ ବିଭିନ୍ନ ରଙ୍ଗର ପାଟବସ୍ତ୍ର ଜୀଉମାନେ ଲାଗି ହୁଅନ୍ତି । ରବିବାର ନାଲି, ସୋମବାର ଧଳାରେ କଳାଛିଟ, ମଙ୍ଗଳବାର ବାରପାଟିଆ, ବୁଧବାର ନୀଳ, ଗୁରୁବାର ହଳଦିଆ, ଶୁକ୍ରବାର ଶୁକ୍ଳ ଓ ଶନିବାର କଳାରଙ୍ଗ ପାଟବସ୍ତ୍ର ଲାଗି ହୁଅନ୍ତି । ରାଇ ଦାମୋଦର ବେଶ ସମ୍ପର୍କ ରେ ଅନେକ ଲୋକ କଥା ରହିଛି । ଶ୍ରୀ ଜଗନ୍ନାଥ ବା ଭଗବାନ ବିଷ୍ଣୁଙ୍କର କାର୍ତ୍ତିକ ମାସର ନାମ ହେଉଛି 'ଦାମୋଦର' । ଏହାର ସଂପର୍କ ରହିଛି ଦ୍ୱାପର ଯୁଗର ଶ୍ରୀକୃଷ୍ଣଙ୍କ ସହିତ । କାରଣ 'ଦାମ'ର ଅର୍ଥ ରଜ୍ଜୁ ବା ଦଉ ? । କୁବେରଙ୍କ ପୁତ୍ର ନଳ କୁବେର ଓ ମଣିଗ୍ରୀବ ଧନଗର୍ବରେ ଅନ୍ଧ ଓ ମଦମତ୍ତ ହୋଇ କର୍ତ୍ତବ୍ୟ, ଅକର୍ତ୍ତବ୍ୟ, ଜ୍ଞାନ ଭୁଲି ଯାଇଥିବାରୁ ନାରଦ ସେମାନଙ୍କୁ ଅଭିଶାପ ଦେଇଥିଲେ । ତାହା ଫଳରେ ଦୁହେଁ ଦୁଇଟି ଅର୍ଜୁନ ବୃକ୍ଷ ରୂପେ ମର୍ତ୍ତ୍ୟପୁରେ ଜାତ ହୋଇଥିଲେ । ଶ୍ରୀ କୃଷ୍ଣ ସେହି ବୃକ୍ଷ ଦୁଇଟିକୁ ଉପା ?ିଦେବା ଫଳରେ ଦୁହିଁଙ୍କର ଗର୍ବ ଭାଙ୍ଗିଲା ଏବଂ ସେମାନେ ବୃକ୍ଷତ୍ୱରୁ ମୁକ୍ତି ଲାଭ କଲେ । ବ୍ୟାସଦେବଙ୍କ ସଂସ୍କୃତ 'ଶ୍ରୀମଦ୍ଭାଗବତ' ଅନୁସାରେ, ଏହା ଥିଲା ଶ୍ରୀକୃଷ୍ଣଙ୍କ ପିଲାଦିନର କଥା । ଯଶୋଦା ତାଙ୍କ ଅଣ୍ଟାରେ ଦଉ ? ବାନ୍ଧି, ସେହି ଦଉ ?ିକୁ ଗୋଟିଏ ଢିଙ୍କି ସହିତ ବାନ୍ଧି ଦେଇଥିଲେ । ସେହି ଯାଆଁଳା ଅର୍ଜୁନ ବୃକ୍ଷର ମଝିରେ ଶ୍ରୀକୃଷ୍ଣ ଗଳି ଚାଲିଯିବା ପରେ, ଢିଙ୍କିଟି ଦୁଇ ଅର୍ଜୁନ ବୃକ୍ଷରେ ଲାଗି ଯାଇଥିଲା । ସେ ଅଣ୍ଟାରେ ବନ୍ଧା ହୋଇଥିବା ଦଉ ?ିଟିକୁ ଜୋର୍‌ରେ ଟାଣିଦେବା ଫଳରେ ବୃକ୍ଷ ଦୁଇଟି ଉପୁଡ଼ି ପଡ଼ିଲା । ଅଣ୍ଟା ବା 'ଉଦର'ରେ ଦଉଡ଼ି ବା 'ଦାମ' ବନ୍ଧା ହୋଇଥିବାରୁ ଶ୍ରୀକୃଷ୍ଣ ହେଲେ 'ଦାମୋଦର । ଏହି ଦୃଷ୍ଟିରୁ ଶ୍ରୀମନ୍ଦିରର ରତ୍ନସିଂହାସନରେ ଶ୍ରୀକୃଷ୍ଣ ଓ ବଳରାମଙ୍କର 'ରାଧା ଦାମୋଦର' ବେଶ ବେଳେ, ସେମାନଙ୍କର ଅଣ୍ଟାରେ ସୁନାର ଦଉଡ଼ି ବା ଅଣ୍ଟାପଟି ବନ୍ଧା ହୋଇଥାଏ । ଏହି ବେଶରେ ଶ୍ରୀଜଗନ୍ନାଥ ଓ ଶ୍ରୀବଳଭଦ୍ର ତ୍ରିକଚ୍ଛ ବସ୍ତ୍ର ପରିଧାନ କରନ୍ତିଏହି ବେଶରେ ଶ୍ରୀଜଗନ୍ନାଥ ଓ ଶ୍ରୀବଳଭଦ୍ର ତ୍ରିକଚ୍ଛ ବସ୍ତ୍ର ପରିଧାନ କରନ୍ତି । ହସ୍ତରେ ଲାଗି ହୁଏ ସୁବର୍ଣ୍ଣର ନଳୀଭୁଜ । ବାଉଁଶ ପାତିଆ ଓ କନାରେ ନିର୍ମିତ ଚୂଳ ତ୍ରିମୁଣ୍ଡି ଉପରେ ରହିଥାଏ ଏବଂ ଚୂଳର ଅଗ୍ରଭାଗରେ ଚନ୍ଦ୍ରିକା ଶୋଭାପାଏ । କର୍ଣ୍ଣରେ କୁଣ୍ଡଳ, ଶ୍ରୀମୁଖରେ ତିଳକ ଆଦିରେ ବଡ଼ଠାକୁର ବଳଭଦ୍ର ଓ ମହାପ୍ରଭୁ ଶ୍ରୀଜଗନ୍ନାଥ ବିଭୂଷିତ ହୁଅନ୍ତି । ଏହି ବେଶ ର ନାମ ମଧ ରାଧା ଦାମୋଦର ବେଶ । ଭକ୍ତଚରଣ ଦାସଙ୍କ 'ମଥୁରା ମଙ୍ଗଳ' ଓ ଅନ୍ୟ କେତେକ କାବ୍ୟ ରେ ଶ୍ରୀରାଧା ଶ୍ରୀକୃଷ୍ଣଙ୍କୁ ବିଭିନ୍ନ ବେଶ କରିବାର ବର୍ଣ୍ଣନା ଅଛି । ସମ୍ଭବତଃ ଶ୍ରୀରାଧାଙ୍କର ପ୍ରିୟ ବେଶ ହୋଇଥିବାରୁ ଏହାର ନାମ ରାଧା ଦାମୋଦର ବେଶ ହୋଇଛି । ଏହି ମାସରେ ମହିଳାମାନେ କରୁଥିବା 'ରାଇ ଦାମୋଦର ବ୍ରତ'ରେ 'ଦାମୋଦର'ଙ୍କ ସହିତ 'ରାଧା' ବା 'ରାଇ'ଙ୍କୁ ଏକତ୍ର ପ ଜା କରାଯାଇ ଥାଏ । ପୌରାଣିକ କଥା ଅନୁଯାୟୀ, ଅକୃର ମଥୁରାକୁ ଯିବା ସମୟରେ ଯମୁନା ନଦୀରେ ସ୍ନାନ କରୁଥିବା ବେଳେ ଜଳ ମଧ୍ୟରେ ଏହି 'ରାଧା ଦାମୋଦର' ବେଶ ଦର୍ଶନ କରିଥିଲେ । ଏଣୁ ପ୍ରତିବର୍ଷ ଶ୍ରୀ ବିଗ୍ରହ ମାନଙ୍କୁ ରାଧା ଦାମୋଦର ବେଶ ରେ ସଜ୍ଜିତ କରାଯାଇଥାଏ ।

# 'ଡୁ ହ୍ୱାଟ୍ ଆଇ ସେ, ଡୋଣ୍ଟ ଡୁ ହ୍ୱାଟ୍ ଆଇ ଡୁ'

'ବଡ଼ ସାହେବ କୁହନ୍ତି କି,ଡୁ ହ୍ୱାଟ୍ ଆଇ ସେ,ଡୋଣ୍ଟ ଡୁ ହ୍ୱାଟ୍ ଆଇ ଡୁ' । ଅର୍ଥାତ୍ ତାହା କର ଯାହା ମୁଁ କହୁଛି ଆଉ ତାହା କରନାହିଁ ଯାହା ମୁଁ କରିଥାଏ । ବଡ ସାହେବ କୁହନ୍ତି କି ସମସ୍ତେ କାର୍ଯ୍ୟାଳୟ ଠିକ୍ ସମୟରେ ଆସିବା ଜରୁରୀ । ନିଜେ କିନ୍ତୁ ସମୟରେ ଆସନ୍ତି ନାହିଁ । ଯଦି ତାଙ୍କ କରିବାର ନକଲ କରାଯିବ ତା'ହେଲେ ତ କେହି ସମୟରେ କାର୍ଯ୍ୟାଳୟରେ ଆସି ପାରିବେ ନାହିଁ । ବଡ ସାହେବ କୁହନ୍ତି କି ଅଫିସ୍ରେ ସମସ୍ତଙ୍କୁ ମନ ଲଗେଇ କରି କାମ କରିବା ଦରକାର । ନିଜେ କେବେବି ମନ ଦେଇ କାମ କରନ୍ତି ନାହିଁ ଓଲଟା ଖାଲି ବିଦେଶ ବୁଲିଥାନ୍ତି ।

ବଡ ସାହେବ କୁହନ୍ତି କି ଅଫିସ୍ର ସଂସାଧନକୁ ବ୍ୟକ୍ତିଗତ ପ୍ରୟୋଗରେ ନେବାର ଆବଶ୍ୟକତା ନାହିଁ । ନିଜେ ବ୍ୟକ୍ତିଗତ ସଂସାଧନର କେବେ ବି ପ୍ରୟୋଗ କରନ୍ତି ନାହିଁ ଆଉ ଯେତବଳେ କରିଥାନ୍ତି ସେତବଳେ ଅନ୍ୟ ଦେଶମାନଙ୍କୁ ରୁଷ୍ଟ୍ର ତେଲ କିଣିବାକୁ ମନା କରିଥାନ୍ତି । ଯଦି ରୁଷ୍ଟ୍ର ତେଲ କିଣିବ ତ କେବେ ଶହେ ପ୍ରତିଶତ ତ କେବେ ଦୁଇ ଶହ ପ୍ରତିଶତ ଟାରିଫ୍ ଲଗେଇଥାନ୍ତି । ଆଉ କେବେ ଅନ୍ୟ ଜିନିଷରେ ପ୍ରତିବନ୍ଧ ଲଗେଇବାର କଥା କହିଥାନ୍ତି । ଏହି କ୍ରମରେ ଆମେ ଭୂଲି ଯାଇଥାନ୍ତି କି ଯେଉ ଦେଶ ଉପରେ ସେ ଟାରିଫ୍ ଲଗଉଛନ୍ତି ତଥା ପ୍ରତିବନ୍ଧ ଲଗାଉଛନ୍ତି ବାସ୍ତବରେ ସେହି ଦେଶ ତା'ର ବିକାଶର ମାଧ୍ୟମ ହୋଇଥାଏ ।

ସେ ଚିନ୍ତା ବ୍ୟକ୍ତ କରିଥାଏ କି ରୁଷ୍ଟ୍ର ତେଲ କିଣିବାର ଅର୍ଥ ତା' ଉପରେ ଧନ ବର୍ଷା କରିବା ଆଉ ଏହି ଧନ ବର୍ଷାରେ ରୁଷ୍ ୟୁକ୍ରେନ୍ ଉପରେ ବମ୍ ବର୍ଷା କରିବ । ଏହି



**ମନୋଜ କୁମାର ବେହେରା**
୨୧୭/ପି,ବାୟାବାବା ମଠ ଲେନ୍,
ୟୁନିଟ୍-୯ (ଫ୍ଲାଟ), ଭୁବନେଶ୍ୱର-୨୨
ମୋ-୭୯୭୮୮୩୦୬୧୧

କଥା ହେଲା,'ଡୁ ହ୍ୱାଟ୍ ଆଇ ସେ,ଡୋଣ୍ଟ ଡୁ ହ୍ୱାଟ୍ ଆଇ ଡୁ' ଅର୍ନ୍ତଗତ ସେ ନିଜେ ରୁଷ୍ଟ୍ର ତେଲ କିଣିଥାଏ ।

ଏବେ ଏଠାରେ ଦେଖିବାକୁ ବାକି ରହିଲା କି,ସେହି ଦେଶର କରିବା କାର୍ଯ୍ୟ ଏବେ ସମସ୍ତେ ରୁଷ୍ଟ୍ର ତେଲ କିଣିବାକୁ ଲାଗିବେ । ଏହାର କ'ଣ ପ୍ରଭାବ ହେବ ? ରୁଷ୍ଟ୍ର ତ ଟଙ୍କା ମିଳିବ ହିଁ ମିଳିବ ! ରୁଷ୍ ୟୁକ୍ରେନ୍ ଉପରେ ଆହୁରି ଅଧିକ ବମ୍ ପକେଇବ । ଆଉ ସେହି ଦେଶ ଯିଏ ଅନ୍ୟ ଦେଶମାନଙ୍କୁ ରୁଷ୍ ଠାରୁ ତେଲ କିଣିବା ପାଇଁ ମନା କରୁଥିଲା,ସେ ନିଜେ ଏବେ ରୁଷ୍ ଠାରୁ କିଣିବ ବୋଲି କହୁଛି । ତା'ହେଲେ ରୁଷ୍ଟ୍ର ଯେଉ ଧନ ମିଳିବ ତାହାର ପ୍ରୟୋଗ ସେ ବିଶ୍ୱରେ ଶାନ୍ତି ସନ୍ଦେଶ ଦେବାର ପାଇଁ କରିବ ! ଅତଃ ଅନ୍ତିମ ନିଷ୍କର୍ଷ 'ଡୁ ହ୍ୱାଟ୍ ଆଇ ସେ,ଡୋଣ୍ଟ ଡୁ ହ୍ୱାଟ୍ ଆଇ ଡୁ' ।

# ପୃଥିବୀର ଆକୃତି ପରିବର୍ତ୍ତନ ହୋଇପାରେ

ଏବେ ଜଳବାୟୁ ପରିବର୍ତ୍ତନ ପୃଥିବୀ ପ୍ରତି ବିପଦ ବୃଦ୍ଧି କରୁଛି । ଜଳବାୟୁ ପରିବର୍ତ୍ତନ କେବଳ ସମୁଦ୍ରର ତାପମାତ୍ରା ବୃଦ୍ଧି କରୁନାହିଁ କି ପାଣିପାଗ ଅନିୟମିତତା ସୃଷ୍ଟି କରୁନାହିଁ, ବରଂ ଏହା ଆମ ଗ୍ରହର ଆକୃତିରେ ପରିବର୍ତ୍ତନର ସମ୍ଭାବନାକୁ ମଧ ବୃଦ୍ଧି କରୁଛି । ଜଳବାୟୁ ପରିବର୍ତ୍ତନ ଯୋଗୁଁ ସମୁଦ୍ର ସ୍ତର ବୃଦ୍ଧି କେବଳ ଏକ ପରିବେଶଗତ ସମସ୍ୟା ନୁହେଁ, ବରଂ ମାନବ ସଭ୍ୟତାର ଅସ୍ତିତ୍ୱ ଓ ଅର୍ଥନୀତି ପାଇଁ ଏକ ଗମ୍ଭୀର ବିପଦ ସୃଷ୍ଟି କରୁଛି । ଜାତିସଂଘର ଜଳବାୟୁ ରିପୋର୍ଟରୁ ଜଣାଯାଇଛି, ଯଦି ଆଗାମୀ ଦିନରେ ଏହି ହାରରେ ବିଷାକ୍ତ ଗ୍ୟାସର ନିର୍ଗମନ ଜାରି ରହେ, ତେବେ ୨୧୦୦ ସୁଦ୍ଧା ସମୁଦ୍ର ସ୍ତର ଆହୁରି ଦୁଇ ମିଟର ବୃଦ୍ଧି ପାଇବ, ଯାହା ବିସ୍ତୃତ ଉପକୂଳ ଅଞ୍ଚଳଗୁଡ଼ିକୁ ବୁଡ଼ାଇ ଦେବ ।

ଏହା ଉଲ୍ଲେଖନୀୟ ଯେ ୨୦୧୪ ରୁ ୨୦୨୩ ମଧ୍ୟରେ ବିଶ୍ୱ ସମୁଦ୍ର ସ୍ତର ୪.୭ ମିଲିମିଟର ହାରରେ ବୃଦ୍ଧି ପାଇଥିଲା । କିନ୍ତୁ ୨୦୨୪ରେ ସେମାନେ ପୂର୍ବ ରେକର୍ଡ ଭାଙ୍ଗି ୫.୫ ମିଲିମିଟରର ଆଶ୍ଚର୍ଯ୍ୟଜନକ ବୃଦ୍ଧି ରେକର୍ଡ କରିଥିଲେ । ବିଶ୍ୱବ୍ୟାପୀ ବୈଜ୍ଞାନିକମାନେ ସର୍ବସମ୍ମତ ଭାବରେ ଏକମତ ଯେ ସବୁଠାରୁ ଅନୁକୂଳ ପରିସ୍ଥିତିରେ ମଧ, ଏହି ଶତାବ୍ଦୀ ଶେଷ ସୁଦ୍ଧା ଅର୍ଥାତ୍ ୨୧୦୦ ସୁଦ୍ଧା ସମୁଦ୍ର ସ୍ତର ଅତି କମରେ ୦.୫୫ ମିଟର ବୃଦ୍ଧି ପାଇବ । ସବୁଠାରୁ ଗମ୍ଭୀର ପରିସ୍ଥିତିରେ ଏହି ବୃଦ୍ଧି ଗୋଟିଏ ମିଟର ଅତିକ୍ରମ କରିପାରେ । ଏହି ପରିସ୍ଥିତିଗୁଡ଼ିକ ମୁଖ୍ୟତଃ ବିଶ୍ୱ ଉଷ୍ମତା, ଧ୍ରୁବୀୟ ବରଫ ଚାଦର ଓ ବିଶାଳ ହିମଶିୟରର ଦ୍ରୁତ ତରଳିବା ଓ ଉଷ୍ମ ସମୁଦ୍ର ଜଳର ତାପଜ ପ୍ରସାରଣ ଯୋଗୁଁ ସୃଷ୍ଟି ହୁଏ । ମାନବ କାର୍ଯ୍ୟକଳାପ ଦ୍ୱାରା ସୃଷ୍ଟି ହେଉଥିବା ଅତିରିକ୍ତ ତାପର ପ୍ରାୟ ୯୧ ପ୍ରତିଶତ ସମୁଦ୍ରଗୁଡ଼ିକ ଶୋଷଣ କରୁଛି ।

ସମୁଦ୍ର ପତନ ବୃଦ୍ଧିର କ୍ଷତି ବର୍ତ୍ତମାନ ପ୍ରଥମେ ସେହି ଦେଶମାନେ ଅନୁଭବ କରୁଛନ୍ତି ଯେଉଁମାନଙ୍କର ନିର୍ଗମନ ଅବଦାନ ନଗଣ୍ୟ । ଯଦିଓ ଏହି ଦେଶଗୁଡ଼ିକ ଗୁରୁତର ସମ୍ବଳ ସୀମାର ସମ୍ମୁଖୀନ ହେଉଛନ୍ତି । ଏହା ଉଲ୍ଲେଖନୀୟ ଯେ ପ୍ରଶାନ୍ତ ମହାସାଗରର ଅନେକ ଛୋଟ ଦ୍ୱୀପରେ ସମୁଦ୍ର ପତନ ବୃଦ୍ଧିର ହାର ବିଶ୍ୱ ହାରାହାରି ତୁଳନାରେ ଦୁଇଗୁଣରୁ ଅଧିକ । ଢାକା, ମୁମ୍ବାଇ ଓ କୋଲକାତା ପରି ନିମ୍ନ ଡେଲଟା ସହରରେ, ୧୪ ନିୟୁତରୁ ଅଧିକ ଲୋକଙ୍କ ଜୀବନ ଓ ଜୀବିକା ସିଧାସଳଖ ବିପଦରେ ପଡ଼ିଛି । ଏହା ବ୍ୟତୀତ, ମିଆମି, ନ୍ୟୁୟର୍କ ଓ ଗୁଆଙ୍ଗଝୁ ଭଳି ଉପକୂଳବର୍ତ୍ତୀ ମହାନଗରଗୁଡ଼ିକ ଟ୍ରିଲିୟନ ଡଲାର ଆର୍ଥିକ କ୍ଷତି ସହିବେ । ଏହା ନିସନ୍ଦେହରେ ସତ୍ୟ ।



**ଡକ୍ଟର ଲକ୍ଷ୍ମଣ ସାହୁ**
୯୦୪୦ ୧୫୧୪୭୫

ଏହା ଉଲ୍ଲେଖନୀୟ ଯେ ବର୍ତ୍ତମାନ ବିଶ୍ୱର ପ୍ରାୟ ୧୦% ଜନସଂଖ୍ୟା, ଅର୍ଥାତ୍ ପ୍ରାୟ ୭୭୦ ନିୟୁତ ଲୋକ ସମୁଦ୍ର ପତ୍ତନରୁ ପାଞ୍ଚ ମିଟରରୁ କମ୍ ଉଚ୍ଚତାରେ ବାସ କରନ୍ତି । ସବୁଠାରୁ ଏହା ବଡ଼ ଅତ୍ୟନ୍ତ ବିପଦପୂର୍ଣ୍ଣ ସ୍ତର । ଏହା ବ୍ୟତୀତ, ଆକ୍ରମଣାତ୍ମକ ସମୁଦ୍ର ତରଙ୍ଗ ଉର୍ବର କୃଷି ଜମି ଓ ପାନୀୟ ଜଳ କୂପଗୁଡ଼ିକୁ ଘେରି ରହିଥିବା ଲୁଣିଆ । ଏହା ପୂର୍ବରୁ ୧.୮ ଟ୍ରିଲିୟନ ଡଲାରରୁ ଅଧିକ ମୂଲ୍ୟର ଉପକୂଳ ଭିତ୍ତିଭୂମିକୁ କ୍ଷତି ପହଞ୍ଚାଇସାରିଛି । ଯଦି ଏହି ପରିସ୍ଥିତି ଜାରି ରହେ, ତେବେ ବିଶ୍ୱ ବାର୍ଷିକ ୧.୪ ଟ୍ରିଲିୟନ ଡଲାର କ୍ଷତି ସହିବ । ଏହା ବ୍ୟତୀତ, ସମୁଦ୍ରର ତାପମାତ୍ରା ଓ ଜଳ ସ୍ତର ବୃଦ୍ଧି ପାଉଥିବାରୁ ଏହାର ସ୍ତରଗୁଡ଼ିକର ଗଠନ ପରିବର୍ତ୍ତନ ହେଉଥିବା ଜଣାପଡ଼ିଛି । ଯାହା ଫଳରେ ସମୁଦ୍ର ପତ୍ତନରେ ମଧ ପରିବର୍ତ୍ତନ ହେଉଛି ।

ବିଶେଷ କରି ଜୁଆରର ତୀବ୍ରତା ଓ ଉଚ୍ଚତା ପ୍ରଭାବିତ ହେଉଛି, ଯାହା ଉପକୂଳବର୍ତ୍ତୀ ଅଞ୍ଚଳରେ ବନ୍ୟା ଓ କ୍ଷୟର ବିପଦକୁ ବୃଦ୍ଧି କରିପାରେ । ଏକଥା ମଧ ଉଲ୍ଲେଖନୀୟ ଯେ ଜୁଆର ଉପକୂଳ ଓ ସାମୁଦ୍ରିକ ପରିସଂସ୍ଥାକୁ ଗଠନ କରିଥାଏ । ଏହା ଉପକୂଳୀୟ ସମ୍ପ୍ରଦାୟକୁ ମଧ ଗୁରୁତ୍ୱପୂର୍ଣ୍ଣ ଭାବରେ ପ୍ରଭାବିତ କରିଥାଏ । ତେଣୁ, ଜଳବାୟୁ ପରିବର୍ତ୍ତନ ଯୋଗୁଁ ସମୁଦ୍ର ପରିବର୍ତ୍ତନ ମଧ୍ୟରେ, ପରିବର୍ତ୍ତନଶୀଳ ସମୁଦ୍ର ପରିସ୍ଥିତି ଜୁଆର ଢାଞ୍ଚାକୁ କିପରି ପ୍ରଭାବିତ କରୁଛି ସେ ପ୍ରଶ୍ନ କ୍ରମଶଃ ଗୁରୁତ୍ୱପୂର୍ଣ୍ଣ ହୋଇପଡୁଛି । ପ୍ରକୃତରେ, ୧୯୭୦ ରୁ ୨୦୨୦ ପର୍ଯ୍ୟନ୍ତ, ଜଳବାୟୁ ବିପର୍ଯ୍ୟୟ ଯୋଗୁଁ କ୍ଷୁଦ୍ର ଦ୍ୱୀପ ବିକାଶଶୀଳ ରାଜ୍ୟଗୁଡ଼ିକ ଦ୧୫୮ ବିଲିୟନ କ୍ଷତି ସହିଛନ୍ତି । ବିଶ୍ୱର ବୈଜ୍ଞାନିକମାନେ ଦଶ ବର୍ଷ ପୂର୍ବରୁ ସତର୍କ କରାଇ ଦେଇଛନ୍ତି ଯେ ଜଳବାୟୁ ପରିବର୍ତ୍ତନ ଆଣ୍ଟାର୍କଟିକାର ତାପମାତ୍ରାକୁ ଦ୍ରୁତ ଗତିରେ ବୃଦ୍ଧି କରୁଛି । ତାପମାତ୍ରା ଶୂନ୍ୟ ଡିଗ୍ରୀ ସେଲସିୟସ ଉପରେ ପହଞ୍ଚିବା ସହିତ, ହିମଶିୟରଗୁଡ଼ିକ ଆହୁରି ଦ୍ରୁତ ଗତିରେ ତରଳିବ । ତା'ପରେ ସେଠାକାର ବରଫ ଚାଦରଗୁଡ଼ିକ ପୂର୍ବ ଅପେକ୍ଷା ଦ୍ରୁତ ଗତିରେ ତରଳିବା ଆରମ୍ଭ କରିଛି, ଯାହା ଅଧିକ ଘାତକ ପ୍ରମାଣିତ ହେବ । ଏହା ଅଧିକ କ୍ଷୟ ଓ ଅବକ୍ଷୟର କାରଣ ହେବ । ତରଳିଥିବା ହିମଶିୟରଗୁଡ଼ିକର ଏହି କ୍ଷୟ ଉପତ୍ୟକାଗୁଡ଼ିକୁ ଗଭୀର କରିବ । ଏପରିକି ସମୁଦ୍ରରେ ଅପେକ୍ଷାକୃତ ଅଧିକ କାଦୁଅ ଜମା ହେବ । ବାସ୍ତବତା ହେଉଛି ଦ୍ରୁତ ଗତି କିମ୍ବା ବରଂ ତରଳି ଯାଉଥିବା ହିମବାହଗୁଡ଼ିକ ସେମାନଙ୍କର ପ୍ରବାହ ପଥ ସହିତ ଉପତ୍ୟକା ଓ ମହାଦେଶୀୟ ସମତଳ ଭୂମିରେ ଅଧିକ ପଙ୍କ ଜମା କରନ୍ତି । ଯାହା ପାନୀୟ ଜଳର ଉପଲବ୍ଧତାକୁ ପ୍ରଭାବିତ କରେ । ବୈଜ୍ଞାନିକମାନେ ବିଶ୍ୱାସ କରନ୍ତି ଯେ ମେରୁ ଓ ମହାଦେଶୀୟ କ୍ଷେତ୍ର ମଧ୍ୟରେ ସଂଯୋଗସ୍ଥଳ ଜୈବ ବିବିଧତାରେ ଅତ୍ୟନ୍ତ ସମୃଦ୍ଧ । ଯଦି ପାଣିରେ ଅଧିକ ପଙ୍କ ଜମା ହୁଏ, ତେବେ ଏହା ସିଧାସଳଖ ଜଳଜୀବର ଇକୋସିଷ୍ଟମକୁ ପ୍ରଭାବିତ କରିବ ।

ବ୍ରିଟିଶ କଲମ୍ବିଆ ବିଶ୍ୱବିଦ୍ୟାଳୟର ପ୍ରଫେସର ଓ ଅଧ୍ୟୟନର ମୁଖ୍ୟ ଲେଖକ ମିସେଲ କୋପସ୍ କୁହନ୍ତି, 'ଆମେ ଜାଣିପାରିଛୁ ଯେ ପାଟାଗୋନିଆନ୍ ହିମବାହଗୁଡ଼ିକ ଆଣ୍ଟାର୍କଟିକାର ହିମବାହ ଅପେକ୍ଷା ୧୦୦ ରୁ ୧,୦୦୦ ଗୁଣ ଦ୍ରୁତ ଗତିରେ କ୍ଷୟ ପାଉଛି ।' ସେ ବ୍ୟାଖ୍ୟା କରିଥିଲେ ଯେ ଏହି କାରଣ ଉଷ୍ମ ତାପମାତ୍ରା ଓ ତରଳିବା ବରଫ ଅଧିକ ଖସିଯାଇଥିବା ହିମବାହ ମୂଳ ସୃଷ୍ଟି କରିଛି , ଯାହା ଦ୍ରୁତ କ୍ଷୟକୁ ନେଇଥାଏ । ତେଣୁ ପୃଥିବୀର ଆକୃତିରେ ପରିବର୍ତ୍ତନର ସମ୍ଭାବନାକୁ ଏଡ଼ାଇ ଦିଆଯାଇପାରିବ ନାହିଁ ।

ତା'ପରେ ମଧ ଏହା ଅସ୍ୱୀକାର କରାଯାଇପାରିବ ନାହିଁ ଯେ ମଣିଷ ଓ ଅନ୍ୟାନ୍ୟ ପ୍ରାଣୀମାନଙ୍କ ପାଇଁ ପୃଥିବୀକୁ ବାସଯୋଗ୍ୟ କରୁଥିବା ପ୍ରାକୃତିକ ବ୍ୟବସ୍ଥାଗୁଡ଼ିକ ବର୍ଦ୍ଧିତ ଚାପ ମଧ୍ୟରେ ଅଛି । ଏହା ମଧ ଏକ କଠୋର ବାସ୍ତବତା ଯେ ପୃଥିବୀର ସ୍ୱାସ୍ଥ୍ୟ ମାପ ପାଇଁ ନଅଟି ଗୁରୁତ୍ୱପୂର୍ଣ୍ଣ ସୀମା ମଧ୍ୟରୁ ସାତଟି ମାନବ କାର୍ଯ୍ୟକଳାପ ଦ୍ୱାରା ବିପଦରେ ପଡୁଛି ।

ବିଶ୍ୱ ହାରାହାରିକୁ ଅତିକ୍ରମ କରିଛି । ଜଳବାୟୁ ପରିବର୍ତ୍ତନ, ଜୈବମଣ୍ଡଳରେ ପରିବର୍ତ୍ତନ, ଭୂମି ବ୍ୟବହାର, ମଧୁର ଜଳ ଓ ଜୈବଭୌମିକ ରାସାୟନିକ ପ୍ରବାହ, ପରିବେଶରେ ନୂତନ ମାନବ ନିର୍ମିତ ପଦାର୍ଥର ପ୍ରବେଶ ଓ ସମୁଦ୍ର ଅମ୍ଳୀକରଣ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ । ଏହା ଜଙ୍ଗଲ ଓ ସାମୁଦ୍ରିକ ପରିସଂସ୍ଥା ଉପରେ ନକାରାତ୍ମକ ପ୍ରଭାବ ପକାଇଛି । ଏହା ନିଶ୍ଚିତ ଭାବରେ ଜଙ୍ଗଲ ତଥା ମହାସାଗର ପ୍ରତି ବିପଦକୁ ଆହୁରି ବଢ଼ାଇ ଦେଇଛି ।

ପ୍ରକୃତରେ, ମଣିଷ ଯେଉଁ ସୀମା ଅତିକ୍ରମ କରୁଛି ତାହାକୁ 'ଗ୍ରହ ସୀମା' କୁହାଯାଏ । ଏଗୁଡ଼ିକ ହେଉଛି ନିରାପଦ ସୀମା ଯାହା ମଧ୍ୟରେ ପୃଥିବୀର ପରିବେଶ ସ୍ଥିର ଓ ଜୀବନ ପାଇଁ ଅନୁକୂଳ ରହିପାରିବ । ଯେତେବେଳେ ମାନବ କାର୍ଯ୍ୟକଳାପ ଏହି ସୀମା ଉଲ୍ଲଂଘନ କରିବାକୁ ଆରମ୍ଭ କରେ, ଜଳବାୟୁ, ଜଳ, ଜଙ୍ଗଲ, ମହାସାଗର ଓ ବନ୍ୟପ୍ରାଣୀ ବର୍ଦ୍ଧିତ ବିପଦରେ ପଡ଼ିଥାନ୍ତି । ଏସବୁ ଜର୍ମାନୀର ପଟସଡାମ୍ ଇନଷ୍ଟିଚ୍ୟୁଟ୍ ଫର୍ କ୍ଲାଇମେଟ୍ ଇମ୍ପାକ୍ଟ ରିସର୍ଚ୍ଚର ପ୍ଲାନେଟାରୀ ହେଲ୍‌ଥ ଚେକ୍ ରିପୋର୍ଟରେ ପ୍ରକାଶ ପାଇଛି । ରିପୋର୍ଟର ବାର୍ତ୍ତା ଅତି ଗମ୍ଭୀରପୂର୍ଣ୍ଣ , କିନ୍ତୁ ଏହାର ଅର୍ଥ ନୁହେଁ ଯେ ପୃଥିବୀ ତୁରନ୍ତ ଧ୍ୱଂସ ପାଇଯିବ । ସୀମା ଅତିକ୍ରମ କରିଥିବା ସୀମାକୁ ନିରାପଦ ସୀମା ମଧ୍ୟରେ ଆଣିବା ପାଇଁ କାର୍ଯ୍ୟ ପାଇଁ ଏବେ ବି ସ୍ଥାନ ଅଛି । ସମସ୍ତ ଗ୍ରହ ସୀମାକୁ ନିରାପଦ ସୀମା ମଧ୍ୟରେ ଆଣିବା ପାଇଁ ଦ୍ରୁତ ପଦକ୍ଷେପ ଆବଶ୍ୟକ । ପୃଥିବୀର ସ୍ଥିରତା ଓ ପ୍ରାକୃତିକ ସମ୍ଭାବନାକୁ ରକ୍ଷା କରିବା ପାଇଁ ତୁରନ୍ତ ପ୍ରୟାସ କରାଯିବା ଆବଶ୍ୟକ.... !

# ଦୀପାବଳିରେ ଗ୍ରୀନ୍ କ୍ରାକର୍ସ ବିକ୍ରି ଉପରେ ଗୁରୁତ୍ୱ



ଭଦ୍ରକ, ୨୪ /୧୦(ଅକ୍ଷର ଓଡିଶା ): ଆସନ୍ତା କାଳୀପୂଜା ଓ ଦୀପାବଳି ଅବସରରେ ଭଦ୍ରକ ସହର ତଥା ଜିଲ୍ଲାର ଗ୍ରାମାଞ୍ଚଳରେ ଅସ୍ଥାୟୀ ଆତସବାଜି ଦୋକାନ ପାଇଁ ଲାଇସେନ୍ସ ପ୍ରଦାନ ଓ ବିକ୍ରି ସ୍ଥାନ ନିର୍ଦ୍ଧାରଣ ନିମନ୍ତେ ଶୁକ୍ରବାର ସଦ୍‌ଭାବନା ସଭାଗୃହରେ ଏକ ପ୍ରାକ୍‌ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଅତିରିକ୍ତ ଜିଲ୍ଲାପାଳ ରବି ନାରାୟଣ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ଗ୍ରୀନ୍ କ୍ରାକର୍ସ ବିକ୍ରି, ଅଗ୍ନିନିରାପତ୍ତା ଓ ନିର୍ଦ୍ଧାରିତ ସ୍ଥାନରେ ସୁରକ୍ଷିତ ବାଣ ବିକ୍ରି ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି। ବୈଠକରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ (ଗୁଇନ୍ଦା ସଂସ୍ଥା) ଅଂଶୁମାନ ଦ୍ୱିବେଦୀ, ଡେପୁଟି କଲେକ୍ଟର (ବିଚାର) କାର୍ତ୍ତିକ ନାଥ ମଣ୍ଡଳଙ୍କ ସମେତ ଜିଲ୍ଲାର ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଶ୍ରୀ ମଣ୍ଡଳ ଉପସ୍ଥିତ ସଦସ୍ୟମାନଙ୍କୁ ସ୍ୱାଗତ କରିବା ସହ ବୈଠକର ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ କରାଇଥିଲେ।ଆଲୋଚନା ପରେ ଜିଲ୍ଲାରେ ଥିବା ସମସ୍ତ ଅସ୍ଥାୟୀ ଆତସବାଜି ଦୋକାନରେ କେବଳ ଗ୍ରୀନ୍ କ୍ରାକର୍ସ ବିକ୍ରି କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହାଦ୍ୱାରା ପରିବେଶ ପ୍ରଦୂଷଣ ହ୍ରାସ କରିବା ସହ ପର୍ବପର୍ବାଣୀକୁ ଅଧିକ ସୁରକ୍ଷିତ ଓ ପରିବେଶ ଅନୁକୂଳ କରିବା ଉପରେ ଗୁରୁତ୍ୱ ଦିଆଯାଇଛି। ତେଣୁ ଦୋକାନୀମାନେ ନିର୍ଦ୍ଧାରିତ ନିୟମ ଅନୁଯାୟୀ ଗ୍ରୀନ୍ କ୍ରାକର୍ସ ବିକ୍ରି କରିବା ସହ ପ୍ରଶାସନର ନିର୍ଦ୍ଦେଶ ପାଳନ କରିବେ। ନିଷ୍ପତ୍ତି ଅନୁଯାୟୀ, ଅସ୍ଥାୟୀ ଆତସବାଜି ଦୋକାନଗୁଡ଼ିକ ୨ ନଭେମ୍ବର ୨୦୨୬ ଠାରୁ ୭ ନଭେମ୍ବର ୨୦୨୬ ରାତି ୧୦ଟା ପର୍ଯ୍ୟନ୍ତ ଖୋଲା ରହି ବାଣ ବିକ୍ରି କରିପାରିବେ। ଏଥିପାଇଁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ଅନୁମତିପତ୍ର ନେବା ବାଧ୍ୟତାମୂଳକ ରହିଛି। ଭଦ୍ରକ ପୌରାଞ୍ଚଳରେ ଅସ୍ଥାୟୀ ବାଣ ଦୋକାନ ପାଇଁ ଦୁଇଟି ସ୍ଥାନ ଚିହ୍ନଟ କରାଯାଇଛି। ସେଗୁଡ଼ିକ ହେଲା ଆର୍‌ଏମ୍‌ସି ପଡ଼ିଆ ଓ ସାଳନ୍ଦୀ ନଦୀ ପଠା।ପ୍ରଶାସନ ପକ୍ଷରୁ ସମସ୍ତ ଅସ୍ଥାୟୀ ବାଣ ଦୋକାନୀଙ୍କୁ ସରକାରୀ ନିୟମାବଳୀ, ଅଗ୍ନିନିରାପତ୍ତା ନିୟମ ଓ ଅନୁମତି ସର୍ତ୍ତାବଳୀ କଡ଼ାକଡ଼ି ଭାବେ ପାଳନ କରିବାକୁ କୁହାଯାଇଛି। ନିୟମ ଉଲ୍ଲଂଘନ କଲେ ଯେକୌଣସି ସମୟରେ ଦୋକାନ ସିଲ୍ କରାଯିବା ସହ ଆବଶ୍ୟକ ଆଇନଗତ ପଦକ୍ଷେପ ନିଆଯିବ।

## ୮ ଦଫା ଦାବୀ ନେଇ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଘେରିଲେ ପାଚିକା




ରଣପୁର, ୨୪/୧୦(ଅକ୍ଷର ଓଡିଶା )ଆଜି ମଧ୍ୟାହ୍ନ ୧୨ ଘଟିକା ସମୟରେ ସିଟୁ ନେତୃତ୍ୱରେ ଓଡିଶା ମଧ୍ୟାହ୍ନ ଭୋଜନ ପାଚିକା ସାହାଯିକା ସଂଘ ତରଫରୁ ଏକ ଶୋଭାଯାତ୍ରା ରଣପୁର ପଞ୍ଚୁଦୋଳ ପଡ଼ିଆରୁ ବାହାରି ବଜାର ପରିକ୍ରମା କରି ରଣପୁର ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ଆନ୍ଦୋଳନ କରାଯାଇଥିଲା। ବ୍ଲକ ସଭାପତି ଭିକାରୀ ଚରଣ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବିକ୍ଷୋଭ ସଭାରେ ପାଚିକା ମାନଙ୍କୁ ଚତୁର୍ଥ ଶ୍ରେଣୀ କର୍ମଚାରୀର ମାନ୍ୟତା, ମାସିକ ୨୬୦୦୦ ଟଙ୍କା ଦରମା,ମାସିକ ୧୦,୦୦୦ ଟଙ୍କା ପେନସନ, ସାମାଜିକ ସୁରକ୍ଷା,ବର୍ଷକୁ ଶାଢ଼ୀ ସାହାୟତା ୧୫୦୦ ଟଙ୍କା,ମୃତ୍ୟୁ କାଳୀନ ୧୦ ଲକ୍ଷ ଓ ଅବସର କାଳୀନ ୫ ଲକ୍ଷ ଟଙ୍କା ସରକାରୀ ସହାୟତା ସହ ବକେୟା ଦୁଇ ମାସର ପାଉଣା, ପ୍ରତି ସ୍କୁଲ କୁ ଖଟଏ ଗ୍ୟାସ ସଂଯୋଗ, ସୁସ୍ୱାଦୁ ଯୁକ୍ତ ଖାଦ୍ୟ, ପରିଚୟ ପତ୍ର ଯୋଗାଇ ଦେବା ଓ ପାଚିକା ମାନଙ୍କ ଉପରେ ସ୍କୁଲ ଗୁଡିକରେ ନାଲି ଆଖି ବନ୍ଦ କରିବା ପାଇଁ ଦାବୀ କରିଥିଲେ।ରଣପୁର ମଣ୍ଡଳ ଶିକ୍ଷା ଅଧିକାରୀ ପିଣ୍ଟୁ କୁମାର ପ୍ରଧାନ ଆନ୍ଦୋଳନ ଅଛି ବୋଲି ଜାଣି ମଧ ଅନୁପସ୍ଥିତ ଥିବାରୁ ଆନ୍ଦୋଳନ କାରୀ ପାଚିକା ମାନେ ଦୀର୍ଘ ଦୁଇ ଘଣ୍ଟା ପର୍ଯ୍ୟନ୍ତ କର୍ମଚାରିଙ୍କୁ ବାହାରକୁ ଛାଡି ନ ଦେଇ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟକୁ ଘେରାଉ କରି ବସି ରହିଥିଲେ। ଅପ୍ରୀତି କର ପରିସ୍ଥିତି ସୃଷ୍ଟି ହେବାରୁ ଶିକ୍ଷାଧିକାରୀ ନୟାଗଡ଼ରୁ ଜରୁରୀ ଆସି ଅପରାହ୍ନ ୩ ଟାରେ ଆନ୍ଦୋଳନକାରୀଙ୍କ ଠାରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୮ ଦଫା ସମ୍ବଳିତ ଦାବୀ ଗ୍ରହଣ କରିବା ସହ ପ୍ରତି ସ୍କୁଲକୁ ଗ୍ୟାସ ସଂଯୋଗ, ସୁସ୍ୱାଦ ଖାଦ୍ୟ, ବକେୟା ମାସିକ ପାଉଣା ଓ ପରିଚୟ ପତ୍ର ଆସନ୍ତା ଏକ ମାସ ମଧରେ ଦେବେ ବୋଲି ଦୃଢ଼ ପ୍ରତିଶୃତି ଦେଇ ବୁଝା ସୁଝା କରିବାରେ ଆନ୍ଦୋଳନ ପ୍ରତ୍ୟାହାର କରାଯାଇଥିଲା।

## ବାୟୁସେନା ଯୁବ ସୈନିକଙ୍କ ସଡ଼କ ଦୁର୍ଘଟଣାରେ ମୃତ୍ୟୁ



**ଅଞ୍ଚଳରେ ଶୋକର ଛାୟା**

ହିଞ୍ଜିଳିକାଟୁ ୨୪/୧୦(ଅବନି କାନ୍ତ ପଟ୍ଟନାୟକ)ହିଞ୍ଜିଳି ବ୍ଲକ ତଥା ବେଲ ଗାଁ ଥାନା ଅନ୍ତର୍ଗତ ଗଣ୍ଡଳାଗ୍ରାମ ବଡ଼ ଧୋବାସାହିର ଯୁବ ସୈନିକ ଚିଣ୍ଟୁ ସେଠୀଙ୍କ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟିଥିବା ଜଣାପଡିଛି । ଭାରତୀୟ ପ୍ରତିରକ୍ଷା ବିଭାଗର ବାୟୁସେନାରେ କାର୍ଯ୍ୟରତ ଥିଲେ ଚିଣ୍ଟୁ ।ଗଣ୍ଡଳା ଗ୍ରାମ ନିବାସୀ ସଂଯୁକ୍ତା ସେଠୀଙ୍କ ପୁଅ ଦୁଇ ବର୍ଷ ପୂର୍ବେ ବାୟୁ ସେନା ବିଭାଗରେ ସୈନିକ ଭାବେ ନିଯୁକ୍ତି ପାଇ ଆସାମ ଏୟାର ବେସରେ ନିୟୋଜିତ ହୋଇଥିଲେ ।କାମାକ୍ଷା ସହରକୁ ବାଇକରେ ଆସିଥିବା ବେଳେ ଦୁର୍ଘଟଣାର ଶିକାର ହୋଇଥିଲେ ।ଦୁର୍ଘଟଣା ସ୍ଥଳରୁ ଉଦ୍ଧାର କରାଯାଇ ସେନା ହସ୍ପିଟାଲରେ ତାଙ୍କୁ ଭର୍ତ୍ତି କରାଯାଇଥିଲା କିନ୍ତୁ ଡାକ୍ତର ମୃତ ଘୋଷଣା କରିଥିଲେ ।ଆଜି ବଡ଼ି ଭୋରରୁ ମର ଶରୀର ଜନ୍ମମାଟିରେ ପହଞ୍ଚିଥିଲା । ମର ଶରୀରକୁ ପୁରା ଗ୍ରାମରେ ପରିକ୍ରମା କରାଯାଇଥିଲା ।କାନ୍ଦବୋବାଳିରେ ଫାଟି ପଡିଥିଲା ଗାଁ ପରିବେଶ ।ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା ।ବେଲ ଗାଁ ଥାନାଧିକାରୀ ସ୍ମିତାଞ୍ଜଳି ପ୍ରଧାନ,ବିଧାୟକଙ୍କ ଡିଆରଡ଼ିଏ ପ୍ରତିନିଧି ଦେବାନନ୍ଦ ମହାପାତ୍ର, ବ୍ଲକ ପ୍ରତିନିଧି ଏ. ସୁଦର୍ଶନ ଉପସ୍ଥିତ ଥିଲେ ।

## ଦିବ୍ୟ ଦର୍ଶନ ସଂଘ ପକ୍ଷରୁ ଜ୍ଞାନଯଜ୍ଞ କାର୍ଯ୍ୟକ୍ରମ

ବୁଗୁଡ଼ା, ୨୪/୧୦/(ଅକ୍ଷର ଓଡିଶା ): ସ୍ଥାନୀୟ ନିୟୁ ଏରା ପବ୍ଲିକ୍ ସ୍କୁଲ ପରିସରରେ ଦିବ୍ୟ ଦର୍ଶନ ସଂଘ ଆଦିପୁର ଶାଖା ପକ୍ଷରୁ ଦ୍ୱିଦିବସୀୟ ଜ୍ଞାନଯଜ୍ଞ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଅବସରରେ ସଦଗୁରୁ ଶ୍ରୀ ଅର୍ଜୁନଙ୍କ ରଥାରୂଢ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ଏହି ଜ୍ଞାନଯଜ୍ଞ କାର୍ଯ୍ୟକ୍ରମରେ କେନ୍ଦ୍ରୀୟ କମିଟିର ସଭାପତି ରବିନ୍ଦ୍ର ନାଥ ମହାନ୍ତି , ସମ୍ପାଦକ କେଶବ ସେଠୀ , ସଦସ୍ୟ ପ୍ରଭାକର ପଣ୍ଡା ପ୍ରମୁଖ ଯୋଗ ଦେଇ ଦିବ୍ୟ ଦର୍ଶନର ମୌଳିକ ଆଧ୍ୟାତ୍ମିକ ବିଚାର ସମ୍ପର୍କେ ଆଲୋକପାତ ସହ ମାର୍ଗ ଦର୍ଶନ କରିଥିଲା ବେଳେ ଏଥିରେ ଆଖପାଖ ଅଞ୍ଚଳର ବହୁ ସଂଖ୍ୟକ ଗୁରୁଭାଇ ଓ ଭଉଣୀ ଯୋଗ ଦେଇ ଭଗବତ କୃପା ଲାଭ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଆଦିପୁର ଶାଖା ଦିବ୍ୟଦର୍ଶନ ସଂଘର ସଭାପତି ମନୋଜ କୁମାର ସାହୁ, ସମ୍ପାଦକ ରଙ୍କନିଧି ମହାନ୍ତି, ରାଜେନ୍ଦ୍ର ଜେନା, ଧନେଶ୍ୱର ସାହୁ, ଅରୁଣ କୁମାର ସାହୁ, ରାଜେନ୍ଦ୍ର ପ୍ରଧାନ,ସତ୍ୟ ନାରାୟଣ ନାହାକ ଓ ବଳରାମ ବିଷୋୟୀ ପ୍ରମୁଖ ପରିଚାଳନା କରିଥିଲେ।

## ଜୈନିକା ନାବାଳିକାକୁ ଦୁଷ୍କର୍ମ ଓ ହତ୍ୟା ଘଟଣାରେ ନ୍ୟାୟ ଦାବୀ କରି ଥାନା ସମ୍ମୁଖରେ ବିକ୍ଷୋବ



ଜଳେଶ୍ୱର,୨୪/୧୦-(ଭୂପତି ପରିଡ଼ା):ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ଥାନା ନାମ୍ପୋ ଫାଣ୍ଡି ଅଞ୍ଚଳରେ ଜନୈକା ନାବାଳିକାକୁ ଦୁଷ୍କର୍ମ ପରେ ହତ୍ୟା ଘଟଣାରେ ଗାଁର ଝିଅ ପାଇଁ ନ୍ୟାୟ ଦାବି କରି ଜଳେଶ୍ୱର ଥାନା ସମ୍ମୁଖରେ ବିକ୍ଷୋଭ କରିଛନ୍ତି ଗ୍ରାମବାସୀ। ଗାଁର ଶତାଧିକ ଲୋକ ନାରାବାଜି କରିବା ସହ ଘଟଣାରେ ସମ୍ପୃକ୍ତ ସମସ୍ତ ଅଭିଯୁକ୍ତଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।ଏହା ସହିତ ଘଟଣାର ତଦନ୍ତଭାର ସିବିଆଇକୁ ଦେବା ପାଇଁ ଦାବି କରିଛନ୍ତି।ତେବେ ଏହି ଘଟଣାରେ ଆଜି ଜଣେ ମହିଳାଙ୍କ ସମେତ ତିନି ଜଣଙ୍କୁ ଅଟକ ରଖିଛି ଜଳେଶ୍ୱର ପୋଲିସ। ପୂର୍ବରୁ ମୁଖ୍ୟ ଅଭିଯୁକ୍ତ ଚନ୍ଦ୍ରକାନ୍ତ ଜେନାଙ୍କ ସହ ଅନ୍ୟ ଦୁଇ ଜଣ ଗିରଫ କରିଛି ପୋଲିସ।

# ରଜତ ଜୟନ୍ତୀ ପାଳନପାଇଁ ପ୍ରସ୍ତୁତି ବୈଠକ



ଜଳେଶ୍ୱର,୨୩/୧୦-(ଭୂପତି ପରିଡ଼ା): ସିଦ୍ଧେଶ୍ୱର ହାଇସ୍କୁଲ ପରିସରରେ ପୁରାତନ ଛାତ୍ର ମାନଙ୍କୁ ନେଇ ରଜତ ଜୟନ୍ତୀ ସମାରୋହ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆସନ୍ତା ୨୦୨୭ ଡ଼ିସେମ୍ବର ୨୫.୨୬.୨୭ ରିଖ ୩ ଦିନ ବ୍ୟାପି ହେବାର ଆଜି ସର୍ବସମ୍ମତି କ୍ରମେ ସିଦ୍ଧାନ୍ତ ଗ୍ରହଣ କରାଗଲା। ଉକ୍ତ ବୈଠକରେ ସ୍କୁଲର ପ୍ରଧାନ ଶିକ୍ଷକ ହରିଶଙ୍କର ମହାନ୍ତି ସଭାପତିତ୍ୱ କରିଥିଲେ। ଶିକ୍ଷକ ସରୋଜ କୁମାର ପାଣିଗ୍ରାହୀ ରଜତ ଜୟନ୍ତୀ ପାଳନ ପାଇଁ ପ୍ରସ୍ତୁତି ସମ୍ବନ୍ଧରେ ଆଲୋଚନା କରିଥିଲେ। ମେଗାଜିନ୍ ଉନ୍ମୋଚନ ହେବା ସହିତ ମଟର ସାଇକେଲ ଶୋଭାଯାତ୍ରା, ମସାଲ ଯାତ୍ରା, ରକ୍ତଦାନ ଶିବିର, ସାଂସ୍କୃତିକ କାର୍ଯ୍ୟକ୍ରମ, କ୍ରିଡ଼ା ପ୍ରତିଯୋଗିତା ଓ ଓଡ଼ିଶାର ବିଭିନ୍ନ ବର୍ଗର ସାହିତ୍ୟ ସଂସ୍କୃତି ସମ୍ପନ୍ନ ବ୍ୟକ୍ତି ଓ ବିଭିନ୍ନ ଦଳର ରାଜନେତାମାନଙ୍କୁ ନିମନ୍ତ୍ରଣ କରାଯିବ ବୋଲି ଆଜିର ବୈଠକରେ ସିଦ୍ଧାନ୍ତ ଗ୍ରହଣ କରାଗଲା। ସର୍ବସମ୍ମତି କ୍ରମେ ରଜତ ଜୟନ୍ତୀ ଉତ୍ସବର ସଭାପତି ଭାବେ ପୁରାତନ ଛାତ୍ର ଜ୍ୟୋତିର୍ମୟ ମହାପାତ୍ର ଓ ସାଧାରଣ ସମ୍ପାଦକ ଭାବରେ ଧୃତିଗୋବିନ୍ଦ ଦାସ ମନୋନୀତ ହୋଇଥିଲେ। ଶିକ୍ଷକ ମନୋରଞ୍ଜନ ଗିରି, ଚିତ୍ତରଞ୍ଜନ ଜେନା, ମାନସ ଦାସ, ସୁବ୍ରତ ବାରିକ, ରାଜୀବ ନାରାୟଣ କର, କୃଷ୍ଣ ଚନ୍ଦ୍ର ଜେନା, ଶାନ୍ତନୁ କୁମାର ମହାନ୍ତି, ଶୟନ କୁମାର ରାଉଳ, ଦାମୋଦର ମହାନ୍ତି ଓ ଝାଡେଶ୍ୱର ରାଉଳ ପ୍ରମୁଖ ସହଯୋଗ କରିଥିଲେ।

## ସଚିନ ବେହେରାଙ୍କ ନି ଷ୍ଟ୍ରାଇକର୍ ଅଫ୍ ଇଣ୍ଡିଆ ରେକର୍ଡ




ନୂଆପଡା, ୨୪/୧୦ (ଅକ୍ଷର ଓଡିଶା) : ସଚିନ ବେହେରା ନୂଆପଡ଼ା ଭଳି ଉପାନ୍ତ ଜିଲ୍ଲାରୁ ନି ଷ୍ଟ୍ରାଇକର୍ ଅଫ୍ ଇଣ୍ଡିଆ ରେକର୍ଡ ଅର୍ଜନ କରି ଗୌରବ ଅର୍ଜନ କରିଛନ୍ତି।, ଆଗକୁ ଗ୍ରିନିଜ ବୁକ ରେକର୍ଡ କରିବାକୁ ଲକ୍ଷ ଧାର୍ଯ୍ୟ ରହିଥିବା ବେଳେ ନିଜ ଅଞ୍ଚଳ ରେ ଯୁବ ବର୍ଗଙ୍କୁ ନିଶା ମୁକ୍ତ ହୋଇ ଖେଳ ଏବଂ ଜୀବନର ଲକ୍ଷ ପ୍ରତି ନିଶା ରହିବାକୁ ଆହ୍ୱାନ କରିଥିଲେ। ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ସେ ଯୁବବର୍ଗଙ୍କୁ ତାଙ୍କ ଭିତରେ ଥିବା ଲୁକ୍କାୟିତ ପ୍ରତିଭାକୁ ଚୟନ କରି ସେହି ଦିଗରେ ଆଗକୁ ବଢ଼ିବା ପାଇଁ ଆହ୍ୱାନ କରିଛନ୍ତି। ଖଡ଼ିଆଳ ଗୃହ ଓ ପୂର୍ତ୍ତ ନିର୍ମାଣ ବିଭାଗ ବଙ୍ଗଳା ଠାରେ ଏକ ସାମ୍ବାଦିକ ସମ୍ମିଳନୀ ରେ ପ୍ରକାଶ କରିଛନ୍ତି। ନୂଆପଡ଼ା ଜିଲ୍ଲା ବୋଡ଼େନ ବ୍ଲକ ଲର୍କା ଗ୍ରାମର ନିବାସୀ ସଚିନ ବେହେରା ଛାତ୍ର ଜୀବନରୁ ଜଣେ ଧାବକ ରୂପେ ଆଗକୁ ବଢୁଥିବା ବେଳେ ନି ଷ୍ଟ୍ରାଇକର୍ ଭାବରେ ଏକମାତ୍ର ଲକ୍ଷ ହାସଲ କରିଥିଲେ। ଏକ କିଲୋ ଓଜନ ଆଙ୍କଲ ଓଜନ ପିନ୍ଧି ୬୦ ସେକେଣ୍ଡ ରେ ୧୪୬ ଥର ନିଷ୍ଟ୍ରାଇକ କରିବାରେ ସଫଳ ହୋଇଥିଲେ। ଆଗକୁ ସେ ଗ୍ରିନିଜ ବୁକ୍ ଅଫ୍ ରେକର୍ଡ କରିବାକୁ ଜୀବନ ର ଲକ୍ଷ ରଖିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀ ରେ ବିଜେପି ରାଜ୍ୟ ସାଧାରଣ ସମ୍ପାଦକ ଲମ୍ବୋଦର ନିଆଁଳ, ଖଡ଼ିଆଳ ନଗର ଅଧକ୍ଷ ଉଜ୍ଜଳ ଗୁପ୍ତା ଯୋଗ ଦେଇ ଯୁବ ଗୋଷ୍ଠୀଙ୍କ ପାଇଁ ଏକ ଉଦାହରଣ ହୋଇଥିବା ବେଳେ ଯୁବ ସମ୍ମିଳନୀରେ ତାଙ୍କ ପ୍ରତିଭା ପାଇଁ ଅନୁପ୍ରାଣିତ କରିବେ। ଖେଲୋ ଇଣ୍ଡିଆ ରେ ଦେଶ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନକୁ ଦୃଷ୍ଟି ହେବାକୁ ନିବେଦନ କରିଥିଲେ।

# ଦେବଗଡ଼ରେ ମାଙ୍କଡ଼ ଧରା ଅଭିଯାନ

**୯ଟି ମାଙ୍କଡ଼ ଧରି ଦୁର୍ଗମ ଜଙ୍ଗଲରେ ଛଡ଼ାଗଲା**

ଦେବଗଡ଼,୨୪/୧୦(ଅକ୍ଷର ଓଡ଼ିଶା): ଦିନକୁ ଦିନ ଦେବଗଡ଼ ସହରର ପ୍ରଧାନପାଟ ସମେତ ବିଭିନ୍ନ ଅଞ୍ଚଳରେ ମାଙ୍କଡ଼ଙ୍କ ଉପଦ୍ରବ ବୃଦ୍ଧି ପାଉଛି। ଫଳରେ ସାଧାରଣ ଲୋକେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ମଣିଷ ଓ ମାଙ୍କଡ଼ଙ୍କ ମଧ୍ୟରେ ସଂଘର୍ଷ ରୋକିବା ସହ ଜନସାଧାରଣଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଦେବଗଡ଼ ବନଖଣ୍ଡ ପକ୍ଷରୁ ମାଙ୍କଡ଼ ଧରା ଅଭିଯାନ ଜାରି ରହିଛି। ଦେବଗଡ଼ ବନଖଣ୍ଡ ଅଧିକାରୀ ରଶ୍ମୀ ଜୀଙ୍କ ନିର୍ଦ୍ଦେଶକ୍ରମେ ଗତ ୧୬ ତାରିଖରୁ ୨୧ ତାରିଖ ପର୍ଯ୍ୟନ୍ତ ପ୍ରଧାନପାଟ ଅଞ୍ଚଳରେ ଏହି ଅଭିଯାନ ଚାଲିଥିଲା। ଏହି ସମୟରେ ଉପଦ୍ରବ ସୃଷ୍ଟି କରୁଥିବା ୯ଟି ରିସସ୍ ମାକାକ୍ ପ୍ରଜାତିର ମାଙ୍କଡ଼ଙ୍କୁ ଜାଲ ସାହାଯ୍ୟରେ ଧରାଯାଇଥିଲା। ପରେ ସେମାନଙ୍କୁ ଦୁର୍ଗମ ଅଭ୍ୟନ୍ତରୀଣ ଜଙ୍ଗଲରେ ଛାଡ଼ି ଦିଆଯାଇଥିବା ଜଣାପଡ଼ିଛି।ଏହି ଅଭିଯାନରେ ଦେବଗଡ଼ ବନଖଣ୍ଡର ଜୀବବିଜ୍ଞାନୀ ସୁଧୀରାଜ ଲେଙ୍କା, ଆର୍‌ଆର୍‌ଟି ଫରେଷ୍ଟର ପୂର୍ଣ୍ଣଚନ୍ଦ୍ର ଡାଲୋ, ଫରେଷ୍ଟଗାର୍ଡ ପୁଲିନ ବିହାରୀ ପ୍ରଧାନଙ୍କ ସମେତ ଦେବଗଡ଼ ଆର୍‌ଆର୍‌ଟି ଦଳ ଓ ବନାଞ୍ଚଳର ଅନ୍ୟ କର୍ମଚାରୀମାନେ ସାମିଲ ହୋଇଥିଲେ।ସହରର ବିଭିନ୍ନ ଅଞ୍ଚଳରେ ମାଙ୍କଡ଼ଙ୍କ ଉପଦ୍ରବ ଯୋଗୁଁ ଜନସାଧାରଣ ଅସୁବିଧାର ସମ୍ମୁଖୀନ ହେଉଥିବାବେଳେ ବନ ବିଭାଗର ଏହି ପଦକ୍ଷେପ ଦ୍ୱାରା ମଣିଷ-ମାଙ୍କଡ଼ ସଂଘର୍ଷ ହ୍ରାସ ପାଇବ ବୋଲି ଆଶା କରାଯାଉଛି।

## ଅଶ୍ଳୀଳ ଫଟୋ ଓ ଭିଡିଓ ଭାଇରାଲ୍ ଅଭିଯୋଗରେ ଯୁବତୀ ଗିରଫ



ପାରଳାଖେମୁଣ୍ଡି, ୨୪/୧୦(ତାରିଣୀ ପ୍ରସାଦ ପଣ୍ଡା) : ଇନ୍‌ଷ୍ଟାଗ୍ରାମ୍‌ରେ ନକଲି ଆଇଡି ଖୋଲି ଜଣେ ଯୁବକଙ୍କ ସହ ବନ୍ଧୁତା ସ୍ଥାପନ କରିବା ପରେ ତାଙ୍କର ଅଶ୍ଳୀଳ ଫଟୋ ଓ ଭିଡିଓ ସୋସିଆଲ୍ ମିଡିଆରେ ଭାଇରାଲ୍ କରିଥିବା ଅଭିଯୋଗରେ ଜଣେ ୧୯ ବର୍ଷୀୟା ଯୁବତୀଙ୍କୁ ପୁଲିସ ଗିରଫ କରିଛି । ଗଜପତି ଜିଲ୍ଲା ରାମଗିରି ଥାନା ଅନ୍ତର୍ଗତ ଲକ୍ଷ୍ମୀପୁର ଗ୍ରାମର ନନ୍ଦିତା ମହାଙ୍କୁଡ଼ ନାମକ ଯୁବତୀଙ୍କୁ ଅକ୍ଟୋବର ୨୩ ତାରିଖ ମଧ୍ୟାହ୍ନ ୧୨ଟା ୪୫ ମିନିଟ୍‌ରେ ଗିରଫ କରାଯାଇଥିବା ପୁଲିସ ସୂଚନା ଦେଇଛି । ପୁଲିସ ସୂଚନା ଅନୁଯାୟୀ ଗତ ଅକ୍ଟୋବର ୧୦ ତାରିଖରେ ଏହି ଘଟଣା ସମ୍ପର୍କରେ ଅଭିଯୋଗ ମିଳିବା ପରେ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଥିଲା । ଅଭିଯୁକ୍ତା ଓ ପୀଡ଼ିତ ଉଭୟେ ଲକ୍ଷ୍ମୀପୁର ଗ୍ରାମର ପଡ଼ୋଶୀ ବୋଲି ତଦନ୍ତରୁ ଜଣାପଡ଼ିଛି । ପୂର୍ବ ଶତ୍ରୁତା ଓ ପ୍ରତିଶୋଧ ନେବା ଉଦ୍ଦେଶ୍ୟରେ ଅଭିଯୁକ୍ତା ନିଜ ମୋବାଇଲ୍‌ରେ ଏକାଧିକ ଇନ୍‌ଷ୍ଟାଗ୍ରାମ୍ ଆଇଡି ଖୋଲିଥିବା ଅଭିଯୋଗ ହୋଇଛି । ସେଥିମଧ୍ୟରୁ ଗୋଟିଏ ଆଇଡି ଜରିଆରେ ଯୁବକଙ୍କ ସହ ବନ୍ଧୁତା ସ୍ଥାପନ କରି ତାଙ୍କୁ ପ୍ରେମ ଓ ବିବାହର ପ୍ରତିଶ୍ରୁତି ଦେଇଥିଲେ । ପ୍ରାୟ ୫ରୁ ୬ ମାସ ଧରି ଇନ୍‌ଷ୍ଟାଗ୍ରାମ୍‌ରେ ଚାଟିଂ ହେବା ପରେ ଅଭିଯୁକ୍ତା ଯୁବକଙ୍କୁ ଅଶ୍ଳୀଳ ଫଟୋ ଓ ଭିଡିଓ ମାଗିଥିଲେ । ପରବର୍ତ୍ତୀ ସମୟରେ ସେଗୁଡ଼ିକୁ ସୋସିଆଲ୍ ମିଡିଆରେ ଭାଇରାଲ୍ କରିଥିବା ଅଭିଯୋଗ ହୋଇଛି । ତଦନ୍ତ ସମୟରେ ମେଟା ପକ୍ଷରୁ ମିଳିଥିବା ତଥ୍ୟ ଓ ଆଇପି ଠିକଣା ସମ୍ପର୍କିତ ସୂଚନା ଆଧାରରେ ସମ୍ପୃକ୍ତ ଇନ୍‌ଷ୍ଟାଗ୍ରାମ୍ ଆଇଡିର ବ୍ୟବହାରକାରୀଙ୍କ ସମ୍ପର୍କରେ ତଥ୍ୟ ମିଳିଥିବା ପୁଲିସ୍ କହିଛି । ଅଭିଯୁକ୍ତାଙ୍କ ନିକଟରୁ ବିନା ସିମ୍‌କାର୍ଡରେ ଥିବା ଏକ ରିଅଲ୍‌ମି ସ୍ମାର୍ଟ ମୋବାଇଲ୍ ଫୋନ୍ ଜବତ କରାଯାଇଛି । ତଦନ୍ତରେ ପ୍ରାଥମିକ ପ୍ରମାଣ ମିଳିବା ପରେ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି ।

## ଆଶା ବାଡ଼ି ସାହାରାରେ ଲକ୍ଷ୍ମଣ

**୩୫୦୦ଟଙ୍କା ପାଇଁ ସରକାରଙ୍କୁ ଆକୁଳ ନିବେଦନ**



କଳାହାଣ୍ଡି, ୨୪/୧୦ ( ରାମ କୁମାର ସେନାପତି) କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ ଟେମରି ଗ୍ରାମର ଲକ୍ଷ୍ମଣ ପଟେଲ ଜଣେ ଗରୀବ ଅସହାୟ ବ୍ୟକ୍ତି ଅଟେ, ସେ ଗୋଟିଏ ଆଶା ବାଡ଼ି ଧରି ଗୋଟିଏ ଗୋଡ଼ରେ ଚାଲୁ ଥିବା ଦୃଶ୍ୟ ଦେଖି ତାଙ୍କର ଦୁଃଖର ତଥ୍ୟ ଜାଣିବାକୁ ପାଇଲି ଯେ, ଆୟକୁ ୨୫ ବର୍ଷ ହେବ ଜଙ୍ଗଲରେ ଯାଇ ଜାଳେଣି କାଠ ଆଣି ଯାଇ ଥିଲେ, ବଡ ପଥର ଖସି ଆସି ତାଙ୍କ ଗୋଡ଼ରେ ବାଜି ବାରୁ ଗଭୀର ଆଘାତ ଲାଗିଥିଲା, ସେହି ସମୟରେ ତାଙ୍କର ହାଡ଼ ଭାଙ୍ଗି ଯାଇ ଥିଲା, ଧର୍ମଗଡ ମେଡିକାଲରେ ଚିକିତ୍ସା କରିବାରୁ ଡାକ୍ତର ଆଣ୍ଠୁ ଠାରୁ କାଟି ଦେଇ ଥିଲେ, ଓ ୭୦ ପ୍ରତିଶତ ବିକଳାଙ୍ଗ ପ୍ରମାଣ ପତ୍ର ଦେବାରୁ ଏକହଜାର ଟଙ୍କା ବିକଳାଙ୍ଗ ଭତ୍ତା ମିଳୁଛି, ମୁଁ ଜଣେ ଗରୀବ ଲୋକ, କୌଣସି ପ୍ରକାର କୁଳି ମଞ୍ଜୁରୀ କରିବା କଷ୍ଟ କର, ତେଣୁ ସରକାରଙ୍କୁ ଅନୁରୋଧ କରୁଛି ଯେ, ୩୫୦୦ ଟଙ୍କା ଭତ୍ତା ପ୍ରଦାନ କଲେ ମୁଁ ଓ ମୋ ବୃଦ୍ଧା ସ୍ତ୍ରୀ ଚଳି ପାରିବୁ ବୋଲି ଅନୁରୋଧ କରିଛନ୍ତି, ଏହି ଘଟଣାରେ ଟେମରି ଗ୍ରାମ ପଞ୍ଚାୟତ ସମିତି ସଭ୍ୟା ଶ୍ରୀମତୀ ଅଞ୍ଜଳି ନାଇକଙ୍କ ପ୍ରତିନିଧୀ ଖଗେଶ୍ୱର ନାଏକ ଓ ବୁଦ୍ଧିଜୀବୀ ମହଲରେ କଳାହାଣ୍ଡି ଜିଲ୍ଲାପାଳ ଓ ସିଡିଏମଓଙ୍କୁ ନିବେଦନ କରିଛନ୍ତି ଯେ ତୁରନ୍ତ ତଦନ୍ତ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ପାଇଁ ଅନୁରୋଧ କରିଛନ୍ତି।

# ସୁକିନ୍ଦାରେ ଅବକାରୀ ବିଭାଗର ଜୋରଦାର ଚଢ଼ାଉ

**୭ ହଜାରରୁ ଉର୍ଦ୍ଧ୍ୱ କେଜି ପୋଚ ସହ ବିପୁଳ ମଦ ଜବତ, ୪ ଗିରଫ**



ଯାଜପୁର ୨୪/୧୦ (ଅକ୍ଷର ଓଡ଼ିଶା):ଯାଜପୁର ଜିଲ୍ଲା ଅବକାରୀ ଅଧୀକ୍ଷକ ଅଜୟ କୁମାର ବେହେରାଙ୍କ ନିର୍ଦ୍ଦେଶକ୍ରମେ ସୁକିନ୍ଦା ଥାନା ଅଞ୍ଚଳରେ ଅବକାରୀ ବିଭାଗ ପକ୍ଷରୁ ଏକ ବଡ଼ଧରଣର ମିଳିତ ଚଢ଼ାଉ କରାଯାଇଛି। ଏହି ଚଢ଼ାଉରେ ବିପୁଳ ପରିମାଣର ବେଆଇନ ମଦ ଓ ପୋଚ ଜବତ ହେବା ସହ ୪ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି।ସୂଚନା ଅନୁଯାୟୀ, ଜିଲ୍ଲା ଭ୍ରାମ୍ୟମାଣ ସ୍କ୍ୱାଡ୍ ଓ ଯାଜପୁର ରୋଡ୍ ରେଞ୍ଜ ଅବକାରୀ ନିରୀକ୍ଷକ କେଶବ ଚନ୍ଦ୍ର ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଚଢ଼ାଉ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲ୍ଲା ଭ୍ରାମ୍ୟମାଣ ସ୍କ୍ୱାଡ୍, ଯାଜପୁର ରୋଡ୍ ରେଞ୍ଜ ଏବଂ ସୁକିନ୍ଦା ଅବକାରୀ ଥାନାର କର୍ମଚାରୀମାନେ ମିଳିତ ଭାବେ ସାମିଲ ହୋଇଥିଲେ। କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତି ତଥା ଏପିଆର ଫୋର୍ସ ସହାୟତାରେ ସୁକିନ୍ଦା ଥାନା ଅନ୍ତର୍ଗତ ତୁବିଖାଲ, ହରିପୁର, ଜାମୁପୋଷି ଏବଂ କନ୍ୟାଡ଼ିପା ଆଦି ଅଞ୍ଚଳରେ ଏହି ଚଢ଼ାଉ କରାଯାଇଥିଲା।

ଚଢ଼ାଉ ବେଳେ ପ୍ରାୟ ୭,୯୦୦ କେଜି ବେଆଇନ ଗୁଡ଼/ମହୁଲ ପୋଚ ନଷ୍ଟ କରାଯିବା ସହ ୮୬୯ ଲିଟର ଚୋରା ଦେଶୀ ରନ୍ଧା ମଦ ଏବଂ ୧୫.୬୦୦ ଲିଟର ବିୟର ଜବତ କରାଯାଇଛି। ଏହି ଘଟଣାରେ ଅବକାରୀ ବିଭାଗ ପକ୍ଷରୁ ମୋଟ ୭ଟି ମାମଲା ରୁଜୁ ହୋଇଛି। ଗିରଫ ହୋଇଥିବା ଅଭିଯୁକ୍ତମାନେ ହେଲେ ହରିପୁର ଗ୍ରାମର ବଳରାମ ବାରିକ (୫୦) ଓ ମଧୁସୂଦନ ବାଉଳ (୬୦), ଜାମୁପୋଷି ଗ୍ରାମର ମିଲୁ ରଣା (୩୮) ଏବଂ କନ୍ୟାଡ଼ିପା ଗ୍ରାମର ଯମୁନା ମୁଣ୍ଡା (୨୫)। ଗିରଫ ସମସ୍ତ ୪ ଜଣ ଅଭିଯୁକ୍ତଙ୍କୁ ମାନ୍ୟବର ଅଦାଲତକୁ ଚାଲାଣ କରାଯାଇଛି।ଏହି ମିଳିତ ଚଢ଼ାଉରେ ଜିଲ୍ଲା ଭ୍ରାମ୍ୟମାଣ ସ୍କ୍ୱାଡ୍ ଏସ୍‌ଆଇ ଭାରତୀ ନାୟକ, ସୁକିନ୍ଦା ଅବକାରୀ ଥାନା ଅଧିକାରିଣୀ ପ୍ରିୟମ୍ବିତା, ଏଏସ୍‌ଆଇ ଦେବକାନ୍ତ ଆଚାର୍ଯ୍ୟଙ୍କ ସମେତ ଅବକାରୀ କନଷ୍ଟେବଲ ସୁଚିସ୍ମିତା ନାୟକ, ରାକେଶ କୁମାର ମୁର୍ମୁ, ଧବଳେଶ୍ୱର ମହାନ୍ତି ଓ ଗଣେଶ ଦଣ୍ଡପାଟ ପ୍ରମୁଖ ସାମିଲ ଥିଲେ।

# ତୈଳିକ ବୈଶ୍ୟ ସମାଜର ପକ୍ଷରୁ ଧୁମଧାମରେ ପାଳିତ ହେଲା ନୂଆଁଖାଇ ଭେଟଘାଟ



ବଲାଙ୍ଗିର ୨୪/୧୦ (ଦେବେନ୍ଦ୍ର ପୋଡ଼):ପଶ୍ଚିମ ଓଡ଼ିଶାର ଗଣପର୍ବ ତଥା କୃଷିଭିତ୍ତିକ ମହାନ ପରମ୍ପରା ନୂଆଁଖାଇ ଅବସରରେ ଭାଇଚାରା, ମିଳନ ଓ ସାମାଜିକ ଏକତାର ବାର୍ତ୍ତା ନେଇ ବଲାଙ୍ଗୀର ଜିଲ୍ଲା ବେଲପଡ଼ା ବ୍ଲକ୍ ଅନ୍ତର୍ଗତ ଭୁରୁଆପାଲିଠାରେ ବ୍ଲକ୍ ସ୍ତରୀୟ ତୈଳିକ ବୈଶ୍ୟ ସମାଜର ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ସମାଜର ସଦସ୍ୟମାନଙ୍କ ମଧ୍ୟରେ ଆପୋଷ ସମ୍ପର୍କକୁ ଅଧିକ ମଜଭୁତ କରିବା, ସାଂଗଠନିକ କାର୍ଯ୍ୟକଳାପକୁ ଗତିଶୀଳ କରିବା ଏବଂ ସମାଜର ସାମଗ୍ରିକ ଉନ୍ନତି ଦିଗରେ ଆଗେଇ ଯିବା ଏହି ଭେଟଘାଟର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ନୂଆଁଖାଇ କେବଳ ଏକ କୃଷିଭିତ୍ତିକ ପର୍ବ ନୁହେଁ, ଏହା ପଶ୍ଚିମ ଓଡ଼ିଶାର ଲୋକଙ୍କ ଜୀବନଧାରା, ସଂସ୍କୃତି, ପରମ୍ପରା ଓ ଭାଇଚାରାର ଏକ ଅନନ୍ୟ ପରିଚୟ। ଏହି ପର୍ବରେ ନୂଆଁ ଧାନର ଅନ୍ନ ଗ୍ରହଣ କରିବା ସହ ଗୁରୁଜନଙ୍କୁ ସମ୍ମାନ ଜଣାଇବା, ପରସ୍ପରକୁ ଜୁହାର ଭେଟ କରିବା ଏବଂ ସମ୍ପର୍କରେ ଥିବା ଦୂରତାକୁ ଦୂର କରିବାର ଏକ ମହାନ ପରମ୍ପରା ରହିଛି। ଏହି ପରମ୍ପରାକୁ ଆଧାର କରି ତୈଳିକ ବୈଶ୍ୟ ସମାଜ ପକ୍ଷରୁ ଆୟୋଜିତ ଏହି ଭେଟଘାଟ ସମାଜର ସଦସ୍ୟମାନଙ୍କୁ ଏକ ମଞ୍ଚରେ ଏକତ୍ରିତ କରିବାର ଏକ ଉତ୍ତମ ଅବସର ସୃଷ୍ଟି କରିଥିଲା।ବ୍ଲକ୍ ସଭାପତି ଚୈତନ୍ୟ ସାହୁଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ସମ୍ପାଦକ ପର୍ଶୁରାମ ସାହୁ, ସହ-ସଭାପତି ଋଷି ସାହୁ, ଉପ-ସମ୍ପାଦକ ଅକ୍ଷୟ ପ୍ରସାଦ ସାହୁ, କୋଷାଧ୍ୟକ୍ଷ ରାମସେ ସାହୁ ଏବଂ ଜିଲ୍ଲା ଉପ-ସଭାପତି ମହେଶ୍ୱର ସାହୁ ପ୍ରମୁଖ ପରିଚାଳନା କରିଥିଲେ। ସମସ୍ତଙ୍କ ସମନ୍ୱିତ ପ୍ରୟାସ ଓ ସହଯୋଗରେ କାର୍ଯ୍ୟକ୍ରମଟି ସଫଳତାର ସହ ଆୟୋଜିତ ହୋଇଥିଲା। ସେମାନଙ୍କ ଉପସ୍ଥିତି କାର୍ଯ୍ୟକ୍ରମକୁ ଅଧିକ ଗରିମାମୟ କରିଥିବା ବେଳେ ଜିଲ୍ଲା ଓ ବ୍ଲକ୍ ସ୍ତରର ସାଂଗଠନିକ ସମ୍ପର୍କକୁ ଅଧିକ ମଜଭୁତ କରିବାରେ ଏହି ମିଳନ ଏକ ଗୁରୁତ୍ୱପୂର୍ଣ୍ଣ ଅବସର ହୋଇଥିଲା।କାର୍ଯ୍ୟକ୍ରମରେ ବେଲପଡ଼ା ବ୍ଲକ୍‌ର ବିଭିନ୍ନ ପଞ୍ଚାୟତ ଓ ଗ୍ରାମରୁ ଶତାଧିକ ସଦସ୍ୟ ଯୋଗଦେଇଥିଲେ। ସମସ୍ତେ ଏକତ୍ରିତ ହୋଇ ସମାଜର ବର୍ତ୍ତମାନ ସ୍ଥିତି, ସଂଗଠନର ଭବିଷ୍ୟତ ଦିଗ, ସଦସ୍ୟମାନଙ୍କ ମଧ୍ୟରେ ସମନ୍ୱୟ ଏବଂ ସାମାଜିକ ଉନ୍ନତି ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଭେଟଘାଟ କାର୍ଯ୍ୟକ୍ରମ ସମାଜର ବରିଷ୍ଠ ସଦସ୍ୟ ଓ ଯୁବପିଢ଼ିଙ୍କ ମଧ୍ୟରେ ଭାବ ବିନିମୟର ଏକ ଉତ୍ତମ ମାଧ୍ୟମ ପାଲଟିଥିଲା।ସମାଜର ଏକତା, ସଂସ୍କୃତିର ସୁରକ୍ଷା ଓ ସାମଗ୍ରିକ ଉନ୍ନତିର ବାର୍ତ୍ତା ଦେଇ ଭୁରୁଆପାଲିଠାରେ ଅନୁଷ୍ଠିତ ଏହି ବ୍ଲକ୍ ସ୍ତରୀୟ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ତୈଳିକ ବୈଶ୍ୟ ସମାଜର ସାମୂହିକ ସହଯୋଗ ଓ ସାଂଗଠନିକ ଏକତାର ଏକ ସୁନ୍ଦର ଉଦାହରଣ ଭାବେ ପରିଗଣିତ ହୋଇଛି।

# ଚମ୍ପୁଆ ଜଙ୍ଗଲରେ ନୂଆ ଅତିଥି

## ନୂଆ ଶାବକକୁ ନେଇ ୨୬ରେ ପହଞ୍ଚିଲା ହାତୀପଲର ସଂଖ୍ୟା



କେନ୍ଦୁଝର, ୨୪/୧୦(ଦିଲ୍ଲୀପ କୁମାର ସାହୁ: ପ୍ରକୃତିର କୋଳରେ ନୂଆ ଜୀବନର ଆଗମନ। ଚମ୍ପୁଆ ଜଙ୍ଗଲରେ ବୁଲୁଥିବା ହାତୀପଲରେ ଏକ ନୂଆ ଅତିଥିର ଆଗମନ ହୋଇଛି। ଗତ ୧୮ ତାରିଖରେ ଏକ ହାତୀ ଶାବକ ଜନ୍ମ ନେବା ପରେ ୨୫ ଟିକିଆ ହାତୀପଲର ସଂଖ୍ୟା ବୃଦ୍ଧି ପାଇ ୨୬ରେ ପହଞ୍ଚିଛି। ଏହି ଖବର କେନ୍ଦୁଝର ଜିଲ୍ଲାର ପ୍ରକୃତିପ୍ରେମୀ ଓ ବନ୍ୟଜନ୍ତୁପ୍ରେମୀଙ୍କ ମଧ୍ୟରେ ଆନନ୍ଦ ସୃଷ୍ଟି କରିଛି।କେନ୍ଦୁଝର ବନଖଣ୍ଡ ଅନ୍ତର୍ଗତ ଚମ୍ପୁଆ ରେଞ୍ଜର ଚମ୍ପୁଆ ସେକ୍ସନ ଅଧୀନ କାଳିକାପ୍ରସାଦ ବିଟ୍ ଅଞ୍ଚଳରେ ଏହି ହାତୀପଲ ବିଚରଣ କରୁଛନ୍ତି। ଶାବକଟି ଜନ୍ମ ହେବା ପରଠାରୁ ସୁସ୍ଥ ଓ ସ୍ୱାଭାବିକ ରହିଥିବା ଜଣାପଡ଼ିଛି। ହାତୀପଲର ବୟସ୍କ ସଦସ୍ୟମାନେ ଶାବକଟିକୁ ମଝିରେ ରଖି ଚଳପ୍ରଚଳ କରୁଥିବା ଦୃଶ୍ୟ ମାତୃତ୍ୱର ମମତା ଓ ହାତୀଙ୍କ ସାମୂହିକ ସୁରକ୍ଷାଭାବକୁ ପ୍ରତିଫଳିତ କରୁଛି।ନୂଆ ଜୀବନର ଆଗମନ ହାତୀପଲରେ ଖୁସି ଭରିଦେଇଥିବା ବେଳେ ଶାବକଟିର ସୁରକ୍ଷା ଏବେ ବନବିଭାଗ ପାଇଁ ଗୁରୁତ୍ୱପୂର୍ଣ୍ଣ ହୋଇଛି। ହାତୀପଲର ଗତିବିଧି ଉପରେ ଡ୍ରୋନ୍ କ୍ୟାମେରା ମାଧ୍ୟମରେ ନଜର ରଖାଯାଉଥିବା କେନ୍ଦୁଝର ଡିଏଫ୍ଓ ଧନରାଜ ଏଚ୍.ଡି. ସୂଚନା ଦେଇଛନ୍ତି। ଜଙ୍ଗଲର ଏହି ନୂଆ ଅତିଥିଟି ସୁରକ୍ଷିତ ଭାବେ ବଢ଼ି ଉଠୁ ଏବଂ ହାତୀପଲ ନିରାପଦରେ ବିଚରଣ କରନ୍ତୁ—ଏହା ହିଁ ପ୍ରକୃତିପ୍ରେମୀଙ୍କ କାମନା। ବନ୍ୟଜନ୍ତୁଙ୍କ ସୁରକ୍ଷା ସହ ଜଙ୍ଗଲ ଓ ମଣିଷ ମଧ୍ୟରେ ସହାବସ୍ଥାନ ବଜାୟ ରଖିବା ଏହି ଘଟଣାରୁ ପୁଣିଥରେ ଗୁରୁତ୍ୱ ଲାଭ କରିଛି।

# ବସୁଧା ଯୋଜନାରେ ପାଣି ନାହିଁ, ପ୍ରଶାସନ ନିଦାବିଷ୍ଟ !

## ସିଂପୁରରେ ପାନୀୟ ଜଳ ପାଇଁ ରାସ୍ତାରୋକ; ପ୍ରଶାସନର କାର୍ଯ୍ୟଦକ୍ଷତାକୁ ନେଇ ଉଠିଲା ପ୍ରଶ୍ନ



କେନ୍ଦୁଝର, ୨୪/୧୦(ଦିଲ୍ଲୀପ କୁମାର ସାହୁ): ସରକାର ଘରେ ଘରେ ପାନୀୟ ଜଳ ପହଞ୍ଚାଇବା ପାଇଁ ବିଭିନ୍ନ ଯୋଜନାରେ କୋଟି କୋଟି ଟଙ୍କା ବ୍ୟୟ କରୁଥିବା ଦାବି କରୁଛନ୍ତି। କିନ୍ତୁ ଯୋଜନା ଥାଇ ମଧ୍ୟ ଯଦି ଲୋକଙ୍କ ଶୋଷ ମେଣ୍ଟୁନାହିଁ, ତେବେ ଏହାର ସଫଳତା କେଉଁଠି ଏଭଳି ଏକ ଗୁରୁତର ପ୍ରଶ୍ନ ଉଠିଛି କେନ୍ଦୁଝର ଜିଲ୍ଲା ବାଂଶପାଳ ବ୍ଲକ ଅନ୍ତର୍ଗତ ସିଂପୁର ପଞ୍ଚାୟତର ସିଂପୁର ଗ୍ରାମରେ। ଦୀର୍ଘଦିନ ଧରି ବସୁଧା ଯୋଜନାରେ ନିୟମିତ ପାନୀୟ ଜଳ ଯୋଗାଣ ହେଉନଥିବା ଅଭିଯୋଗରେ ଗ୍ରାମବାସୀ ଶେଷରେ ସିଂପୁର-ରାଉରକେଲା ରାସ୍ତା ଅବରୋଧ କରିବାକୁ ବାଧ୍ୟ ହୋଇଛନ୍ତି।ପାନୀୟ ଜଳ ମଣିଷର ମୌଳିକ ଆବଶ୍ୟକତା। ଏହାକୁ ପାଇବା ପାଇଁ ଯଦି ଲୋକଙ୍କୁ ରାଜରାସ୍ତାକୁ ଓହ୍ଲାଇବାକୁ ପଡ଼େ, ତେବେ ସମ୍ପୃକ୍ତ ବିଭାଗର କାର୍ଯ୍ୟପ୍ରଣାଳୀ ଓ ପ୍ରଶାସନିକ ତଦାରଖକୁ ନେଇ ପ୍ରଶ୍ନ ଉଠିବା ସ୍ୱାଭାବିକ। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ଗ୍ରାମରେ ବସୁଧା ଯୋଜନା ଥିଲେ ମଧ୍ୟ ଆବଶ୍ୟକ ଅନୁଯାୟୀ ପାଣି ମିଳୁନାହିଁ। ଫଳରେ ଦୈନନ୍ଦିନ ଜୀବନରେ ଲୋକେ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହି ଅବ୍ୟବସ୍ଥାର ସ୍ଥାୟୀ ସମାଧାନ ଦାବିରେ ରାସ୍ତାରୋକ କରିବାରୁ ସିଂପୁର-ରାଉରକେଲା ରାସ୍ତାରେ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା।ଏଠାରେ ପ୍ରଶ୍ନ ଉଠୁଛି—ଯୋଜନା ଥିବା ସତ୍ତ୍ୱେ ଗ୍ରାମବାସୀଙ୍କୁ ନିୟମିତ ପାଣି ମିଳୁନାହିଁ କାହିଁକି ଜଳ ଯୋଗାଣ ବ୍ୟବସ୍ଥାରେ ତ୍ରୁଟି ରହିଛି ନା ରକ୍ଷଣାବେକ୍ଷଣ ଓ ତଦାରଖରେ ଅବହେଳା ହେଉଛି ଯଦି ସମସ୍ୟା ଦୀର୍ଘଦିନ ଧରି ରହିଛି, ତେବେ ତାହାର ସମାଧାନ ପାଇଁ ଦାୟିତ୍ୱପ୍ରାପ୍ତ ଅଧିକାରୀମାନେ ପୂର୍ବରୁ କେଉଁ ପଦକ୍ଷେପ ନେଇଛନ୍ତି ଏହି ପ୍ରଶ୍ନଗୁଡ଼ିକର ସ୍ପଷ୍ଟ ଉତ୍ତର ଦେବା ଏବେ ଆବଶ୍ୟକ।ଖବର ପାଇ ତେଲକୋଇ ବିଧାୟକଙ୍କ ପ୍ରତିନିଧି ଉମାକାନ୍ତ ବାରିକ ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ପାନୀୟ ଜଳ ସମସ୍ୟାର ସମାଧାନ ନେଇ ଆଶ୍ୱାସନା ଓ ପ୍ରତିଶ୍ରୁତି ମିଳିବା ପରେ ଗ୍ରାମବାସୀ ରାସ୍ତାରୋକ ପ୍ରତ୍ୟାହାର କରିଥିଲେ ଏବଂ ଯାତାୟାତ ସ୍ୱାଭାବିକ ହୋଇଥିଲା। କିନ୍ତୁ ରାସ୍ତାରୋକ ହଟିଯିବା ଅର୍ଥ ସମସ୍ୟାର ସମାଧାନ ହୋଇଯିବା ନୁହେଁ। ପ୍ରତିଶ୍ରୁତି ପରିବର୍ତ୍ତେ ନିୟମିତ ଜଳ ଯୋଗାଣ ହିଁ ଗ୍ରାମବାସୀଙ୍କ ପ୍ରକୃତ ଆବଶ୍ୟକତା।ତେଣୁ ଜିଲ୍ଲା ପ୍ରଶାସନ, ବାଂଶପାଳ ବ୍ଲକ ପ୍ରଶାସନ ଏବଂ ସମ୍ପୃକ୍ତ ପାନୀୟ ଜଳ ଯୋଗାଣ ବିଭାଗ ଏହି ଘଟଣାକୁ ଗୁରୁତ୍ୱର ସହ ନେବା ଆବଶ୍ୟକ। ଗ୍ରାମରେ ଜଳ ଯୋଗାଣ ବ୍ୟବସ୍ଥାର ବାସ୍ତବ ସ୍ଥିତି ଯାଞ୍ଚ କରି ତ୍ରୁଟି ଚିହ୍ନଟ, ଆବଶ୍ୟକ ମରାମତି ଏବଂ ନିୟମିତ ଜଳ ଯୋଗାଣ ସୁନିଶ୍ଚିତ କରାଯାଉ।ଏଥିସହ ସମସ୍ୟାର ମୂଳ କାରଣ ଓ ସମାଧାନ ପାଇଁ ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ଗ୍ରାମବାସୀଙ୍କୁ ସ୍ପଷ୍ଟ ଭାବେ ଅବଗତ କରାଯାଉ।ଲୋକଙ୍କୁ ପାଣି ଯୋଗାଇବା ସରକାରଙ୍କ ଦୟା ନୁହେଁ, ଏହା ଏକ ମୌଳିକ ଜନସେବା। ଯୋଜନାର ନାମ ଓ ପ୍ରଚାର ଅପେକ୍ଷା ଲୋକଙ୍କ ଘରେ ନିୟମିତ ପାଣି ପହଞ୍ଚିବା ଅଧିକ ଗୁରୁତ୍ୱପୂର୍ଣ୍ଣ। ସିଂପୁର ଗ୍ରାମରେ ପାନୀୟ ଜଳ ସମସ୍ୟାର ସ୍ଥାୟୀ ସମାଧାନ କରି ପ୍ରଶାସନ ନିଜର ଦାୟିତ୍ୱବୋଧ ପ୍ରମାଣ କରିବ କି, ନା ଗ୍ରାମବାସୀ ପୁଣି ଆନ୍ଦୋଳନକୁ ଓହ୍ଲାଇବାକୁ ବାଧ୍ୟ ହେବେ—ତାହା ଏବେ ଦେଖିବାକୁ ବାକି ରହିଲା।

# କମାରମାଟି ସାହିବାସୀଙ୍କୁ ଚୁଆପାଣି ଭରସା



ହରିଚନ୍ଦନପୁର, ୨୪/୧୦(ଶୂନ୍ୟରଞ୍ଜନ ଘଣା ): ହରିଚନ୍ଦନପୁର ବ୍ଲକ୍ ରେବଣାପଲାଶପାଳ ପଞ୍ଚାୟତ ବାଙ୍ଗୁରୁଶୁଣି ଗ୍ରାମର କମାରମାଟି ସାହିରେ ପାନୀୟଜଳ ସଂକଟ ଉତ୍କଟ ହୋଇଛି। ସାହିରେ ଥିବା ନଳକୂପ ଅଚଳ ହୋଇଯାଇଥିବାରୁ ଲୋକେ ପାଣି ଟୋପେ ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଚୁଆପାଣିପିଇ ଶୋଷ ମେଣ୍ଟାଉଛନ୍ତି। ଏହି ସାହିରେ ୧୪ଟି କୋହ୍ଲ ସମ୍ପ୍ରଦାୟର ପରିବାର ବାସ କରୁଛନ୍ତି । ସାହିରେ ଏକ ନଳକୂପ ରହିଛି। ତାହା ଦୁଇବର୍ଷ ହେଲା ଅଚଳ ହୋଇଯାଇଛି। ନଳକୂପ ସଚଳ ଥିବାବେଳେ ସେଥିରୁ ବାହାରୁଥିବା ପାଣି ଦୁର୍ଗନ୍ଧ ହେଉଥିବାରୁ ସାହିବାସୀ ତାହାକୁ ବ୍ୟବହାର କରୁନଥିଲେ। ଅନ୍ୟ କୌଣସି ବିକଳ୍ପ ନଥିବାରୁ ବାଧ୍ୟ ହୋଇ ସାହିବାସୀ ଚୁଆପାଣି ବ୍ୟବହାର କରୁଛନ୍ତି। ସାହି ପାଖ ଜମିରେ ଚୁଆଖୋଳି ସେଥିରୁ ପାଣି ସଂଗ୍ରହ କରୁଛନ୍ତି। ସାହିରେ ନୂତନ ନଳକୂପ ଖନନ ପାଇଁ ପୂର୍ବରୁ ପଞ୍ଚାୟତରେ ଜଣାଇଥିଲେ ବି କୌଣସି ପଦକ୍ଷେପ ନିଆଯାଉ ନଥିବା ଅଭିଯୋଗ ହୋଇଛି । ସାହିରେ ଏକ ନୂତନ ନଳକୂପ ଖନନ କରିବାପାଇଁ ଜେମା ମୁଣ୍ଡା, ଶନିବାରୀ ମୁଣ୍ଡା, ତୁର୍କୀ ମୁଣ୍ଡା, ସୀତା ମୁଣ୍ଡା, ଫୁଲମଣି ମୁଣ୍ଡା, ରଇବାରୀ ମୁଣ୍ଡା, ହୀରାବତୀ ମୁଣ୍ଡା, ନମିତା ମୁଣ୍ଡା, ସୁକୁମାରୀ ମୁଣ୍ଡା, ସୀତା ମୁଣ୍ଡା ପ୍ରମୁଖ ଦାବି କରିଛନ୍ତି।

# କଳାପାଟରେ 'ଦସ୍ତଖତ ଏକ ଅଭିଯାନ' ଆରମ୍ଭ

## ଶିକ୍ଷକଙ୍କ ଅଭିନବ ପ୍ରୟାସକୁ ସରପଞ୍ଚ ଓ ଗ୍ରାମବାସୀଙ୍କ ପ୍ରଶଂସା



ହରିଚନ୍ଦନପୁର,୨୪/୧୦(ଶୂନ୍ୟରଞ୍ଜନ ଘଣା ): ଶିକ୍ଷା କେବଳ ବିଦ୍ୟାଳୟର ଚାରିକାନ୍ଥ ମଧ୍ୟରେ ସୀମିତ ନୁହେଁ । ଏହା ସମାଜର ପ୍ରତ୍ୟେକ ମଣିଷଙ୍କ ଜୀବନକୁ ଆଲୋକିତ କରିବାର ଏକ ମହାନ ମାଧ୍ୟମ । ଏହି ମହତ ଉଦ୍ଦେଶ୍ୟକୁ ହୃଦୟଙ୍ଗମ କରି ନୀରକ୍ଷର ବ୍ୟକ୍ତିଙ୍କ ଜୀବନରେ ଆତ୍ମବିଶ୍ୱାସର ନୂଆ ଆଲୋକ ଜାଳିବାକୁ ଆଗେଇ ଆସିଛନ୍ତି କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକ୍ର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, କଳାପାଟର ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରାପ୍ତ ସହକାରୀ ଶିକ୍ଷକ କ୍ଷମାକର ବେହେରା। ତାଙ୍କର ଏହି ଅଭିନବ ପ୍ରୟାସର ନାମ ହେଉଛି 'ଦସ୍ତଖତ ଏକ ଅଭିଯାନ'। ବିଦ୍ୟାଳୟର ଛାତ୍ର ଛାତ୍ରୀଙ୍କଶିକ୍ଷାଦାନ ସହିତ ବିଦ୍ୟାଳୟ ଓ ସମାଜର ଉନ୍ନତି ପାଇଁ ସବୁବେଳେ କିଛି ନୂଆ କରିବାର ଚିନ୍ତା ରଖୁଥିବା ଶିକ୍ଷକ ଶ୍ରୀ ବେହେରା ଏହି ଅଭିଯାନ ମାଧ୍ୟମରେ ନୀରକ୍ଷର ଅଭିଭାବକ, ବୟସ୍କ ବ୍ୟକ୍ତି ଓ ଗ୍ରାମର ଅନ୍ୟାନ୍ୟ ଲୋକଙ୍କୁ ନିଜ ନାମ ଲେଖିବା ସହ ଦସ୍ତଖତ କରିବାରେ ସକ୍ଷମ କରିବାକୁ ଲକ୍ଷ୍ୟ ରଖିଛନ୍ତି । ବିଶ୍ୱ ସ୍ୱାକ୍ଷରତା ଦିବସ ଅବସରରେ ଆରମ୍ଭହୋଇଥିବା ଏହି ଅଭିଯାନ ଏବେ ଗ୍ରାମରେ ଏକ ସକାରାତ୍ମକ ଶିକ୍ଷା ଆନ୍ଦୋଳନର ରୂପ ନେବାକୁ ଯାଉଛି।ସୂଚନା ଅନୁଯାୟୀ, କଳାପାଟ ଗ୍ରାମରେ ମୋଟ ୧୧୪ ଜଣ ବ୍ୟକ୍ତି ନିଜ ଦସ୍ତଖତ କରିବାରେ ଅସମର୍ଥ ଥିବା ଜଣାପଡ଼ିଛି।ସେମାନଙ୍କୁ ସ୍ୱାକ୍ଷର କରିବାର ଦକ୍ଷତା ଦେବା ଉଦ୍ଦେଶ୍ୟରେ ଶିକ୍ଷକ ଶ୍ରୀ ବେହେରା ଏହି ପଦକ୍ଷେପ ଗ୍ରହଣ କରିଛନ୍ତି। କାର୍ଯ୍ୟକ୍ରମରେ ମୋଟ ୩୪ ଜଣ ଯୋଗଦେଇଉତ୍ସାହର ସହ ଦସ୍ତଖତ ଅଭ୍ୟାସ କରିଥିଲେ । ଶିକ୍ଷକ ନିଜ ଉଦ୍ୟମରେ ସେମାନଙ୍କୁ ଖାତା ଓ କଲମ ଯୋଗାଇ ଦେଇଥିଲେ। ଫଳରେ ଶିକ୍ଷା ଗ୍ରହଣ ପାଇଁ ଆବଶ୍ୟକ ସାମଗ୍ରୀ ଅଭାବ ସେମାନଙ୍କ ପଥରେ ବାଧକ ହୋଇନଥିଲା। ଏହି ଅଭିଯାନରେ ମାଳତୀ ପଲେଇ, ପାଞ୍ଚାଳୀ ନାଏକ, ମଣ୍ଡୋଇ ମୁଣ୍ଡା, ଜେମା ମୁଣ୍ଡା, ପାଲ ମୁଣ୍ଡା ଦିଗୀ, ନରେନ୍ଦ୍ର ମୁଣ୍ଡା, ଭିକାରୀ ନାଏକ ଓ କୌଶଲ୍ୟା ମୁଣ୍ଡାଙ୍କ ସମେତ ଅନ୍ୟମାନେ ଯୋଗଦେଇଥିଲେ। ଗ୍ରାମବାସୀ ବନ୍ଧବାହନ ନାଏକ, ସୋନୁ ପାତ୍ର ଓ ବଳଭଦ୍ର ନାଏକ ଏହି ମହତ୍ କାର୍ଯ୍ୟରେ ସହଯୋଗର ହାତ ବଢ଼ାଇଥିଲେ। ସରପଞ୍ଚ ରଞ୍ଜନ ନାଏକଙ୍କ ସମେତ ଗ୍ରାମବାସୀ ଶିକ୍ଷକଙ୍କ ଏହି ଜନହିତକର ପଦକ୍ଷେପକୁ ଉଚ୍ଚ ପ୍ରଶଂସା କରିଛନ୍ତି । ଜଣେ ଶିକ୍ଷକଙ୍କ ନିଷ୍ଠା, ସାମାଜିକ ଦାୟିତ୍ୱବୋଧ ଓ ସେବା ମନୋଭାବ କିପରି ଏକ ଗ୍ରାମରେ ଶିକ୍ଷାର ନୂଆ ପରିବେଶ ସୃଷ୍ଟି କରିପାରେ, 'ଦସ୍ତଖତ ଏକ ଅଭିଯାନ' ତାହାର ଏକ ପ୍ରେରଣାଦାୟକ ଉଦାହରଣ। ଏହି ଉଦ୍ୟମ ନିରକ୍ଷରତା ଦୂରୀକରଣ ଦିଗରେ ଏକ ଛୋଟ କିନ୍ତୁ ଅର୍ଥପୂର୍ଣ୍ଣ ପଦକ୍ଷେପ ହୋଇଥିବାବେଳେ, ଏହାର ସଫଳତା ଅନ୍ୟ ଶିକ୍ଷକ ଓ ଗ୍ରାମଗୁଡ଼ିକୁ ମଧ୍ୟ ଏଭଳି ସାମାଜିକ ଶିକ୍ଷା ଅଭିଯାନ ଆରମ୍ଭ କରିବାକୁ ପ୍ରେରଣା ଯୋଗାଇବ ବୋଲି ଆଶା ପ୍ରକାଶ ପାଇଛି।

# ବ୍ଲକ ଉପାଧ୍ୟକ୍ଷ ରତିକାନ୍ତ ରାଉତଙ୍କୁ ଡକ୍ଟରେଟ୍ ଉପାଧି



ଆନନ୍ଦପୁର୨୪/୧୦(ଅକ୍ଷର ଓଡ଼ିଶା)- ଆଇକୋନିକ୍ ହ୍ୟୁମାନ୍ ରାଇଟ୍ସ ଆଣ୍ଡ ଏଜୁକେସନାଲ୍ ଅର୍ଗାନାଇଜେସନ୍ ପକ୍ଷରୁ ହାଟଡ଼ିହୀ ବ୍ଲକ ଉପାଧ୍ୟକ୍ଷ ଡକ୍ଟର ରତିକାନ୍ତ ରାଉତଙ୍କୁ ଶିକ୍ଷା କ୍ଷେତ୍ରରେ ସମ୍ମାନସୂଚକ ଡକ୍ଟରେଟ୍ ଉପାଧି ପ୍ରଦାନ କରାଯାଇଛି। ସଂସ୍ଥାର ନିର୍ଦ୍ଦେଶକ ଓ ଅଧ୍ୟକ୍ଷଙ୍କ ନିକଟରେ ନ୍ୟସ୍ତ କ୍ଷମତା ଏବଂ ମୂଲ୍ୟାୟନ ବୋର୍ଡର ବିଚାର ଓ ସୁପାରିସ ଆଧାରରେ ଡକ୍ଟର ରତିକାନ୍ତ ରାଉତଙ୍କୁ ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଦିଲ୍ଲୀର ଟେକ୍ନୋଲୋଜିକାଲ ୟୁନିଭରସିଟିଠାରେ ଅନୁଷ୍ଠିତ ଏହି ଉତ୍ସବରେ ବଲିଉଡ ଅଭିନେତା ସୁନୀଲ ଚିତକାରା, ତିହାର ଜେଲର ଅବସରପ୍ରାପ୍ତ ଉପ ଅଧୀକ୍ଷକ ଅଜୟ ଭାଟିଆ, ଡାଇରେକ୍ଟର ଈଶା ସିମୱାଲ, ମେଘନା ଶର୍ମା ପ୍ରମୁଖ ଉପସ୍ଥିତ ରହି ରତିକାନ୍ତଙ୍କୁ ଏହି ଉପାଧିରେ ସମ୍ମାନିତ କରିଥିଲେ। ଏହି ଉପାଧି ପ୍ରଦାନକୁ ନେଇ ଡକ୍ଟର ରତିକାନ୍ତ ରାଉତଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନର ସୁଅ ଛୁଟିଛି।

# ଭୋଟର ସଚେତନତା ରଥ ଗଡ଼ିଲା

ହରିଚନ୍ଦନପୁର, ୨୪/୧୦/୨୬(ଶୂନ୍ୟରଞ୍ଜନ ଘଣା ): ପଞ୍ଚାୟତ ନିର୍ବାଚନ ନିମନ୍ତେ ସଠିକ ଓ ନିର୍ଭୁଲ ପ୍ରସ୍ତୁତି ଭୋଟର ତାଲିକା ପାଇଁ ଆସନ୍ତା ୨୬ ତାରିଖରୁ ନଭେମ୍ବର ୭ ତାରିଖ ପର୍ଯ୍ୟନ୍ତ ଘରକୁ ଘର ବୁଲି ସର୍ଭେ କରାଯିବ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି ପାଇଁ ଆଜି ପ୍ରଚାର ରଥର ଶୁଭାରମ୍ଭହୋଇଛି। ବିଡିଓ ମଳୟ କୁମାର ନାୟକ ଅତିଥି ଭାବେ ଯୋଗଦେଇ ଏହାକୁଶୁଭାରମ୍ଭକରିଥିଲେ । ଏହି ରଥ ୨୫ଟି ପଞ୍ଚାୟତର ବିଭିନ୍ନ ଗ୍ରାମକୁଯାଇ ଲୋକଙ୍କୁ ସଚେତନ କରାଇବ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଏବିଡିଓ ପଦ୍ମନାଭ ନାଏକ, ଜିପିଡିଓ ସୁପ୍ରିୟା ଗିରି ଓ ପିଇଓ ମାଧବାନନ୍ଦ ସାହୁ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ସର୍ଭେ ନିମନ୍ତେ ଗତ ୧୩ ଏବଂ ୧୫ ତାରିଖରେ ବ୍ଲକ୍ସ୍ତରୀୟ ତାଲିମ ଶିବିର ଅନୁଷ୍ଠିତ ହୋଇଥିଲା । ଏଥିରେ ପ୍ରଶିକ୍ଷକ ଭାବେ ବିଡିଓ ମଳୟ କୁମାର ନାୟକ, ଏବିଡିଓ ପଦ୍ମନାଭ ନାଏକ, ଜିପିଡିଓ ସୁପ୍ରିୟା ଗିରି, ବ୍ଲକ୍ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ସୁଶାନ୍ତ କୁମାର ସାହୁ, ସୁପରଭାଇଜର ପୂର୍ଣ୍ଣଚନ୍ଦ୍ର ରାଉତ, ପିଇଓ ବାଇଧର ମୁର୍ମୁ ଓ ତାରିଣୀ ପ୍ରସାଦ ଜେନା ଯୋଗଦେଇ ବିଏଲ୍ଓ, ସୁପରଭାଇଜର, ପିଇଓ, ଅଙ୍ଗନବାଡ଼ି କର୍ମୀ ଓ ଆଶାକର୍ମୀଙ୍କୁ ତାଲିମ ପ୍ରଦାନ କରାଯାଇଛି।

# ନନ୍ଦିପଦା ଥାନାରେ ଦୁର୍ଗାଦେବୀଙ୍କ ଆସନ୍ନ ପୂଜା



ହାଟଡିହି:୨୪/୧୦ (ଅମୀୟ ବରାଳ) - ହାଟଡିହି ବ୍ଲକ ନନ୍ଦିପଦା ଥାନାରେ ମହା ଆଡ଼ମ୍ବର ସହକାରେ ଦେବୀ ଦୁର୍ଗାଙ୍କ ପୂଜା ଉତ୍ସବ ପାଳନ କରାଯାଇଅଛି। ଥାନା ଅଧିକାରୀ ଧର୍ମେନ୍ଦ୍ର କୁମାର ଶାନ୍ତିଙ୍କ ଆଧ୍ୟାତ୍ମିକ ଶକ୍ତିର ମନ ବଳ ଯୋଗୁଁ ପ୍ରଥମ କରି ଥାନା ନନ୍ଦିପଦା ପରିସରରେ ନୂତନ ସାଜସଜ୍ଜା ସାଙ୍ଗକୁ ରଙ୍ଗୀନ ଆଲୋକ ମାଳାରେ ଏହି ପୂଜାର ଆୟୋଜନ କରାଯାଇଥିଲା। ପୂଜା ଉତ୍ସବ ଥାନା ଗୃହରେ ଘଟ ସ୍ଥାପନ ହୋଇଥିବା ବେଳେ, ସମସ୍ତ ପୂଜା ବିଧି ନିୟମ ଅନୁସାରେ ପଣ୍ଡିତ ଆର୍ତ୍ତ ନାରାୟଣ ପଣ୍ଡାଙ୍କ ମନ୍ତ୍ର ଧ୍ୱନିରେ ପରିବେଶ ପ୍ରକମ୍ପିତ ହୋଇଥିଲା। ଏଥିରେ ଥାନା ଅଧିକାରୀ ଧର୍ମେନ୍ଦ୍ର କୁମାର ଶାନ୍ତି ଓ ତାଙ୍କ ଧର୍ମପତ୍ନୀ ମୁଖ୍ୟ କର୍ତ୍ତା ଭାବେ ରହି ନିଷ୍ଠାର ସହିତ ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। ଥାନା ପରିସରରେ ଆଖପାଖ ଅଞ୍ଚଳରୁ ବହୁ ଶ୍ରଦ୍ଧାଳୁମାନଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା ବେଳେ, ବରିଷ୍ଠ କଂଗ୍ରେସ ନେତା ଜୟଦେବ ଜେନା,ଆମ ପୁଲିସ ସମିତି ସଦସ୍ୟ ସୁଧାଂଶୁ ଦକ୍ଷିଣ ରାୟ, ଦୁଃସାସନ ସାହୁ,ଶରତ ସେଠୀ , ପ୍ରମୋଦ ନାଏକ,ଭଗବାନ ନାୟକ,କାମପାଳ ନାୟକ ପ୍ରମୁଖ ପୂଜା କର୍ମରେ ଉପସ୍ଥିତ ଥିଲେ। ଥାନା ପକ୍ଷରୁ ସମସ୍ତ ଶ୍ରଦ୍ଧାଳୁମାନଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା ବେଳେ, ଏହି ପରି ଭାବେ ଥାନାରେ ଦୁର୍ଗାପୂଜାର ନୂତନ ପରମ୍ପରା ସୃଷ୍ଟି କରିଥିବା ଥାନା ଅଧିକାରୀ ବଳିଆ ବାରିକ,ଏସ ଆଇ ପ୍ରଦୋଷ ଚନ୍ଦ୍ର ମହାନ୍ତି,ବିନିକା ଲାକ୍ରା, ଲକ୍ଷ୍ମୀ ପ୍ରିୟା ବଳ, ଜୟଦେବ ଦାସ,ଅଭୟ କୁମାର ସାହୁ,ଅନିଲ୍ ମହାରଣା ପ୍ରମୁଖ ସୂଚାରୁରୂପେ ଦାୟିତ୍ୱ କାର୍ଯ୍ୟ ନିର୍ବାହ କରିଥିଲେ।

# ବାଇପାସ୍ ରାସ୍ତା ନକ୍ସା ପରିବର୍ତ୍ତନ ସହ ଦେବୋତ୍ତର ଜମି ବିବାଦର ସମାଧାନ ଦାବି

## ଚାଷଜମି ସୁରକ୍ଷା ଓ ରାଜସ୍ୱ ରେକର୍ଡ ସଂଶୋଧନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଲେ ଗ୍ରାମବାସୀ

କେନ୍ଦୁଝର, ୨୪/୧୦(ଦିଲ୍ଲୀପ କୁମାର ସାହୁ): କେନ୍ଦୁଝର ସଦର ତହସିଲ ଅନ୍ତର୍ଗତ ବିଭିନ୍ନ ମୌଜାର ଚାଷଜମି ସୁରକ୍ଷା ଓ ଜମିଜମା ରେକର୍ଡରେ ରହିଥିବା ଦୀର୍ଘଦିନର ସମସ୍ୟାର ସମାଧାନ ଦାବିରେ ଗ୍ରାମବାସୀମାନେ ମୁଖ୍ୟମନ୍ତ୍ରୀ ଓ କେନ୍ଦୁଝର ଜିଲ୍ଲାପାଳଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି। ପ୍ରସ୍ତାବିତ ବାଇପାସ୍ ରାସ୍ତାର ନକ୍ସା ପରିବର୍ତ୍ତନ, ଦେବୋତ୍ତର ଖେୱାଟ ସମ୍ବନ୍ଧୀୟ ଜମି ରେକର୍ଡ ସଂଶୋଧନ ଏବଂ ଜମି ଅଧିଗ୍ରହଣରେ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ ଭଳି ଗୁରୁତ୍ୱପୂର୍ଣ୍ଣ ଦାବି ଉଠିଛି।କେନ୍ଦୁଝର ସଦର ତହସିଲ ଅନ୍ତର୍ଗତ ଡିମ୍ବୋ ଗ୍ରାମପଞ୍ଚାୟତର ଚକ ମୌଜା ସମେତ ତେନ୍ତୁଳୀନଣ୍ଡା, ବାଇଗଣପଶି ଓ ନେଲୁଙ୍ଗ ମୌଜାର ଚାଷଜମି ଦେଇ ପ୍ରସ୍ତାବିତ ବାଇପାସ୍ ରାସ୍ତା ନିର୍ମାଣକୁ ନେଇ ସ୍ଥାନୀୟ ଚାଷୀ ଓ ଗ୍ରାମବାସୀଙ୍କ ମଧ୍ୟରେ ଚିନ୍ତା ପ୍ରକାଶ ପାଇଛି। ଗ୍ରାମବାସୀମାନେ ବାଇପାସ୍ ନିର୍ମାଣକୁ ବିରୋଧ କରୁନଥିବାବେଳେ ଚାଷଜମିର କ୍ଷତି ହ୍ରାସ କରିବା ପାଇଁ ରାସ୍ତାର ନକ୍ସା ପରିବର୍ତ୍ତନ କରି ଡିମ୍ବୋ, ଚକ ଓ ନେଲୁଙ୍ଗ ମୌଜାର ପୂର୍ବ ପାର୍ଶ୍ୱରେ ଥିବା ଜଙ୍ଗଲ ସଂଲଗ୍ନ ଅଞ୍ଚଳ ଦେଇ ରାସ୍ତା ନିର୍ମାଣ କରିବାକୁ ଦାବି କରିଛନ୍ତି।ଚାଷଜମି ମଝିରେ ରାସ୍ତା ନିର୍ମାଣ ହେଲେ ଜମି ଖଣ୍ଡଖଣ୍ଡ ହୋଇଯିବା ସହ ଚାଷକାର୍ଯ୍ୟ ବାଧାପ୍ରାପ୍ତ ହେବ ଏବଂ ଅନେକ ପରିବାରଙ୍କ ଜୀବିକା ପ୍ରଭାବିତ ହେବାର ଆଶଙ୍କା ରହିଛି ବୋଲି ଗ୍ରାମବାସୀ ଦର୍ଶାଇଛନ୍ତି। ତେଣୁ ଚୂଡ଼ାନ୍ତ ନକ୍ସା ନିର୍ଦ୍ଧାରଣ ପୂର୍ବରୁ ଜନସ୍ୱାର୍ଥ, ଚାଷଜମିର ସୁରକ୍ଷା ଓ ବିକଳ୍ପ ମାର୍ଗର ସମ୍ଭାବନାକୁ ଗୁରୁତ୍ୱ ଦେବାକୁ ସେମାନେ ଅନୁରୋଧ କରିଛନ୍ତି।ଏଥିସହ ଚକ ମୌଜାରେ ଦେବୋତ୍ତର ଖେୱାଟ ସମ୍ବନ୍ଧୀୟ ଜମିଜମା ରେକର୍ଡ ଓ ଜମି କିଣାବିକା ଉପରେ ରହିଥିବା କଟକଣାକୁ ନେଇ ମଧ୍ୟ ସମସ୍ୟା ଦେଖାଦେଇଥିବା ଅଭିଯୋଗ ହୋଇଛି। ଜମି ମାଫିଆଙ୍କ ପ୍ରଲୋଭନରେ ଜମି କିଣାବିକା ହେଉଥିବା ନେଇ ଗ୍ରାମବାସୀ ଆଶଙ୍କା ପ୍ରକାଶ କରି ସମଗ୍ର ଘଟଣାର ନିରପେକ୍ଷ ତଦନ୍ତ ଦାବି କରିଛନ୍ତି। ଜମି ଅଧିଗ୍ରହଣ ସମୟରେ ପ୍ରକୃତ ବଜାର ମୂଲ୍ୟ ଆଧାରରେ କ୍ଷତିପୂରଣ ନିର୍ଦ୍ଧାରଣ କରିବାକୁ ମଧ୍ୟ ଦାବି ହୋଇଛି।ଅନ୍ୟପକ୍ଷରେ, କେନ୍ଦୁଝର ସଦର ତହସିଲ ଅନ୍ତର୍ଗତ ଚକ ଓ ଟାଙ୍ଗର ପଳସା ମୌଜାର ଜମିଜମା ରେକର୍ଡରେ ଶ୍ରୀ ଶ୍ରୀ ସିଦ୍ଧ ବଳଦେବଜିଉ ବିଜେ ନିଜିଗଡଙ୍କ ନାମରେ ଥିବା ତୃତୀୟ ଭାଗ ଖେୱାଟକୁ ନେଇ ବିବାଦ ସୃଷ୍ଟି ହୋଇଛି। ଏହି ଖେୱାଟର ସ୍ଥିତି ଯାଞ୍ଚ କରି ଆଇନସମ୍ମତ ଭାବେ ଆବଶ୍ୟକ ସଂଶୋଧନ କରିବା ସହ ସମ୍ପୃକ୍ତ ଜମିଗୁଡ଼ିକୁ ଓଡ଼ିଶା ସରକାରଙ୍କ ପ୍ରଥମ ଭାଗ ଖେୱାଟ ଅଧୀନକୁ ଆଣିବା ପାଇଁ ଗ୍ରାମବାସୀମାନେ ନିବେଦନ କରିଛନ୍ତି।ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ୧୯୭୩ ମସିହାର ରାଜସ୍ୱ ବିଭାଗର ଗେଜେଟ୍ ବିଜ୍ଞପ୍ତିରେ ଶ୍ରୀ ଶ୍ରୀ ସିଦ୍ଧ ବଳଦେବଜିଉ ବିଜେ ନିଜିଗଡଙ୍କ ନାମ ଥିବା ସତ୍ତ୍ୱେ ସମ୍ପୃକ୍ତ ମୌଜାର ଜମିଜମା ରେକର୍ଡରେ ଏହାର ପ୍ରତିଫଳନକୁ ନେଇ ସନ୍ଦେହ ରହିଛି। ଏହା ଫଳରେ ରେକର୍ଡ ସଂଶୋଧନ ଓ ପଟ୍ଟା ପ୍ରସ୍ତୁତି ପ୍ରକ୍ରିୟାରେ ଅସୁବିଧା ହେଉଥିବା ଏବଂ କେତେକ କ୍ଷେତ୍ରରେ ଅଦାଲତଙ୍କ ଆଦେଶ ସତ୍ତ୍ୱେ ପଟ୍ଟା ସଂଶୋଧନରେ ବିଳମ୍ବ ହେଉଥିବା ଅଭିଯୋଗ ହୋଇଛି।ଏହି ଦୁଇ ମୌଜାରେ ଅନେକ ଗରିବ, ଆଦିବାସୀ ଓ ଅନୁସୂଚିତ ଜାତି ପରିବାରଙ୍କ ଚାଷଜମି ଏହି ଖେୱାଟ ଅଧୀନରେ ରହିଛି। ମୂଳ ରେକର୍ଡଧାରୀଙ୍କ ମୃତ୍ୟୁ ପରେ ଉତ୍ତରାଧିକାରୀମାନଙ୍କୁ ଏକାଠି କରି ରିଭିଜନ୍ ପିଟିସନ୍ ଦାଖଲ କରିବା ଓ ରେକର୍ଡ ସଂଶୋଧନ କରିବା ସେମାନଙ୍କ ପାଇଁ କଷ୍ଟକର ହୋଇପଡ଼ିଛି। ଫଳରେ ଜମିର ଆଇନଗତ ସ୍ଥିତି ସ୍ପଷ୍ଟ ହେବା ଓ ରାଜସ୍ୱ ସମ୍ବନ୍ଧୀୟ କାର୍ଯ୍ୟ ସମ୍ପାଦନରେ ବାଧା ସୃଷ୍ଟି ହେଉଥିବା ସେମାନେ କହିଛନ୍ତି।ଉଭୟ ଘଟଣାରେ ଗ୍ରାମବାସୀଙ୍କ ଦାବି ହେଉଛି, ପ୍ରଶାସନ କେବଳ ଅଭିଯୋଗ ଗ୍ରହଣରେ ସୀମିତ ନରହି ଜମିଜମା ରେକର୍ଡ, ପୁରୁଣା ଗେଜେଟ୍ ବିଜ୍ଞପ୍ତି, ପ୍ରସ୍ତାବିତ ବାଇପାସ୍ ନକ୍ସା ଓ ଜମି ଅଧିଗ୍ରହଣ ସମ୍ବନ୍ଧୀୟ ଦଲିଲପତ୍ରର ଯାଞ୍ଚ କରୁ। ଆବଶ୍ୟକ ସ୍ଥଳେ ସ୍ଥଳ ପରିଦର୍ଶନ ଓ ଗ୍ରାମବାସୀଙ୍କ ସହ ଆଲୋଚନା କରି ନିରପେକ୍ଷ ନିଷ୍ପତ୍ତି ନିଆଯାଉ।ଚାଷଜମିର ସୁରକ୍ଷା, ଗରିବ ପରିବାରଙ୍କ ଜମି ସମ୍ବନ୍ଧୀୟ ଅଧିକାରର ସୁରକ୍ଷା ଏବଂ ରାଜସ୍ୱ ରେକର୍ଡରେ ଥିବା ଅସଙ୍ଗତିର ସମାଧାନ ପାଇଁ ସମୟବଦ୍ଧ ପଦକ୍ଷେପ ନିଆଗଲେ ଅନେକ ପରିବାର ଉପକୃତ ହୋଇପାରିବେ। ଏହି ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀ ଓ କେନ୍ଦୁଝର ଜିଲ୍ଲାପାଳଙ୍କ ପଦକ୍ଷେପକୁ ଗ୍ରାମବାସୀମାନେ ଅପେକ୍ଷା କରିଛନ୍ତି।

# ରୟତି ଢୋଲମରା ଗ୍ରାମରେ ଦୁର୍ଗା ପୂଜାର ରୌପ୍ୟ ଜୟନ୍ତୀ ଉତ୍ସବ ପାଳିତ



ଖଣ୍ଡପଡା ୨୩।୧୦ (ଅକ୍ଷର ଓଡ଼ିଶା) ଖଣ୍ଡପଡ଼ା ବ୍ଲକ ଅଧୀନ ରୟତି ଢୋଲମରା ଗ୍ରାମର ହଟ୍ଟକେଶ୍ୱର ପାଠାଗାର ପକ୍ଷରୁ ଆୟୋଜିତ ଶାରଦୀୟ ଦୁର୍ଗା ପୂଜାର ରୌପ୍ୟ ଜୟନ୍ତୀ ଉତ୍ସବ ଚଳିତ ବର୍ଷ ପାଳିତ ହୋଇଯାଇଛି।ମଣ୍ଡପରେ ମା' ଦୁର୍ଗାଙ୍କ ମୃଣ୍ମୟ ମୂର୍ତ୍ତି ପୂଜା ପାଉଥିବା ବେଳେ ଗତ ୨୧ ରୁ ୨୪ ତାରିଖ ପର୍ଯ୍ୟନ୍ତ ଗତ ୪ ଦିନ ଧରି ରାତିରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିବା ଜଣାପଡିଛି।ଅନୁଷ୍ଠାନର ସଭାପତି ବିଭୂତି ଭୂଷଣ ବାରିକି ଓ ସଂପାଦକ ଚିନ୍ତାମଣି ପାଳଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।ଏ ଅବସରରେ ପୌରାଣିକ ନାଟକ 'ସୀତା ଚୋରି' ମଞ୍ଚସ୍ଥ ହୋଇଥିଲା ବେଳେ ମହାବୀର ଡ୍ୟାନ୍ସ ଗ୍ରୁପର କଳାକାରମାନେ ସଙ୍ଗୀତ ଓ ନୃତ୍ୟ ପରିବେଷଣ କରିଥିଲେ।ମୁଖ୍ୟ ଅତିଥି ଭାବେ ଖଣ୍ଡପଡା ବିଧାୟକ ଇଁ.ଦୁଷ୍ମନ୍ତ କୁମାର ସ୍ୱାଇଁ ଓ ସମ୍ମାନିତ ଅତିଥି ଭାବେ ସାଂସଦଙ୍କ ଖଣ୍ଡପଡା ବ୍ଲକ ପ୍ରତିନିଧି ଚନ୍ଦ୍ରକାନ୍ତ ବଳିଆର ସିଂ,ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ରମାକାନ୍ତ ସେଠୀ,ଖଣ୍ଡପଡା ଥାନାଧିକାରୀ କୃତିବାସ ହରିଚନ୍ଦନ ପ୍ରମୁଖ ମଞ୍ଚାସିନ ଥିଲେ।ସ୍ୱତନ୍ତ୍ର ଅତିଥି ଭାବେ ଓଡ଼ିଆ ଚଳଚ୍ଚିତ୍ର ଅଭିନେତ୍ରୀ ଜିନା ସାମଲଙ୍କ ଉପସ୍ଥିତି ଦର୍ଶକମାନଙ୍କୁ ଆକର୍ଷିତ କରି ପାରିଥିଲା।ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା ବେଳେ କୁନି କଳାକାରମାନଙ୍କୁ ଏ ଅବସରରେ ଟ୍ରଫି ପ୍ରଦାନ କରାଯାଇଥିଲା।

# ଗୋ-ହତ୍ୟା ନେଇ ବଜରଙ୍ଗ ଦଳ ଓ ଖ୍ରୀଷ୍ଟିୟାନ୍ ସମ୍ପ୍ରଦାୟ ମଧ୍ୟରେ ଉତ୍ତେଜନା



କେନ୍ଦୁଝର, ୨୪/୧୦(ଦିଲ୍ଲୀପ କୁମାର ସାହୁ: ଓସ୍ତପୁରା ଗ୍ରାମ ଦଳକି ସାହିରେ ଗୋ-ହତ୍ୟା ଘଟଣାକୁ କେନ୍ଦ୍ର କରି ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଛି। ଖବର ପାଇ ଘସିପୁରା ବଜରଙ୍ଗ ଦଳର କର୍ମୀମାନେ ଗ୍ରାମରେ ପହଂଚି ଘସିପୁରା ପୋଲିସକୁ ଖବର ଦେବାରୁ ଘଟଣାସ୍ଥଳରେ ପୋଲିସ ପହଂଚି ଶାନ୍ତିଶୃଙ୍ଖଳା ଫେରାଇ ଆଣିବାକୁ ଉଦ୍ୟମ ଜାରି ରଖିଥିଲେ। ସୂଚନାଯୋଗ୍ୟ ଗ୍ରାମରେ ବସବାସ କରୁଥିବା ଖ୍ରୀଷ୍ଟିୟାନ୍ ସମ୍ପ୍ରଦାୟ ୫ବର୍ଷରେ ଥରେ ଗ୍ରାମରେ ଥିବା ଠାକୁରାଣୀଙ୍କ ନିକଟରେ ପୂଜାର୍ଚ୍ଚନା କରିବା ସହ ଗୋ-ମାତାକୁ ବଳୀଦେବା ପ୍ରଥା ରହିଥିବା ବେଳେ ଚଳିତ ବର୍ଷ ଏକ ଗୋରୁ ହତ୍ୟାକରିଥିବା ଘଟଣା ପ୍ରଚାରିତ ହେବାପରେ ବଜରଙ୍ଗ ଦଳର ଅକ୍ଷୟ କୁମାର ସାହୁ କର୍ମୀମାନଙ୍କ ସହ ଘଟଣାସ୍ଥଳରେ ପହଂଚିବାରୁ ସେମାନଙ୍କ ଉପରକୁ ଢ଼େଲା ପଥର ମାଡ଼ କରାଯାଇଥିଲା। ଏଭଳି ଘଟଣା ଦେଖି ସେ ଘସିପୁରା ଥାନାକୁ ଖବର ଦେବାରୁ ପୋଲିସ ଘଟଣାସ୍ଥଳରେ ପହଂଚି ଶାନ୍ତିଶୃଙ୍ଖଳା ବଜାୟ ରଖିବା ପାଇଁ ଉଭୟ ସମ୍ପ୍ରଦାୟଙ୍କୁ ବୁଝାସୁଝା କରୁଥିବାର ସୂଚନା ମିଳିଛି।

## ଲକ୍ଷ୍ମୀ ପୂଜା ପୂର୍ବରୁ ଆକ୍ସନ ମୋଡ୍‌ରେ ଅନୁଗୋଳ ପୁଲିସ



ଅନୁଗୋଳ୨୪/୧୦ (ଅକ୍ଷର ଓଡିଶା ): ଲକ୍ଷ୍ମୀ ପୂଜାକୁ ଶାନ୍ତି, ଶୃଙ୍ଖଳା ଓ ସୁରକ୍ଷାର ସହ ପାଳନ କରିବା ପାଇଁ ଅନୁଗୋଳ ପୁଲିସ ପକ୍ଷରୁ ପ୍ରସ୍ତୁତିକୁ ଗୁରୁତ୍ୱ ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ଜିଲ୍ଲାର ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କରିଛନ୍ତି ଅନୁଗୋଳ ଏସ୍‌ପି। ଏନେଇ ସମସ୍ତ ଥାନାର ଆଇଆଇସି, ଏସ୍‌ଡିପିଓ ଓ ବରିଷ୍ଠ ପୁଲିସ ଅଧିକାରୀଙ୍କୁ ନେଇ ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି।ପୂଜା ସମୟରେ ଯେପରି କୌଣସି ଅପ୍ରୀତିକର ପରିସ୍ଥିତି ନଉପୁଜେ, ସେଥିପାଇଁ ଆଗୁଆ ସତର୍କ ରହିବାକୁ ଏସ୍‌ପି ପୁଲିସ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ବିଶେଷକରି ପୂଜା ମଣ୍ଡପ ଓ ଜନଗହଳିପୂର୍ଣ୍ଣ ସ୍ଥାନରେ ପୁଲିସ ମୁତୟନ, ଭିଡ଼ ନିୟନ୍ତ୍ରଣ, ଟ୍ରାଫିକ୍ ପରିଚାଳନା ଏବଂ ଅପରାଧ ରୋକିବା ଉପରେ ଗୁରୁତ୍ୱ ଦିଆଯାଇଛି।ପୂଜା ମଣ୍ଡପଗୁଡ଼ିକରେ ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ସହ ଆଇନଶୃଙ୍ଖଳା ରକ୍ଷା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ପରିସ୍ଥିତି ଉପରେ ନଜର ରଖିବା ଏବଂ କୌଣସି ସମସ୍ୟା ଦେଖାଦେଲେ ତୁରନ୍ତ ପଦକ୍ଷେପ ନେବା ଉପରେ ମଧ୍ୟ ଗୁରୁତ୍ୱ ରହିଛି।ସାଧାରଣ ଲୋକେ ଯେପରି ନିର୍ଭୟରେ ମା’ ଲକ୍ଷ୍ମୀଙ୍କ ପୂଜାରେ ସାମିଲ ହୋଇପାରିବେ ଏବଂ ଉତ୍ସବକୁ ଆନନ୍ଦର ସହ ପାଳନ କରିପାରିବେ, ସେଥିପାଇଁ ଅନୁଗୋଳ ପୁଲିସ ପକ୍ଷରୁ ସୁରକ୍ଷା ଓ ସତର୍କତାକୁ ପ୍ରାଥମିକତା ଦିଆଯାଇଛି।

# ସମ୍ଭାବ୍ୟ ବାତ୍ୟାକୁ ନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ସମୀକ୍ଷା ବୈଠକ

ରାୟଗଡା ୨୪/୧୦ (କୈଳାଶ ସ୍ୱାଇଁ )ସମ୍ଭାବ୍ୟ ବାତ୍ୟାର ମୁକାବିଲା ତଥା ଜନସାଧାରଣଙ୍କ ଧନଜୀବନ ସୁରକ୍ଷା ନିମନ୍ତେ ରାୟଗଡ଼ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍ ଆଶୁତୋଷ କୁଲକର୍ଣ୍ଣୀଙ୍କ ଅଧ୍ୟକ୍ଷତାରେ ଆଜି ଭର୍ଚୁଆଲ୍ ମୋଡ୍‌ରେ ଏକ ପ୍ରସ୍ତୁତି ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ସମ୍ଭାବ୍ୟ ବାତ୍ୟାର ତୀବ୍ରତାକୁ ଦୃଷ୍ଟିରେ ରଖି ସମସ୍ତ ବିଭାଗକୁ ସତର୍କ ରହିବା ସହ ଆଗୁଆ ପ୍ରସ୍ତୁତି ଓ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି।ପ୍ରତି ଦୁଇ ଘଣ୍ଟାରେ ବର୍ଷାର ସ୍ଥିତି ସମ୍ପର୍କିତ ରିପୋର୍ଟ ପ୍ରସ୍ତୁତ କରି ସତର୍କ ସୂଚନା ଓ ଆବଶ୍ୟକୀୟ ସୂଚନା ଜନସାଧାରଣଙ୍କ ନିକଟରେ ପହଞ୍ଚାଇବାକୁ ସମ୍ପୃକ୍ତ ଅଧିକାରୀଙ୍କୁ କୁହାଯାଇଛି।ଜିଲ୍ଲାର ସମସ୍ତ ବ୍ଲକ୍‌ରେ ନିୟନ୍ତ୍ରଣ କକ୍ଷ (କଣ୍ଟ୍ରୋଲ୍ ରୁମ୍) ସ୍ଥାପନ କରାଯାଇ ଯେକୌଣସି ଜରୁରୀ ପରିସ୍ଥିତିର ଦ୍ୱରିତ ମୁକାବିଲା ପାଇଁ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କ ଛୁଟି ବାତିଲ କରାଯାଇଛି। ଜିଲ୍ଲାରେ ପୂର୍ବରୁ ଚିହ୍ନଟ ହୋଇଥିବା ସମ୍ବେଦନଶୀଳ ଗ୍ରାମଗୁଡ଼ିକର ତାଲିକା ଅନୁଯାୟୀ ଆବଶ୍ୟକ ପଦକ୍ଷେପ ନେବା ସହ ପୂର୍ବରୁ ହୋଇଥିବା କ୍ଷୟକ୍ଷତି ଓ ଦୁର୍ବଳ ସ୍ଥାନଗୁଡ଼ିକର ମରାମତି କାର୍ଯ୍ୟ ଆଗୁଆ ଶେଷ କରିବାକୁ କୁହାଯାଇଛି। ବାତ୍ୟାର ସ୍ଥିତି ଓ ପାଣିପାଗ ବିଭାଗର ସତର୍କ ସୂଚନାକୁ ଦୃଷ୍ଟିରେ ରଖି ଆବଶ୍ୟକସ୍ଥଳେ ବିଦ୍ୟାଳୟ ଓ ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକରେ ଛୁଟି ଘୋଷଣା କରାଯିବା ନେଇ ମଧ୍ୟ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବାକୁ ନିଷ୍ପତ୍ତି ନିଆଯାଇଛି।ବିପଦସଙ୍କୁଳ ଅଞ୍ଚଳରୁ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର ପାଇଁ କଲ୍ୟାଣସିଂହପୁର, ଗୁଡ଼ାରୀ ଓ ଗୁଣପୁରରେ ଗୋଟିଏ ଲେଖାଏଁ ମୋଟ ୩ଟି ପାୱାର ବୋଟ୍ ପ୍ରସ୍ତୁତ ରଖାଯାଇଛି। ଜିଲ୍ଲାର ହାଟସେସ୍କାଲ (ରାୟଗଡ଼), ବିକ୍ରମପୁର (ଗୁଣପୁର) ଓ କୁତ୍ରାଗୁଡା (ବିଷମକଟକ)ଠାରେ ୩ଟି ସ୍ଥାୟୀ



ବହୁମୁଖୀ ବନ୍ୟା ଆଶ୍ରୟସ୍ଥଳୀ ସହ ୮୪ଟି ଅସ୍ଥାୟୀ ଆଶ୍ରୟସ୍ଥଳୀ ପ୍ରସ୍ତୁତ ରଖାଯାଇଛି। ଆବଶ୍ୟକସ୍ଥଳେ ଓଡ୍ରାଫ୍, ଅଗ୍ନିଶମ ବିଭାଗ ଓ ଏନ୍‌ଡିଆରଏଫ୍ ଟିମ୍‌କୁ ରାୟଗଡ଼, ଗୁଣପୁର ଓ ବିଷମକଟକ ଅଞ୍ଚଳରେ ମୁତୟନ କରାଯାଇ ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।ଆଶ୍ରୟସ୍ଥଳୀରେ ରହୁଥିବା ଲୋକଙ୍କ ପାଇଁ ଖାଦ୍ୟ ବ୍ୟବସ୍ଥା କରିବାକୁ ଏମ୍‌ଆଇ (ଗଓ) ଡିଭିଜନ୍‌କୁ ଦାୟିତ୍ୱ ଦିଆଯାଇଛି। ସମସ୍ତ ସହରାଞ୍ଚଳରେ ଡ୍ରେନ୍‌ଗୁଡ଼ିକୁ ଆଗୁଆ ସଫା କରିବା ସହ ପରିମଳ ବ୍ୟବସ୍ଥା ସୁନିଶ୍ଚିତ କରିବାକୁ ପୌରାଞ୍ଚଳର କାର୍ଯ୍ୟନିର୍ବାହୀ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ନଦୀ ଓ ଜଳାଶୟଗୁଡ଼ିକର ଜଳସ୍ତର ଉପରେ ନିରନ୍ତର ନଜର ରଖିବା ସହ ବିପଦସଙ୍କେତ ନିକଟରେ ଜଳସ୍ତର ପହଞ୍ଚିବା ପୂର୍ବରୁ ତୁରନ୍ତ ରିପୋର୍ଟ ପ୍ରଦାନ କରିବାକୁ ସମ୍ପୃକ୍ତ ଅଧିକାରୀଙ୍କୁ କୁହାଯାଇଛି।ବାତ୍ୟା ସମ୍ପର୍କିତ ଯେକୌଣସି ଜରୁରୀ ସୂଚନା ଓ ସହାୟତା ପାଇଁ ଜନସାଧାରଣ ଜିଲ୍ଲା ଜରୁରୀକାଳୀନ ପରିଚାଳନା କେନ୍ଦ୍ର ନିୟନ୍ତ୍ରଣ କକ୍ଷ ସହ ଯୋଗାଯୋଗ କରିପାରିବେ। ଏଥିପାଇଁ ଯୋଗାଯୋଗ ନମ୍ବର ୦୬୮୫୬-୨୨୪୦୮୨, ୦୬୮୫୬-୨୨୪୦୬୨ ଏବଂ ଟୋଲ୍ ଫ୍ରି ନମ୍ବର ୧୦୭୭ ରହିଛି। ଜରୁରୀ ପରିସ୍ଥିତିରେ ଏହି ନମ୍ବରଗୁଡ଼ିକରେ ଯୋଗାଯୋଗ କରିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି।ଜିଲ୍ଲାବାସୀଙ୍କୁ ଆଶ୍ୱସ୍ତ କରି ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣୀ ଅନୁରୋଧ କରିଛନ୍ତି ଯେ, ସମ୍ଭାବ୍ୟ ବାତ୍ୟାକୁ ନେଇ କେହି ଆତଙ୍କିତ ନହୋଇ ଧୈର୍ଯ୍ୟ ଓ ସତର୍କତାର ସହ ପରିସ୍ଥିତିର ମୁକାବିଲା କରନ୍ତୁ। ବାତ୍ୟାର ମୁକାବିଲା ଓ ଜନସାଧାରଣଙ୍କ ସୁରକ୍ଷା ପାଇଁ ଜିଲ୍ଲା ପ୍ରଶାସନର ସମସ୍ତ ପ୍ରକାରର ଆଗୁଆ ପ୍ରସ୍ତୁତି କରିଛି। ଏଥିସହ ସରକାରୀ ସତର୍କ ସୂଚନା ଓ ନିର୍ଦ୍ଦେଶାବଳୀ ପାଳନ କରିବା ସହ ଆବଶ୍ୟକ ସମୟରେ ପ୍ରଶାସନକୁ ସହଯୋଗ କରିବାକୁ ସେ ଜିଲ୍ଲାବାସୀଙ୍କୁ ନିବେଦନ କରିଛନ୍ତି।

# ଶିଶୁମାନଙ୍କ ପ୍ରତିଭା ଓ କ୍ରୀଡ଼ା ଦକ୍ଷତାର ବିକାଶ ‘ମହକ’ ଓ ‘ଉତ୍ସାହ-୨୦୨୬’ ଆୟୋଜିତ



ଭଦ୍ରକ ୨୪/୧୦ (ଅକ୍ଷର ଓଡିଶା ): ଶିଶୁମାନଙ୍କ ମଧ୍ୟରେ ଲୁକ୍କାୟିତ ପ୍ରତିଭାର ବିକାଶ, ଆତ୍ମବିଶ୍ୱାସ ବୃଦ୍ଧି ଓ କ୍ରୀଡ଼ା ମନୋଭାବ ସୃଷ୍ଟି କରିବା ଲକ୍ଷ୍ୟରେ ଭଦ୍ରକ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ପକ୍ଷରୁ ଅକ୍ଟୋବର ୨୨ ଓ ୨୩ ତାରିଖରେ ଦୁଇଟି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ‘ମହକ’ ଓ ‘ଉତ୍ସାହ-୨୦୨୬’ ଆୟୋଜିତ ହୋଇଯାଇଛି। ଅକ୍ଟୋବର ୨୨ ତାରିଖରେ ଜିଲ୍ଲା ସଂସ୍କୃତି ଭବନଠାରେ ଜିଲ୍ଲାସ୍ତରୀୟ ଶିଶୁ ଯତ୍ନ ଅନୁଷ୍ଠାନ ମହୋତ୍ସବ ‘ମହକ’ ଅନୁଷ୍ଠିତ ହୋଇଥିବା ବେଳେ ୨୩ ତାରିଖରେ ବାଗୁରାଇସ୍ଥିତ ବିନ୍ଦୁ ମାଧବ ଉଚ୍ଚ ବିଦ୍ୟାଳୟ ପଡ଼ିଆରେ ଆନ୍ତଃ ଶିଶୁଯତ୍ନ ଅନୁଷ୍ଠାନ କ୍ରୀଡ଼ା ପ୍ରତିଯୋଗିତା ‘ଉତ୍ସାହ-୨୦୨୬’ ଉଦ୍‌ଯାପିତ ହୋଇଛି। ଅକ୍ଟୋବର ୨୨ ତାରିଖରେ ଆୟୋଜିତ ‘ମହକ’ ମହୋତ୍ସବକୁ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବିନାରାୟଣ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ, ଶିଶୁ ମଙ୍ଗଳ କମିଟିର ଅଧ୍ୟକ୍ଷ ସୁବ୍ରତ ବିଶ୍ୱାଳ, କିଶୋର ନ୍ୟାୟ ପରିଷଦର ସଦସ୍ୟ ବେଣୁଧର ସାହୁ, ସୁରକ୍ଷା ଅଧିକାରିଣୀ ସବିତା ବେହେରା, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଅବିନାଶ ମହାନ୍ତି ଓ ପ୍ରାକ୍ତନ ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷ କମଳାକାନ୍ତ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।ସେହିପରି ଅକ୍ଟୋବର ୨୩ ତାରିଖରେ ବାଗୁରାଇସ୍ଥିତ ବିନ୍ଦୁ ମାଧବ ଉଚ୍ଚ ବିଦ୍ୟାଳୟ ପଡ଼ିଆରେ ‘ଉତ୍ସାହ-୨୦୨୬’ କ୍ରୀଡ଼ା ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଜିଲ୍ଲାର ବିଭିନ୍ନ ଶିଶୁଯତ୍ନ ଅନୁଷ୍ଠାନର ଅନ୍ତେବାସୀମାନେ ଏହି କ୍ରୀଡ଼ା ପ୍ରତିଯୋଗିତାରେ ଉତ୍ସାହର ସହ ଭାଗ ନେଇଥିଲେ। ବାଳକ ଓ ବାଳିକାଙ୍କ ପାଇଁ ୧୦୦ ମିଟର ଓ ୨୦୦ ମିଟର ଦୌଡ଼, ଲମ୍ଫଡିଆଁ, ଉଚ୍ଚଡିଆଁ, କ୍ୟାରମ୍, ଚେସ୍ ଓ ଫୁଟବଲ୍ ଆଦି ପ୍ରତିଯୋଗିତା ଆୟୋଜିତ ହୋଇଥିଲା।ଏହି ଅବସରରେ ଗାନ୍ଧୀ ଓଡ଼ିଶା ବାଳାଶ୍ରମର ବାଳକ ଫୁଟବଲ୍ ଦଳ ଓ ଶାନ୍ତି ଆଶ୍ରମର ବାଳିକା ଫୁଟବଲ୍ ଦଳ ଉତ୍କୃଷ୍ଟ ପ୍ରଦର୍ଶନ କରି ରାଜ୍ୟସ୍ତରୀୟ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଛନ୍ତି। ଏହା ଭଦ୍ରକ ଜିଲ୍ଲା ପାଇଁ ଗୌରବର ବିଷୟ ହୋଇଛି।

# ସମ୍ଭାବ୍ୟ ବାତ୍ୟା ମୁକାବିଲା ପାଇଁ ମାଲକାନଗିରି ଜିଲ୍ଲା ପ୍ରଶାସନ ସମ୍ପୂର୍ଣ୍ଣ ପ୍ରସ୍ତୁତ

ମାଲକାନଗିରି,୨୪/୧୦/(ପ୍ରଦୀପ ରାଉଳ)ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ଘନୀଭୂତ ହୋଇ ବାତ୍ୟାର ରୂପ ନେବାର ଆଶଙ୍କା ଥିବାବେଳେ ଆସନ୍ତା ଅକ୍ଟୋବର ୨୬ ରୁ ୨୮ ତାରିଖ ମଧ୍ୟରେ ମାଲକାନଗିରି ଜିଲ୍ଲାରେ ବ୍ୟାପକ ବର୍ଷାର ପୂର୍ବାନୁମାନ କରାଯାଇଛି। ଏହି ସମ୍ଭାବ୍ୟ ବିପର୍ଯ୍ୟୟର ସଫଳ ମୁକାବିଲା ଓ ପୂର୍ବପ୍ରସ୍ତୁତି ନିମନ୍ତେ ଜିଲ୍ଲାପାଳପ୍ରଥମେଶ ଅରବିନ୍ଦ ରାଜଶିର୍କେଙ୍କ ନିର୍ଦ୍ଦେଶକ୍ରମେ ମାଲକାନଗିରି ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ସୋମନାଥ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଦାଶରଥି ସରାବୁ, ଉପ-ଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ରଶ୍ମିରଞ୍ଜନ ସେନାପତି ଏବଂ ଜିଲ୍ଲା



ଜରୁରୀକାଳୀନ ଅଧିକାରୀ ଦୀପ୍ତି ରଞ୍ଜନ ସାହୁ ଉପସ୍ଥିତ ରହି ପ୍ରଶାସନିକ ପ୍ରସ୍ତୁତିର ସମୀକ୍ଷା କରିଛନ୍ତି।ବୈଠକର ନିଷ୍ପତ୍ତି ଅନୁଯାୟୀ, ତଳିଆ ଓ ବିପଜ୍ଜନକ ଅଞ୍ଚଳରେ ରହୁଥିବା ଲୋକମାନଙ୍କୁ ସୁରକ୍ଷିତ ବାତ୍ୟା ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରିବା ପାଇଁ ସମସ୍ତ ପ୍ରକାର ପ୍ରସ୍ତୁତି ଚାଲିଛି। ବିଶେଷ କରି ସମ୍ଭାବ୍ୟ ପ୍ରଭାବିତ ଅଞ୍ଚଳର ପ୍ରସବ ସମୟ ନିକଟବର୍ତ୍ତୀ ଗର୍ଭବତୀ ମହିଳାମାନଙ୍କୁ ଆଗୁଆ ଚିହ୍ନଟ କରାଯାଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର କିମ୍ବା ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରିବାକୁ ସ୍ୱାସ୍ଥ୍ୟ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହିତ ଡାକ୍ତରଖାନାଗୁଡ଼ିକରେ ଜରୁରୀକାଳୀନ ଔଷଧ, ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ଦଳ ଏବଂ ଅବିଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ସୁନିଶ୍ଚିତ କରାଯାଇଛି। ଜରୁରୀ ପରିସ୍ଥିତିର ମୁକାବିଲା ପାଇଁ ଜାତୀୟ ଓ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ବାହିନୀ ସମେତ ଅଗ୍ନିଶମ ବାହିନୀକୁ ପ୍ରସ୍ତୁତ ରଖାଯାଇଥିବା ବେଳେ କୌଣସି ପ୍ରକାର ଗୁଜବରେ ବିଶ୍ୱାସ ନକରି କେବଳ ସରକାରୀ ସୂଚନା ଉପରେ ବିଶ୍ୱାସ କରି ପ୍ରଶାସନକୁ ସହଯୋଗ କରିବାକୁ ଜିଲ୍ଲାବାସୀଙ୍କୁ ନିବେଦନ କରାଯାଇଛି।

## ତଦାରଖ ଅଭାବରୁ କଳାକାର ଭତ୍ତା ବଣ୍ଟନରେ ଅନିୟମିତତା ଅଭିଯୋଗ

ପାପଡାହାଣ୍ଡି, ୨୪/୧୦(ଅକ୍ଷର ଓଡ଼ିଶା) ନବରଙ୍ଗପୁର ଜିଲ୍ଲା ପାପଡାହାଣ୍ଡି ବ୍ଲକରେ ମୁଖ୍ୟମନ୍ତ୍ରୀ କଳାକାର ଭତ୍ତା ବଣ୍ଟନ ପ୍ରକ୍ରିୟାରେ ତଦାରଖ ଅଭାବକୁ ନେଇ ଗୁରୁତର ପ୍ରଶ୍ନ ଉଠିଛି। ଅନେକ ଅଯୋଗ୍ୟ ବ୍ୟକ୍ତି କଳାକାର ଭତ୍ତା ପାଉଥିବା ନେଇ ସନ୍ଦେହ ପ୍ରକାଶ ପାଇଥିବାବେଳେ ଏହାର ସତ୍ୟାସତ୍ୟ ଯାଞ୍ଚ କରିବାକୁ ଦାବି ଜୋର ଧରିଛି। ଯୋଗ୍ୟ କଳାକାରଙ୍କୁ ସରକାରୀ ସହାୟତା ପ୍ରଦାନ କରିବା ଉଦ୍ଦେଶ୍ୟରେ ଏହି ଯୋଜନା ରହିଥିବାବେଳେ ତଦାରଖରେ ଅବହେଳା ହେଲେ ଏହାର ସୁଫଳ ପ୍ରକୃତ ହିତାଧିକାରୀଙ୍କ ପାଖରେ ପହଞ୍ଚିବା ନେଇ ଆଶଙ୍କା ସୃଷ୍ଟି ହେଉଛି।ଅଭିଯୋଗ ଅନୁଯାୟୀ, କେତେକ ବ୍ୟକ୍ତିଙ୍କ ପ୍ରକୃତ କଳାକାର ପରିଚୟ ଓ ଯୋଗ୍ୟତାକୁ ଉପଯୁକ୍ତ ଭାବେ ଯାଞ୍ଚ ନକରି କଳାକାର ପ୍ରମାଣପତ୍ର ଆଧାରରେ ଭତ୍ତା ପ୍ରଦାନ କରାଯାଉଥିବା ନେଇ ସନ୍ଦେହ ରହିଛି। ଫଳରେ ପ୍ରକୃତ କଳାକାରଙ୍କ ପାଇଁ ଉଦ୍ଦିଷ୍ଟ ସରକାରୀ ସହାୟତା ଅଯୋଗ୍ୟ ବ୍ୟକ୍ତିଙ୍କ ହାତକୁ ଚାଲିଯାଉଛି କି ନାହିଁ, ତାହା ଏବେ ତଦନ୍ତସାପେକ୍ଷ।ତେବେ ପିଢ଼ିପରେ ପିଢ଼ି କଳାକାର ବୃତ୍ତି ରେ ରହି ଆସୁଥିବା ଅନେକ ପରିବାର ଏହି ଯୋଜନାରୁ ବଞ୍ଚିତ ହେଉଥିବା ପରିଲକ୍ଷିତ ହୋଇଛି ଓ ମୃତ୍ୟୁ ପରେ ମଧ୍ୟ କଳାକାର ପରିବାର ଯୋଗ୍ୟତା ଭିତ୍ତିରେ ମଧ୍ୟ ଅନ୍ୟ ସଦସ୍ୟଙ୍କୁ ମିଳିପାରୁନାହିଁ ।ଏଭଳି ସ୍ଥିତିରେ ବ୍ଲକ ପ୍ରଶାସନ ପକ୍ଷରୁ ହିତାଧିକାରୀଙ୍କ ଯୋଗ୍ୟତା ଯାଞ୍ଚ, କଳାକାର ପ୍ରମାଣପତ୍ରର ବୈଧତା ତଦାରଖ ଏବଂ ଭତ୍ତା ପାଉଥିବା ବ୍ୟକ୍ତିଙ୍କ ପ୍ରକୃତ ପରିଚୟ ଯାଞ୍ଚ କରାଯିବା ଆବଶ୍ୟକ।

# ମହାନଦୀ ବନ୍ଧ ରାସ୍ତାରେ ବିପଦ ସୃଷ୍ଟି କରୁଛି ଶୁଖିଲା ଗଛ

କଣ୍ଟିଲୋ, ୨୪ ।୧୦(ଅକ୍ଷର ଓଡ଼ିଶା)କଣ୍ଟିଲୋ ମୁଖ୍ୟ ବଜାର ଠାରୁ ପଶ୍ଚିମ ଦ୍ୱାର ଯିବା ନିକଟରେ ରହିଛି ମହାନଦୀ ମାଳବନ୍ଧ ଯାହାକି ମାଛବଜାର ରୁ କଣ୍ଟିଲୋ କଲେଜ ରାସ୍ତାକୁ ସଂଯୋଗ କରୁଛି। ଏହା ଏକ ପ୍ରମୁଖ ଓ ବ୍ୟସ୍ତ ବହୁଳ ରାସ୍ତା। ମାଛ ବଜାର ଠାରୁ ଖୁବ ନିକଟରେ ରହିଛି ଦୁଇଟି ବିରାଟ କାୟ ଶୁଖିଲା ଗଛ। ଗଛ ଦୁଇଟି ସୁଖୀ ତାହାର ଡାଳ ଭାଙ୍ଗି ରାସ୍ତାରେ ପଡୁଛି। ସେହି ରାସ୍ତାରେ ପ୍ରତ୍ୟକ ଦିନ କଣ୍ଟିଲୋ ନିକଟସ୍ଥ ବଡ଼ ବାଣପୁର, ସିଧାମୁଳା ପଞ୍ଚାୟତର ସାଧାରଣ ଜନତା ସେହି ରାସ୍ତାରେ କଣ୍ଟିଲୋ ବଜାରକୁ ଯିବା ଆସିବା କରନ୍ତି। ମହିଳା, ପୁରଷ ଚାଷୀମାନେ କଟକ ଜିଲ୍ଲା ନରସିଂହପୁର, ଏକଡାଳ, କାକୁଡ଼ିଆ, ନୟାଗଡ ଜିଲ୍ଲା ଗଣିଆ,ଛାମୁଣ୍ଡିଆ ଆଖପାଖରୁ ପ୍ରତ୍ୟକ ଦିନ ଭୋରରୁ ସେହି ରାସ୍ତାରେ ପରିବା ଧରି ଆସନ୍ତି। ତତ ସହିତ ପର୍ଯ୍ୟଟକ, ସ୍ଥାନୀୟ ବାସିନ୍ଦାଙ୍କ ଦୈନଦୀନ ଚଳପ୍ରଚଳ ହୁଅନ୍ତି। ମାଛ ବଜାର ରାସ୍ତାରେ ଦୈନନ୍ଦିନ କଲେଜ ଛାତ୍ରଛାତ୍ରୀ, ଶିକ୍ଷକ, ଶିକ୍ଷୟତ୍ରୀ, ଅଭିଭାବକ ଯାଆସ କରିଥାନ୍ତି। ସେହି ନଦୀବନ୍ଧ ସମୁଖରେ କଣ୍ଟିଲୋ ବଜାରରେ ଦୋକାନ କରି ପରିବାର ପ୍ରତିପୋଷଣ କରୁଥିବା ବ୍ୟକ୍ତିଙ୍କ ଜୀବନ ବିପଦରେ।ଯଦି ଗଛ ଦୁଇଟି



ଉପୁଡି ପଡିବ କଣ୍ଟିଲୋ ବଜାର ଦେଇ ଯାଇଥିବା ରାଜ୍ୟ ରାଜପଥ ନଂ ୪୮ ଓ ବଜାରରେ ଚଳପ୍ରଚଳ ହେଉଥିବା ସାଧାରଣ ଜନତାଙ୍କ ଜୀବନ ପ୍ରତି ଘୋର ବିପଦ ରହିଛି। ସେହି ଶୁଖିଲା ଗଛ ଉଚତା କୁ ଦେଖିଲେ ଭୟ କରୁଛନ୍ତି ଜନତା।ଏଥି ପ୍ରତି ଜଳ ସେଚନ ବିଭାଗ ର ଉଚ ପଦସ୍ଥ ଅଧିକାରୀ ଦୃଷ୍ଟି ଦେବାକୁ ସାଧାରଣରେ ଦାବୀହେଉଛି।

## ଚାରମାଲ ଶ୍ରମିକ ଭବନରେ ଚାଷୀ ସୁରକ୍ଷା ଅଭିଯାନ ସମ୍ମିଳନୀ ଅନୁଷ୍ଠିତ

# ଚାଷୀଙ୍କ ସମସ୍ୟା ଓ ଅଧିକାର ଉପରେ ଆଲୋଚନା

ରେଢ଼ାଖୋଲ- ୨୪ /୧୦(ଅକ୍ଷର ଓଡିଶା )ଚାରମାଳ ସ୍ଥିତ ସ୍ଥାନୀୟ ଶ୍ରମିକ ଭବନ ସଭାଗୃହଠାରେ ଚାଷୀ ସୁରକ୍ଷା ଅଭିଯାନର ଏକ ଆଞ୍ଚଳିକ ସମ୍ମିଳନୀ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ସ୍ଥାନୀୟ ଅଞ୍ଚଳର ଶତାଧିକ ଚାଷୀ, କୃଷି ଶ୍ରମିକ ଓ ଚାଷୀ ନେତା ଯୋଗ ଦେଇ ଚାଷୀମାନଙ୍କର ବିଭିନ୍ନ ମୌଳିକ ସମସ୍ୟା ଏବଂ ସେମାନଙ୍କର ହକ୍ ସମ୍ପର୍କରେ ଆଲୋଚନା କରିଛନ୍ତି।ସମ୍ମିଳନୀ ପ୍ରାରମ୍ଭରେ ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଉପସ୍ଥିତ ଚାଷୀ ନେତୃବୃନ୍ଦ ଚାଷୀଙ୍କ ସୁରକ୍ଷା, ଫସଲର ଉଚିତ ମୂଲ୍ୟ, ଜଳସେଚନ ବ୍ୟବସ୍ଥାର ସୁଧାର ଏବଂ ସରକାରୀ ଯୋଜନାର ସଠିକ୍ ସୁଫଳ କିଭଳି ପ୍ରକୃତ ଚାଷୀଙ୍କ ପାଖରେ ପହଞ୍ଚିପାରିବ, ସେ ନେଇ ନିଜ ନିଜର ବକ୍ତବ୍ୟ ରଖିଥିଲେ। ଧାନ ସଂଗ୍ରହ ପ୍ରକ୍ରିୟାକୁ ଅଧିକ ସ୍ୱଚ୍ଛ କରିବା ସହ ମଣ୍ଡି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ସମ୍ମିଳନୀରେ ଦାବି କରାଯାଇଛି।ଏଥି ସହିତ, ଚାଷୀଙ୍କ ବିଭିନ୍ନ ଦାବିକୁ ନେଇ ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ବ୍ୟାପକ ଓ ସଂଗଠିତ କରାଯିବ ବୋଲି ଚାଷୀ ସୁରକ୍ଷା



ଅଭିଯାନ ପକ୍ଷରୁ ଚେତାବନୀ ଦିଆଯାଇଛି। ଶେଷରେ ସମସ୍ତ ଉପସ୍ଥିତ ଚାଷୀ ଭାଇମାନଙ୍କୁ ଧନ୍ୟବାଦ ଅର୍ପଣ କରାଯାଇ ସଭା ସାଙ୍ଗ କରାଯାଇଥିଲା।ଏହି ସମ୍ମିଳନୀ ରେ ମୁଖ୍ୟଅତିଥି ଭାବେ ରେଢ଼ାଖୋଲ ବ୍ଲକ,ଅଧ୍ୟକ୍ଷ, ପ୍ରଦୀପ ପ୍ରଧାନ, ବ୍ଲକ ବିଜେଡି ସଭାପତି ଉଦିତନାରାୟଣ ତ୍ରିପାଠୀ,ପୂର୍ବତନ କେନ୍ଦ୍ର ଖଣିଜ ମନ୍ତ୍ରୀ,ବ୍ରଜକିଶୋର ତ୍ରିପାଠୀ ଉପସ୍ଥିତ ଥିଲେ ।

# ବନ୍ଧୁମିଳନ ଉତ୍ସବ ସହ ସେବା କାର୍ଯ୍ୟକ୍ରମ

କଟକ ସଦର,୨୪।୧୦: (ଅକ୍ଷର ଓଡିଶା )କଟକସଦର ବ୍ଲକ ଅନ୍ତର୍ଗତ ଦୟାନିଧି ପ୍ରତିଭା ବିକାଶ ପ୍ରତିଷ୍ଠାନ ୪୨ ମୌଜା ତରଫରୁ ଏକ ବନ୍ଧୁମିଳନ ଉତ୍ସବ, ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ସହ ମା’ମାନଙ୍କୁ ଶାଢ଼ି ବଣ୍ଟନ କରାଯାଇଥିଲା।ଅନୁଷ୍ଠାନର ସମ୍ପାଦକ ନାରାୟଣ ଚନ୍ଦ୍ର ମହାନ୍ତି ଓ ସଭାପତି ସରୋଜ ନଳିନୀ ମହାନ୍ତିଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବାବେଳେ ଏଥିରେ ବହୁ ବରିଷ୍ଠ ନାଗରିକ, ବୁଦ୍ଧିଜୀବୀ, ସାହିତ୍ୟିକ, ସାମ୍ବାଦିକ ଓ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିଲେ। ଅନୁଷ୍ଠାନ ତରଫରୁ ସ୍ଥାନୀୟ ଅଞ୍ଚଳର ମା’ମାନଙ୍କୁ ବସ୍ତ୍ର ଉପହାର ପ୍ରଦାନ କରାଯାଇଥିଲା। ବିଶିଷ୍ଟ ଅତିଥିମାନଙ୍କୁ ଅନୁଷ୍ଠାନ ତରଫରୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରି ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ସମାଜସେବୀ ଇଂ ଶ୍ରୀକାନ୍ତ ବେଉରା ସଂଯୋଜନା କରିଥିଲେ। ଶାଶ୍ୱତ ଓଡ଼ିଆ ପ୍ରତିଭାର ସମ୍ପାଦକ ଖଗେଶ୍ୱର ଖଣ୍ଡୁଆଳ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଉପସ୍ଥିତ ଅତିଥିମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ଶେଖ୍ କଲିମୁଲ୍ଲା, ବରିଷ୍ଠ ସାମ୍ବାଦିକ ଡ. ଚିତ୍ତରଞ୍ଜନ ବେହେରା, ଅନୁଷ୍ଠାନର ମହାସଚିବ ରୁଦ୍ର ନାରାୟଣ ଦାସ , ସମିତି ସଭ୍ୟ ବିନୋଦ କୁମାର ବେହେରା, ସମାଜସେବୀ ପ୍ରଭାତ କୁମାର ଖଟୁଆ, ନକୁଳ ବେହେରା,ଉପେନ୍ଦ୍ର ବାରିକ, ଶୁଭେନ୍ଦୁ ବରଣ ଦାସ ଓ ଶ୍ରାବନ୍ତିକା ମହାନ୍ତି ପ୍ରମୁଖ ଉପସ୍ଥିତ ରହି ଅନୁଷ୍ଠାନର ବିଭିନ୍ନ କାର୍ଯ୍ୟକ୍ରମ ସଂପର୍କରେ ଆଲୋକପାତ କରିଥିଲେ।

# ମୃତ ଛାତ୍ରୀ ଦୀପିକାକୁ ନ୍ୟାୟ ଦାବିରେ ରାସ୍ତାରୋକ

## ପୀଡ଼ିତ ପରିବାରକୁ ଭେଟିଲେ ବିଜେଡି ପ୍ରତିନିଧି ମଣ୍ଡଳୀ,ଫାଣ୍ଡି ଅଧିକାରୀ ନିଲମ୍ବିତ




ଜଳେଶ୍ୱର ୨୪/୧୦ -(ଭୂପତି ପରିଡ଼ା) :ଦୁର୍ଗାପୂଜା ଚାଲିଥିବା ବେଳେ ଜଣେ ଦଶମ ଶ୍ରେଣୀ ଛାତ୍ରୀ କୁ ଅପହରଣ, ଧର୍ଷଣ ଏବଂ ଜଘନ୍ୟ ହତ୍ୟା କାଣ୍ଡ ଘଟଣା ଲୋକ ଲୋଚନକୁ ଆସିବା ପରେ ସମଗ୍ର ରାଜ୍ୟରେ ଏହାକୁ ପ୍ରତିବାଦ କରାଯାଉଛି।ଅପହରଣ ପରେ ପରିବାରର ଅଭିଯୋଗ ଆଧାରରେ ଅଭିଯୁକ୍ତ ଯୁବକକୁ ଉଠାଇ ଛାଡିଦେବା ପ୍ରସଙ୍ଗରେ ଲୋକେ ପୋଲିସ ପ୍ରଶାସନ ଉପରେ ଅଙ୍ଗୁଳି ଉଠାଇଛନ୍ତି।ଯେଉଁ ଭଳି ଜଘନ୍ୟ ହତ୍ୟା ଏବଂ ଶବକୁ ନଷ୍ଟ କରିବା ପାଇଁ ଚେଷ୍ଟା କରା ଯାଇଛି ତାହା ପ୍ରମାଣ କରୁଛି ଏଥିରେ ଏକାଧିକ ଲୋକେ ସାମିଲ୍ ଅଛନ୍ତି।ଏହା ସହିତ ଜଣେ ଯୁବକ ଛଦ୍ମନାମ (ମନୁ) ଦୀପୀକା ର ମୃତ ଦେହକୁ ବାଇକରେ ନେଇ ବର୍ଡନା ସ୍ଥିତ ଘେରାପଦା ରେ ପ୍ରମାଣ ନଷ୍ଟ କରିବାକୁ ପ୍ରୟାସ କରିଥିଲା।ସେ ସମ୍ପର୍କରେ ମୃଦୁ ଗୁଞ୍ଜରଣ ହେଉଛି।ଏତାଲାରେ ଲିଖିତ ଅଭିଯୁକ୍ତଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନ ହେବା ଏବଂ ଉଚ୍ଚ ତଦନ୍ତ ଦାବୀରେ ଗ୍ରାମବାସୀ ପିଡିତ ପରିବାର ଘର ଆଗରେ ଟାୟାର ଜାଳି କପାସିଆ ରାସ୍ତାକୁ ଅନିର୍ଦ୍ଦିଷ୍ଟ କାଳପାଇଁ ଅବରୋଧ କରିଛନ୍ତି।ଶୁକ୍ରବାର ଅପରାହ୍ନରେ ବିଜେଡିର ଏକ ପ୍ରତିନିଧି ମଣ୍ଡଳୀ ଜଳେଶ୍ୱର ଡାକ ବଙ୍ଗଳା ଠାରେ ପୁଲିସ ପ୍ରଶାସନ ସହିତ ଆଲୋଚନା ପରେ ପିଡିତ ପରିବାରକୁ ଭେଟି ସମସ୍ତ କଥା ଶୁଣିଥିଲେ।ଏପଟେ ଏସପି ଡାକବଙ୍ଗଳା ଠାରେ ଏକ ପ୍ରେସମିଟ କରି ଗିରଫ ପ୍ରେମୀ ଯୁବକ ଏକାକୀ ହତ୍ୟା କାଣ୍ଡରେ ସାମିଲ୍ ଥିବା କହିଛନ୍ତି।ଅଧିକ ତଦନ୍ତ ହେଲେ ସମସ୍ତ ଘଟଣା ପଦାକୁ ଆସିବ ବୋଲି କହିଛନ୍ତି।କିନ୍ତୁ ଏହି ସମ୍ବାଦ ପାଇବା ପରେ ବିକ୍ଷୋଭକାରୀ, ପଡିତ ପରିବାର ଏବଂ ସାଧାରଣ ରେ ନାପସନ୍ଦ କରାଯାଇଛି।ବିଜେଡିର ପ୍ରତିନିଧି ମଣ୍ଡଳୀରେ ଜିଲ୍ଲା ସଭାପତି ଜ୍ୟୋତି ପାଣିଗ୍ରାହୀ, ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ, ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ର, ବାଲେଶ୍ୱର ପ୍ରାକ୍ତନ ବିଧାୟକ ସ୍ୱରୂପ କୁମାର ଦାସ, ବରିଷ୍ଠ ବିଜେଡି ନେତା ଜୀବନ ପ୍ରଦୀପ ଦାସ, ବରିଷ୍ଠ ନେତା ରଘୁନାଥ ମହାନ୍ତି, ଡକ୍ଟର ଲେଖାଶ୍ରୀ ସାମନ୍ତ ସିଂହାର, ରାଜ୍ୟ ସଂଖ୍ୟାଲଘୁ ସେଲର ସମ୍ପାଦକ ଶେଖ୍ ଅବଦୁଲ୍ ରହିମ, ପ୍ରାକ୍ତନ ବିଧାୟକ ସୁକାନ୍ତ ନାୟକ, ବ୍ଲକ ସଭାପତି ଦିଲ୍ଲିପ ସାମଲ, ଜିଲ୍ଲା ପରିଷଦ ଉପସଭାପତି ଅନୁସୂୟା ପ୍ରଧାନ, ପୌରାଧ୍ୟକ୍ଷ ପ୍ରତୀପ କୁମାର ପ୍ରଧାନ, ବ୍ଲକ ଯୁବ ସଭାପତି ଧ୍ରୁବଜ୍ୟୋତି ଗିରି, ଆନନ୍ଦ କର, ମିର ଆବାସ୍ ଅଲ୍ଲୀ, ବସନ୍ତ ପ୍ରଧାନ ପ୍ରମୁଖ ପୀଡ଼ିତ ପରିବାରକୁ ଭେଟି ସମବେଦନା ଜଣାଇଛନ୍ତି।

# ପ୍ରସ୍ତାବିତ ଆଣବିକ ଶକ୍ତି ପ୍ରକଳ୍ପକୁ ତୀବ୍ର ବିରୋଧ ଦାବିପତ୍ର ଦେଲେ ଗ୍ରାମବାସୀ

ଦେବଗଡ଼,୨୪।୧୦(ଅକ୍ଷର ଓଡ଼ିଶା): ଦେବଗଡ଼ ଜିଲ୍ଲା ତିଲେଇବଣି ବ୍ଲକ ଅନ୍ତର୍ଗତ ଛେପିଲିପାଲି ପଞ୍ଚାୟତରେ ପ୍ରସ୍ତାବିତ ଆଣବିକ ଶକ୍ତି ପ୍ରକଳ୍ପକୁ ତୀବ୍ର ବିରୋଧ କରିଛନ୍ତି



ପଞ୍ଚାୟତବାସୀ। ଏହି ପ୍ରକଳ୍ପ ଦ୍ୱାରା ପୁନର୍ବାର ବିସ୍ଥାପିତ ହେବାର ଆଶଙ୍କା ଏବଂ ପରିବେଶ ପ୍ରଦୂଷଣକୁ ନେଇ ଉଦ୍‌ବେଗ ପ୍ରକାଶ କରିବା ସହ ଏହାର ନିର୍ମାଣ ନିଷ୍ପତ୍ତିର ପୁନର୍ବିଚାର ପାଇଁ ଦାବି କରିଛନ୍ତି ଅଞ୍ଚଳବାସୀ।ଶନିବାର ସରପଞ୍ଚ ଚନ୍ଦନଲାଲ ଶବର ଓ ୱାର୍ଡସଭ୍ୟ ଶିରିଶ କୁମାର ସ୍ୱାଇଁଙ୍କ ନେତୃତ୍ୱରେ ଗ୍ରାମବାସୀ ଦେବଗଡ଼ ଜିଲ୍ଲାପାଳଙ୍କୁ ଭେଟି ଏ ସମ୍ପର୍କରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ରେଙ୍ଗାଳୀ ନଦୀବନ୍ଧ ଯୋଜନା ଯୋଗୁଁ ବିସ୍ଥାପିତ ହୋଇଥିବା ଅଞ୍ଚଳବାସୀ ଦୀର୍ଘ ୫୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ୍ୟ ଏଯାଏଁ ଉପଯୁକ୍ତ କ୍ଷତିପୂରଣ ଓ ସ୍ଥାୟୀ ଜମିପଟ୍ଟା ପାଇନାହାନ୍ତି। ଏଭଳି ସ୍ଥିତିରେ ପୁଣି ଥରେ ବିସ୍ଥାପିତ ହେବାର ଆଶଙ୍କା ସେମାନଙ୍କ ଚିନ୍ତା ବଢ଼ାଇଛି।ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଦ୍ୱିତୀୟ ଥର ପାଇଁ କୌଣସି ବିସ୍ଥାପିତ ପରିବାରକୁ ବିସ୍ଥାପିତ କରାଯିବ ନାହିଁ ଏବଂ ପ୍ରକଳ୍ପ ପାଇଁ ପର୍ଯ୍ୟାପ୍ତ ଜମି ରହିଛି ବୋଲି ସ୍ପଷ୍ଟ କରିଥିବା ଗ୍ରାମବାସୀ କହିଛନ୍ତି। ତେବେ ପ୍ରସ୍ତାବିତ ଆଣବିକ ଶକ୍ତି ପ୍ରକଳ୍ପକୁ ନେଇ ପୁଣି ଥରେ ବିସ୍ଥାପନ ଭୟ ସୃଷ୍ଟି ହୋଇଛି।ଏହା ସହିତ ପ୍ରକଳ୍ପ ନିର୍ମାଣ ହେଲେ ପରିବେଶ ପ୍ରଦୂଷଣର ଆଶଙ୍କା ରହିଥିବା ଦର୍ଶାଇ ଗ୍ରାମବାସପ୍ରସ୍ତାବିତ ପ୍ରକଳ୍ପର ନିଷ୍ପତ୍ତି ଉପରେ ପୁନର୍ବିଚାର କରିବାକୁ ଦାବି କରିଛନ୍ତି। ସେମାନଙ୍କ ଦାବି ପ୍ରତି ପ୍ରଶାସନ ଗୁରୁତ୍ୱ ନଦେଲେ ଆଗାମୀ ଦିନରେ ବ୍ୟାପକ ଜନଆନ୍ଦୋଳନ କରାଯିବ ବୋଲି ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି।

## ସୋସିଆଲ ଏସକ୍ଟ ବ୍ଲିସ୍ ସେବା ସଙ୍ଗଠନ ପକ୍ଷରୁ ରକ୍ତଦାନ ଶିବିର

ଜଳେଶ୍ୱର,୨୪/୧୦(ଭୂପତି ପରିଡ଼ା):ସେବା ସପ୍ତାହ ପାଳନ ଅବସରରେ ଜଳେଶ୍ୱର ବ୍ଲକ ଅନ୍ତର୍ଗତ ଲକ୍ଷ୍ମଣନାଥ ପଞ୍ଚାୟତ ବିରିଶପୁର ଠାରେ ସୋସିଆଲ ଏସକ୍ଟ ବ୍ଲିସ ସେବା ସଙ୍ଗଠନ ପକ୍ଷରୁ ଏକ ରକ୍ତଦାନ ଶିବିର ସ୍ଥାନୀୟ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି।‘ସମ୍ବାଦ ଆମ ଓଡ଼ିଶା’ ଓ ଜିଲ୍ଲା ରକ୍ତଦାତା ସଂଘ ସହଯୋଗରେ ଆୟୋଜିତ ଶିବିରକୁ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ହରେନ୍ଦ୍ର କୁମାର ଦାସ ଉଦ୍‌ଘାଟନ କରିଥିଲେ।ଅନ୍ୟତମ ଅତିଥି ଭାବେ ଜିଲ୍ଲା ରକ୍ତଦାତା ସଂଘର ସଭାପତି କମଲ ଚକ୍ରବର୍ତ୍ତୀ, ସମ୍ମାନିତ ଅତିଥି ଭାବେ ସାଙ୍ଗଠନିକ ସମ୍ପାଦକ ମନୋରଞ୍ଜନ ଦାସ, ଶାନ୍ତନୁ ପଟ୍ଟନାୟକ, ସରପଞ୍ଚ ରଞ୍ଜନ କୁମାର ମହାନ୍ତି, ସମିତି ସଭ୍ୟ ଜିତେନ୍ଦ୍ର କୁମାର ଦାସ, ଯତୀନ୍ଦ୍ର ସିଂ, ସଦାନନ୍ଦ ଦାସ, ହାତୀଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଭୀଷ୍ମଚରଣ ପରିଡ଼ା, ସମ୍ବାଦ ଉତ୍ତର ବାଲେଶ୍ୱର ପ୍ରତିନିଧି ସତ୍ୟବ୍ରତ ପ୍ରଧାନ, ସାମ୍ବାଦିକ ସୁକୁମାର ରଣା ପ୍ରମୁଖ ଯୋଗ ଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ।ଦୀପକ ଦାସ, କମଳାକାନ୍ତ ଜେନା, ବସନ୍ତ ଭୁୟାଁ ଶିବିରକୁ ପରିଚାଳନା କରିଥିଲେ।ସୋସିଆଲ ଏସକ୍ଟ ବ୍ଲିସ ସେବା ସଙ୍ଗଠନର ସଭାପତି ତ୍ରିଦିପ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିବିରକୁ ୨୫ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ବାଲେଶ୍ୱର ରକ୍ତ କେନ୍ଦ୍ରର ସ୍ୱାସ୍ଥ୍ୟ କର୍ମଚାରୀ ରକ୍ତ ସଂଗ୍ରହ କରିଥିଲେ।

ରବିବାର ୨୫।୧୦।୨୦୨୬
ଅକ୍ଷର
AKHYARA ODISHA ଓଡ଼ିଶା

# ତିଳକ ଓ ନୀତିଶଙ୍କ ଦମ୍ଦାର ଫିନିସ୍

# ୪ ୱିକେଟରେ ଭାରତ ବିଜୟୀ

କ୍ରାଏଷ୍ଟଚର୍ଚ୍ଚ, ୨୪/୧୦ : ନ୍ୟୁଜିଲାଣ୍ଡ ମାଟିରେ ଭାରତୀୟ କ୍ରିକେଟ୍ ଟିମ୍ ଦମଦାର ପ୍ରଦର୍ଶନ କରିଛି। ଆଗଧାଡ଼ିର ଖେଳାଳିମାନେ ବିପର୍ଯ୍ୟୟର ଶିକାର ହୋଇଥିଲେ ମଧ୍ୟ ନିମ୍ନକ୍ରମରେ ଥିବା ଯୁବ ବ୍ୟାଟରମାନେ ଭାରତ ପାଇଁ ବିଜୟ ଆଣି ଦେଇଛନ୍ତି। ତିନି ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜର ଦ୍ୱିତୀୟ ମ୍ୟାଚ୍‌ରେ ଭାରତ ୪ୱିକେଟରେ ନ୍ୟୁଜିଲାଣ୍ଡକୁ ପରାସ୍ତ କରିଛି। କ୍ରାଏଷ୍ଟଚର୍ଚ୍ଚର ହାଗଲି ଓଭାଲରେ ୧୮୧ ରନ୍‌ର ବିଜୟ ଲକ୍ଷ୍ୟକୁ ଭାରତୀୟ ଟିମ୍ ୧୯.୫ ଓଭରରେ ୬ଟି ୱିକେଟ ହରାଇ ପୂରଣ କରିଛି। ଏଥି ସହିତ ଭାରତୀୟ ଦଳ ବର୍ତ୍ତମାନ ୨-୦ରେ ଆଗୁଆ ଅଛି। ଆଜିର ଏହି ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍‌ରେ ଭାରତୀୟ ଅଧିନାୟକ ଶ୍ରେୟସ ଆୟର ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ଏହି ମୁକାବିଲାରେ ବୈଭବ ସୂର୍ଯ୍ୟବଂଶୀଙ୍କୁ ସ୍ଥାନ ଦିଆଯାଇଥିଲା। ଦଳର ଆଗଧାଡ଼ିର ଖେଳାଳିମାନେ ବିପର୍ଯ୍ୟୟର ସାମ୍ନା କରିଥିଲେ। ତେବେ ନ୍ୟୁଜିଲାଣ୍ଡଠାରୁ ତିଳକ ବର୍ମା ଏବଂ ନୀତିଶ କୁମାର ରେଡ୍ଡୀ ମ୍ୟାଚ୍ ଛଡ଼ାଇ ଆଣିଥିଲେ।

ଭାରତୀୟ ଟିମ୍‌ର ବିଜୟରେ ତିଳକ ବର୍ମାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା। ନୀତିଶ କୁମାର ରେଡ୍ଡୀଙ୍କ ସହିତ ତିଳକ ମ୍ୟାଚ୍‌ର ଧାରାକୁ ବଦଳାଇ ଦେଇଥିଲେ। ଉଭୟ ସପ୍ତମ ୱିକେଟ୍ ପାଇଁ ୬୯ ରନ୍‌ର ଭାଗିଦାରୀ କରିଥିଲେ। ତିଳକ ୬ଟି ଚୌକା ଏବଂ ଗୋଟିଏ ଛକା ବଳରେ ଅପରାଜିତ ୫୧ ରନ୍ କରିଥିଲେ। ସେହିପରି ନୀତିଶ ଅପରାଜିତ ରହି ୨୬ ରନ୍ ସଂଗ୍ରହ କରିଥିଲେ।

ପ୍ରାରମ୍ଭିକ ବ୍ୟାଟର ସଂଜୁ ସାମସନ ଏବଂ ଅଭିଷେକ ଶର୍ମା ଯଥାକ୍ରମେ ୧୪ ଏବଂ ୨୭ ରନ୍‌ରେ ଆଉଟ୍ ହୋଇଥିଲେ। ବିସ୍ମୟ ବାଳକ ବୈଭବ ସୂର୍ଯ୍ୟବଂଶୀଙ୍କ ଠାରୁ ଯାହା ଆଶା କରାଯାଉଥିଲା, ତାହା ମିଳିପାରିଲା ନାହିଁ। ବୈଭବ ସୂର୍ଯ୍ୟବଂଶୀ (୪ରନ୍) ନାଥାନ ସ୍ମିଥଙ୍କ ବ୍ଲ ଡେରିଲ ମିଚେଲଙ୍କୁ କ୍ୟାଚ୍ ଦେଇ ଆଉଟ୍ ହୋଇଥିଲେ। ଅଧିନାୟକ ଶ୍ରେୟସ ଆୟର ୭ ରନ୍ ଏବଂ ଅକ୍ଷର ପଟେଲ ୧୧ ରନ୍ କରିଥିଲେ। ଯୁବ ବ୍ୟାଟର ନମନ ଧୀର ୧୭ଟି ବଲ୍ ଖେଳି ଗୋଟିଏ ଚୌକା ଏବଂ ୩ଟି ଛକା ବଳରେ ୩୧ ରନ୍ କରିଥିଲେ।


ଭାରତ-ନ୍ୟୁଜିଲାଣ୍ଡ ଦ୍ୱିତୀୟ ଟି-୨୦

# ପରୱିନ୍ଦର ବିସିସିଆଇ ଜୁନିୟର ମନୋନୟନ କମିଟି ଅଧ୍ୟକ୍ଷ



ନୂଆଦିଲ୍ଲୀ, ୨୪/୧୦ :ପୂର୍ବତନ ଭାରତୀୟ ଦ୍ରୁତ ବୋଲର ପରୱିନ୍ଦର ଆୱାନା ବିସିସିଆଇ ଜୁନିୟର ମନୋନୟନ କମିଟି ଅଧ୍ୟକ୍ଷ ନିଯୁକ୍ତ ହୋଇଛନ୍ତି। ଏ ନେଇ ଶୁକ୍ରବାର ବିସିସିଆଇ ପକ୍ଷରୁ ଘୋଷଣା କରାଯାଇଛି। ପରୱିନ୍ଦର ଦୁଇଟି ଅନ୍ତର୍ଜାତୀୟ ଟି୨୦ ମ୍ୟାଚ ସହ ୬୨ଟି ପ୍ରଥମ ଶ୍ରେଣୀ ମ୍ୟାଚ ଖେଳିଛନ୍ତି। କ୍ରିକେଟରୁ ଅବସର ପରେ ଦିଲ୍ଲୀ ୧୬, ୧୯ ଓ ୨୩ ବର୍ଷରୁ କମ୍ ଦଳର ପ୍ରଶିକ୍ଷକ ଭାବେ କାର୍ଯ୍ୟ କରିଛନ୍ତି। ୧୯ ବର୍ଷରୁ କମ୍ ଭାରତୀୟ ଦଳର ବିସିସିଆଇ ହାଇପର୍ଫମାନ୍ସ କେନ୍ଦ୍ରର ସିଇଓ ଭାବେ ମଧ୍ୟ କାର୍ଯ୍ୟ କରିଛନ୍ତି।

# ପାରା ଏସିଆନ୍ ଗେମ୍ସ: ଭାରତର ରେକର୍ଡ ୧୧୪ ପଦକ ହାସଲ



ନାଗୋୟା, ୨୪/୧୦ : ଜାପାନର ନାଗୋୟା ସହରରେ ଅନୁଷ୍ଠିତ ପାରା ଏସିଆନ୍ ଗେମ୍ସ ୨୦୨୬ରେ ଭାରତୀୟ ଖେଳାଳିମାନେ ଚମତ୍କାର ପ୍ରଦର୍ଶନ କରିଛନ୍ତି। ଏହି ଖେଳାଳିମାନେ ଦେଶ ପାଇଁ ୩୦ଟି ସ୍ୱର୍ଣ୍ଣ ପଦକ ସହ ମୋଟ ୧୧୪ଟି ପଦକ ଜିତିଛନ୍ତି ଯାହା ଏକ ରେକର୍ଡ। ଶୁକ୍ରବାର ଭାରତ ପାଇଁ ଖେଳର ଶେଷ ଦିନରେ ହିଁ ୯ଟି ସ୍ୱର୍ଣ୍ଣ ପଦକ ହାସଲ କରିଥିଲା ଭାରତୀୟ ଖେଳାଳି। ଉଲ୍ଲେଖଯୋଗ୍ୟ ଯେ, ୨୦୨୩ରେ ଖେଳା ଯାଇଥିବା ପାରା ଏସିଆନ ଗେମ୍ସରେ ଭାରତ ୨୭ଟି ସ୍ୱର୍ଣ୍ଣ ପଦକ ସହ ମୋଟ ୧୦୮ଟି ପଦକ ହାସଲ କରିଥିଲା। ନାଗୋୟା ପାରା ଗେମ୍ସରେ ଭାରତ ୩୦ ସ୍ୱର୍ଣ୍ଣ, ୩୫ ରୌପ୍ୟ ଏବଂ ୪୯ଟି ବ୍ରୋଞ୍ଜ ପଦକ ହାସଲ କରି ମେଡାଲ ତାଲିକାର ୪ର୍ଥ ସ୍ଥାନରେ ରହିଛି।

# ୧୧ ବର୍ଷ ପରେ ଫୁଟ୍‌ବଲ୍‌କୁ ଫେରିବେ ରୋନାଲ୍ଡିନୋ

ରୋମ୍, ୨୪/୧୦ : ଫୁଟ୍‌ବଲ୍‌ପ୍ରେମୀଙ୍କୁ ଚକିତ କରି ବଡ଼ ପଡ଼ିଆକୁ ୧୧ ବର୍ଷ ପରେ ଫେରିବାକୁ ଯାଉଛନ୍ତି ବ୍ରାଜିଲ୍‌ର କିମ୍ବଦନ୍ତି ଖେଳାଳି ରୋନାଲ୍ଡିନୋ। ୪୬ ବର୍ଷୀୟ ଏହି ବିଶ୍ୱକପ୍ ବିଜେତା ନଭେମ୍ବର ୧୫ରେ ଇଟାଲୀର ତୃତୀୟ ଡିଭିଜନ୍ କ୍ଲବ୍ ରାଭେନ୍ନା ପକ୍ଷରୁ ସ୍ଥାନୀୟ ପ୍ରତିଦ୍ୱନ୍ଦ୍ୱୀ ଫୋର୍ଲି ବିପକ୍ଷରେ ଖେଳିବେ। ଏହି ମ୍ୟାଚ୍ ରାଭେନ୍ନାର ଷ୍ଟାଡିୟମ୍ ବ୍ରୁନୋ ବେନେଲିରେ ଏହି ଡର୍ବି ମ୍ୟାଚ୍ ଖେଳାଯିବ ବୋଲି ଶୁକ୍ରବାର କ୍ଲବ୍ ପକ୍ଷରୁ ଘୋଷଣା କରାଯାଇଛି। ବାର୍ସିଲୋନା ଓ ଏସି ମିଲାନ୍ ଭଳି କ୍ଲବ୍‌ରେ ଖେଳିଥିବା ରୋନାଲ୍ଡିନୋ ୨୦୦୨ରେ ବ୍ରାଜିଲ୍‌କୁ ବିଶ୍ୱକପ୍ ଜିତାଇବାରେ ପ୍ରମୁଖ ଭୂମିକା ତୁଲାଇଥିଲେ। ୨୦୦୫ରେ ସେ ବାଲନ୍ ଡି'ଓର୍ ପୁରସ୍କାର ପାଇଥିଲା ବେଳେ ୨୦୧୫ରେ ବ୍ରାଜିଲୀୟ କ୍ଲବ୍ ଫ୍ଲୁମିନେନ୍ସ ପକ୍ଷରୁ ଶେଷ ପ୍ରତିଯୋଗିତାମୂଳକ ମ୍ୟାଚ୍ ଖେଳିଥିଲେ। ୨୦୧୮ରେ ରୋନାଲ୍ଡିନୋ ଅବସର ନେଇଥିଲେ। ଚଳିତ ବର୍ଷ ଜୁନ୍‌ରେ ରାଭେନ୍ନା ତାଙ୍କୁ ଦଳରେ ସାମିଲ କରିଥିଲା। ତାଙ୍କୁ କ୍ଲବ୍‌ର କିଛି ଅଂଶଧନ ମଧ୍ୟ ମିଳିଥିଲା। ଏହି କ୍ଲବ୍ ରୋନାଲ୍ଡିନୋଙ୍କ ବନ୍ଧୁ ଇଗ୍ନାଜିଓ ସିପ୍ରିଆନିଙ୍କ ମାଲିକାନାରେ ରହିଛି।

**ନଭେମ୍ବର ୧୫ରେ ଇଟାଲୀୟ କ୍ଲବ୍ ରାଭେନ୍ନା ପକ୍ଷରୁ ଖେଳିବେ**

# ଫିଫା ୧୫ ବର୍ଷରୁ କମ୍ ବିଶ୍ୱକପ୍: ବିଜୟରୁ ଭାରତର ଅଭିଯାନ



ବକୁ, ୨୪/୧୦ : ଆଜରବାଇଜାନ୍‌ରେ ଚାଲିଥିବା ଫିଫା ୧୫ ବର୍ଷରୁ କମ୍ ବିଶ୍ୱକପ୍‌ରେ ଭାରତ ବିଜୟରୁ ଅଭିଯାନ ଆରମ୍ଭ କରିଛି। ଶନିବାର ମ୍ୟାଚ୍‌ରେ ଭାରତ ୪-୨ ଗୋଲ୍‌ରେ ଲାଓସ୍କୁ ମାତ୍ ଦେଇଛି। ମ୍ୟାଚ୍‌ର ସପ୍ତମ ମିନିଟ୍‌ରେ ମାକଡୋନିସ ଏନ୍‌ଗାଇରାଙ୍ଗବାମ୍‌ଙ୍କ ଗୋଲ୍‌ରେ ଭାରତ ପ୍ରାରମ୍ଭିକ ଅଗ୍ରଣୀ ନେଇଥିଲା। ଏହାର ୪ ମିନିଟ୍‌ରେ ଆର୍ ଲାଲରେମରୁଆତଫେଲା (୧୧ ମିନିଟ୍)ଙ୍କ ଗୋଲ୍‌ରେ ଭାରତ ୨-୦ରେ ଆଗୁଆ ହୋଇଥିଲା। ଏହା ପର ମିନିଟ୍‌ରେ ଲାଓସ୍‌ର ଆନ୍ନାଭିନ ଜାୟାସୋନ୍ (୧୨ ମିନିଟ୍) ଗୋଟିଏ ଗୋଲ୍ ଶୁଝି ଦେବାରୁ ପ୍ରଥମାର୍ଦ୍ଧକୁ ୨-୧ରେ ନିଜ ଶେଷ ହୋଇଥିଲା। ୨୪ତମ ମିନିଟ୍‌ରେ ସୌକସାଭନ ସିଲିସେଙ୍ଗ ଆଉ ଗୋଟିଏ ଗୋଲ୍ ଶୁଝି ସ୍ଥିତି ସମାନ କରିଥିଲେ। ତେବେ ୩୧ ମିନିଟ୍‌ରେ ଲାଲରେମରୁଆଫେଲା ଓ ୩୩ ମିନିଟ୍‌ରେ ସୌମଜିତ ସର୍କାର ଗୋଲ୍ କରି ଭାରତକୁ ବିଜୟ ଭେଟି ଦେଇଥିଲେ। ଭାରତ ପରବର୍ତ୍ତୀ ମ୍ୟାଚ୍‌ରେ ରବିବାର କାମେରନ ଓ ଗ୍ରେନାଡାକୁ ଭେଟିବ।

**ଲାଓସ୍କୁ ୪-୨ରେ ହରାଇଲା**

# ପ୍ରଥମ 'ଏ' ଟେଷ୍ଟ: ଭାରତ ୧୧୩ ରନ୍‌ରେ ଅଲ୍‌ଆଉଟ୍



ଲିନ୍‌କନ୍, ୨୪/୧୦: ନ୍ୟୁଜିଲାଣ୍ଡ ବିପକ୍ଷ ଗୁରୁତ୍ୱପୂର୍ଣ୍ଣ ୨ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ଶୃଙ୍ଖଳା ପୂର୍ବରୁ ଶନିବାରଠୁ ସ୍ଥାନୀୟ ବର୍ଟ ସୁଟ୍‌କ୍ଲିଫ୍ ଓଭାଲରେ ଆରମ୍ଭ ହୋଇଛି ଦୁଇ ଦେଶର 'ଏ' ଦଳ ମଧ୍ୟରେ ଅନୌପଚାରିକ ୪ଦିନିଆ ଟେଷ୍ଟ ମ୍ୟାଚ୍। ପ୍ରଥମ ଦିନରେ ଭାରତ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି। ତାରକା ଖେଳାଳି କେଏଲ୍ ରାହୁଲ, ସାଇ ସୁଦର୍ଶନ ଓ ୱାସିଂଟନ ସୁନ୍ଦରଙ୍କ ସହ ୫ ଜଣ ବ୍ୟାଟର୍ ଶୂନରେ ଆଉଟ ହେବାରୁ ଭାରତ ମାତ୍ର ୧୧୩ ରନ୍‌ରେ ଅଲ୍‌ଆଉଟ୍ ହୋଇଯାଇଛି। ନ୍ୟୁଜିଲାଣ୍ଡର ସାଇମନ କିନ୍ ୫ ଓ ଜାକ୍ ଗିବ୍‌ସନ୍ ୩ ୱିକେଟ୍ ନେଇ ଭାରତୀୟ ବ୍ୟାଟିଂକୁ ଧ୍ୱସ୍ତ କରିଛନ୍ତି। ଭାରତର ଯଶ ରାଠୋଡ଼ ସର୍ବାଧିକ ୪୪ ରନ୍ କରିଥିଲା ବେଳେ ଦେବଦତ୍ତ ପଡ଼ିକଲ (୩୨), ଯଶସ୍ୱୀ ଜୟସ୍ୱାଲ (୧୭) ଓ ଅଂଶୁଲ କମ୍ବୋଜ (୧୦) କେବଳ ଦୁଇଅଙ୍କ ଛୁଇଁବାରେ ସଫଳ ହୋଇଥିଲେ। ଅଧିନାୟକ ଧ୍ରୁବ ଜୁରେଲ (୧) ମଧ୍ୟ ବିଫଳ ହୋଇଛନ୍ତି। ଜବାବରେ ନ୍ୟୁଜିଲାଣ୍ଡ ଶନିବାର ଷ୍ଟମ୍ପ ବେଳକୁ ୧୩୫ ରନ୍‌ରେ ୩ ୱିକେଟ୍ ହରାଇ ୨୨ ରନ୍‌ରେ ଆଗୁଆ ରହିଛି। କର୍ଟିସ ହିଫି (୩୭) ଓ ମାଥ୍ୟୁ ବୟଲେ (୦) ବ୍ୟାଟିଂ ଜାରି ରଖିଛନ୍ତି। ଅଧିନାୟକ ରିଜ୍ ମାରିଉ ଓ ହିଫି ପ୍ରଥମ ୱିକେଟ୍‌ରେ ୧୩୨ ରନ୍ ଯୋଡ଼ିଥିଲେ। ମାରିଉ (୭୬)ଙ୍କୁ ମୁକେଶ ଚୌଧୁରୀ ଏଲ୍‌ବିଡବ୍ଲ୍ୟୁ କରି ପ୍ୟାଭିଲିୟନ୍ ପଠାଇଥିଲେ। ଏହାପରେ ଆକ୍ୱିବ ନବି ଲଗାତାର ୨ ବଲ୍‌ରେ ଜୟଦେନ ଲେନକ୍ସ (୦) ଓ ଟିମ୍ ରବିନସନ୍ (୦)ଙ୍କୁ ଆଉଟ୍ କରି ଭାରତକୁ ପ୍ରତ୍ୟାବର୍ତ୍ତନ ସୁଯୋଗ ଦେଇଛନ୍ତି।

# ଜାଭେଲିନ୍ ଛାଡ଼ି ହାତରେ ପିସ୍ତଲ ଧରିଲେ ନୀରଜ



ନୂଆଦିଲ୍ଲୀ, ୨୪/୧୦ : ଭାରତର ଷ୍ଟାର ଜାଭେଲିନ୍ ଥ୍ରୋୟର ନୀରଜ ଚୋପ୍ରାଙ୍କ ଏକ ଭିଡିଓ ସାମ୍ନାକୁ ଆସିଛି। ଏଥିରେ ତାଙ୍କ ହାତରେ ଭାଲା ବଦଳରେ ପିସ୍ତଲ ଦେଖିବାକୁ ମିଳୁଛି। ଏହା ଦେଖି ଅନେକ ଲୋକ ଆଶ୍ଚର୍ଯ୍ୟ ହୋଇଛନ୍ତି। ଯଦି ଆପଣ ମଧ୍ୟ ତାଙ୍କ ହାତରେ ପିସ୍ତଲ ଦେଖି ଆଶ୍ଚର୍ଯ୍ୟ ହେଉଛନ୍ତି, ତେବେ ବ୍ୟସ୍ତ ହୁଅନ୍ତୁ ନାହିଁ। ନୀରଜ କୌଣସି ଭୁଲ ଉଦ୍ଦେଶ୍ୟରେ ପିସ୍ତଲ ଉଠାଇ ନଥିଲେ। ବରଂ ଶନିବାର, ଅର୍ଥାତ୍ ଆଜି ହରିୟାଣାର ସୋନିପତରେ ଆୟୋଜିତ ୟୁବିଏସ ଆଥଲେଟିକ୍ସ କିଡ୍‌ସ କପ୍ କାର୍ଯ୍ୟକ୍ରମରେ ଦୌଡ଼ ପ୍ରତିଯୋଗିତାର ଶୁଭାରମ୍ଭ କରିବା ପାଇଁ ସେ ଷ୍ଟାର୍ଟିଂ ଗନ୍ ବ୍ୟବହାର କରିଥିଲେ। ଭିଡିଓରେ ଦେଖାଯାଉଛି ଯେ ସମସ୍ତ ପିଲା ଏକ ଧାଡ଼ିରେ ଦୌଡ଼ିବା ପାଇଁ ପ୍ରସ୍ତୁତ ହୋଇ ଠିଆ ହୋଇଛନ୍ତି। ନୀରଜ ଚୋପ୍ରା ପିସ୍ତଲର ଟ୍ରିଗର ଦବାଇବା ମାତ୍ରେ ସମସ୍ତ ଖେଳାଳି ଦୌଡ଼ିବା ଆରମ୍ଭ କରିଥିଲେ। ତାଙ୍କର ଏହି ଅନ୍ଦାଜ ସୋସିଆଲ ମିଡିଆରେ ଭାଇରାଲ୍ ହେଉଛି।

# ପୋଲାର୍ଡ ହେଲେ ମୁମ୍ବାଇ ଇଣ୍ଡିଆନ୍ସର ମୁଖ୍ୟ ପ୍ରଶିକ୍ଷକ



ମୁମ୍ବାଇ, ୨୪/୧୦ : ମୁମ୍ବାଇ ଇଣ୍ଡିଆନ୍ସ ଆଗାମୀ ଆଇପିଏଲ୍ ପୂର୍ବରୁ ୱେଷ୍ଟଇଣ୍ଡିଜ୍ ଅଲ୍‌ରାଉଣ୍ଡରଙ୍କୁ ନୂଆ ମୁଖ୍ୟ ପ୍ରଶିକ୍ଷକ ଭାବେ ନିଯୁକ୍ତ କରିଛି। ୨୦୧୦ରୁ ଏହି ଫ୍ରାଞ୍ଚାଇଜି ସହ ପୋଲାର୍ଡ ଯୋଡ଼ି ହୋଇ ରହିଥିଲା ବେଳେ ୨୦୨୨ ସଂସ୍କରଣ ପରେ ଆଇପିଏଲ୍‌ରୁ ଅବସର ନେଇଥିଲେ। ୨୦୨୩ ଆଇପିଏଲ୍ ପୂର୍ବରୁ ସେ ଦଳର ବ୍ୟାଟିଂ ପ୍ରଶିକ୍ଷକ ଦାୟିତ୍ୱ ତୁଲାଇ ଅସୁଛନ୍ତି। ଗତ ସପ୍ତାହରେ ମାହେଲା ଜୟବର୍ଦ୍ଧନେ ମୁଖ୍ୟ ପ୍ରଶିକ୍ଷକ ପଦ ଛାଡ଼ିବାରୁ ସେ ତାଙ୍କ ସ୍ଥାନରେ ନିଯୁକ୍ତି ପାଇଛନ୍ତି। ମୁମ୍ବାଇ ଇଣ୍ଡିଆନ୍ସ ପକ୍ଷରୁ ୧୩ ଋତୁ ଖେଳିଥିବା ପୋଲାର୍ଡ ୫ ଥର ଆଇପିଏଲ୍ ଓ ୨ ଥର ଚାମ୍ପିଅନ୍‌ସ ଲିଗ୍ ଟ୍ରଫି ଧରିବାର ସୌଭାଗ୍ୟ ପାଇଛନ୍ତି। ସେ ମୁମ୍ବାଇ ପକ୍ଷରୁ ୨୧୧ ମ୍ୟାଚ୍ ଖେଳି ୧୪୭ ଷ୍ଟ୍ରାଇକ୍‌ରେଟ୍‌ରେ ୩୯୧୫ ରନ୍ କରିଛନ୍ତି। ବୋଲିଂରେ ୬୯ ୱିକେଟ୍ ଅକ୍ତିଆର କରିଥିଲା ବେଳେ ୧୦୩ କ୍ୟାଚ୍ ମଧ୍ୟ ଧରିଛନ୍ତି।

# ଯୁବ ଅଲିମ୍ପିକ୍ସରେ ଭାଗନେବେ ତନ୍ୱୀ



ଭୁବନେଶ୍ୱର, ୨୪/୧୦ : ଚଳିତ ମାସ ୩୧ରୁ ନଭେମ୍ବର ୧୩ ପର୍ଯ୍ୟନ୍ତ ସେନେଗଲ୍‌ର ଡାକରରେ ହେବାକୁ ଥିବା ଯୁବ ଅଲିମ୍ପିକ୍ସରେ ଭାଗନେବେ ଓଡ଼ିଆ ଝିଅ ତନ୍ୱୀ ପତ୍ରୀ। ବ୍ୟାଡ୍‌ମିଣ୍ଟନ ଲାଗି ଘୋଷିତ ଭାରତୀୟ ଦଳରେ ସେ ସ୍ଥାନ ପାଇଛନ୍ତି। ତନ୍ୱୀଙ୍କ ସହ ଏହି ଦଳରେ ଦେବ ରୁପ୍ରେଲିଆ ରହିଛନ୍ତି। ବିଶ୍ୱ କନିଷ୍ଠ ବ୍ୟାଡ୍‌ମିଣ୍ଟନ ବାଳିକା ମାନ୍ୟତାରେ ତନ୍‌ବୀ ଅଷ୍ଟମରେ ଏବଂ ବାଳକ ବର୍ଗରେ ଦେବ ଚତୁର୍ଥରେ ରହିଛନ୍ତି। ତନ୍‌ବୀ ବାଳିକା ଓ ଦେବ ବାଳକ ଏକକରେ ପ୍ରତିଦ୍ୱିତା କରିବେ। ଉଭୟ ମଧ୍ୟ ଏକାଠି ମିଶ୍ରିତ ଯୁଗଳରେ ଅଂଶଗ୍ରହଣ କରିବେ। ସୂଚନାଯୋଗ୍ୟ ଯେ ଗତ ମାସରେ ଚେଙ୍ଗଡୁରେ ଆୟୋଜିତ ୧୫ ଓ ୧୭ ବର୍ଷରୁ କମ୍ ଏସୀୟ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାରେ ୧୭ ବର୍ଷରୁ କମ୍ ବାଳିକା ଏକକରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ୨୦୨୪ ସଂସ୍କରଣରେ ସେ ୧୫ ବର୍ଷରୁ କମ୍ ବର୍ଗରେ ସ୍ୱର୍ଣ୍ଣ ପାଇଥିଲେ।

# ଭାରତୀୟ ମହିଳା କ୍ରିକେଟର୍ ଏସ୍ ମେଘନାଙ୍କ ଅବସର



ନୂଆଦିଲ୍ଲୀ, ୨୪/୧୦ : ଭାରତୀୟ ମହିଳା କ୍ରିକେଟର୍ ଏସ୍ ମେଘନା ୩୦ ବର୍ଷ ବୟସରେ କ୍ରିକେଟ୍‌ର ସମସ୍ତ ଫର୍ମାଟ୍‌ରୁ ଅବସର ଘୋଷଣା କରିଛନ୍ତି। ଏହି ଶୀର୍ଷକ୍ରମ ବ୍ୟାଟର୍ ଭାରତ ପକ୍ଷରୁ ୨୦ ମ୍ୟାଚ୍ ଖେଳିଛନ୍ତି। ୨୦୨୨ ଅକ୍ଟୋବରରେ ଶେଷ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଥିବା ମେଘନା ୨୦୨୫ ଡବ୍ଲ୍ୟୁପିଏଲ୍‌ରେ ଶେଷ ଥର ଲାଗି ପଡ଼ିଆକୁ ଓହ୍ଲାଇଥିଲେ। ଏହି ଆନ୍ଧ୍ରପ୍ରଦେଶ କ୍ରିକେଟର୍ ୨୦୧୬ ନଭେମ୍ବରରେ ବିଜୟୱାଡାରେ ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ଟ୍ୱେଣ୍ଟି-୨୦ ମ୍ୟାଚ୍ ଖେଳି ଅନ୍ତର୍ଜାତୀୟ ପଦାର୍ପଣ କରିଥିଲେ। ଏହାପରେ ୨୦୨୨ ଫେବ୍ରୁଆରିରେ କୁଇନ୍ସଟାଉନ୍‌ରେ ନ୍ୟୁଜିଲାଣ୍ଡ ବିପକ୍ଷରେ ଦିନିକିଆ ପଦାର୍ପଣ କରିଥିଲେ। ସେ ୩ ଦିନିକିଆ ଖେଳି ୧୧୪ ରନ୍ କରିଥିଲା ବେଳେ ୧୭ ଟ୍ୱେଣ୍ଟି-୨୦ରେ ୧୦୨.୭୮ ଷ୍ଟ୍ରାଇକ୍‌ରେଟ୍‌ରେ ଗୋଟିଏ ଅର୍ଦ୍ଧଶତକ ସହ ୨୫୮ ରନ୍ କରିଛନ୍ତି।

ଡବ୍ଲ୍ୟୁପିଏଲ୍‌ରେ ୩ ଋତୁ ଖେଳିଥିବା ମେଘନା ୨୦୨୪ ବିଜେତା ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁର ସଦସ୍ୟା ଥିଲେ। ଅନ୍ୟ ଦୁଇ ଋତୁ ସେ ଗୁଜରାଟ ଜାଏଣ୍ଟସ୍‌ରୁ ଖେଳିଥିଲେ। ନିଜ ଅବସର ନେଇ ସାମାଜିକ ଗଣମାଧ୍ୟମରେ ସେ ଲେଖିଛନ୍ତି, "ଖେଳାଳି ଭାବେ ସମସ୍ତ ପ୍ରକାର କ୍ରିକେଟ୍‌ରୁ ଅବସର ଘୋଷଣା କରୁଥିଲା ବେଳେ ମୋ ହୃଦୟ କୃତଜ୍ଞତାରେ ଭରିଯାଉଛି। ପଡ଼ିଆ ମୋର ଦ୍ୱିତୀୟ ଘର ଥିଲା। ଏଠାରୁ ଯେଉଁ ସ୍ମୃତି ଓ ବନ୍ଧୁଙ୍କୁ ପାଇଛି, ତାହା ଜୀବନସାରା ମନେ ରହିବ। କ୍ରିକେଟ୍ ଖେଳିବା ମୋର ସରିଥିଲେ ମଧ୍ୟ ଏହ ସହ ସମ୍ପର୍କ କେବେ ଭାଙ୍ଗିବ ନାହିଁ। ଯୁବ କ୍ରିକେଟର୍‌ଙ୍କୁ ମାର୍ଗଦର୍ଶନ କରିବି"।

# ରବିବାର ଦ୍ୱିତୀୟ ମହିଳା ଦିନିକିଆ

# ଆଗୁଆ ଶୃଙ୍ଖଳା ଜିତିବା ଲକ୍ଷ୍ୟରେ ଭାରତ



ବଦଦୋରା, ୨୪/୧୦ : ଭାରତ-ଜିମ୍ବାୱେ ମଧ୍ୟରେ ଏଠାରେ ଚାଲିଥିବା ତିନି ମ୍ୟାଚ୍ ବିଶିଷ୍ଟ ଘରୋଇ ଦିନିକିଆ ଶୃଙ୍ଖଳାର ଦ୍ୱିତୀୟ ମୁକାବିଲା ରବିବାର ଖେଳାଯିବ। ପ୍ରଥମ ମ୍ୟାଚ୍‌କୁ ଘରୋଇ ଦଳ ୯ ୱିକେଟ୍‌ରେ ଜିତି ଶୃଙ୍ଖଳାରେ ଆଗୁଆ ରହିଛି। ଫଳରେ ଦ୍ୱିତୀୟ ଦିନିକିଆକୁ ଜିତି ସ୍ମୃତି ମନ୍ଧାନାଙ୍କ ଦଳ ଆଗୁଆ ଶୃଙ୍ଖଳା କବ୍‌ଜା କରିବାକୁ ଲକ୍ଷ୍ୟ ରଖିଛି। ପ୍ରଥମ ମ୍ୟାଚ୍‌ରେ ପ୍ରତୀକା ରାଓ୍ୱଲଙ୍କ ଅପରାଜିତ ଶତକ ଓ ଶ୍ରୀ ଚରଣୀଙ୍କ ଚମତ୍କାର ବୋଲିଂ ଭାରତକୁ ସହଜ ବିଜୟ ଦେଇଥିଲା। ପ୍ରତୀକା ୯୬ ବଲ୍‌ରୁ ଅପରାଜିତ ୧୦୦ ରନ୍ କରିଥିବା ବେଳେ ଚରଣୀ ୨୩ ରନ୍‌ରେ ୪ ୱିକେଟ୍ ନେଇଥିଲେ। ଏହି ପ୍ରଦର୍ଶନ ଭାରତୀୟ ଦଳର ଆତ୍ମବିଶ୍ୱାସ ବଢ଼ାଇଛି।

ଫଳରେ ୩ ମ୍ୟାଚ୍ ବିଶିଷ୍ଟ ଟ୍ୱେଣ୍ଟି-୨୦ ଶୃଙ୍ଖଳାକୁ ମୂଳପୋଛ କରିଥିବା ଭାରତ ଦିନିକିଆରେ ମଧ୍ୟ ଆଧିପତ୍ୟ ବିସ୍ତାର କରିବାକୁ ଚାହିବ। ଅନ୍ୟପକ୍ଷରେ ଜିମ୍ବାୱେ ପ୍ରଥମ ମ୍ୟାଚ୍‌ରେ କରିଥିବା ତ୍ରୁଟିକୁ ସୁଧାରି ଭାରତକୁ ଟକ୍କର ଦେବାକୁ ପ୍ରୟାସ କରିବ। ଭାରତ (ସମ୍ଭାବ୍ୟ ୧୧): ସ୍ମୃତି ମନ୍ଧାନା (ଅଧିନାୟିକା), ଶେଫାଳି ବର୍ମା, ପ୍ରତୀକା ରାଓ୍ୱଲ, ହରମନ୍‌ପ୍ରୀତ କୌର, ହର୍ଲିନ ଦେଓଲ, ତେଜଲ ହାସାବନିସ୍, ଦୀପ୍ତି ଶର୍ମା, ରିଚା ଘୋଷ (ୱିକେଟ୍‌କିପର), ଶ୍ରୀ ଚରଣୀ, କ୍ରାନ୍ତି ଗୌଡ଼, ଜିନ୍ତିମଣି କଳିତା।

ଜିମ୍ବାୱେ (ସମ୍ଭାବ୍ୟ ୧୧): ମୋଡେଷ୍ଟର ମୁପାଚିକୱା (ୱିକେଟକିପର), କେଲିସ୍ ଧଲୋଭୁ, ଚିପୋ ମୁଗେରି-ତିରିପାନୋ, ବିଲଭ୍ଡ ବିଜା, ଯୋସେଫିନେ ଏନ୍‌କୋମୋ, ଶାର୍ନେ ମେୟର୍ସ, ନ୍ୟାଶା ଗ୍ୱାଣ୍ଡୁରା, ମିଚେଲି ମାଭୁଙ୍ଗା, ନମଭେଲୋ ଶିବାନ୍ଦା, ଫ୍ରାନ୍ସିସ୍କା ଚିପାରେ, ଓଲିନ୍ଦର ଚାରେ।

# ଜିଲ୍ଲା ସ୍ତରୀୟ ସାଂସ୍କୃତିକ ଓ ସାହିତ୍ୟ ଶିଶୁ ମହୋତ୍ସବ ମହକ- ୨୦୨୬ ଉଦଯାପିତ



ସୁବର୍ଣ୍ଣପୁର, ୨୪/୧୦(ସଂଗ୍ରାମ ) ସୁବର୍ଣ୍ଣପୁର ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ ଦ୍ୱାରା ଆୟୋଜିତ ସାଂସ୍କୃତିକ ଓ ସାହିତ୍ୟ ଶିଶୁ ମହୋତ୍ସବ ମହକ -୨୦୨୬ ଉଦଯାପିତ ହୋଇଯାଇଛି। ସ୍ଥାନୀୟ ମହାରାଜା ଉଚ୍ଚବିଦ୍ୟାଳୟର ଖୋଲା ମଞ୍ଚରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବରେ ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ପ୍ରୀତି ସୁନା, ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷା ଲିନା ବାବୁ, ସମାଜ କଲ୍ୟାଣ ବିଭାଗ କାର୍ଯ୍ୟକ୍ରମ ଅଧିକାରୀ ଅଞ୍ଜନା କିସାନ୍, ଶିଶୁ ସହାୟତା କେନ୍ଦ୍ର ପ୍ରକଳ୍ପ ଅଧିକାରୀ ସୁଜିତ ମିଶ୍ର, ଅଣଅନୁଷ୍ଠାନିକ ସୁରକ୍ଷା ଅଧିକାରୀ ବିଜୟ ବିଶ୍ୱାଳ ଯୋଗଦେଇ ଶିଶୁ ମାନଙ୍କୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଚତୁର୍ଭୁଜ ଦାଶ ସଭାପତିତ୍ୱ କରିଥିଲେ। ବରିଷ୍ଠ ଶିକ୍ଷକ ବ୍ରତାନନ୍ଦ ଭୋଇ ସଭାପରିଚାଳନା କରିଥିଲେ। ସେହିଭଳି ଉଦଯାପନି ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳୀନା ପଧାନ ଯୋଗଦେଇ ବିଜୟୀ ଶିଶୁ ମାନଙ୍କୁ ମାନପତ୍ର ଓ ଫଳକ ଦେଇ ପୁରସ୍କୃତ କରିଥିଲେ। ସମ୍ମାନିତ ଅତିଥି ଭାବରେ ଉପ ଜିଲ୍ଲାପାଳ ଡାକ୍ତର ସମ୍ୟାରୂପା ରଥ, ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ସଂଯୁକ୍ତା ମାଝୀ, ସମାଜ କଲ୍ୟାଣ ବିଭାଗ କାର୍ଯ୍ୟକ୍ରମ ଅଧିକାରୀ ଅଞ୍ଜନା କିସାନ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଚତୁର୍ଭୁଜ ଦାଶ ଆଦି ଯୋଗଦେଇ ଶିଶୁ ମାନଙ୍କୁ ଉତ୍ସାହିତ କରିଥିଲେ। ବିଚାରକ ଦାୟିତ୍ୱ ନିର୍ବାହ କରିଥିଲେ ବ୍ରତାନନ୍ଦ ଭୋଇ , ଗିରିଶ ଚନ୍ଦ୍ର ତ୍ରିପାଠୀ, ଇରାଦତ୍ତ ଖାଁ, ହେମନ୍ତ କୁମାର ସା , ଅଞ୍ଜଳୀ ନେଗୀ। ଏଥିରେ ଶିଶୁ ମଙ୍ଗଳ କମିଟି ସଦସ୍ୟ/ ସଦସ୍ୟା, ଶିଶୁ ସହାୟତା କେନ୍ଦ୍ର କର୍ମଚାରୀ, ଉତ୍କଳ ବାଳାଶ୍ରମ କର୍ମଚାରୀ ଉପସ୍ଥିତ ଥିଲେ। ଜିଲ୍ଲା ଶିଶୁ ସୁରକ୍ଷା ବିଭାଗର ଗୌତମ ମହାପାତ୍ର, ରୁଦ୍ରପ୍ରସନ୍ନ ମିଶ୍ର, ପ୍ରଶାନ୍ତ ମହାକୁଡ଼, ଭାସ୍କର ଦାଶ, ମୃତ୍ୟୁଞ୍ଜୟ ସାହୁ, ଥବିର କାଲସେ, ଅନିଲ ମହଲା, ମାନିନୀ ମହାନ୍ତି, ସାଗତରାଜ ମିଶ୍ର, ଜିତେନ୍ଦ୍ର ମଣ୍ଡଳ ସହଯୋଗ କରିଥିଲେ।

ମୁଖ୍ୟ ସମ୍ପାଦକ- ଚୌଧୁରୀ ରମାକାନ୍ତ ଦାସ
Chief Editor- Chaudhury Ramakanta Das
କାର୍ଯ୍ୟକାରୀ ସମ୍ପାଦକ- ଭରତ ଚନ୍ଦ୍ର ବେହେରା
Executive Editor- Bharat Chandra Behera
Published & Owned by **BHARAT KUMAR BEHERA**, Published at -99/6, Kalinga Vihar, Bhubaneswar-751019. Printed at **PRINT-TECH OFFSET PVT. LTD.**, F-66/1 & 2, Chandaka Industrial Area, Bhubaneswar-751024. T- 0674-3595878, M-9937223063/9937053063, E-akhyaraodisha@gmail.com
ସମ୍ପାଦକ: ଭରତ କୁମାର ବେହେରା
Editor: Bharat Kumar Behera